ଧରିତ୍ରୀ 51 Years

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୬/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, June 6/2025 | Page 16 | ₹ 7.00

୫୧ଶ ଭାଗ ୧୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 191 | ମୂଲ୍ୟ₹୭/-

DSPL-96



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

## ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
## କରକମଳରେ

## ନୂତନ ଭାବେ ମନୋନୀତ ୭ଟି ବିଭାଗର
## ୧୨୪୮ ଜଣ ପ୍ରାର୍ଥୀଙ୍କୁ

# ନିଯୁକ୍ତିପତ୍ର ପ୍ରଦାନ

| | |
|---|---|
| ୮୨୬ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ |
| ୧୭୮ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ |
| ୮୧ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ |
| ୬୩ | ବାଣିଜ୍ୟ ଓ ପରିବହନ ବିଭାଗ |
| ୪୯ | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ |
| ୩୨ | ଅବକାରୀ ବିଭାଗ |
| ୧୯ | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ |

**୦୬ ଜୁନ୍ ୨୦୨୫ । ରେଳ ଅଡିଟୋରିୟମ୍, ଭୁବନେଶ୍ୱର**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ । ବାଣିଜ୍ୟ ଓ ପରିବହନ ବିଭାଗ ।
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ । ଅବକାରୀ ବିଭାଗ । ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ।

**ଓଡ଼ିଶା ସରକାର**

OIPR-11033/13/0014/2526

## ସଂକ୍ଷେପରେ

### କୋଭିଡ୍ ସକ୍ରିୟ ମାମଲା ୪,୮୬୬
#### ୨୪ ଘଣ୍ଟାରେ ୭ ମୃତ

ନୂଆଦିଲ୍ଲୀ,୫ା୬

ଗତ ୨୪ ଘଣ୍ଟା ମଧ୍ୟରେ ୫୬୪ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ଗୁରୁବାର ଭାରତରେ ମୋଟ କୋଭିଡ୍ ସକ୍ରିୟ ମାମଲା ସଂଖ୍ୟା ୪,୮୬୬ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୨୪ ଘଣ୍ଟା ମଧ୍ୟରେ ଜଣେ ୫ ମାସର ଶିଶୁ ସମେତ ୭ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୩ ଜଣ ରହିଥିବାବେଳେ ଦିଲ୍ଲୀ ଓ କର୍ଣ୍ଣାଟକରୁ ୨ ଜଣ ଲେଖାଏ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କର ବହୁବିଧ ରୋଗ ରହିଥିଲା। ନୂଆ ଭାରିଆଣ୍ଟ ଏଲ୍‌ଏଫ୍.୭, ଏକ୍ସଏଫ୍‌ଜି, ଜେଏନ୍.୧ ଏବଂ ସବ୍‌ଭାରିଆଣ୍ଟ ଏନ୍‌ବି.୧.୮.୧ ପାଇଁ ଭାରତରେ ସଂକ୍ରମଣ ବଢ଼ିଚାଲିଛି। କେରଳରେ ସକ୍ରିୟ ମାମଲା ସଂଖ୍ୟା ୧,୪୮୭ରେ ପହଞ୍ଚିଥିବାବେଳେ ମହାରାଷ୍ଟ୍ରରେ ୫୨୬, ଗୁଜରାଟରେ ୫୦୮ ଏବଂ ଦିଲ୍ଲୀରେ ୫୬୨ ହୋଇଛି।

### ସିକିମ୍ ଭୂସ୍ଖଳନ ଅଞ୍ଚଳରୁ ୬୩ ଜଣଙ୍କୁ ହେଲିକପ୍ଟରରେ ଉଦ୍ଧାର କରାଗଲା

ଗାଙ୍ଗଟକ୍,୫ା୬

ଭୂସ୍ଖଳନ ଯୋଗୁ ଉତ୍ତର ସିକିମ୍‌ର ଚାଟେନ ଅଞ୍ଚଳରେ ଫସିରହିଥିବା ୬୩ ଜଣଙ୍କୁ ଗୁରୁବାର ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ। ଏବେ ବି ସେଠାରେ ଆଉ ୬୪ ଜଣ ପର୍ଯ୍ୟଟକ ଫସିରହିଥିବାବେଳେ ସେନା ଓ ସ୍ଥାନୀୟ ପ୍ରଶାସନ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରତିକୂଳ ପାଗ ଓ ଚ୍ୟାଲେଞ୍ଜିଂ ଅଞ୍ଚଳ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଉଦ୍ଧାର ହୋଇଥିବା ୩୯ ପର୍ଯ୍ୟଟକଙ୍କୁ ୨ଟି ଏମ୍‌ଆଇ-୧୭ ହେଲିକପ୍ଟରରେ ଚାଟେନ୍‌ରୁ ପକ୍ୟୋଙ୍ଗ ବିମାନବନ୍ଦରକୁ ନିଆଯାଇଥିଲା। ଚିତାହ ହେଲିକପ୍ଟରରେ ୪ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୨୦ ଜଣଙ୍କୁ ଏମ୍‌ଆଇ-୧୭ ହେଲିକପ୍ଟର ଯୋଗେ ସୁରକ୍ଷିତ ଉଦ୍ଧାର କରାଯାଇଛି।

### ଶର୍ମିଷ୍ଠା ପନୋଲିଙ୍କୁ ଅନ୍ତରୀଣ ଜାମିନ



କୋଲକାତା, ୫ା୬ (ପି.ଟି.)

ସୋସିଆଲ ମିଡିଆରେ ଏକ ଧର୍ମ ବିଶେଷକୁ ଆକ୍ଷେପ କରି ମନ୍ତବ୍ୟ ଦେବା ସହ ଭିଡିଓ ଅପ୍‌ଲୋଡ୍ କରିବା ଅଭିଯୋଗରେ ଗିରଫ ହୋଇଥିବା ଇନ୍‌ଫ୍ଲୁଏନ୍ସର ତଥା ଆଇନ ଛାତ୍ରୀ ଶର୍ମିଷ୍ଠା ପନୋଲି (୨୨)ଙ୍କୁ ଗୁରୁବାର କୋଲକାତା ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରଛନ୍ତି। ଜଷ୍ଟିସ୍ ରାଜା ବସୁ ଶର୍ମିଷ୍ଠାଙ୍କୁ ଜାମିନ ଦେବା ସମୟରେ ତାଙ୍କ ଉପରେ କିଛି ସର୍ତ୍ତ ଲଗାଇଛନ୍ତି। ଦେଶ ଛାଡ଼ିବା ନେଇ ହାଇକୋର୍ଟ ଶର୍ମିଷ୍ଠାଙ୍କୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ (ସିଜେଏମ୍)ଙ୍କ ବିନା ଅନୁମତିରେ ଶର୍ମିଷ୍ଠା ଦେଶ ବାହାରକୁ ଯାଇପାରିବେ ନାହିଁ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ସେହିପରି ଜାମିନ ପାଇଁ ଶର୍ମିଷ୍ଠାଙ୍କୁ ୧୦ ହଜାର ଟଙ୍କାର ରାଶି ଜମା କରିବାକୁ ପଡ଼ିବ।

### ଅଟୋକୁ ଧକ୍କାଦେଲା ଟ୍ରକ୍, ୭ ମୃତ

ରେୱା, ୫ା୬

ମଧ୍ୟପ୍ରଦେଶର ରେୱା ଜିଲା ସୋହାଗି ଉପତାକାଠାରେ ଜାତୀୟ ରାଜରଥ-୩୦ରେ ଗୁରୁବାର ଏକ ଟ୍ରକ୍ ନିୟନ୍ତ୍ରଣ ହରାଇ ଏକ ଅଟୋକୁ ପିଟିବାରୁ ୭ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଯାଇଛି। ପ୍ରୟାଗରାଜ୍‌ସ୍ଥିତ ଗଙ୍ଗା ନଦୀରେ ବୁଡ଼ ପକାଇବା ପରେ ୮ ଜଣ ଶ୍ରଦ୍ଧାଳୁ ଉକ୍ତ ଅଟୋରିକ୍ସାରେ ଫେରୁଥିଲେ। ଗୁରୁତର ଅବସ୍ଥାରେ ଜଣେ ଶ୍ରଦ୍ଧାଳୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ କହିଛି।

# ଭାରତରେ ନିର୍ମାଣ ହେବ ରାଫାଲ ଫ୍ୟୁଜ୍‌ଲେଜ୍

**ଟାଟା ଆଡ୍‌ଭାନ୍ସଡ୍ ସିଷ୍ଟମ୍ସ ସହ ଡାସଲ୍ଟ ଆଭିଏଶନ ମଧ୍ୟରେ ଚୁକ୍ତିନାମା**

ନୂଆଦିଲ୍ଲୀ,୫ା୬(ପି.ଟି.)



ରାଫାଲ ଯୁଦ୍ଧବିମାନର ଫ୍ୟୁଜ୍‌ଲେଜ୍ ଭାରତରେ ନିର୍ମାଣ ପାଇଁ ଫ୍ରାନ୍ସର ବୃହତ୍ ଏରୋସ୍ପେସ୍ କମ୍ପାନୀ ଡାସଲ୍ଟ ଆଭିଏଶନ ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିଃ (ଟିଏଏସ୍‌ଏଲ୍) ସହ ଚୁକ୍ତିନାମା କରିଥିବା ଗୁରୁବାର ଘୋଷଣା କରିଛି। ଏହି ସହଭାଗିତାରେ ଟିଏଏସ୍‌ଏଲ୍ ହାଇଦ୍ରାବାଦରେ ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି। ଉକ୍ତ କାରଖାନାରୁ ୨୦୨୮ ଆର୍ଥିକ ବର୍ଷରେ ପ୍ରଥମ ଫ୍ୟୁଜ୍‌ଲେଜ୍ ନିର୍ମାଣ ହୋଇ ଆସେମ୍ବ୍ଲି ଲାଇନ୍‌କୁ ଯିବ ବୋଲି ଆଶା କରାଯାଉଛି। କାରଖାନାରୁ ମାସକୁ ୨ଟି ସମ୍ପୂର୍ଣ୍ଣ ଫ୍ୟୁଜ୍‌ଲେଜ୍ ଯୋଗାଣ ହୋଇପାରିବ ବୋଲି ଟାଟା ଆଡ୍‌ଭାନ୍ସଡ୍ ପକ୍ଷରୁ କୁହାଯାଇଛି। ରାଫାଲ ଯୁଦ୍ଧବିମାନର ପ୍ରମୁଖ ଡାଞ୍ଚା ସମେତ ଏହାର ଲାଟେରାଲ ସେଲ୍, ସମ୍ପୂର୍ଣ୍ଣ ପଛଭାଗ , କେନ୍ଦ୍ରୀୟ ଫ୍ୟୁଜ୍‌ଲେଜ୍ ଏବଂ ସମ୍ମୁଖ ଭାଗ ହାଇଦ୍ରାବାଦରେ ନିର୍ମାଣ ହେବ। ପ୍ରଥମ ଥର ପାଇଁ ଫ୍ରାନ୍ସ ବାହାରେ ରାଫାଲ ଫ୍ୟୁଜ୍‌ଲେଜ୍ ନିର୍ମାଣ ହେବାକୁ ଯାଉଛି। ଭାରତରେ ଆମ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବାରେ ଏହା ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ଡାସଲ୍ଟ ଆଭିଏଶନର ଅଧ୍ୟକ୍ଷ ତଥା ସିଇଓ ଏରିକ୍ ଟ୍ରାପିଏର କହିଛନ୍ତି। ଭାରତର ଏରୋସ୍ପେସ୍ ଯାତ୍ରାରେ ଏହି ଭାଗିଦାରିତା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଟିଏଏସ୍‌ଏଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସୁକରନ ସିଂ କହିଛନ୍ତି।

## ରାମ ଦରବାର ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଲକ୍ଷ୍ନୌ,୫ା୬

ଅଯୋଧ୍ୟା ରାମମନ୍ଦିର ମଧ୍ୟରେ ରାମ ଦରବାର ୩ ଦିନିଆ ଅଭିଷେକ ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ଦରବାରରେ ଭଗବାନ ରାମ ରାଜା ଭାବେ ସିଂହାସନରେ ଅଭିଷିକ୍ତ ହୋଇଥିବାବେଳେ ପାଖରେ ଦେବୀ ସୀତାଙ୍କ ସହ ଭାଇ ଭରତ, ଶତ୍ରୁଘ୍ନ, ଲକ୍ଷ୍ମଣ ଏବଂ ହନୁମାନ ରହିଛନ୍ତି। ଶ୍ରୀରାମ ଜନ୍ମଭୂମି କମ୍ପ୍ଲେକ୍ସର ନବନିର୍ମିତ ରାମମନ୍ଦିରର ପ୍ରଥମ ମହଲାରେ ରାମ ଦରବାର ରହିଛି। ଗୁରୁବାର ପୂର୍ବାହ୍ନ ୧୧ଟା ୨୫ରୁ ୧୧ଟା ୪୦ ପବିତ୍ର 'ଅଭିଜିତ ମହୁରତ' ମୁହୂର୍ତ୍ତରେ ଭଗବାନ ରାମ ସିଂହାସନାରୂଢ଼ ହୋଇଥିବାବେଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ରହିଥିଲେ। ୧୦୧ ଜଣ ପୂଜକ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଚୂଡ଼ାନ୍ତ ରୀତିନୀତି ସମ୍ପନ୍ନ କରିଥିଲେ। ଗୁରୁବାର ଯୋଗୀଙ୍କ ୫୩ତମ ଜନ୍ମଦିନ ଥିବାବେଳେ ସେ ଦିନତମାମ ଉପସ୍ଥିତ ରହି ଅଭିଷେକ ଉତ୍ସବର ନେତୃତ୍ୱ ନେଇଥିଲେ। ସେ ତଳମହଲାରେ ଥିବା ଗର୍ଭଗୃହରେ ରାମଲାଲାଙ୍କୁ ଆରତି କରିବା ପରେ ପ୍ରଥମ ମହଲାରେ ରାମଦରବାରର ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପାଦନ କରିଥିଲେ।



ଅଯୋଧ୍ୟାରେ ରାମ ଦରବାର ପ୍ରାଣପ୍ରତିଷ୍ଠା ଉତ୍ସବରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଅନ୍ୟମାନେ।

## ବଳାତ୍କାର ପୀଡ଼ିତାଙ୍କ ମା'ଙ୍କୁ ଚିକିତ୍ସା କରିବାରୁ ଡାକ୍ତରଙ୍କୁ ଗଛରେ ବାନ୍ଧି ପିଟିଲେ

**୩ ଗିରଫ**

ପାଟନା, ୫ା୬

ବିହାରର ଗୟା ଜିଲାର ଗୁରପା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବଳାତ୍କାର ପୀଡ଼ିତାଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ଚିକିତ୍ସା କରିଥିବାରୁ ଗାଁର କେତେଜଣ ବ୍ୟକ୍ତି ଡାକ୍ତରଙ୍କୁ ଗଛରେ ବାନ୍ଧି ପିଟିଥିବାର ମାମଲା ସାମ୍ନାକୁ ଆସିଛି। ପୋଲିସର ସୂଚନା ଅନୁଯାୟୀ, ଉକ୍ତ ବଳାତ୍କାର ମାମଲାରେ ଅଭିଯୁକ୍ତ ଜଣକ ମାମଲା ଫେରାଇନେବା ପାଇଁ ପୀଡ଼ିତା ଏବଂ ତାଙ୍କ ପରିବାର ଉପରେ ଗତ କିଛି ଦିନ ଧରି ଚାପ ପ୍ରୟୋଗ କରୁଥିଲେ। ବୁଧବାର ପୀଡ଼ିତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ପୀଡ଼ିତାଙ୍କ ଅନୁରୋଧକ୍ରମେ ସ୍ଥାନୀୟ ଡାକ୍ତର ଜିତେନ୍ଦ୍ର ଯାଦବ ଗୁରପା ଗ୍ରାମସ୍ଥିତ ପୀଡ଼ିତାଙ୍କ ଘରେ ପହଞ୍ଚିଥିଲେ। ତେବେ ଏଥିରେ ଗାଁର ୧୦ରୁ ୧୨ ଜଣ ଲୋକ ପ୍ରତିବାଦ କରିବା ସହ ଜିତେନ୍ଦ୍ରଙ୍କୁ ଗଛରେ ବାନ୍ଧି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାକୁ କେନ୍ଦ୍ରକରି ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଛି।

## ୧୨ ଦେଶର ନାଗରିକଙ୍କ ଆମେରିକା ଭ୍ରମଣ ଉପରେ ରୋକ୍ ଲଗାଇଲେ ଟ୍ରମ୍ପ୍

ୱାଶିଂଟନ,୫ା୬



ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳି ସରକାର ସମୟର ଭ୍ରମଣ ନିଷେଧ ନୀତିକୁ ପୁନର୍ବାର କାର୍ଯ୍ୟକାରୀ କରାଇଛନ୍ତି। ସେ ବୁଧବାର ରାତିରେ ଏନେଇ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଛନ୍ତି। ଉକ୍ତ ଘୋଷଣାନାମା ଅନୁଯାୟୀ, ଆଫଗାନିସ୍ତାନ, ମ୍ୟାନ୍‌ମାର, ଚାଦ୍, କଙ୍ଗୋ ରିପବ୍ଲିକ୍, ଇକ୍ୱେଟୋରିଆଲ୍ ଗିନି, ଏରିଟ୍ରିଆ, ହାଇତି, ଇରାନ, ଲିବ୍ୟା, ସୋମାଲିଆ, ସୁଦାନ ଏବଂ ୟେମେନର ନାଗରିକଙ୍କୁ ଆମେରିକା ପ୍ରବେଶ ମନା ହୋଇଛି। ସୋମବାର ରାତି ୧୨ଟା ପରେ ଏହି କଟକଣା କାର୍ଯ୍ୟକାରୀ ହେବାକୁ ଯାଉଛି। ସେହିପରି ବୁରୁଣ୍ଡି, କ୍ୟୁବା, ଲାଓସ୍, ସିଏରା ଲିଓନ, ଟୋଗୋ, ତୁର୍କମେନିସ୍ତାନ ଏବଂ ଭେନେଜୁଏଲାରୁ ଭିଜିଟରମାନଙ୍କ ଉପରେ ମଧ୍ୟ କଟକଣା ଲଗାଯାଇଛି। ଆମେରିକା ଓ ଏହାର ଜନସାଧାରଣଙ୍କ ଜାତୀୟ ସୁରକ୍ଷା ଓ ସ୍ୱାର୍ଥରକ୍ଷା ନିମନ୍ତେ ମୋତେ କାର୍ଯ୍ୟ କରିବାକୁ ହେବ ବୋଲି ଟ୍ରମ୍ପ୍ କହିଛନ୍ତି। ସୂଚନାଯୋଗ୍ୟ, ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳି ସରକାର ସମୟରେ ୨୦୧୭ ଜାନୁଆରୀରେ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରି ୭ ମୁସଲମାନବହୁଳ ଦେଶ ଇରାକ, ସିରିଆ, ଇରାନ, ସୁଦାନ, ଲିବ୍ୟା, ସୋମାଲିଆ ଏବଂ ୟେମେନ୍‌ର ନାଗରିକଙ୍କ ଆମେରିକା ଭ୍ରମଣ ଉପରେ ନିଷେଧାଦେଶ ଲଗାଇଥିଲେ।

## ଟ୍ରମ୍ପ୍-ପୁଟିନ୍ ଆଲୋଚନାରେ ଭାରତ-ପାକ୍ ସଂଘର୍ଷ ପ୍ରସଙ୍ଗ

ମସ୍କୋ,୫ା୬(ପି.ଟି.)



ଭ୍ଲାଡିମିର ପୁଟିନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ବୁଧବାର ଫୋନ୍‌କଲ୍ ବେଳେ ଭାରତ-ପାକିସ୍ତାନ ସଂଘର୍ଷ ପ୍ରସଙ୍ଗ ସ୍ଥାନ ପାଇଥିବା କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ଉଭୟ ନେତା ୟୁକ୍ରେନ୍ ଓ ଅନ୍ୟ କେତେକ ପ୍ରସଙ୍ଗ ଉପରେ ମଧ୍ୟ କଥା ହୋଇଥିବା କ୍ରେମଲିନ୍ ସହଯୋଗୀ ୟୁରୀ ଉଷାକୋଭ୍ କହିଛନ୍ତି। ଏହା ବ୍ୟତୀତ ମଧ୍ୟପ୍ରାଚ୍ୟ ଏବଂ ଭାରତ-ପାକ୍ ସଶସ୍ତ୍ର ସଂଘର୍ଷ ପ୍ରସଙ୍ଗ ସ୍ଥାନ ପାଇଥିଲା। ଟ୍ରମ୍ପ୍‌ଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଫଳରେ ସଂଘର୍ଷ ବନ୍ଦ ହୋଇଥିଲା ବୋଲି ସେ କହିଥିବା ରୁଷିଆ ସରକାରୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ଏହା ଉପରେ ଉଷାକୋଭ୍ ଅଧିକ ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷକୁ ବନ୍ଦ କରାଇଥିବା ଟ୍ରମ୍ପ୍ ବାରମ୍ବାର ଦାବି କରିଆସୁଛନ୍ତି। ଭାରତ ଏହାକୁ ଖଣ୍ଡନ କରିବା ସହ ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ (ଡିଜିଏମ୍‌ଓ) ସ୍ତରରେ ସିଧାସଳଖ କଥାବାର୍ତ୍ତା ଜରିଆରେ ଅସ୍ତ୍ରବିରତି ହୋଇଥିଲା ବୋଲି କହିଛି। ଭାରତ ସହ ବିବାଦର ସମାଧାନରେ ସହାୟତା କରିବାକୁ ଇତିମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ରୁଷିଆ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିବା ତାଙ୍କ ସ୍ୱତନ୍ତ୍ର ସହଯୋଗୀ ତାରିକ୍ ଫତେମି କହିଛନ୍ତି। ଫତେମି ମଙ୍ଗଳବାର ମସ୍କୋରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭଙ୍କୁ ଭେଟି ପୁଟିନ୍‌ଙ୍କ ଉଦ୍ଦେଶ୍ୟରେ ଶରିଫ୍‌ଙ୍କ ପତ୍ର ହସ୍ତାନ୍ତର କରିଥିଲେ।

## ହନିମୁନ୍‌ରେ ମେଘାଳୟ ଯାଇ ନବବଧୂ ନିଖୋଜ, ବର ମୃତ

ଭୋପାଳ,୫ା୬



ବିବାହ ପରେ ହନିମୁନ୍‌ରେ ମେଘାଳୟ ଯାଇଥିବା ନବଦମ୍ପତିଙ୍କ ମଧ୍ୟରୁ ନବବଧୂ ନିଖୋଜ ଥିବାବେଳେ ବରଙ୍କ ମୃତଦେହ ମିଳିଛି। ପ୍ରତିକୂଳ ପାଗ ସତ୍ତ୍ୱେ ୮ ଦିନ ଧରି ବ୍ୟାପକ ଖୋଜାଖୋଜି ପରେ ଗତ ୨ ତାରିଖରେ ପୋଲିସ ଡ୍ରୋନ୍ ମେଘାଳୟର ଚେରାପୁଞ୍ଜି ଅନ୍ତର୍ଗତ ୱିଇ ସାଡଙ୍ଗ ଖାତର ଏକ ପଥରରେ ନବବିବାହିତା ମହିଳାଙ୍କ ଧଳା ଶାର୍ଟ ଲାଗି ରହିଥିବା ଠାବ କରିଥିଲା। ଏହାର କିଛି ଦୂରରେ ତାଙ୍କ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ତାଙ୍କ ହାତରେ ସ୍ମାର୍ଟୱାଚ୍ ରହିଥିଲା। ରିଆତ ଆର୍ଲିଆଙ୍ଗ ନିକଟବର୍ତ୍ତୀ ଏହି ଗଡ଼ାଣିଆ ସ୍ଥାନ ଏବେ ମେଘାଳୟ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ପାଇଁ ତଦନ୍ତର କେନ୍ଦ୍ରସ୍ଥଳ ପାଲଟିଛି। ଇନ୍ଦୋରର ଏହି ଦମ୍ପତିଙ୍କ ପ୍ରତି କ'ଣ ଘଟିଥିଲା, ତାହା ରହସ୍ୟମୟ ହୋଇରହିଥିବାବେଳେ ଏସ୍‌ଆଇଟି ଏହା ଖୋଜି ବାହାର କରିବାକୁ ଉଦ୍ୟମ ଚଳାଇଛି। ପରିବହନ ବ୍ୟବସାୟ ଚଳାଉଥିବା ଇନ୍ଦୋରର ରାଜା ରଘୁବଂଶୀ(୨୮) ତାଙ୍କ ସ୍ତ୍ରୀ ସୋନମ୍(୨୪)ଙ୍କୁ ନେଇ ହନିମୁନ୍‌ରେ ମେଘାଳୟର ଇନ୍‌ଷ୍ଟାଗ୍ରାମ ପ୍ରସିଦ୍ଧ ଲିଭିଂ ରୁଟ୍ ବ୍ରିଜ୍ ବୁଲିବାକୁ ଯାଇଥିଲେ।

## ଜଳବାୟୁ ପରିବର୍ତ୍ତନ ବଢ଼ାଉଛି ଉତ୍ତର-ପୂର୍ବାଞ୍ଚଳରେ ବନାଗ୍ନି

ନୂଆଦିଲ୍ଲୀ, ୫ା୬



ସେଭେନ୍ ସିଷ୍ଟର ଷ୍ଟେଟ୍ କୁହାଯାଉଥିବା ଉତ୍ତରପୂର୍ବ ଭାରତରେ ଜଙ୍ଗଲ ନିଆଁ ଘଟଣା ଲଗାତର ଭାବେ ବଢ଼ିଚାଲିଛି। ଉତ୍ତର ପୂର୍ବାଞ୍ଚଳର ସବୁଜ ବିସ୍ତାରରେ ବନାଗ୍ନି ଏକ ନୂତନ ବିପଦ ଭାବେ ଉଭା ହୋଇଛି। ଜଳବାୟୁ ପରିବର୍ତ୍ତନଶୀଳତା ଯୋଗୁ ଭାରତର ଉତ୍ତର-ପୂର୍ବାଞ୍ଚଳରେ ବନାଗ୍ନିର ତୀବ୍ରତା ଚିନ୍ତାଜନକ ଭାବେ ବୃଦ୍ଧି ପାଉଥିବା ନେଇ ଏକ ନୂତନ ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି। ଭାରତ ଏବଂ ବ୍ରାଜିଲର କେତେଜଣ ଜଳବାୟୁ ଏବଂ ଭୂ-ବିଶେଷଜ୍ଞଙ୍କୁ ନେଇ ଏକ ଦଳ ୨୦୦୧ରୁ ୨୦୨୨ ମଧ୍ୟରେ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ୍, ନାଗାଲାଣ୍ଡ ଏବଂ ତ୍ରିପୁରାରେ ଘଟିଥିବା ୩.୬ ଲକ୍ଷରୁ ଅଧିକ ବନାଗ୍ନି ଘଟଣାକୁ ଆମେରିକୀୟ ମହାକାଶ ସଂସ୍ଥା 'ନାସା'ର ଏମ୍‌ଓଡିଆଇଏସ୍ ସାଟେଲାଇଟ ବ୍ୟବହାର କରି ବିଶ୍ଳେଷଣ କରିଥିଲେ। ଏହି ଅଧ୍ୟୟନରେ ସେମାନେ ଜଙ୍ଗଲ ନିଆଁ ଘଟଣାଗୁଡ଼ିକୁ ତାପମାତ୍ରା, ବର୍ଷା, ସୌର ବିକିରଣ, ପବନର ବେଗ ଆଦି ବିଭିନ୍ନ ଜଳବାୟୁ କାରକ ସହ ଯୋଡ଼ିଥିଲେ। ଉକ୍ତ ଅଧ୍ୟୟନ ଅନୁଯାୟୀ, ବାର୍ଷିକ ବନାଗ୍ନି ଘଟଣାର କେବଳ ୮୦% ଘଟଣା ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ହୋଇଥାଏ। ୨୦୦୬ରୁ ୨୦୧୦ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳର ବିଭିନ୍ନ ଅଞ୍ଚଳରେ ଅସାଧାରଣ ଭାବେ ଅଧିକ ଏବଂ ତୀବ୍ରତାର ସହ ବନାଗ୍ନି ଘଟିଥିଲା।

ସେଭେନ୍ ସିଷ୍ଟର ଷ୍ଟେଟ୍ ମଧ୍ୟରୁ ମିଜୋରାମରେ ଗତ ୨ ଦଶନ୍ଧି ମଧ୍ୟରେ ସବୁଠାରୁ ଅଧିକ ବନାଗ୍ନି ଘଟିଥିବା ଏହି ଅଧ୍ୟୟନ କହିଛି। ୨୦୦୧ରୁ ୨୦୨୨ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳରେ ଘଟିଥିବା ସମୁଦାୟ ବନାଗ୍ନି ଘଟଣା ମଧ୍ୟରୁ କେବଳ ୨୪.୨% ଘଟଣା ମିଜୋରାମରେ ଘଟିଥିବାବେଳେ ଏହାପଛକୁ ଆସାମ (୧୯.୮%), ମଣିପୁର (୧୬.୩%), ନାଗାଲାଣ୍ଡ (୧୧.୮%), ଅରୁଣାଚଳ ପ୍ରଦେଶ (୯.୧%) ଏବଂ ତ୍ରିପୁରା (୬.୬%) ରହିଛି। ଉତ୍ତର-ପୂର୍ବାଞ୍ଚଳରେ ଦେଖାଦେଉଥିବା ବନାଗ୍ନି ଘଟଣାଗୁଡ଼ିକ ସହ କମ୍ ବର୍ଷା, ଉଚ୍ଚ ସୌର ବିକିରଣ ଆଦି ବିଭିନ୍ନ ଜଳବାୟୁ କାରକର ଦୃଢ଼ ସମ୍ପର୍କ ରହିଥିବା ଏହି ଅଧ୍ୟୟନ କହିଛି।

## ତାମିଲନାଡୁ ଉପକୂଳରୁ ମିଳିଲା ଦୁର୍ଲଭ ଓର୍‌ଫିସ୍

**ସୁନାମିର ସଙ୍କେତ ଭାବି ଲୋକେ ଭୟଭୀତ**

ଚେନ୍ନାଇ



ତାମିଲନାଡୁର ତଟୀୟ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ଏକ ଦଳ ସମୁଦ୍ରରୁ ଦୁର୍ଲଭ ମାଛ 'ଓର୍‌ଫିସ୍'କୁ ଧରିଛନ୍ତି। ଏହି ମାଛକୁ 'ଡୁମ୍ସଡେ ଫିସ୍' ମଧ୍ୟ କୁହାଯାଏ। ଏବେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ୭ ଜଣ ମତ୍ସ୍ୟଜୀବୀ ଏକ ବିଶାଳ 'ଓର୍‌ଫିସ୍'କୁ ଧରି ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି। ଏହି ମାଛର ଲମ୍ବ ପ୍ରାୟ ୩୦ ଫୁଟ ହୋଇଥିବାବେଳେ ଏହାର ଶରୀର ରୁପା ପରି ଚକଚକିଆ ରହିଛି। ତେବେ ସାଧାରଣତଃ ଓର୍‌ଫିସ୍‌କୁ ଦେଖିବା ଦୁର୍ଭାଗ୍ୟ ସହ ଜଡିତ ଯାହା ଭୂମିକମ୍ପ, ସୁନାମି କିମ୍ବା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ଚେତାବନୀ ବୋଲି ଜାପାନ ଏବଂ ଅନ୍ୟ କିଛି ଦେଶର ଲୋକେ ବିଶ୍ୱାସ କରିଥାନ୍ତି। ଏନେଇ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ୨୦୧୧ରେ ଜାପାନରେ ହୋଇଥିବା ପ୍ରଳୟଙ୍କାରୀ ଭୂକମ୍ପ ଏବଂ ଏହା ପରବର୍ତ୍ତୀ ସୁନାମିର କିଛି ଦିନ ପୂର୍ବରୁ ଦେଶର ଉପକୂଳରେ ଅନେକ ଓର୍‌ଫିସ୍‌କୁ ଦେଖିବାକୁ ମିଳିଥିଲା। ତେବେ ଓର୍‌ଫିସ୍‌କୁ ନେଇ ଏହିସବୁ ଦାବିକୁ ବୈଜ୍ଞାନିକମାନେ ଖାରଜ୍ କରିଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ମାଛ ସାଧାରଣତଃ ଗଭୀର ସମୁଦ୍ରରେ ରହିଥାଏ ଏବଂ ଅସୁସ୍ଥ କିମ୍ବା ଆହତ ହେଲେ ଯାଇ ଏହା କୂଳ ନିକଟକୁ ଆସିଥାଏ। 'ଓର୍‌ଫିସ୍'ର ପ୍ରଜାତି ଏବଂ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଏହାର ଅଧିକ ବୈଜ୍ଞାନିକ ପରୀକ୍ଷଣ ଉପରେ ବୈଜ୍ଞାନିକମାନେ ଜୋର୍ ଦେଇଛନ୍ତି।

## ଫୁରସତ୍

## ଗୋଇନ୍ଦା ଅଧିକାରୀ ଭୂମିକାରେ ପ୍ରିୟଙ୍କା

ଲସ୍‌ଏଞ୍ଜେଲ୍ସ



ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ହଲିଉଡ୍ ଫିଲ୍ମ 'ହେଡ୍ସ ଅଫ୍ ଷ୍ଟେଟ୍'ର ଟ୍ରେଲରକୁ ଗୁରୁବାର ଜାରି କରାଯାଇଛି। ଫିଲ୍ମରେ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା, ଆମେରିକୀୟ ଅଭିନେତା ଜନ୍ ସିନା ଏବଂ ଇଂଲିଶ ଅଭିନେତା ଇଡ୍‌ରିସ୍ ଏଲ୍‌ବା ମୁଖ୍ୟ ଭୂମିକାରେ ରହିଛନ୍ତି। ଇଲ୍ୟା ନୈଶୁଲ୍ଲେରଙ୍କ ନିର୍ଦ୍ଦେଶିତ 'ହେଡ୍ସ ଅଫ୍ ଷ୍ଟେଟ୍'ର ଟ୍ରେଲରକୁ ଦର୍ଶକ ଖୁବ ପସନ୍ଦ କରିଛନ୍ତି। ଟ୍ରେଲର ରିଲିଜ୍ ପରେ ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଆସନ୍ତା ଜୁଲାଇ ୨ରେ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓରେ ଏହି ଫିଲ୍ମ ରିଲିଜ୍ ହେବ। ଫିଲ୍ମରେ ଜନ୍ ଆମେରିକା ରାଷ୍ଟ୍ରପତିଙ୍କ ଭୂମିକା ତୁଲାଉଥିବା ବେଳେ ଇଡ୍‌ରିସ୍ ୟୁକେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ନିଭାଉଛନ୍ତି। ସେହିପରି ପ୍ରିୟଙ୍କା ୟୁକେର ବିଦେଶୀ ଗୋଇନ୍ଦା ସେବା ସଂସ୍ଥା 'ଏମ୍‌ଆଇ୬'ର ଜଣେ ପ୍ରତିଭାଶାଳୀ ଗୋଇନ୍ଦା ଅଧିକାରୀ ନୋଏଲ ବିସେଟ୍‌ଙ୍କ ଭୂମିକା ନିର୍ବାହ କରୁଛନ୍ତି। ଇଡ୍‌ରିସ୍ ଏବଂ ଜନ୍ ୨ ଦେଶର ରାଷ୍ଟ୍ରମୁଖ୍ୟ ହୋଇଥିବାବେଳେ ସେମାନଙ୍କ ବିରୋଧରେ ରଚାଯାଇଥିବା ଆକ୍ରମଣ ଷଡ଼ଯନ୍ତ୍ରକୁ ପ୍ରିୟଙ୍କା ନଷ୍ଟ କରିବା ସହ ଉଭୟଙ୍କୁ ସୁରକ୍ଷା ଦେଉଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ଫିଲ୍ମର କାହାଣୀ ଅନୁଯାୟୀ, ଉଭୟ ଆମେରିକା ରାଷ୍ଟ୍ରପତି ଏବଂ ୟୁକେ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିବା ବେଳେ ଏକ ବୈଶ୍ୱିକ ବିପଦକୁ ଦୃଷ୍ଟିରେ ରଖି ଦୁହିଁଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେଉଛି।

**'ହେଡ୍ସ ଅଫ୍ ଷ୍ଟେଟ୍' ଟ୍ରେଲର ଆଉଟ୍**

ଧରିତ୍ରୀ
DHARITRI
ଧରିତ୍ରୀ 51 Years





ତ୍ରିପୁରାର ଅଗରତାଲାସ୍ଥିତ ଅକ୍ସିଜେନ୍ ପାର୍କରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମ ବେଳେ ଛାତ୍ରୀମାନେ ବୃକ୍ଷକୁ ଆଲିଙ୍ଗନ କରୁଛନ୍ତି।

# ଆମେରିକାରୁ ମୁହଁ ଫେରାଉଛନ୍ତି ଭାରତୀୟ ଛାତ୍ରୀଛାତ୍ର

## ଜର୍ମାନୀ, ରୁଷିଆ, ବ୍ରିଟେନ୍ ମୁହାଁ ବିଦ୍ୟାର୍ଥୀ

ଟ୍ରମ୍ପ୍ ପ୍ରଶାସନର ସଦ୍ୟ ନୀତି ପରିବର୍ତ୍ତନ ଆମେରିକାକୁ ପାଠ ପଢ଼ିବାକୁ ଯିବା ପାଇଁ ଚାହୁଁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଆଶା ଆକାଂକ୍ଷାକୁ ବହୁଳ ଭାବେ ପ୍ରଭାବିତ କରିଛି। ହାର୍ଭାର୍ଡ ୟୁନିଭର୍ସିଟିରେ ନାମ ଲେଖାଇବାକୁ ଚାହୁଁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ଭିଜା ରଦ୍ଦ ସମେତ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଆପ୍ରବାସନ ନିରୋଧୀ ପଦକ୍ଷେପ ଭାରତୀୟ ପିଲାଙ୍କ ମଧ୍ୟରେ ଅନିଶ୍ଚିତତା ସୃଷ୍ଟି କରିବା ସହ ସେମାନଙ୍କ ଚିନ୍ତା ବଢ଼ାଇଦେଇଛି। ଏଥିଯୋଗୁ ଆମେରିକାରେ ନାମ ଲେଖାଉଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଆଖିଦୃଶିଆ ହ୍ରାସ ପାଇଛି। ୨୦୨୩ରେ ଆମେରିକାରେ ୨,୩୪,୪୭୩ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ୨୦୨୪ରେ ଏଥିରେ ୧୩% ହ୍ରାସ ପାଇ ସେମାନଙ୍କ ସଂଖ୍ୟା ୨,୦୪,୦୫୮କୁ ଖସିଆସିଥିଲା। ୨୦୨୫ରେ ଏଥିରେ ୨୮% ହ୍ରାସ ପାଇଥିବା ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ଅନ୍ତର୍ଜାତୀୟ ଆବେଦନକାରୀଙ୍କ ପାଇଁ ଯାଞ୍ଚ ବୃଦ୍ଧି, ଭିଜା ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ, ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବା ଆଦି କାରଣରୁ ଭାରତୀୟ ମାତାପିତା ସାରା ଜୀବନର କଷ୍ଟୋପାର୍ଜିତ ଧନକୁ ଆଉ ନିଜ ପିଲାଙ୍କ ପଛରେ ଲଗାଇ ସେମାନଙ୍କୁ ଆମେରିକା ପଠାଇବାକୁ ଚାହୁଁନାହାନ୍ତି। ଏଭଳି ସ୍ଥିତିରେ ଭାରତୀୟ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଜର୍ମାନୀ, ରୁଷିଆ ଓ ବ୍ରିଟେନ୍‌କୁ ବିକଳ୍ପ ପସନ୍ଦ ଭାବେ ବାଛୁଥିବା ଦେଖିବାକୁ ମିଳୁଛି। ଜର୍ମାନୀରେ ଅପେକ୍ଷାକୃତ ସ୍ୱଳ୍ପ ଟିଉଶନ୍ ଫି' ରହିଥିବାବେଳେ ଇଂଲିଶ୍ ମାଧ୍ୟମରେ ପାଠ୍ୟକ୍ରମ ଓ ସରଳ ଭିଜା ପ୍ରକ୍ରିୟା ଯୋଗୁ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୪୯% ବୃଦ୍ଧି ପାଇଛି। ସେହିପରି ରୁଷିଆରେ କମ୍ ଶିକ୍ଷା ଖର୍ଚ୍ଚ ଓ ନିମ୍ନ ଜୀବନ ଧାରଣ ବ୍ୟୟ ହେତୁ ମେଡିକାଲ ପଢ଼ିବା ପାଇଁ ପୂର୍ବାପେକ୍ଷା ୩୪% ଅଧିକ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଶିକ୍ଷାକ୍ଷେତ୍ରର ବୈଶ୍ୱିକ ଦୃଶ୍ୟପଟରେ ଏହି ପରିବର୍ତ୍ତନ ଭାରତୀୟ ବିଦ୍ୟାର୍ଥୀଙ୍କ ପାଇଁ ନୂଆ ଅଧ୍ୟୟନ ପରିବେଶ ସୃଷ୍ଟି କରିଛି।



**ୱାଶିଂଟନ/ନୂଆଦିଲ୍ଲୀ,୫।୬**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଜାତୀୟ ସ୍ୱାର୍ଥର ଦ୍ୱାହିଦେଇ ଅନେକ କଠୋର ପଦକ୍ଷେପ ନେଇଚାଲିଛନ୍ତି। ତାଙ୍କ ପ୍ରଶାନସନର ଏଭଳି ପଦକ୍ଷେପ ଯୋଗୁ ୟୁଏସ୍ ଷ୍ଟୁଡେଣ୍ଟ ଭିଜାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଫଳରେ ଭାରତୀୟ ପରିବାରଗୁଡ଼ିକ ନିଜ ପିଲାଙ୍କୁ ଆମେରିକା ପଠାଇବା ଉପରେ ପୁନର୍ବିଚାର କରୁଛନ୍ତି। ଏଥିଯୋଗୁ ଆମେରିକାକୁ ପାଠପଢ଼ିବାକୁ ଯାଉଥିବା ପିଲାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଭାରତୀୟ ଛାତ୍ରୀଛାତ୍ର ବିଶେଷକରି ଜର୍ମାନୀ, ☞ପୃଷ୍ଠା-୨

### ବିମୁଖତାର ପ୍ରମୁଖ କାରଣ

୧. ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପାଳିରେ ପ୍ରଶାସନ ପକ୍ଷରୁ ନିଆଯାଉଥିବା ଆପ୍ରବାସନ ନିରୋଧୀ ପଦକ୍ଷେପ ଯୋଗୁ ଅଧିକାଂଶ ଭାରତୀୟ ଛାତ୍ରୀଛାତ୍ର ସେଠାକୁ ପାଠ ପଢ଼ିବାକୁ ଯିବା ପାଇଁ ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି।

୨. ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ବିଦେଶୀ ଛାତ୍ରୀଛାତ୍ରଙ୍କ ଭିଜା ରଦ୍ଦ/ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ କରାଯିବା କାରଣରୁ ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ବିପୁଳ ଅର୍ଥ ଖର୍ଚ୍ଚକରି ମାତାପିତା ନିଜ ପିଲାଙ୍କୁ ଆମେରିକାକୁ ପଠାଇବା ପାଇଁ ରିସ୍କ ନେବାକୁ ଚାହୁଁନାହାନ୍ତି।

୩. ଆମେରିକାର ବିଶ୍ୱବିଦ୍ୟାଳୟ ଓ କଲେଜ କ୍ୟାମ୍ପସ୍‌ଗୁଡ଼ିକରେ ପାଲେଷ୍ଟିନୀୟଙ୍କ ସପକ୍ଷରେ ଆୟୋଜିତ ରାଲିଗୁଡ଼ିକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ୍ ପ୍ରଶାସନ ଅନ୍ତର୍ଜାତୀୟ ଆବେଦନକାରୀଙ୍କ ପାଇଁ ସୋସିଆଲ ମିଡିଆ ସ୍କ୍ରୁଟିନିକୁ ତ୍ୱରାନ୍ୱିତ କରିଛି। ଏହାଦ୍ୱାରା ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକୀୟ ଦୂତାବାସଗୁଡ଼ିକ ଭିଜା ଆବେଦନକାରୀଙ୍କ ଇଣ୍ଟରଭ୍ୟୁ ପାଇଁ ସମୟ ନିର୍ଦ୍ଧାରଣ କରୁଛନ୍ତି।

# ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ସୁଧାକର ନିହତ

**ମାଲକାନଗିରି,୫।୬(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାର ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଗୁଳି ବିନିମୟ ହୋଇଛି। ଏଥିରେ ମାଓବାଦୀ ସଙ୍ଗଠନର ଅନ୍ୟତମ ଶୀର୍ଷ ନେତା ତଥା କେନ୍ଦ୍ରୀୟ କମିଟି ସଦସ୍ୟ ସୁଧାକରଙ୍କ ମୃତ୍ୟୁ ଘଟିଛି। ସୁଧାକରଙ୍କ ନାମରେ କୋଟିଏ ଟଙ୍କାର ପୁରସ୍କାର ରହିଥିଲା।

ଗତ କିଛିଦିନ ଧରି ଛତିଶଗଡ଼ରେ ଜୋର୍‌ଦାର ମାଓବାଦୀ ଦମନ ଅଭିଯାନ ଚାଲିଥିବାବେଳେ ଏଥିରେ ବହୁ ଟପ୍ କ୍ୟାଡର ନେତାଙ୍କ ମୃତ୍ୟୁ ହୋଇଛି। ବିଶେଷକରି ବିଜାପୁର ଜିଲା ଆବୁଝମାଡ ଜଙ୍ଗଲ, ଛତିଶଗଡ-ତେଲଙ୍ଗାନା ସୀମାବର୍ତ୍ତୀ କେରିଗୁଟା ଜଙ୍ଗଲରେ କୋମ୍ବିଂ କରାଯାଇ ସଂଗଠନର ବହୁ ଟପ୍ ଓ କେନ୍ଦ୍ରୀୟ କ୍ୟାଡର ନେତାମାନେ ନିହତ ହୋଇଛନ୍ତି। ଛତିଶଗଡ ବିଜାପୁର ଜିଲା ନ୍ୟାଶନାଲ ପାର୍କ ଜଙ୍ଗଲ ମାଓବାଦୀଙ୍କ



ସୁଧାକର

ଆଡ୍ଡାସ୍ଥଳ ମଧ୍ୟରୁ ଅନ୍ୟତମ। ସେହି ଅଞ୍ଚଳରେ କୋମ୍ବିଂବେଳେ ଅନ୍ୟ କେତେଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। କୋମ୍ବିଂ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି ବିଜାପୁର ପୋଲିସ ତରଫରୁ ସୂଚନା ଦିଆଯାଇଛି। ମେ ୨୧ ତାରିଖରେ ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ବାସଭାରାଜୁଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ହୋଇଥିଲା।

# ଗଣଆନ୍ଦୋଳନ ହେଉ ପ୍ଲାଷ୍ଟିକ୍ ବର୍ଜନ: ମୁଖ୍ୟମନ୍ତ୍ରୀ



ଓୟୁଏଟି କୃଷି ଶିକ୍ଷା ସଦନଠାରେ ଗୁରୁବାର ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)**

- **ବର୍ଷକ ମଧ୍ୟରେ ୭.୫ କୋଟି ଚାରାରୋପଣ ଲକ୍ଷ୍ୟ**
- **'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସରକାର ଲଗାଇଲେ ସାଢ଼େ ୬ କୋଟି ଗଛ**

ରାଜ୍ୟ ସରକାର ବର୍ଷକ ମଧ୍ୟରେ ୭.୫ କୋଟି ଗଛ ଲଗାଇବେ। ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ପ୍ରଦୂଷିତ ପୃଥିବୀର ଭୟାବହତାକୁ ହୃଦୟଙ୍ଗମକରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ପରିବେଶ ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପ, ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଯାପନର ସହଜ ଏବଂ ସରଳ ମାଧ୍ୟମ ହୋଇପାରିବ। ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ୍ ଅପରିହାର୍ଯ୍ୟ ହୋଇସାରିଛି, ବିଶେଷକରି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍। ପ୍ଲାଷ୍ଟିକ୍‌ର ଅଧିକ ବ୍ୟବହାର ୩ଟି ସମସ୍ୟା ଭାବେ ଉଭା ହୋଇଛି, ଜଳବାୟୁ ପରିବର୍ତ୍ତନ, ଜଳ, ସ୍ଥଳ ଏବଂ ଜୈବ ବିବିଧତାରେ କ୍ଷୟ ଏବଂ ପ୍ରଦୂଷଣ ଓ ଆବର୍ଜନାର ସମସ୍ୟା। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ୍ ବର୍ଜନ ଏକ ଗଣ ଆନ୍ଦୋଳନରେ ପରିଣତ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ମଧ୍ୟ ଷ୍ଟେଟ୍ କ୍ଲିନ୍ ଏୟାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ଜନସଂଖ୍ୟା ବହୁଳ ସହରାଞ୍ଚଳଗୁଡିକରେ ବାୟୁ ପ୍ରଦୂଷଣର ମାତ୍ରା କମାଇବ ଏବଂ ବାୟୁମଣ୍ଡଳରେ ବାୟୁର ଗୁଣବତ୍ତା ବଢ଼ାଇବ। ସେଥିପାଇଁ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ମଧ୍ୟ ତତ୍ପର ଅଛି। ଆମ ସରକାର ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଇଛନ୍ତି। ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ପରିବାରଠାରୁ ଆରମ୍ଭ ହେବା ଆବଶ୍ୟକ। 'ଏକ୍‌ପେଡ୍‌ମା' କେ ନାମ୍' ଅଭିଯାନରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବିପଦରେ ତିବ୍ବତ ମାଳଭୂମି**

# ଝିଅଙ୍କୁ ଗଣବଳାତ୍କାର କରାଉଥିଲେ ଭାଜପା ନେତ୍ରୀ

## ଅନାମିକା ଶର୍ମା, ପୁରୁଷ ବନ୍ଧୁ ଗିରଫ

**ହରିଦ୍ୱାର,୫।୬**

ଭାଜପା ନେତ୍ରୀଙ୍କ ୧୩ ବର୍ଷୀୟା ଝିଅଙ୍କୁ ତାଙ୍କ ପୁରୁଷ ବନ୍ଧୁ ଓ ଜଣେ ସହଯୋଗୀ ମିଶି ଅନେକ ଥର ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଭାଜପା ମହିଳା ମୋର୍ଚ୍ଚାର ହରିଦ୍ୱାର ଜିଲା ଶାଖାର ପୂର୍ବତନ ସଭାନେତ୍ରୀ ଅନାମିକା ଶର୍ମା ଓ ତାଙ୍କ ବୟଫ୍ରେଣ୍ଡ ସୁମିତ ପଟୱାଲଙ୍କୁ ବୁଧବାର ହରିଦ୍ୱାରର ଏକ ହୋଟେଲରୁ ଗିରଫ କରାଯାଇଛି। ଘଟଣା ସମ୍ପର୍କରେ ପୀଡ଼ିତା ତାଙ୍କ ବାପାଙ୍କୁ ଜଣାଇବା ପରେ ସେ ଥାନାରେ ଅଭିଯୋଗ କରିବାରୁ ମଙ୍ଗଳବାର ଘଟଣା ସାମ୍ନାକୁ ଆସିଥିଲା ବୋଲି ହରିଦ୍ୱାର ଏସ୍‌ଏସ୍‌ପି ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି। ଏହି ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ବିଏନ୍‌ଏସ୍‌ର ବିଭିନ୍ନ ଧାରା ସମେତ ପୋକ୍‌ସୋ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ସୁମିତଙ୍କ ସହ ଏହି ଅପରାଧରେ ସମ୍ପୃକ୍ତ ଶୁଭମ୍ ନାମକ ଅନ୍ୟଜଣେ ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଛି। ଖବର ପ୍ରକାଶ ପାଇବା ପରେ ଅନାମିକାଙ୍କୁ ଦଳର ପ୍ରାଥମିକ ସଭ୍ୟପଦରୁ ବହିଷ୍କାର କରାଯାଇଛି। ମହିଳା ନେତ୍ରୀଙ୍କ ସମ୍ମତି କ୍ରମେ ଓ ତାଙ୍କ ଉପସ୍ଥିତିରେ ସୁମିତ ଓ ଶୁଭମ୍ ପୀଡ଼ିତାଙ୍କୁ ଗତ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଅନେକ ଥର ଗଣବଳାତ୍କାର କରିଥିଲେ। ପୀଡ଼ିତା ଏକଥା କାହାକୁ ଜଣାଇଲେ, ତାଙ୍କ ବାପାଙ୍କୁ ସେମାନେ ମାରିଦେବାକୁ ଧମକ ଦେଇଥିଲେ। ସୂଚନାଯୋଗ୍ୟ, ଅନାମିକା ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ନିଜ ବୟଫ୍ରେଣ୍ଡଙ୍କ ସହ ହୋଟେଲରେ ରହୁଥିଲେ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପକ୍ଷରୁ ଚାରିଟେବୁଲ କ୍ଲିନିକ୍ ଉଦ୍‌ଘାଟନ, ସ୍ଥାନ: ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ, ପୋଖରୀପୁଟ, ସମୟ: ସକାଳ ୯ଟା ୩୦ ।
- ନିଯୁକ୍ତି ମେଳା, ସ୍ଥାନ: ରେଳ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କଥାଶିଳ୍ପୀ ଘନବିହାରୀ ମହାରଣାଙ୍କ ୩ୟ ଗଳ୍ପ ସଂକଳନର ଲୋକାର୍ପଣ 'ମଉନା ମଇନା', ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।

## କଟକ
- ଜ୍ଞାନମଣ୍ଡଳର ପ୍ରଣେତା ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ସତୀଚଉରା, ସମୟ: ସକାଳ ୮ଟା ।
- ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୬ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ବନମାଳୀ ବ୍ରହ୍ମଚାରୀ ଭବନ, ଝାଞ୍ଜିରମଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା ।
- ରାଜନେତା ତଥା ଆଇନଜୀବୀ ଦୀପକ ଦେ'ଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା, ସ୍ଥାନ: ଗାନ୍ଧୀଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା ।

## ପୁରୀ
- ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ କବିତା ପାଠ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବକୁଳ ବାଟିକା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା ।
- ବଉଳକାଠ ଶଗଡ଼ି ମେଲାଣି ଶୋଭାଯାତ୍ରା, ସ୍ଥାନ: ଶ୍ରୀ ସିଦ୍ଧବକୁଳ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା ।

## ବାଲେଶ୍ୱର
- ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଚାରି ପ୍ରହର ନାମ ଯଜ୍ଞ ଓ ମହୋତ୍ସବ,ସ୍ଥାନ: ଭେଲୋରା,ବସ୍ତା,ସମୟ:ଦିବସବ୍ୟାପୀ
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା ୩୦ ।

## ମୟୂରଭଞ୍ଜ
- ନିରାମୟ ସ୍ୱାସ୍ଥ୍ୟ ସେବାର ଯତ୍ନ ଓ ନିରାକରଣ କାର୍ଯ୍ୟକ୍ରମ,ସ୍ଥାନ:ଉଦଳା ବରିଷ୍ଠ ନାଗରିକ ସଂଘ ସଭାମଣ୍ଡପ, ସମୟ:ସକାଳ ୯ଟା ।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁ ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା ।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର,ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା,ସମୟ:ସକାଳ ୯ଟା ।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଚିତ୍ରଡ଼ା ପୁରୁଣାପାଣି କଲ୍ୟାଣ ମଣ୍ଡପ, ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା ।
- ନିରୁଆପଦା ପ୍ରିମିୟର ଲିଗର ଦ୍ୱିତୀୟ ଦିନ, ସ୍ଥାନ: ନିରୁଆପଦା ଖେଳ ପଡ଼ିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା ।
- ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା ।

## କନ୍ଧମାଳ
- ସୁନ୍ଦର କାଣ୍ଡ ପାରାୟଣ ଓ ୧୦୮ ହନୁମାନ ଚାଳିଶା ପାଠ, ସ୍ଥାନ: ମାନସ ପଡ଼ିଆ କ. ନୂଆଗାଁ, ସମୟ: ସକାଳ ୮ଟା ।

## ନୟାଗଡ଼
- ପାର୍ଶ୍ୱ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ଓ ଧାନାଭିଷେକ, ସ୍ଥାନ:ଖଣ୍ଡପଡା ସିଦ୍ଧାମୂଳାସ୍ଥ ଗୋଲକୁଳାନନ୍ଦଙ୍କ ପୀଠ, ସମୟ: ସକାଳ ୭ଟା ।
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଓ ଖାଦ୍ୟ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ଏନ୍‌ଏସି କଲ୍ୟାଣ ମଣ୍ଡପ, ନୂଆଗାଁ ବ୍ଲକ୍ ମହିପୁର ନିକଟସ୍ଥ ଭିରୁଡା କଲ୍ୟାଣ ମଣ୍ଡପ, ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ:ସକାଳ ୮ଟା ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ସାଧାରଣ କର୍ମଶାଳା, ସ୍ଥାନ:ନୟାଗଡ଼ ସହରର ବେବର୍ତ୍ତାପଲ୍ଲୀର ବହୁମୁଖି କଲ୍ୟାଣମଣ୍ଡପ, ସମୟ:ପୂର୍ବାହ୍ନ ୧୧ଟା ।
- ନୀଳମାଧବଙ୍କ ମନ୍ଦିରରେ ରୁକ୍ମିଣି ବିବାହ, ସ୍ଥାନ:କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ:ସନ୍ଧ୍ୟା ୭ଟା ।
- ରୁକ୍ମିଣି ବିବାହ ଅବସରରରେ ଭଜନ ସମାରୋହ, ସ୍ଥାନ:କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ:ରାତି ୮ଟା ।
- ରାମଲୀଳା ଆରମ୍ଭ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା ।

## ରାୟଗଡ଼ା
- ମୁନିଗୁଡା ରୋଟାରୀ କ୍ଲବ୍ ପକ୍ଷରୁ ଚିକିତ୍ସା ଶିବିର, ସ୍ଥାନ: ପୱନ କମ୍ପ୍ଲେକ୍ସ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା ।

## କୋରାପୁଟ
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ପଟ୍ଟାଙ୍ଗି ମିନି ଷ୍ଟାଡିୟମ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମାଲକାନଗିରି
- ଜିଲା ପ୍ରଶାସନର ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଗ୍ରୀଷ୍ମକାଳୀନ କ୍ୟାମ୍ପ ଉଦ୍‌ଘାଟନ, ସ୍ଥାନ:ଏକଲବ୍ୟ ମଡେଲ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ସାଓଲିନ କୁଙ୍ଗ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଫାଇଟ ଅଫ ଫେଣ୍ଟାସି କାର୍ଯ୍ୟକ୍ରମ, ସ୍ଥାନ : କ୍ଷେତରାଜପୁର ସ୍ଥିତ ଦୁର୍ଗା ମଙ୍ଗଳମ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ପକ୍ଷରୁ ଦ୍ୱିତୀୟ ଶିବରାମ ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ ମାନେଶ୍ୱର ବ୍ଲକ ଅର୍ନ୍ତଗତ ଗୁଲୁଣ୍ଡା ଗ୍ରାମ, ସମୟ : ଅପରାହ୍ନ ୫ଟା ।
- ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।
- ଆରଣ୍ୟକ ଶୀତଳ ଷଷ୍ଠୀ ଯାତ୍ରାର ସମୀକ୍ଷା ବୈଠକ, ବନ୍ଧୁ ମିଳନ ଓ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ : ଖାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ରାତି ୭ଟା ।

## ବଲାଙ୍ଗୀର
- କବିତାର ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ କଲ୍ୟାଣ ମଣ୍ଡପ,ଟିଟିଲାଗଡ, ସମୟ: ପୂର୍ବାହ୍ନ ୧୦ଟା ।
- ବିକଶିତ ଗାଁ ବିକଶିତ ଓଡ଼ିଶା ସାଧାରଣ ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ରାଉରକେଲା
- ନ୍ୟାଶନାଲ କ୍ଲବରେ ଯୋଗ ଶିବିର, ସ୍ଥାନ: ପାୱାରହାଉସ୍ ରୋଡ୍, ସମୟ: ସକାଳ ୫ଟା ୩୦ ।
- ଓଡିଆରଏଫ୍ ଟିମ୍ ପକ୍ଷରୁ ସୁଇମିଂ ପ୍ରଶିକ୍ଷଣ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା ।
- ଧନଞ୍ଜୟ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ହରିହର ହାଇସ୍କୁଲ,କୁଆଁରମୁଣ୍ଡା,ସମୟ: ସକାଳ ୮ରୁ ମଧ୍ୟାହ୍ନ ୧୨ଟା ।

## ବରଗଡ଼
- ପ୍ଲାଷ୍ଟିକମୁକ୍ତ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ସକାଳ ୭ଟା ।

## କଳାହାଣ୍ଡି
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ସାନ ରେଙ୍ଗାଲି, ସମୟ: ସକାଳ ୯ଟା ।
- ଭବାନୀପାଟଣା ସହରର ସୌନ୍ଦର୍ଯ୍ୟକରଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଥୁଆମୂଳ ରାମପୁର, ତାଲବନ୍ଦପଡା, ସମୟ: ସନ୍ଧ୍ୟା ୬ଟା ।

## ବୌଦ୍ଧ
- ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ହରିଶଙ୍କର କଳାମଣ୍ଡପ, କଣ୍ଟାମାଳ, ବୌଦ୍ଧ, ସମୟ: ସକାଳ ୮ଟା ।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: କଲ୍ୟାଣ ମଣ୍ଡପ ମୁଣ୍ଡାପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହରରେ ବୀର ଯାଦବ ଯବାନଙ୍କ ସ୍ମୃତିରେ ଶୋଭାଯାତ୍ରା, ସ୍ଥାନ: ତେଲ ନଦୀ ବ୍ରିଜ୍, ସମୟ: ସକାଳ ୯ଟା ।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା
- ଜିଲାସ୍ତରୀୟ ଗ୍ରୀଷ୍ମ କାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଚତୁର୍ଥ ଦିବସ, ସ୍ଥାନ: ସ୍ଥାନୀୟ କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ପଞ୍ଚାୟତ ମୂଷାପାଲି ଗାଁ, ସମୟ: ସକାଳ ୯ଟା ୩୦ ।
- କୋମନା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ର, ପରିବାର ଓ ଆର୍ଥିକ ଦିଗ ସକାଶେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନାରୁ ସାମୟିକ ଚିନ୍ତିତ ରହିପାରନ୍ତି । ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳି ଯିବ । ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ ।

**ବୃଷ**
ଆଜିର ଶନି ଓ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଅଫିସରେ ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ । ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ବୃଦ୍ଧି ଚିନ୍ତାକୁ ବଢାଇ ଦେବ । କେତେକ କାରଣକୁ ନେଇ ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ ।

**ମିଥୁନ**
ଶନିଙ୍କ ଦୃଷ୍ଟିରେ ବୁଧ ଦୈହିକ ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତିକୁ ବିଗାଡି ଦେବ । ଋଣ ପରିଶୋଧ ପାଇଁ ବିଭିନ୍ନ ଧନ୍ଦା କରିବା ସକାଶେ ମନ ବଳାଇବେ । କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜିପାରନ୍ତି ଓ ତାଙ୍କ ସାହାଯ୍ୟ ମଧ ପାଇବେ । ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ।

**କର୍କଟ**
ଅନୁକୂଳ ଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇ ନିୟନ୍ତ୍ରଣ ମଧ୍ୟରେ ରହିବ । ପରିବାରର କେତେକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟାକୁ ବୁଝାମଣା ଭିତ୍ତିରେ ସୁଧାରିନେବେ । ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ ।

**ସିଂହ**
ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲ । ପିଲାଙ୍କ ଇଚ୍ଛା ଓ ଅଭିଳାଷ ସମ୍ପର୍କରେ ଆଲୋଚନା କରିପାରନ୍ତି । ଆତ୍ମୀୟଙ୍କ ସକାଶେ ଯେତେ ସୁବିଧା କଲେ ମଧ୍ୟ ଓଲଟି ନିନ୍ଦା ଶୁଣିବେ । ବୟସ୍କଙ୍କ ସାହାଯ୍ୟ ଓ ସମର୍ଥନକ୍ରମେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ ।

**କନ୍ୟା**
କର୍ମଭାବସ୍ଥ ବୃହସ୍ପତିଙ୍କ ପ୍ରଭାବରେ ଆଶା ପୂରଣ ହୋଇଯିବ । ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘର ସଜାଡିବାରେ ମନୋନିବେଶ କରିବେ । କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବା ଫଳରେ ସହକର୍ମୀମାନଙ୍କ ଅପ୍ରିୟଭାଜନ ହୋଇପାରନ୍ତି । ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ।

**ତୁଳା**
ଅଧିକାଂଶ ସମୟ ମନ ଅସ୍ଥିର ରହିବାରୁ ଦୃଷ୍ଟିକୋଣ ବଦଳି ଯାଇପାରେ । ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିବା ପରି ଆଶଙ୍କା ଦେଖାଦେବ । କଳହ ଲାଗିଥିବା ବସ୍ତିଟି ପ୍ରତି ସତର୍କ ରହନ୍ତୁ ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅଫିସ୍‌ରୁ ଫେରିବା ସମୟରେ ଘରର ବରାଦୀ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି ।

**ବିଛା**
ଶନି ଓ ରାହୁଙ୍କ ଦ୍ୱାରା କବଳିତ ଚନ୍ଦ୍ର ଯୋଗୁ ଅତୀତ ଘଟଣାକୁ କେନ୍ଦ୍ରକରି ମନଟା ଗୋଳେଇଘାଣ୍ଟି ହେବ । ଘର କାମ ସାଙ୍ଗକୁ ଅବହେଳାକ୍ରମେ ରହିଯାଇଥିବା ଅଫିସ୍ କାମର ଜଞ୍ଜାଳ ମଧ ବଳିପଡିବ । ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ଲୋକକୁ ପରଖି ଯାହା କରିବା କଥା କରନ୍ତୁ । କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରର ସମସ୍ୟା ଦୂରେଇ ନେବେ ।

**ଧନୁ**
ରାଶି ଅପେକ୍ଷା ସପ୍ତମସ୍ଥାନ ପ୍ରଭାବଶାଳୀ ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ଅନୁକୂଳ ରହି ନ ପାରେ । ମନର ଅସନ୍ତୋଷକୁ ଚାପି ରଖି ମୁହଁରେ ହସ ଫୁଟାଇ ଓ ଶ୍ରୁତିମଧୁର କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବେ । ଗଣ ଯୋଗାଯୋଗ, ସାମ୍ବାଦିକତା ଓ ପ୍ରକାଶନ କ୍ଷେତ୍ରରୁ ସମସ୍ୟା ଓ ପ୍ରତିବନ୍ଧକ ଦୂର ହୋଇଯିବ ।

**ମକର**
ପ୍ରତିକୂଳ ଗ୍ରହଙ୍କ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ର ଓ କାର୍ଯ୍ୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିବ । ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି । ସହକର୍ମୀ କିମ୍ବା ଆତ୍ମୀୟଙ୍କଠାରୁ ସାହାଯ୍ୟ ଲାଭ କରିବେ । ଶିକ୍ଷା, ଗଠନମୂଳକ ଆଲୋଚନା, ଆନୁଷ୍ଠାନିକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ ।

**କୁମ୍ଭ**
ପ୍ରତିବନ୍ଧକ ରହିଥିଲେ ମଧ ଆପଣଙ୍କ କାମ ଅଟକିବ ନାହିଁ । ସରଳ ଓ ସହଜରେ କୌଣସି କାମ ହାସଲ କରିବା ଆଜି ଦୁରୂହ ହୋଇପାରେ । ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହିପାରିବ ନାହିଁ । ଅବଶ୍ୟ ବନ୍ଧୁମାନଙ୍କ ସହାୟତା ନେଇ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ।

**ମୀନ**
କର୍ମକ୍ଷେତ୍ର ପ୍ରତି ଗ୍ରହଦୃଷ୍ଟି ପ୍ରଭାବ ଅସଜଡ଼ା ସ୍ଥିତିକୁ ସଜାଡିବାରେ ସାହାଯ୍ୟ କରିବ । ଶିକ୍ଷା, ସନ୍ତାନ, ଆଲୋଚନା ପାଇଁ ପ୍ରକୃଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାତ୍ରା, ବ୍ୟବସାୟ, ମକଦ୍ଦମା, ସଂଗଠନ, ଲେଖାପଢ଼ାରେ ସମସ୍ୟା ସମାଧାନ ହୋଇଯିବ । କୌଣସି ନୂଆ କାମଟିଏ ଆରମ୍ଭ ସକାଶେ ମନ ବଳାଇପାରନ୍ତି ।

ଆଜି ଜୁନ ୬ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ନିର୍ଜଳା ଏକାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ ଓ ବିବାହ, ଜଳକ୍ରୀଡା, ଆଦିଶକ୍ତି ଗାୟତ୍ରୀ ଜୟନ୍ତୀ, ମକ୍କାରେ ହଜ୍‌ର ଦ୍ୱିତୀୟ ଦିବସ । ରାଶିନକ୍ଷତ୍ର- ଚିତ୍ରା/କନ୍ୟା,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୩ ଗତେ, ଘ.୦୬।୫୬ ମଧ୍ୟେ, ଘ.୧୨।୧୧ ଗତେ, ଘ.୦୨।୪୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୦୬ ମି. ଗତେ, ଘ.୧୧।୪୫ ମି. ମଧ୍ୟେ ରାହୁକାଳ ।

# ଭାଜପା ଉତ୍ସବ ପାଳନ ନ କରି ସେହି ଅର୍ଥରେ ଆମ୍ବୁଲାନ୍ସ କିଣୁ: ବିଜେଡି

**ଭୁବନେଶ୍ୱର,୫।୬(ସୁନିତ୍ ମିଶ୍ର)**

ରାଜ୍ୟରେ ସ୍ୱାସ୍ଥ୍ୟସେବା ଉଦ୍‌ବେଗଜନକ ସ୍ଥିତିରେ ଥିବାବେଳେ ଆମ୍ବୁଲାନ୍ସ ସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନଠାରେ ଗୁରୁବାର ଖବରଦାତା ସମ୍ମିଳନୀ କରି ଦଳୀୟ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ପରିତାପର ବିଷୟ, ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବା ଏକ ପ୍ରକାର ଠପ୍ ହୋଇଯାଇଥିବା ବେଳେ ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି । ରାଜ୍ୟବାସୀଙ୍କ କଷ୍ଟୋପାର୍ଜିତ ଧନରୁ ଟିକସ ମାଧ୍ୟମରେ ରାଜକୋଷକୁ ଆସିଥିବା ଅର୍ଥକୁ ଭାଜପା ଉତ୍ସବ ପାଳନରେ ଖର୍ଚ୍ଚ ନ କରି ସେହି ଅର୍ଥରେ ଆମ୍ବୁଲାନ୍ସ କିଣନ୍ତୁ । ଗତ ବୁଧବାର କୋରାପୁଟର ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ଭୁଲ୍ ଇଞ୍ଜେକସନ୍ ଦିଆଯିବା ଦ୍ୱାରା ୬ ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଥିଲା । ବର୍ତ୍ତମାନ ରାଜ୍ୟରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର କରୁଣ ଚିତ୍ର ସାମ୍ନାକୁ ଆସିଛି । ଜଗତ୍‌ସିଂହପୁର ଜିଲାରେ ଏକ ୧୦୮ ଆମ୍ବୁଲାନ୍ସରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସହ ହସ୍ପିଟାଲକୁ ଆସୁଥିବା ବେଳେ ରାସ୍ତାରେ ଆମ୍ବୁଲାନ୍ସର ଟାୟାର ପଙ୍କଚର ହୋଇଯାଇଥିଲା । ଆମ୍ବୁଲାନ୍ସରେ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କ ଅବସ୍ଥା ଆହୁରି ଖରାପ ହୋଇଥିଲା । ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାରଙ୍କ ଇଞ୍ଜିନ ଅଚଳ ହୋଇପଡ଼ିଛି ବୋଲି ଲେଖାଶ୍ରୀ କହିଛନ୍ତି ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତରକି ଚାଲିଥାଏ ବାଟ**
**ଏଣେ ତେଣେ ଯେବେ ଆଖି ପିଛାଡ଼ିବୁ**
**ତଳେ ପଡ଼ିଯିବ ପେଟ ।**

ଜୀବନ ପଥ ବହୁ କଣ୍ଟକିତ । ସବୁଆଡେ ଦେଖି ଚାହିଁ ଟିକେ ହୁସିଆର ହୋଇ ନ ଚଳିଲେ କେତେବେଳେ ଯେ ବିପଦରେ ପଡ଼ିଯିବ ତାହା କହିହେବ ନାହିଁ । ବୟସ ବାଉଳାରେ ଅନ୍ୟମନସ୍କ ହୋଇ ପଥ ହୁଡ଼ିଲେ ବିଷମ ଫଳ ଭୋଗିବାକୁ ପଡିପାରେ । ତେଣୁ ନିଜ ଆୟତ୍ତରେ ନିଜ ବାଟ ଚାଲିବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ତେଲ ଘଡି ଡବଡବ**
**ମୋ ଖଣ୍ଡି କାଶକୁ ଅନେଇଥିବ**
**କବାଟ ଫିଟାଇ ଦେବ ।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡିଯାଏ ଅନେକ ଦୂର, ଠିକ ସେମିତି ସୁଗନ୍ଧିତ ଫୁଲରୁ ମଧୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର । ଇସାରାରେ ମଧ ପ୍ରେମ ନଈ ସୁଅ ଉଛୁଳି ଉଠେ । ସାଧାରଣତଃ ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରିବା ନେଇ ପ୍ରେମୀ ଯୁଗଳ ସଦା ଚେଷ୍ଟିତ ରହିଥାନ୍ତି । ଏପରିସ୍ଥଳେ ଇସାରା ମାଧ୍ୟମରେ ଏକତ୍ର ହେବା ନେଇ ଯୋଜନା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ବଦଳିଲେ ଭଦ୍ରକ, ନବରଙ୍ଗପୁର ଏସ୍‌ପି

**ଭୁବନେଶ୍ୱର/ଭଦ୍ରକ,୫।୬ (ରବିନାରାୟଣ ଜେନା/ସନାତନ ରାଉତ)**

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଗୁରୁବାର ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି । ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୧୨ ବ୍ୟାଚର ଆଇପିଏସ୍ ଅଧିକାରୀ ତଥା ଭଦ୍ରକ ଏସ୍‌ପି ମଡକର ସନ୍ଦୀପ ସମ୍ପତଙ୍କୁ ନବରଙ୍ଗପୁର ଏସ୍‌ପି ଭାବେ ବଦଳି କରାଯାଇଛି । ସେହିପରି କେନ୍ଦୁଝରରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଭଦ୍ରକ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି । ତେବେ ଭଦ୍ରକର ଅତିରିକ୍ତ ଏସ୍‌ପି ମନୋଜ କୁମାର ରାଉତଙ୍କ ନିଯୁକ୍ତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

ସୂଚନା ଅନୁଯାୟୀ, ଚଳିତମାସ ୪ରେ ମୁଖ୍ୟମନ୍ତ୍ରୀ ଭଦ୍ରକ ଗସ୍ତ କରିଥିଲେ । ଏହାର ଦୁଇଦିନ ପୂର୍ବରୁ ତିହିଡ଼ି ବ୍ଲକର ଦୋଳସାହି ନିକଟରେ ଜଣେ ଗୋରକ୍ଷକଙ୍କୁ ଗୋରୁ ମାଫିଆମାନେ ଆକ୍ରମଣ କରିଥିଲେ । ଆକ୍ରମଣର ଶିକାର ହୋଇଥିବା ସଂପୃକ୍ତ ବ୍ୟକ୍ତି ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଅବସ୍ଥା ଜଟିଳ ଅଛି । ଏହିଘଟଣାକୁ ନେଇ ଭଦ୍ରକ ଭାଜପା ବିଧାୟକ ସିତାଂଶୁ ଶେଖର ମହାପାତ୍ର ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଗୋରୁ, ବ୍ରାଉନସୁଗାର ଚୋରା ଚାଲାଣକୁ ବନ୍ଦ କରିବା ସହ ଆକ୍ରମଣ କରିଥିବା ଗୋମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ଥାନୀୟ ମନ୍ତ୍ରୀ ମଧ୍ୟ ହସ୍ତକ୍ଷେପ କରିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି ।



ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ

ଅପରପକ୍ଷେ କିଛିବର୍ଷ ତଳେ ଭଦ୍ରକରେ ଦଙ୍ଗା ସମୟରେ ମନୋଜ ରାଉତ ଟାଉନ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଦଙ୍ଗା ନିୟନ୍ତ୍ରଣରେ ତାଙ୍କର ଦକ୍ଷତାକୁ ନେଇ ଏସ୍‌ପି ଭାବେ ଭଦ୍ରକରେ ନିଯୁକ୍ତି ମିଳିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ଭୋଟକୁ ଆଶା ରଖି ବଦଳି କରା ନ ଯାଉ: ଗଣଶିକ୍ଷାମନ୍ତ୍ରୀ

**ଭୁବନେଶ୍ୱର,୫।୬(ରବିନାରାୟଣ ଜେନା)**

ଶିକ୍ଷକଙ୍କ ବଦଳିରେ ବିଧାୟକଙ୍କ ସୁପାରିସ ପ୍ରସଙ୍ଗ ଏବେ ରାଜନୈତିକ ମୋଡ଼ ନେଇଛି । ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ପରେ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି ।

ମନ୍ତ୍ରୀ କହିଛନ୍ତି, ବିଧାୟକମାନେ ହେଲେ ଜନପ୍ରତିନିଧି । ରାଜନୀତିରେ ଚାପ ରହିବ, ହେଲେ ଭୋଟ ପାଇବା ପାଇଁ ଆଶା ରଖି ଶିକ୍ଷକମାନଙ୍କୁ ବଦଳି କରା ନ ଯାଉ । ନିର୍ବାଚନମଣ୍ଡଳୀରେ କିଛି ଶିକ୍ଷକଙ୍କ ଜରୁରୀ ଆବଶ୍ୟକତା ଥିବ ତାକୁ ଦେଖିବାର

### ଶିକ୍ଷକଙ୍କ ବଦଳି ରାଜନୀତି

ରହିଛି । ଏହାସହିତ ସରକାରଙ୍କ ନୀତି ଅନୁଯାୟୀ, ୬ବର୍ଷ ଚାକିରିକୁ ମଧ୍ୟ ଗୁରୁତ୍ୱ ଦେବାର ରହିଛି । ଛାତ୍ରୀଛାତ୍ରଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ମିଳିବ ତାହା ବିଧାୟକମାନଙ୍କ ପ୍ରାଥମିକତା ହେବା ଉଚିତ । ଏହାସହିତ ବିଦ୍ୟାଳୟରେ ଶିକ୍ଷକଙ୍କ ଆନୁପାତିକ ହାରକୁ ବିଚାର କରି ବିଧାୟକମାନେ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି ।

ବିଧାୟକ ଗଣେଶ୍ୱର ବେହେରାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ସମୟରେ ମଧ୍ୟ ୧୦ଜଣ ଶିକ୍ଷକଙ୍କୁ ବଦଳି ନେଇ ବିଧାୟକଙ୍କ ସୁପାରିସ ପ୍ରକ୍ରିୟା ରହିଥିଲା । ବର୍ତ୍ତମାନ ରାଜ୍ୟ ସରକାର ଏହି ବ୍ୟବସ୍ଥା ଆପଣାଇଛନ୍ତି । ଏହାଦ୍ୱାରା ନିର୍ବାଚନମଣ୍ଡଳୀରେ ଯେଉଁ ଶିକ୍ଷକ ସମସ୍ୟାରେ ଥିବେ ତାହା ଲାଘବ ହୋଇପାରିବ । ମାତ୍ର ଏହାକୁନେଇ ରାଜନୀତି କରାଯିବା ଉଚିତ ନୁହେଁ ।

ଉଲ୍ଲେଖଯୋଗ୍ୟ, ଶିକ୍ଷକଙ୍କ ବଦଳି ସଂକ୍ରାନ୍ତରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ବୁଧବାର କହିଥିଲେ, ଶିକ୍ଷକଙ୍କ ବଦଳି ଲାଗି ଲୋକେ ଦୁଆରେ ଧାଡ଼ି ବାନ୍ଧୁଛନ୍ତି । ତେବେ ୧୫ଜଣ ଶିକ୍ଷକଙ୍କ ବଦଳି ଦାୟିତ୍ୱ ବିଧାୟକଙ୍କୁ ଏବେ ଅଡୁଆରେ ପକାଇଛି ।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଭାଗୀୟ ମନ୍ତ୍ରୀ ବର୍ଷକରେ ୫ହଜାର ଶିକ୍ଷକଙ୍କୁ ବଦଳି କରୁଛନ୍ତି । ବିଧାୟକଙ୍କୁ ୫୦୦ ଶିକ୍ଷକଙ୍କ ବଦଳି ଦାୟିତ୍ୱ ଦିଅନ୍ତୁ ।

ପ୍ରଥମ ପୃଷ୍ଠାରୁ...

## ଆମେରିକାରୁ ମୁହଁ...

ରୁଷିଆ ଓ ବ୍ରିଟେନ୍ ସମେତ ଅନ୍ୟ କେତେକ ଦେଶରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ହତୋତ୍ସାହିତ ପିଲା, ଭୟଭୀତ ମାତାପିତା ଅହମଦାବାଦରେ ଏକ ଶିକ୍ଷା କନ୍‌ସଲ୍‌ଟାନ୍ସି ଚଳାଉଥିବା ସୁଭାଷ ଦେବତ୍ୱାଲଙ୍କୁ କଲ୍ କରି ତାଙ୍କ ପରାମର୍ଶ ନେଉଛନ୍ତି । ସେମାନେ ସମସ୍ତେ ଗୋଟିଏ ପ୍ରଶ୍ନ କରୁଛନ୍ତି-ଆମେରିକାରେ ପାଠ ପଢ଼ିବା କ'ଣ ଏବେ ବି ସମ୍ଭବ?

ଗତବର୍ଷ ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୩,୩୦,୦୦୦ ଭାରତୀୟ ଛାତ୍ରୀଛାତ୍ର ନାମ ଲେଖାଇଥିଲେ । ଏପରି କି ସେଠାରେ ସର୍ବାଧିକ ପାଠପଢୁଥିବା ଚାଇନା ପିଲାଙ୍କୁ ଭାରତୀୟ ବିଦ୍ୟାର୍ଥୀ ସଂଖ୍ୟାରେ ପ୍ରଥମ ଥର ପାଇଁ ଟପିଯାଇଥିଲେ । ଭାରତୀୟ ପରିବାରମାନେ ସେମାନଙ୍କ ଜୀବନର ସଞ୍ଚିତ ସବୁ ଅର୍ଥକୁ ଆମେରିକାରେ ନିଜ ପିଲାଙ୍କ ପାଠପଢ଼ା ପାଇଁ ବିନିଯୋଗ କରୁଥିଲେ । କାରଣ ଆମେରିକାରେ ପାଠପଢ଼ିଲେ ସଫଳତା ସୁନିଶ୍ଚିତ ବୋଲି ଅଧିକାଂଶ ଭାରତୀୟ ବିବେଚନା କରନ୍ତି । ତେବେ ଟ୍ରମ୍ପ ପ୍ରଶାସନ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ କରୁଥିବାରୁ ଏହି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଦେବତ୍ୱାଲଙ୍କ ସଂସ୍ଥା ପୂର୍ବବର୍ଷଗୁଡ଼ିକରେ ଆମେରିକାକୁ ଶତାଧିକ ପିଲାଙ୍କୁ ପଠାଉଥିବାବେଳେ ଏବେ ଏହି ସଂଖ୍ୟା ୧୦କୁ ଖସିଆସିଛି ।


ଟ୍ରମ୍ପ ପ୍ରଶାସନ ସମସ୍ତ ବିଦେଶୀ ପିଲାଙ୍କ ଉପଯୁକ୍ତତାକୁ ନ ପରଖି ସୋସିଆଲ ମିଡିଆ ଜରିଆରେ ଯାଞ୍ଚ କାର୍ଯ୍ୟକୁ ଜୋର୍‌ଦାର କରିଛି । ଏଥିସହ ବୈଶ୍ୱିକ ସ୍ତରରେ ସମସ୍ତ ଷ୍ଟୁଡେଣ୍ଟ ଭିଜାକୁ ବନ୍ଦ କରିଦେଇଛି । ଏଥିଯୋଗୁ ବହୁ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଆମେରିକା ସ୍ୱପ୍ନ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ଭାରତୀୟ ଛାତ୍ରୀଛାତ୍ର ଆମେରିକାରେ ପଢ଼ିବା ପାଇଁ ଅନେକ ବର୍ଷ ଧରି ପ୍ରସ୍ତୁତି ଚଳାଇଥାଆନ୍ତି । କିନ୍ତୁ ଟ୍ରମ୍ପ ପ୍ରଶାସନର ଏଭଳି ନୀତିକୁ ନେଇ ସେମାନେ ଆମେରିକାକୁ ପାଠ ପଢ଼ିବାକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଆମେରିକାରେ ବର୍ଷକର ଟିଉଶନ ଫି ବର୍ତ୍ତମାନ ୪୦,୦୦୦ ଡଲାରରୁ ୮୦,୦୦୦ ଡଲାରକୁ ବୃଦ୍ଧି ପାଇଛି ।

ସୁରଟର ଟେକ୍ସଟାଇଲ ବ୍ୟବସାୟୀ ବ୍ରିଜେଶ ପଟେଲ କହିଛନ୍ତି, ସେ ପୁଅଙ୍କୁ ଆମେରିକା ପଠାଇବା ପାଇଁ ପ୍ରାୟ ୧୦ ବର୍ଷ ଧରି ଟଙ୍କା ସଞ୍ଚୟ କରିଆସୁଥିଲେ । ଏପରି କି ନିଜ ସ୍ତ୍ରୀଙ୍କ ସୁନା ଅଳଙ୍କାର ବିକିଦେବା ସହ ସମ୍ପର୍କୀୟମାନଙ୍କଠାରୁ ଧାର କରିଥିଲେ । କିନ୍ତୁ ଏବେ ରିସ୍କ ନେବାକୁ ଚାହୁଁନାହାନ୍ତି । ପୁଅ ଆମେରିକାକୁ ଯିବା ପରେ ସବୁକିଛି ଠିକ୍‌ରେ ନ ଚାଲିଲେ ଟଙ୍କା ପାଣିରେ ପଡ଼ିଯିବ । ପୁଣି ଏତେ ଟଙ୍କା କେଉଁଠୁ ଆଣିବୁ ବୋଲି ବ୍ରିଜେଶ ପ୍ରଶ୍ନ କରିଛନ୍ତି । ଆବେଦନ ପାଇଁ ସହାୟତା ପ୍ରଦାନ କରିଥିବା କନ୍‌ସଲ୍‌ଟାନ୍ସିକୁ ବ୍ରିଜେଶ ୭ ଲକ୍ଷ ଟଙ୍କା ପଇଠ କରିଥିଲେ । ବର୍ତ୍ତମାନ ସେ କହୁଛନ୍ତି, ଆଉ ବର୍ଷେ ଅପେକ୍ଷା କରିବେ । ସ୍ଥିତିରେ ଉନ୍ନତି ଆସିଲେ ପୁଅକୁ ପଠାଇବେ । ସେହିପରି ଏଜୁକେଶନ୍ ଟେକ୍ନୋଲୋଜି କମ୍ପାନୀ ଆଡ୍‌ମିଟ୍‌କାର୍ଡର ସହପ୍ରତିଷ୍ଠାତା ପୀୟୂଷ ଭାରତୀୟ କହିଛନ୍ତି, ଅନେକ ପିତାମାତା ନିଜ ପିଲାଙ୍କୁ ଆମେରିକା ପଠାଇବା ଉପରେ ପୁନର୍ବିଚାର କରୁଛନ୍ତି । ନ୍ୟୁୟର୍କ ୟୁନିଭର୍ସିଟିରେ ପଢୁଥିବା କେତେଜଣ ଭାରତୀୟ ଛାତ୍ରୀଛାତ୍ର ୟୁଏସ୍ ଭିଜା ଇଣ୍ଟରଭ୍ୟୁ ବନ୍ଦ ହେବା ପରେ ଲଣ୍ଡନ୍ ସ୍କୁଲ୍ ଅଫ୍ ଇକୋନୋମିକ୍ସକୁ ଯିବା ପାଇଁ ଯୋଜନା କରୁଛନ୍ତି । ଆମେରିକାରେ ବିଶେଷକରି ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଓ ମେଥ୍ସ ପଢୁଥିବା ପିଲା ଅନ୍ୟ ଦେଶଗୁଡ଼ିକ ଆଡ଼କୁ ମୁହାଁଉଛନ୍ତି । ଏଭଳି ବିଷୟ ସମ୍ପର୍କିତ ପାଠ୍ୟକ୍ରମ ସକାଶେ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଏବେ ଜର୍ମାନୀ ପ୍ରଥମ ପସନ୍ଦ ହୋଇଥିବାବେଳେ ଆୟର୍ଲାଣ୍ଡ, ଫ୍ରାନ୍ସ, ନେଦରଲାଣ୍ଡ୍ସ ମଧ ଉପଯୁକ୍ତ ଷ୍ଟଡି ଡେଷ୍ଟିନେଶନ୍ ପାଲଟିଛି ।

## ପ୍ଲାଷ୍ଟିକ୍ ବର୍ଜନ...

ରାଜ୍ୟ ସରକାର ପ୍ରାୟ ସାଢେ ୬ କୋଟି ରୁ ଊର୍ଦ୍ଧ୍ୱ ଗଛ ଲଗାଇ ଏହି ଅଭିଯାନକୁ ସଫଳ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପରେ ଜଙ୍ଗଲ ଓ ବୃକ୍ଷ ଆବରଣରେ ପାଖାପାଖି ୫୬୦ ବର୍ଗ କି.ମି. ନେଟ୍ ବୃଦ୍ଧି ହୋଇଛି, ଯାହା ସମସ୍ତ ରାଜ୍ୟ ମଧ୍ୟରେ ୪ର୍ଥ ସର୍ବାଧିକ । ଜନସାଧାରଣ ଓ ଅନୁଷ୍ଠାନଗୁଡ଼ିକ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣକରି ରେକର୍ଡ ସୃଷ୍ଟି କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ୧୦୭ତମ ଜାତୀୟ ଉଦ୍ୟାନର ମାନ୍ୟତା ଶିମିଳିପାଳ ପାଇଛି । 'ଆମ ଶିମିଳିପାଳ' ଯୋଜନା ମାଧ୍ୟମରେ ବନ୍ୟପ୍ରାଣୀ ଓ ଉଦ୍ଭିଦ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦରେ ଏକ ନୂତନ ପ୍ରୟାସ ରାଜ୍ୟ ସରକାର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମରେ କୃଷି ଶିକ୍ଷା ସଦନଠାରେ ଚାରାରୋପଣ କରିଥିଲେ ଏବଂ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ଦିବସ ଉପଲକ୍ଷେ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

## ଜମ୍ମୁ ଓ କଶ୍ମୀରର
# ବିକାଶର ଅୟମାରମ୍ଭ



## ₹୪୪,୦୦୦ କୋଟିର
### ରେଳ ପ୍ରକଳ୍ପ ଉପହାର

### ଉଦ୍‌ଘାଟନ

#### ଚେନାବ୍ ସେତୁ
**(ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ)**

- ୩୫୯ ମିଟର ଉଚ୍ଚତା, ୧୩୧୫ ମିଟର ଦୈର୍ଘ୍ୟ ଓ ୪୬୭ ମିଟର ତୋରଣ ସ୍ପାନ୍
- ଏହି ସେତୁ ଜମ୍ମୁ ଓ କଶ୍ମୀରର ରିଆସି ଜିଲ୍ଲାର କାଉରି ଓ ବକ୍କାଲ୍ ଅଞ୍ଚଳକୁ ସଂଯୋଗ କରିବ

#### ଅଞ୍ଜି ସେତୁ
**(ଭାରତ ପ୍ରଥମ କେବୁଲ୍ ଷ୍ଟେଡ୍ ରେଲ ସେତୁ)**

- ୭୨୫ ମିଟର ଦୈର୍ଘ୍ୟ, ୨୯୦ ମିଟର ମେନ୍ ସ୍ପାନ୍
- ଏହି ବ୍ରିଜ୍ ଜମ୍ମୁ ଓ କଶ୍ମୀରର କଟ୍ରା ଓ ରିଆସି ଜିଲ୍ଲାକୁ ସଂଯୋଗ କରିବ
- ଏକକ ବୃହତ୍ ପାଇଲନ୍ ସହିତ ୯୬ ଟି କେବୁଲ୍ ସଂଯୁକ୍ତ, ୧୯୩ ମିଟର ଉଚ୍ଚ

### ରାଷ୍ଟ୍ରକୁ ସମର୍ପଣ

#### ଉଧମପୁର-ଶ୍ରୀନଗର-ବାରାମୁଲା
**ରେଳ ଲିଙ୍କ ପ୍ରକଳ୍ପ (ୟୁଏସବିଆରଏଲ୍)**

- ବିକଶିତ ସମସ୍ତ ଜଳବାୟୁରେ ରେଳ ସଂଯୋଗ ଯାହା ଜମ୍ମୁ ଓ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହିତ ସଂଯୋଗ କରିବ
- ଏହାର ମୋଟ୍ ଦୈର୍ଘ୍ୟ ୨୭୨ କିମି ଓ ଟି-୫୦ (ଭାରତରେ ସବୁଠାରୁ ଦୀର୍ଘ କାର୍ଯ୍ୟକ୍ଷମ ଟନେଲ୍) କୁ ଅନ୍ତର୍ଭୁକ୍ତ କରି ୩୬ ଟି ଟନେଲ୍ ଓ ୯୪୩ ଟି ସେତୁ ରହିଛି।

### ପତାକା ଦେଖାଇ ଶୁଭାରମ୍ଭ

#### ୨ ବନ୍ଦେ ଭାରତ ଟ୍ରେନ୍
**ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା-ଶ୍ରୀନଗର ଓ ଶ୍ରୀନଗର-ଶ୍ରୀ ମାତା ବୈଷ୍ଣୋ ଦେବୀ କଟ୍ରା**

- ଶ୍ରୀନଗରକୁ ପ୍ରଥମ ସେମି ହାଇସ୍ପିଡ୍ ଟ୍ରେନ
- ପର୍ଯ୍ୟଟନ ଓ ଆଞ୍ଚଳିକ ଯୋଗାଯୋଗରେ ବିକାଶ
- ମାତ୍ର ୩ ଘଣ୍ଟା ମଧ୍ୟରେ କଟ୍ରାରୁ ଶ୍ରୀନଗରକୁ ଯାତ୍ରା ସମ୍ଭବ

କରିବେ

# ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀ

### ସଦୟ ଉପସ୍ଥିତି

**ନିତୀନ ଜୟରାମ ଗଡ଼କରି**
ସଡ଼କ ପରିବହନ ଓ ରାଜପଥ କେନ୍ଦ୍ର ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି କେନ୍ଦ୍ର ମନ୍ତ୍ରୀ

**ଡ.ଜିତେନ୍ଦ୍ର ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଭାରପ୍ରାପ୍ତ) ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଭୂବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ବିଭାଗ ଓ ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ

**ଭି ସୋମାନ୍ନା**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଜଳଶକ୍ତି

**ରବନୀତ ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

**ମନୋଜ୍ ସିହ୍ନା**
ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ଅଧ୍ୟକ୍ଷ, ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ

**ଓମାର ଅବଦୁଲ୍ଲା**
ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁରିନ୍ଦର କୁମାର ଚୌଧୁରୀ**
ଉପମୁଖ୍ୟମନ୍ତ୍ରୀ ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ

**ଯୁଗଳ କିଶୋର**
ସାଂସଦ (ଲୋକସଭା), ଜମ୍ମୁ

**ଆଗା ସୟଦ୍ ରୁହୁଲ୍ଲା ମେହଦି**
ସାଂସଦ (ଲୋକସଭା) ଶ୍ରୀନଗର

**ଗୁଲାମ ଅଲ୍ଲୀ**
ସାଂସଦ, ରାଜ୍ୟସଭା

ଶୁକ୍ରବାର, ୦୬ ଜୁନ୍, ୨୦୨୫ | ପୂର୍ବାହ୍ନ ୧୧.୦୦ ଘ. | ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ ସ୍ପୋର୍ଟସ କମ୍ପ୍ଲେକ୍ସ, କଟ୍ରା (ଷ୍ଟାଡିୟମ)

## ଭାରତୀୟ ରେଳପଥ

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ www.indianrailways.gov.in ଆମକୁ ଅନୁସରଣ କରନ୍ତୁ /RailMinIndia

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

-ରୁକ୍ମିଣୀ ବିବାହ, ନିର୍ଜଳା ଏକାଦଶୀ
ଉପବାସ ଓ ହଳ ନିଷେଧ



# ବିପଦରେ ତିବ୍ବତ ମାଳଭୂମି



ବ୍ରହ୍ମ ଚେଲାନି

ସମୁଦ୍ର ପତନଠାରୁ ବହୁ ଉଚ୍ଚରେ ଥିବା ତିବ୍ବତ ମାଳଭୂମି ହେଉଛି ବିଶାଳ ହିମ ଭଣ୍ଡାର। ଉତ୍ତର ମେରୁ ଓ ଆଣ୍ଟାର୍କଟିକାକୁ ବାଦ୍ ଦେଲେ ଏଠାରେ ସବୁଠୁ ଅଧିକ ମଧୁର ଜଳ ଗଚ୍ଛିତ ହୋଇ ରହିଛି। ଏହା ମଧ୍ୟ ଏସିଆର ୧୦ଟି ପ୍ରମୁଖ ନଦୀର ଉତ୍ସ। ଏପରି କି ଚାଇନାର ପ୍ରମୁଖ ଅଞ୍ଚଳର ଦୁଇ ନଦୀ ୟେଲୋ ଓ ୟାଙ୍ଗତେଜ, ଦକ୍ଷିଣପୂର୍ବ ଏସିଆର ମେକଙ୍ଗ, ସାଲୱିନଓ ଇରାୱାଡ଼ି ନଦୀ ଏବଂ ଦକ୍ଷିଣ ଏସିଆର ସିନ୍ଧୁ ଓ ବ୍ରହ୍ମପୁତ୍ର ନଦୀ ମଧ୍ୟ ଏଠାରୁ ବାହାରିଛନ୍ତି। ଏହିସବୁ ନଦୀ ବିଶ୍ୱ ଜନସଂଖ୍ୟାର ପାଖାପାଖି ୨୦% ଲୋକଙ୍କୁ ପାଣି ଯୋଗାଉଛନ୍ତି। ଏବେ ଏହା ବିପତ୍ତିର ସାମ୍ନା କରୁଛି। ସମ୍ପୂର୍ଣ୍ଣ ପରିବେଶ ଧୀରେ ଧୀରେ ଉତ୍ତପ୍ତ ହେବାରେ ଲାଗିଛି, ଯାହା ସମଗ୍ର ଏସୀୟ ଉପମହାଦେଶର ଜଳ ସୁରକ୍ଷା, ପରିସଂସ୍ଥାଗତ ସମନ୍ୱୟ ଏବଂ ଭୂରାଜନୈତିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିଛି। ଦୁଇ ଦଶନ୍ଧି ଧରି ଚାଇନା ଲଗାତର ଭାବେ ଡ୍ୟାମ ନିର୍ମାଣ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେଇ ଆସିଛି। ତିବ୍ବତ ବ୍ୟତୀତ ଅନ୍ୟ ସ୍ଥାନରେ ବି ଏହା କରୁଛି। ତଥାପି ଚାଇନା ସରକାର ଏହି ନଦୀଗୁଡ଼ିକର ତଳମୁଣ୍ଡରେ ଥିବା ଦେଶଗୁଡ଼ିକ ସହ ଏକ ଜଳ ବଣ୍ଟନ ଚୁକ୍ତି ପାଇଁ ମନା କରିଦେଇଛି। ଫଳରେ ଉପର ମୁଣ୍ଡରେ ଥିବା ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ଚାଇନା ନିଷ୍ପତ୍ତିର ପରିଣାମ ହିଁ ଭୋଗ କରିବାକୁ ପଡ଼ିବ।

ତିବ୍ବତ ସୀମା ନିକଟରେ ଚାଇନା ବୃହତ୍ ଡ୍ୟାମଗୁଡ଼ିକ ନିର୍ମାଣ କରିସାରିଲାଣି। ଫଳରେ ମେକଙ୍ଗ ନଦୀ ଜଳସ୍ତର ଅତ୍ୟଧିକ କମିଯାଇଛି। କାମ୍ବୋଡ଼ିଆ, ଲାଓସ, ଥାଇଲାଣ୍ଡ ଏବଂ ଭିଏତନାମ ଭଳି ଦେଶଗୁଡ଼ିକର ଜୀବନଜୀବିକା ଓ ମତ୍ସ୍ୟସମ୍ପଦ ଉପରେ ଏହା ବିନାଶକ ପ୍ରଭାବ ପକାଇଛି। ଚାଇନା ଡ୍ୟାମ୍ ନିର୍ମାଣ କରିବା ଦ୍ୱାରା ଦକ୍ଷିଣ ଭିଏତନାମରେ ମେକଙ୍ଗ ଧୋୟା ଅଞ୍ଚଳ ଶୁଷ୍କ ହୋଇଯାଉଥିବାରୁ ଧାନଚାଷୀମାନେ ସେମାନଙ୍କ ପାରମ୍ପରିକ ଜୀବିକା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଏହା ପରିବର୍ତ୍ତେ ଚିଙ୍ଗୁଡ଼ି କିମ୍ବା ରିଡ୍ (ଏକ ପ୍ରକାର ଡେଙ୍ଗା ଘାସ) ଚାଷ କରୁଛନ୍ତି। ୟାଙ୍ଗତେଜ ନଦୀ ଉପରେ ନିର୍ମାଣ କରିଥିବା ଦି ଥ୍ରି ଜର୍ଜସ୍ ଡ୍ୟାମ ବିଶ୍ୱର ସବୁଠୁ ବଡ଼। କିନ୍ତୁ ଏହି ଡ୍ୟାମ୍ ଏବେ ୟାରଲଙ୍ଗ ଜାଙ୍ଗବୋ ନଦୀ (ଏହା ମଧ୍ୟ ବ୍ରହ୍ମପୁତ୍ର ଭାବେ ଜଣାଶୁଣା)ରେ ଚାଇନା ନିର୍ମାଣ କରୁଥିବା ଡ୍ୟାମ୍‌ଠାରୁ ଛୋଟ ହେବ। ଉଲ୍ଲେଖନୀୟ ଯେ, ତିବ୍ବତର ଭୂମିକମ୍ପ ପ୍ରବଣ ଅଞ୍ଚଳରେ ଏହା ନିର୍ମାଣ କରାଯାଉଛି। ଯଦି ଏହି ପ୍ରକଳ୍ପ ଶେଷ ହୁଏ, ତେବେ ଭାରତ ଓ ବାଂଲାଦେଶରେ ଜଳପ୍ରବାହ ଭୀଷଣ ଭାବେ ପ୍ରଭାବିତ ହେବ। ଏହି ଦେଶଗୁଡ଼ିକରେ ଖାଦ୍ୟ ସୁରକ୍ଷା, ପରିସଂସ୍ଥାଗତ ସମନ୍ୱୟ ଉପରେ ବିପଦ ସୃଷ୍ଟି ହେବ।

ବିଶ୍ୱରେ ଏବେ ଜଳଯୁଦ୍ଧର ସଙ୍କଟ ବଢୁଛି। ପାଣି ଖୁବ୍‌ଶୀଘ୍ର



ଶକ୍ତିର ନୂଆ ଇନ୍ଧନ, ଏକ ରଣନୀତିକ ସାଧନ ହେବାକୁ ଯାଉଥିବାରୁ ତାହାକୁ ନେଇ ବିବାଦ ସୃଷ୍ଟି ହେବାର ଅଧିକ ସମ୍ଭାବନା ରହିଛି। ଦେଖିବାକୁ ଗଲେ ଦେଶ ଭିତରେ ବିଭିନ୍ନ ରାଜ୍ୟ ତଥା ଦେଶ-ଦେଶ ମଧ୍ୟରେ ଜଳ ବିବାଦ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। କିନ୍ତୁ ତିବ୍ବତ ମାଳଅଞ୍ଚଳ ଉପରେ ଚାଇନାର ଆକ୍ରମଣ କେବଳ ଜଳରେ ସୀମିତ ରହିନାହିଁ। ତିବ୍ବତର ଖଣିଜ ସମୃଦ୍ଧ ଅଞ୍ଚଳକୁ ଦଖଲ କରି ଖନନ କରୁଛି; ଯେଉଁଠି ଲିଥିୟମ, ସୁନା ଏବଂ ତାମ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସଂସାଧନ ଗଚ୍ଛିତ ଅଛି। ଫଳରେ ଜଙ୍ଗଲ ଧ୍ୱଂସ ହେବା ସହ ବିଷାକ୍ତ ବର୍ଜ୍ୟ ସୃଷ୍ଟି ହେଉଛି । ତେବେ ଚାଇନା କରୁଥିବା କ୍ଷତି ସମ୍ପର୍କରେ ସବିଶେଷ ଜାଣିବା ଅସମ୍ଭବ। କାରଣ ଏହି ଅଞ୍ଚଳକୁ ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକଙ୍କ ପ୍ରବେଶ ନିଷେଧ। ତିବ୍ବତୀୟ ସ୍ଥାନୀୟ ଅଧିବାସୀଙ୍କର ପରିବେଶ ଓ ସଂସ୍କୃତି ପ୍ରତି ଥିବା ଭଲ ପାଇବା ପରିବେଶଗତ ନେତୃତ୍ୱର ଲମ୍ବା ଇତିହାସକୁ ଦୃଢ଼ କରିଛି। ହେଲେ ସେମାନଙ୍କ ଅଞ୍ଚଳ ପ୍ରତି ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ ଜଣାଇବା ଲାଗି ସେମାନେ ନେଉଥିବା ପଦକ୍ଷେପଗୁଡ଼ିକୁ ଦବାଇ ଦିଆଯାଉଛି। ବହୁ ସମୟରେ ସେମାନଙ୍କୁ ଜେଲରେ ରଖାଯାଉଛି କିମ୍ବା ନିର୍ବାସିତ କରାଯାଉଛି।

ଜଳବାୟୁ ପରିବର୍ତ୍ତନର ସମ୍ଭାବ୍ୟ ବିପଦ ବୃଦ୍ଧିକୁ ଦେଖିଲେ, ଏହା ନିଃସନ୍ଦେହ ଯେ, ତିବ୍ବତ ମାଳଭୂମିର ପରିସଂସ୍ଥା ଅଧିକ କ୍ଷତିଗ୍ରସ୍ତ ହୋଇଚାଲିଛି। ଏହି ମାଳଭୂମି ବୈଶ୍ୱିକ ହାରାହାରି ପ୍ରତିଶତର ଦୁଇଗୁଣ ବେଗରେ ଉତ୍ତପ୍ତ ହେଉଛି ଏବଂ ଏଠାରେ ଥିବା ବରଫ ମେରୁ ତୁଳନାରେ ଶୀଘ୍ର ତରଳୁଛି। ଫଳରେ ଏହି ଅଞ୍ଚଳରୁ ଜଳ ଧାରଣ କ୍ଷମତା ହ୍ରାସ ପାଇବା ସହ ନଦୀର ଜଳ ପ୍ରବାହରେ ପରିବର୍ତ୍ତନ ଘଟୁଛି। ଏଭଳି କ୍ଷତିର ଦୀର୍ଘମିଆଦୀ ପରିଣାମ ରହିଛି। ଅନ୍ୟସବୁ ଏସୀୟ ଦେଶଠାରୁ ଉଚ୍ଚରେ ଥିବା ତିବ୍ବତ ମାଳଭୂମି ଏସିଆର ଜଳବାୟୁ, ପାଣିପାଗ ଏବଂ ମୌସୁମୀର ଧାରାକୁ ଅତ୍ୟଧିକ ପ୍ରଭାବିତ କରେ। ବିଷୁବରେଖାରୁ ଉଷ୍ଣ ବାୟୁକୁ ଉତ୍ତରଗୋଲାର୍ଦ୍ଧର ସମୁଦ୍ର ପତନଠାରୁ ଅଧିକ ଉଚ୍ଚରେ ଥିବା ଅଞ୍ଚଳରେ ପହଞ୍ଚାଉଥିବା ବାୟୁପ୍ରବାହର ପ୍ରଣାଳୀକୁ ଏହା ମଧ୍ୟ ପ୍ରଭାବିତ କରେ। ଏଣୁ ଏହି ଅଞ୍ଚଳର କ୍ଷତି ହେଲେ ମରୁଡ଼ି ଓ ବନ୍ୟା ସହ ଜୈବବିବିଧତାର କ୍ଷତି ଅଧିକ ବଢ଼ିଯିବା ସହ କୃଷି ଭୁଶୁଡ଼ି ପଡ଼ିବ। ଫଳରେ ସମଗ୍ର ଏସିଆରେ ଗଣପଳାୟନ ସ୍ଥିତି ଉପୁଜିବ। ଏଭଳି ବିପଦଥିବା ସତ୍ତ୍ୱେ, ବୈଶ୍ୱିକ ଜଳବାୟୁ ମଞ୍ଚଠାରୁ ଆରମ୍ଭ କରି ଜାତିସଂଘ ଓ ବିଶ୍ୱବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ତିବ୍ବତର ସ୍ଥିତିକୁ ନେଇ ପୂରା ନୀରବ ରହିଛନ୍ତି। ଏହାର କାରଣ ଯେ ସେମାନେ ଅଣଦେଖା କରୁଛନ୍ତି ତାହା ନୁହେଁ ବରଂ ଭୟ କରୁଛନ୍ତି। 'ପୃଥିବୀର ଛାତ' କୁହାଯାଉଥିବା ତିବ୍ବତ ମାଳଭୂମିରେ ଚାଇନାର କାର୍ଯ୍ୟକୁ ନେଇ ଗୁରୁତ୍ୱପୂର୍ଣ୍ଣ ସମାଲୋଚନା ଉଠୁଛି। କିନ୍ତୁ ଚାଇନା ତାହାକୁ ଦବାଇ ଦେବା ପାଇଁ ଶକ୍ତି ପ୍ରୟୋଗ କରୁଛି। ବିପଦକୁ ଦେଖିଲେ, ଅନ୍ତର୍ଜାତୀୟ ସମୁଦାୟ ଚାଇନା ସୃଷ୍ଟି କରୁଥିବା କ୍ଷତି ବିରୋଧରେ ସ୍ୱର ଉଠାଇପାରୁନାହାନ୍ତି। ତିବ୍ବତରେ ଚାଇନାର କାର୍ଯ୍ୟକଳାପଗୁଡ଼ିକର ସ୍ୱଚ୍ଛତା ପାଇଁ ଅନ୍ତଃରାଷ୍ଟ୍ରୀୟ ସମୁଦାୟ ଲଗାତର ଚାପ ପକାଇବା ଦରକାର। ଅନ୍ତଃରାଷ୍ଟ୍ରୀୟ ପରିବେଶ ଆକଳନ ପାଇଁ ଚାଇନା ସମୟ ଅନୁଯାୟୀ ଜଳ ପ୍ରବାହ, ବଣ୍ଟନର ବାସ୍ତବ ତଥ୍ୟ ଏବଂ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଜଣାଇବା ଦରକାର। ସ୍ୱାଧୀନ ଭାବେ ପରିବେଶ ସମ୍ପର୍କରେ ଗବେଷଣା ଓ ସମୀକ୍ଷା କରୁଥିବା ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ ଏବଂ ନିଷ୍ପକ୍ଷ ଅନୁଧ୍ୟାନ କରିବା ପାଇଁ ତିବ୍ବତକୁ ଯିବା ସକାଶେ ଅନୁମତି ଦିଆଯିବା ଆବଶ୍ୟକ।

ତିବ୍ବତର ମୂଳ ଅଧିବାସୀଙ୍କ ସମେତ ୨୦୦୦ ମସିହାରୁ ପୈତୃକ ଭିଟାମାଟିରୁ ବଳପୂର୍ବକ ସ୍ଥାନାନ୍ତର ହୋଇଥିବା ଲୋକଙ୍କ ଅଧିକାରକୁ ଚାଇନା ଉଲ୍ଲଂଘନ କରୁଥିବାରୁ ଏଥିପାଇଁ ତାହାକୁ ଉତ୍ତରଦାୟୀ କରାଯିବା ଉଚିତ। ଚାଇନାକୁ ଦାୟୀ କରିବାରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଏବଂ ଅନ୍ତଃରାଷ୍ଟ୍ରୀୟ ସଂସ୍ଥାର ସବୁ କ୍ଷମତା ଅଛି। ପରିବେଶଗତ ସ୍ୱଚ୍ଛତା, ମୂଳ ଅଧିବାସୀଙ୍କ ଅଧିକାରକୁ ସମ୍ମାନ ଓ ନଦୀଜଳ ବଣ୍ଟନ ବ୍ୟବସ୍ଥାର ନ୍ୟାୟସଙ୍ଗତ ପରିଚାଳନାଠାରୁ ଆରମ୍ଭ କରି ବାଣିଜ୍ୟିକ ବୁଝାମଣା ଓ ଜଳବାୟୁ ସହଯୋଗ ପାଇଁ ଚେଷ୍ଟା କରି ସେମାନେ ଚାଇନାକୁ ତାହାର କାର୍ଯ୍ୟକଳାପରେ ପରିବର୍ତ୍ତନ କରିବା ପାଇଁ ଚାପ ପକାଇପାରିବେ। ତିବ୍ବତର ସ୍ଥାନୀୟ ସ୍ୱର ଓ ନାଗରିକ ସମାଜର ନେଟୱର୍କଗୁଡ଼ିକୁ ସିଧାସଳଖ ସମର୍ଥନ ମଧ୍ୟ ସ୍ୱଚ୍ଛତା ବଢ଼ାଇବାରେ ସାହାଯ୍ୟ କରିବ। ତିବ୍ବତ ମାଳଭୂମିରେ ବଢୁଥିବା ସଙ୍କଟକୁ ଏବେ ଅଣଦେଖା କରିବା ଭବିଷ୍ୟତ ପାଇଁ ଠିକ୍ ନୁହେଁ। ଚାଇନାର ଅତ୍ୟଧିକ ଆର୍ଥିକ ଓ ଭୂରାଜନୈତିକ ପ୍ରଭାବ ଅଛି ଏବଂ ଏହାକୁ ପ୍ରୟୋଗ କରିବାକୁ ଭୟ କରେ ନାହିଁ। କିନ୍ତୁ ତା' ଉପରେ ପଦକ୍ଷେପ ନ ନିଆଯିବା ଅତ୍ୟନ୍ତ ଦୁଃଖଦାୟକ। ତିବ୍ବତ ହେଉଛି ଏସିଆର ପରିସଂସ୍ଥାଗତ ଜୀବନରେଖା। ଏହାକୁ କ୍ଷତି କରି ସାରା ଉପମହାଦେଶ ଏବଂ ଏହା ବାହାରେ ଥିବା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସକାଶେ ଚାଇନାକୁ ଅନୁମତି ଦେବା ଉଚିତ ନୁହେଁ।

**ପ୍ରଫେସର ଏମରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍, ସେଣ୍ଟର ଫର ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଜଣେ କୁଳିର କାହାଣୀ



ଅନୀତା ପଟ୍ଟନାୟକ

କଟକ ରେଲଷ୍ଟେଶନର ପଛପଟେ ଥାଏ ଏକ କୁଲିବସ୍ତି। ସେହି ବସ୍ତିରେ ଅନେକପ୍ରକାର ଦୁରାରୋଗ୍ୟ ଦେଖାଦିଏ। ଭାରି ଅପରିଷ୍କାର ଓ ଅପରିଚ୍ଛନ୍ନ ବସ୍ତିଟି। କୁଢ଼ କୁଢ଼ ମଇଳା ଭିତରେ ଗଣେଶ କୁଲି, ତା' ସ୍ତ୍ରୀ ସବିତା ଓ ତା'ର ଗୋଟିଏ ଛୋଟ ଝିଅ ରୀତା ରହୁଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ସେଠାକୁ ଯାଏନା। ସେ ଗାଡ଼ିଟି କେବଳ କଟକ ସହରରେ ରହୁଥିବା ଧନାଢ଼୍ୟ ବ୍ୟକ୍ତିମାନଙ୍କ ଘର ଦେଇ ଯାଏ। ଗଣେଶ ଥରେ କଟକର ମେୟରଙ୍କୁ ଦେଖି ତାଙ୍କ ବସ୍ତିକୁ ଅଳିଆ ଆବର୍ଜନା ଉଠାଉଥିବା ଗାଡ଼ି କାହିଁକି ଆସୁନାହିଁ ବୋଲି ପଚାରିଲା। ମେୟର କହିଲେ, ସରକାରଙ୍କ ସଂକଳ୍ପ ଅନୁସାରେ ସବୁକିଛି ଘଟୁଛି। ଗଣେଶ ପଚାରିଲା, ସଂକଳ୍ପମାନେ କ'ଣ? ତା'ର ସ୍ତ୍ରୀର ଦେହରେ କିଛିଦିନ ହେବ ଜ୍ୱର ରହୁଛି, ଝିଅକୁ ମଧ୍ୟ ଜ୍ୱର। ତେଣୁ ସେ ମେୟରଙ୍କୁ ପଚାରିଲା, ଆମ ଆଡ଼େ କେବେ ଆବର୍ଜନା ଉଠାଉଥିବା ଗାଡ଼ି ଆସିବ?

ମେୟରଙ୍କ ସହ ଯାଇଥିବା ନରହରି ଆଡ଼କୁ ମେୟର ଚାହିଁ କହିଲେ, ଏ ମୂର୍ଖଟାକୁ ବୁଝାଇଦେ। ନରହରି କହିଲା ସଂକଳ୍ପ ତିନି ପ୍ରକାର। ଯଥା ଯୋଜନା ସଂକଳ୍ପ, ଯାହାର ଅର୍ଥ ଅନେକ ବିଚାର ଆଲୋଚନା ପରେ ଯେଉଁ ସଂକଳ୍ପ ଗ୍ରହଣ କରାଯାଏ ତାକୁ ଯୋଜନା ସଂକଳ୍ପ କହନ୍ତି। ଦ୍ୱିତୀୟ ମନନ ସଂକଳ୍ପ। କୌଣସି କର୍ମ କରିବାର ଇଚ୍ଛା ଜାଗ୍ରତ ହେଲା ପରେ କିଛି ସଂକଳ୍ପ ଗ୍ରହଣ କରିବାକୁ ମନନ ସଂକଳ୍ପ କୁହାଯାଏ। ତୃତୀୟ ହେଲା ସ୍ୱ ସଂକଳ୍ପ - ସଂକଳ୍ପ ଓ ସିଦ୍ଧି ତତ୍‌କ୍ଷଣାତ ଘଟେ। ଯେମିତି ବନ୍ଧୁକରେ ଗୁଳି ଫୁଟିବା ଓ ଲକ୍ଷ୍ୟ ଭେଦ ହେବାରେ ସମୟ ବ୍ୟବଧାନ କିଛି ନ ଥାଏ।

ଗଣେଶ ଏସବୁ କିଛି ବୁଝିପାରିଲା ନାହିଁ। କହିଲା ବାବୁ, ମୁଁ ଏସବୁ କିଛି ବୁଝିପାରୁନାହିଁ। ନରହରି କହିଲା, ସରକାରୀ ଜମି ମାଡ଼ିବସି ବସ୍ତି କୁଡ଼ିଆ କରି ରହୁଛୁ। କଟକ ସହରରେ ରହୁଥିବା ବଡ଼ବଡ଼ିଆ ଲୋକଙ୍କ ପାଇଁ ସଂକଳ୍ପ ଯୋଜନା ପ୍ରସ୍ତୁତ ହେଉଛି। ତୁ ତ କୁଲି ମୂଲିଆଟେ। ତମମାନଙ୍କ ପାଇଁ ସ୍ୱସଂକଳ୍ପ ହିଁ ପ୍ରୟୋଜନ। ତୁମ ପାଖକୁ କେବେ ମଧ୍ୟ ଅଳିଆ ଆବର୍ଜନା ସଫା କରୁଥିବା ଗାଡ଼ି ଆସିବ ନାହିଁ। ତେଣୁ ବନ୍ଧୁକରୁ ଗୁଳି ଫୁଟିବା ପରି ଓ ଲକ୍ଷ୍ୟଭେଦ ହେବାପରି ତୁ ଓ ସ୍ତ୍ରୀ ଏବଂ ଝିଅ ବସ୍ତି ସଫାକର ନଚେତ ମେୟର ବାବୁ ରାଗିଗଲେ ତୁମେ ବସ୍ତି ଉଜାଡ଼ି ଦେବେ। ମନେ ମନେ ଗୁଣୁଗୁଣୁ ହୋଇ ନରହରି କହିଲା ସ୍ତ୍ରୀ, ଝିଅଙ୍କ ଜର ଦେଖାଉଛି। ଏ ଦେଶରେ ସେମାନେ ବଞ୍ଚିଲେ କେତେ ମଲେ କେତେ।

ନଭେମ୍ବର ୨୩, ୨୦୨୪ ମସିହା ଝିଅର ମୁଦିପିନ୍ଧା କଲିକତାରେ ହେବ। ମେୟର କେବେଠାରୁ ଅବସର ନେଇଗଲେଣି। ଧର୍ମପତ୍ନୀ ବୃଦ୍ଧା ହୋଇଯାଇଛନ୍ତି। ଝିଅ ଆଗରୁ କଲିକତା ଚାଲିଯାଇଥିବାରୁ ସ୍ୱାମୀ ସ୍ତ୍ରୀ ଗୁଡ଼ାଏ ଜିନିଷପତ୍ର ସହିତ ପୁରୀ-ହାଓଡା ଏକ୍ସପ୍ରେସ୍‌ରେ ଯିବା ପାଇଁ ଷ୍ଟେଶନକୁ ଆସିଥାନ୍ତି। ଶୀତଦିନ ଏତେଗୁଡ଼ାଏ ଜିନିଷ ବୋହିବା କଷ୍ଟକର ହୋଇଥିବାରୁ ମେୟର କୁଲିଟିଏ ଖୋଜୁଥାନ୍ତି। ଏହି ସମୟରେ ଗଣେଶ ଉପରେ ମେୟରଙ୍କ ନଜର ପଡ଼ିଲା। ମେୟର ଗଣେଶକୁ କହିଲେ, ମୋର ଜିନିଷପତ୍ର ଟ୍ରେନ୍‌କୁ ଉଠାଇଦେବ। ମୁଁ ପଇସା ଦେବି। ଗଣେଶ ମେୟରଙ୍କୁ ଚିହ୍ନି ପକାଇଲା, କିନ୍ତୁ ମେୟର ଗଣେଶକୁ ଚିହ୍ନିପାରୁ ନ ଥାନ୍ତି। ମେୟରଙ୍କ ସ୍ତ୍ରୀ କହିଲେ, ମୋ ଝିଅର ମୁଦିପିନ୍ଧା ଉତ୍ସବ ଅଛି। ସେଥିପାଇଁ କଟକରୁ ଏତେ ଜିନିଷ ନେଇ ଯାଉଛି। ଜିନିଷପତ୍ର ଧୀରେ ଉଠାଇ ଦେବ। ମୁଁ ବୁଢ଼ୀଲୋକ ଟ୍ରେନ୍‌ରେ ଉଠିବା ମୋ ପାଇଁ କଷ୍ଟକର। ଗଣେଶ କହିଲା, ମା' ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ସବୁବେଳେ ଧୀର ସ୍ଥିର ଭାବେ କାମ କରେ। ଆମେ ସଂସାରକୁ ଆସିଛେ ପୁଣିଥରେ ଈଶ୍ୱରଙ୍କଠାରେ ପହଞ୍ଚିବା ପାଇଁ। ସେହି ଲକ୍ଷ୍ୟକୁ ଭୁଲି ଯାଇ ମାୟାର ବୋଝକୁ ମୁଣ୍ଡରେ ମୁଣ୍ଡାଇ ବୁଲୁଛେ। ବେକ କଟକଟ ହେଲେ ବୋଝ ଉତ୍ତାରିବା ପାଇଁ ବିକଳ ହେଉଛେ। ଦି'ଦିନିଆ ଭୋଗ ବିଳାସ ପଛରେ ଧାଇଁ କ'ଣ ପାଉଛେ? ଏହି ଭୋଗ ବିଳାସର ବୋଝ ବୋହି ବୋହି ମଣିଷ ଈଶ୍ୱରଙ୍କୁ ଚିହ୍ନିପାରୁ ନାହିଁ। ବାବୁ ଥରେ ଆମ ବସ୍ତିକୁ ଆସିଥିଲେ। ଅଳିଆର ବୋଝକୁ କାଢ଼ିବା ପାଇଁ କେତେ ନେହୁରା ହୋଇଥିଲି। ବାବୁ ଭୁଲିଯାଇଛନ୍ତି। ନରହରି ବାବୁ କହିଥିଲେ, ତୁମ ବସ୍ତିକୁ ନିଜେ ସଫାକର ନ ହେଲେ ମର। କୋଭିଡ୍ ରୋଗରେ ମୋର ସ୍ତ୍ରୀ ଓ ଝିଅ ମରିଗଲେ। ମୋର ଝିଅ ବଞ୍ଚିଥିଲେ ଆଜି ତା'ର ମଧ୍ୟ ବାହାଘର ହେଉଥାନ୍ତା। ଏହି ସମୟରେ ପୁରୀ-ହାଓଡା ଏକ୍ସପ୍ରେସ୍ ଆସି ପହଞ୍ଚିଲା। ମେୟରବାବୁ ତାଙ୍କ ସ୍ତ୍ରୀଙ୍କୁ ଧରି ଟ୍ରେନ୍‌ରେ ଉଠିଗଲେ। ଗଣେଶ ମେୟର ବାବୁଙ୍କର ସବୁ ଜିନିଷ ଚଢ଼ାଇ ଦେଲା। ମେୟର ବାବୁ ପଇସା ଦେବାକୁ ଉଦ୍ୟତ ହେଉଥିବା ସମୟରେ ଗଣେଶ ଗାମୁଛାରେ ଝାଳ ପୋଛି ପୋଛି ଥାଉ ବାବୁ। ମୋର ମଜୁରିରେ କିଛି ଗୋଟିଏ କିଣି ଝିଅଟିକୁ ଉପହାର ଦେଇଦେବେ। ସେ ମୋ'ର ଝିଅ ପରି। ମୁଁ ଆପଣଙ୍କଠାରୁ କୌଣସି ପାରିଶ୍ରମିକ ନେବି ନାହିଁ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଶିକ୍ଷୟିତ୍ରୀଙ୍କ ବୟସ ୪୮। କିନ୍ତୁ ସେ ପଢ଼ାଉନ୍ତି ତାଙ୍କଠାରୁ ଅଧିକ ବୟସ୍କା ମହିଳାଙ୍କୁ। ଏମିତି ଏକ ଶିକ୍ଷାଦାନ କେନ୍ଦ୍ର ଚାଲିଛି ଗୁଜରାଟ ସୁରଟରେ। ଏଠାରେ ବୀଣା କଲାଥିୟା ୧୨୦ ଜଣ ମହିଳାଙ୍କୁ ପ୍ରତିଦିନ ଅପରାହ୍ଣ ୩ଟାରୁ ୫ଟା ଯାଏ ପଢ଼ାଇ ସାକ୍ଷର କରିବାରେ ଲାଗିଛନ୍ତି। ସବୁଠୁ ବଡ଼ କଥା ହେଉଛି ବୀଣା ଓ ତାଙ୍କ ଭଉଣୀ ମୁଖବାସ (ମାଉଥ୍‌ରିଫ୍ରେସର) ବିକ୍ରି କରି ଯାହା ରୋଜଗାର କରୁଛନ୍ତି ସେଥିରେ ମହିଳାଙ୍କ ପାଇଁ ଖାତା, କଲମ, ପେନ୍‌ସିଲ ଆଦି କିଣୁଛନ୍ତି। କହିବାକୁ ଗଲେ ବୀଣା ତାଙ୍କ ନିଜ ଖର୍ଚ୍ଚରେ ପାଠଶାଳାର ପରିଚାଳନା କରୁଛନ୍ତି। ସେ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ପ୍ରଶିକ୍ଷଣ କେନ୍ଦ୍ରରେ ପଢ଼ିନାହାନ୍ତି। କିନ୍ତୁ ଘରେ ତାଙ୍କ ପିଲାଙ୍କୁ ପଢ଼ାଇବା ସମୟରେ ଏଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ପିଲାମାନେ ବଡ଼ ହୋଇଯିବା ପରେ ବୀଣା ସୁରଟର ରାସ୍ତା ଆଲୋକରେ ପ୍ରଥମେ ଜଣେ ଦୁଇଜଣ ମହିଳାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ମହିଳାଙ୍କ ସଂଖ୍ୟା ବଢ଼ିଚାଲିଲା ଓ ନଅ ବର୍ଷ ପରେ ଏବେ ମହିଳାଙ୍କ ସଂଖ୍ୟା ୧୨୦ରେ ପହଞ୍ଚିଛି। ଏବେ ଆଉ ରାସ୍ତାରେ ନ ପଢ଼ାଇ ଏକ ବରିଷ୍ଠ ନାଗରିକ କେନ୍ଦ୍ରର ଘରେ ସେମାନଙ୍କୁ ପଢ଼ାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଜୁନ୍ ୧୯୭୬

- ପଶ୍ଚିମ ଉପକୂଳରେ ଭୀଷଣ ଝଡ଼ତୋଫାନ ପ୍ରବାହିତ ହେବା ଫଳରେ ୧୪ ଜଣ ମାଛଧରା ଧୀବରଙ୍କ ମୃତ୍ୟୁ।
- ଉତ୍ତରପ୍ରଦେଶସ୍ଥିତ ଚାମୋଲି ଜିଲାର ସଦର ମହକୁମାଠାରୁ ପାଞ୍ଚ କିଲୋମିଟ ଦୂରରେ ଅବସ୍ଥିତ ଚିଙ୍କା ନିକଟରେ ଏକ ଯାତ୍ରୀବାହୀ ବସ୍ ଅଳକାନନ୍ଦା ନଦୀ ଭିତରକୁ ଖସିପଡ଼ିବା ଫଳରେ ୩୯ ଜଣ ଯାତ୍ରୀ ନିହତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 5 | | | | |
| | | | 1 | | 4 | | | |
| | | 4 | | 6 | | 5 | | |
| | | 2 | | 7 | 9 | | | |
| | 4 | | | | | 2 | | 3 |
| | | 6 | | | 3 | | 9 | 5 |
| | 8 | | 5 | 2 | | | | 6 |
| 3 | | | 7 | 4 | | | | |
| | | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 8 | 5 | 7 | 6 | 1 | 2 |
| 2 | 6 | 8 | 9 | 1 | 3 | 4 | 5 | 7 |
| 5 | 1 | 7 | 6 | 2 | 4 | 3 | 8 | 9 |
| 7 | 3 | 9 | 1 | 6 | 5 | 2 | 4 | 8 |
| 6 | 2 | 4 | 3 | 8 | 9 | 5 | 7 | 1 |
| 1 | 8 | 5 | 4 | 7 | 2 | 9 | 3 | 6 |
| 8 | 5 | 1 | 2 | 4 | 6 | 7 | 9 | 3 |
| 9 | 4 | 2 | 7 | 3 | 1 | 8 | 6 | 5 |
| 3 | 7 | 6 | 5 | 9 | 8 | 1 | 2 | 4 |

ଗତକାଲିର ଉତ୍ତର

# କପେ ଚା'ର ମୂଲ୍ୟ



ଡ. ସୀତାକାନ୍ତ ତ୍ରିପାଠୀ

ଥରେ ଗୋଟିଏ ବ୍ୟକ୍ତିଗତ କାମ ନେଇ ଆମ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ଅବସରରେ ସମସ୍ତଙ୍କ ମୁହଁରେ ବଡ଼ବାବୁ (ହେଡ୍‌କ୍ଲର୍କ)ଙ୍କ ପ୍ରଶଂସା ଶୁଣିବାକୁ ପାଇଲି। ଫଳରେ ମୋ କାମଟି ସହଜ ଓ ସରଳରେ ହୋଇଯିବ ବୋଲି ଭାବି ଯେତିକି ଆନନ୍ଦିତ ହେଉଥିଲି ତା'ଠାରୁ ଅଧିକ ଉଲ୍ଲସିତ ହେଉଥିଲି। ସେଠାକାର ଅମଲାମାନଙ୍କ କଥା ହେଲା ଆମ ବଡ଼ବାବୁ ଚା କପ୍‌ଟେ ପିଅନ୍ତି ନାହିଁ କି କଷା ଗୁଆ ଖଣ୍ଡେ ମଧ୍ୟ ଚୋବାନ୍ତି ନାହିଁ। ମୁଁ ଭାବିଲି ଯିଏ ପାନ ଖାଏନାହିଁ କିମ୍ବା ଚା ପିଏନାହିଁ ସିଏ ସଚ୍ଚୋଟ ହେବା କ'ଣ ପ୍ରମାଣ ଆଧାରିତ? ଏକଥା ମନରେ ରଖି ବଡ଼ବାବୁଙ୍କୁ କଥାଛଳରେ ପାନ-ଚା ବିବର୍ଜିତ କରିବାର କାରଣ ପଚାରିବାରୁ ସିଏ ତା'ର ଯେଉଁ ଉତ୍ତର ଦେଇଥିଲେ ତାହା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ, ସମୟୋପଯୋଗୀ ଏବଂ ଉପଦେଶାତ୍ମକ ଥିଲା। ସିଏ କହିଲେ ପିଲାବେଳେ ମୋ ମା' ଶିଖାଇଥିଲା 'ଚା, ପାନ ନୁହେଁ ଛୋଟିଆ ନିଶା, ଧୀରେଧୀରେ ସିଏ ଟାଣେ ପଇସା'। ମୋ ଭଳି ଜଣେ ଗରିବ ଘରର ପିଲା ଏ ପ୍ରକାର ନିଶାର ବଶବର୍ତ୍ତୀ ହେବିନାହିଁ ବୋଲି ସେବେଠାରୁ ମନେମନେ ନିଷ୍ପତ୍ତି ନେଇଥିଲି। ଚାକିରି କରିବା ପରେ ଗରିବୀ ହଟିଗଲା। ଚା ପାନ ପାଇଁ ମୋ ପାଖରେ ଆଉ ଟଙ୍କା ପଇସାର ଅଭାବ ନାହିଁ କିନ୍ତୁ ମୋତେ କାଳେ କିଏ ଧୀରେଧୀରେ ଚା କପେ କିମ୍ବା ପାନ ଖଣ୍ଡେ ଦେଇ ବଶ କରିଦେବ ଏବଂ କୌଣସି ଅନ୍ୟାୟ ଅନୀତି କରିବା ପାଇଁ ପ୍ରବର୍ତ୍ତାଇବ କିମ୍ବା ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିବ ସେ କଥା ଭାବି ଏହା ଗ୍ରହଣ କରୁନାହିଁ। ମୋ ଉତ୍ତର ଜୀବନରେ ଚା କପେ ପାଇଁ କାଳେ କାହା ଉପରେ ନିର୍ଭରଶୀଳ ହୋଇଯିବି ଏବଂ ଅଯଥାରେ ଏଥିପାଇଁ କାଳେ କାହାର ମନରେ ଅଶାନ୍ତି ଆସିବ ଯାହାଦ୍ୱାରା ମୋ ମନ ଅଯଥାରେ ଊଣା ହେବ ସେଥିପାଇଁ ମଧ୍ୟ ଉତ୍ତର ଜୀବନରେ ଚା କପେ ପିଇବି ନାହିଁ ବୋଲି ମୁଁ ନିଷ୍ପତ୍ତି ନେଇଛି। ଚା କପ୍‌କୁ ନେଇ ଏ ପ୍ରକାର ହିସାବ-କିତାବ ତଥା ଜୀବନଦର୍ଶନ କଥା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ବୋଲି ମୋର ମନେ ହେଲା। ଏହି କପେ ଚା'ର ହିସାବକିତାବକୁ ନେଇ ମୋ ମନରେ ଅନେକ ପ୍ରଶ୍ନ ଉଙ୍କିମାରିଲା ଯାହା ଅଦ୍ୟାବଧି ଅସମାହିତ ହୋଇ ରହିଆସିଛି।

ଇତିହାସ ପୃଷ୍ଠା ଓଲଟାଇଲେ ଜଣାପଡ଼େ ଲୋକମାନ୍ୟ ବାଲ୍‌ଗଙ୍ଗାଧର ତିଳକ ଥରେ କିଛି ଖ୍ରୀଷ୍ଟିଆନ ବନ୍ଧୁମାନଙ୍କ ସହିତ ମିଶି ଚା ପିଇଦେଇଥିବାରୁ ତାଙ୍କୁ ନିଜ ଜାତି ମଧ୍ୟରେ ଲୋକମାନଙ୍କର ବିରୋଧର ଶିକାର ହେବାକୁ ପଡ଼ିଥିଲା, ଯାହାଫଳରେ ତାଙ୍କ ଭୁଲ୍‌ର ପ୍ରାୟଶ୍ଚିତ୍ତ ସ୍ୱରୂପ ନିଜକୁ ସଂସ୍କାରିତ କରିସାରି ପୁଣିଥରେ ନିଜ ଜାତିକୁ ଫେରିବାକୁ ପଡ଼ିଥିଲା। କାରଣ ଚା ପିଇବା ବଡ଼କଥା ନୁହେଁ ବରଂ ଏହାକୁ କିଏ ବନାଇଥିଲା ଏବଂ କାହା ସାଙ୍ଗରେ ଏବଂ କେତେବେଳେ ବସି ଚା ପିଉଥିଲେ ତାହା ଗୁରୁତ୍ୱ ବହନ କରୁଥିଲା। ଜାତୀୟତାବାଦୀ ଚିନ୍ତାଧାରାରେ ଦୀକ୍ଷିତ ତିଳକଙ୍କର କପେ ଚା ପିଇବା ସେତେବେଳର ରକ୍ଷଣଶୀଳ ଚିନ୍ତାଧାରା ଦ୍ୱାରା ହଜମ ନ ହେବା ସ୍ୱାଧୀନତା ସଂଗ୍ରାମର ପରିପନ୍ଥୀ ଥିଲା ବୋଲି ଅନେକଙ୍କର ମତ। ଆମ ସମାଜରେ କପେ ଚା ସମ୍ପର୍କର ସେତୁ ବାନ୍ଧିବାର ସାହାଯ୍ୟ କରିବା ସହିତ ଆତିଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ମନେ କରାଯାଇଥାଏ। ଏହାକୁ ଆଧାର କରି ଗାଁ ଠାରୁ ସହର ପର୍ଯ୍ୟନ୍ତ



ବିଭିନ୍ନ ଆସର ଜମିଥାଏ। ତେବେ ଚା ପିଇବାର ଆସର ଯଦି କୌଣସି କାରଣରୁ ଆକ୍ଷେପ-ପ୍ରତିଆକ୍ଷେପ ମୂଳକ ହୋଇଯାଇ ଅଶାନ୍ତିର କାରଣ ସାଜେ ତାହା କ'ଣ କପେ ଚା ପିଇବାର ଦୋଷ?

ବର୍ତ୍ତମାନର ନିର୍ବାଚନ ରାଜନୀତିରେ ଭୋଟ ଗ୍ରହଣ ସମୟରେ ବୁଥ୍‌ର ଅନତି ଦୂରରେ ଅସ୍ଥାୟୀ ଭାବେ ଚା-ପାନ ଦୋକାନ ଖୋଲାଯାଇଥିବା ଦେଖାଯାଇଥାଏ। ଭୋଟ ଦେବାକୁ ଆସୁଥିବା ଭୋଟର ତଥା ସମ୍ପର୍କୀୟଙ୍କୁ କପେ ଚା କିମ୍ବା ଖଣ୍ଡେ ପାନ ଖୁଆଇ ଦେଇ ବିଭିନ୍ନ ଦଳର ଏଜେଣ୍ଟମାନେ ଆତିଥେୟତା ଦେଖାଇବା ବାହାନାରେ ନିଜ ଦଳ ପ୍ରତି ଆକର୍ଷିତ କରିବା ପାଇଁ ପ୍ରୟାସ କରିଥାଆନ୍ତି। ତେବେ ଏଇଠି ପ୍ରଶ୍ନ ଉଠେ ନିଜ ଗାଁଠାରୁ ଦେଶ ପର୍ଯ୍ୟନ୍ତ ଭାଗ୍ୟ ନିର୍ଦ୍ଧାରଣ କରୁଥିବା ଗୋଟିଏ ଗୋଟିଏ ଭୋଟ୍‌ର ମୂଲ୍ୟ କ'ଣ ଏହି କପେ ଚା ନିର୍ଦ୍ଧାରଣ କରିପାରିବ?

ଏବେ ପୁଣି ଚା କପ୍‌ର ଗୁଣବତ୍ତା ନେଇ ଚିକିତ୍ସାବିଜ୍ଞାନୀମାନେ ଅନେକ ପରାମର୍ଶ ଦେଉଛନ୍ତି। ସେମାନଙ୍କ ମତରେ ପ୍ଲାଷ୍ଟିକ୍ କିମ୍ବା କାଗଜ କପ୍‌କୁ ବର୍ଜନ କରିବା ଦରକାର। ଯାହାକୁ ଆଧାର କରି କିଛି ବର୍ଷ ପୂର୍ବେ ରେଳ ଯାତ୍ରା ସମୟରେ ମାଟିରେ ତିଆରି 'କୁଲ୍ହଡ଼ କପ୍' ପ୍ରଚଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଯାହା ସ୍ୱାସ୍ଥ୍ୟ, ପରିବେଶ ଏବଂ ଅର୍ଥନୀତିର ଦୃଷ୍ଟିକୋଣରୁ ଭଲଥିଲା ବୋଲି ବିଚାର କରାଯାଏ। ତେବେ ଅନେକ କାରଣରୁ ବର୍ତ୍ତମାନ ଆଉ ତାହା ପ୍ରାୟତଃ କାର୍ଯ୍ୟକାରୀ ହେଉନାହିଁ। ଅନ୍ୟପକ୍ଷରେ ଗୋଟେ କପ୍ ଚା'ର ମୂଲ୍ୟ କେଉଁଠି ୫ ଟଙ୍କା ହୋଇଥିବା ବେଳେ ଆଉ କେଉଁଠି ତାହା ୫ ଶହ ଟଙ୍କା ହୋଇଯାଏ। ତା'ହେଲେ କ'ଣ ଚା ନା ସ୍ଥାନକୁ ଆଧାର କରି ତା'ର ଦାମ୍ ବଢି ଯାଏ? ଜୀବନ ଦର୍ଶନ ଆମକୁ ତ ଏୟା ଶିଖାଏ। ତୁମେ କ'ଣ କରୁଛ କିମ୍ବା କହୁଛ ବଡ଼କଥା ନୁହେଁ ବରଂ (କେଉଁଠି, କେତେବେଳେ ଏବଂ କାହାକୁ) ଅର୍ଥାତ୍ ସ୍ଥାନ, କାଳ, ପାତ୍ରର ହିସାବ କରିବା ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ ଅର୍ଥକରୀ ଫସଲ ଭାବେ ପରିଗଣିତ କରାଯାଉଥିବା ଚା ଚାଷ ଅନେକ ବିବର୍ଣ୍ଣ ସ୍ମୃତି ଉପରେ ପର୍ଯ୍ୟବସିତ।

ଊନବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧି ବେଳକୁ ଆସାମରେ ଇଂରେଜମାନଙ୍କ ଦ୍ୱାରା ଚା ଚାଷ ଆରମ୍ଭ କରାଯାଇଥିଲା। ଚା ଚାଷ ହେଉଥିବା ଅଞ୍ଚଳଗୁଡିକ ଅସ୍ୱାସ୍ଥ୍ୟକର ଥିବା ସହିତ ବିଭିନ୍ନ ପ୍ରକାର ଜ୍ୱରର କେନ୍ଦ୍ରବିନ୍ଦୁ ଥିଲା। ସେଠାରେ କାମ କରିବା ପାଇଁ ଯଥେଷ୍ଟ ଶ୍ରମିକ ମିଳୁ ନ ଥିଲେ, ତେଣୁ ଇଂରେଜମାନେ ଅନ୍ୟ ରାଜ୍ୟରୁ ଶ୍ରମିକମାନଙ୍କୁ ଜୋର୍‌ଜୁଲମ କରି ନେଇ ଆସୁଥିଲେ। ଦିନରେ ଲମ୍ବା ଅବଧି ଧରି ଅସ୍ୱାସ୍ଥ୍ୟକର ପରିବେଶରେ କାମ କରିବା ଯୋଗୁ ଶ୍ରମିକମାନେ ମୃତ୍ୟୁମୁଖରେ ପଡୁଥିଲେ ଏବଂ ଅନେକ ସ୍ଥଳରେ ଉପଯୁକ୍ତ ଚିକିତ୍ସା ଅଭାବରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ମରି ଯାଉଥିଲେ। କାଳେ ମୃତ ଶ୍ରମିକମାନେ କ୍ଷତିପୂରଣ ଦାବି କରିବେ ତେଣୁ ଉକ୍ତ ପରିବାରବର୍ଗଙ୍କ ପାଖରେ ଏହି ଖବର ପହଞ୍ଚା ଯାଉ ନ ଥିଲା। ଫଳତଃ ଚା ଚାଷ ଇଂରେଜମାନଙ୍କ ପାଇଁ ଲାଭଦାୟକ ହୋଇଥିବା ବେଳେ ତାହା ଭାରତୀୟ ଶ୍ରମିକମାନଙ୍କ ଲୁହ ଓ ଲହୁର ଫଳ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଚା'କପ୍‌ର ମୂଲ୍ୟ ଇତିହାସଠାରୁ ବର୍ତ୍ତମାନ, ଗାଁଠାରୁ ସହର, ଘରଠାରୁ ବାହାର ପର୍ଯ୍ୟନ୍ତ ସବୁଠି ଅଲଗା। ଯାହା କେବଳ ଏହାର ମାନ/ଗୁଣବତ୍ତା ଉପରେ ନିର୍ଭରଶୀଳ ନୁହେଁ ବରଂ ଏହାକୁ କେନ୍ଦ୍ରକରି ଗଢ଼ି ଉଠୁଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଜୀବନ ତଥା ସମ୍ପର୍କର ପ୍ରଭାବକୁ ମଧ୍ୟ ପ୍ରତିଫଳିତ କରିଥାଏ।

**ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ୍ ପୋଷ୍ଟ ନିକଟରେ ଲାଗିବ ତୁଳସୀ

ମହାଶୟ,

ସରକାରଙ୍କ ଘୋଷଣା ଅନୁଯାୟୀ, ଏବେ ସମସ୍ତ ଟ୍ରାଫିକ୍ ପୋଷ୍ଟ ନିକଟସ୍ଥ ଡିଭାଇଡର ଉପରେ ତୁଳସୀ ଗଛ ଲଗାଯିବ। ତୁଳସୀ ଗଛ ଅତ୍ୟନ୍ତ ପବିତ୍ର ଓ ଉପକାରୀ ଥିବା ସହ, ଏହା ଅମ୍ଳଜାନ ଉତ୍ସର୍ଜନରେ ଶ୍ରେଷ୍ଠ ଭୂମିକା ନିର୍ବାହକରେ। ବର୍ତ୍ତମାନ ଯେଉଁପରି ଧୂଆଁ, ଧୂଳି ଓ ପ୍ରଦୂଷଣରେ ଅମ୍ଳଜାନର ମାତ୍ରା କମିବା ଦେଖାଯାଉଛି, ଏପରି ସମୟରେ ତୁଳସୀ ଗଛ ଲାଗିଲେ ଟ୍ରାଫିକ୍ ଡିଭାଇଡର ନିକଟରେ ଅଟକି ଥିବା ଯାତ୍ରୀମାନେ ପର୍ଯ୍ୟାପ୍ତ ଅମ୍ଳଜାନ ପାଇପାରିବେ। ସରକାର ଏହି ପଦକ୍ଷେପକୁ ବର୍ଷପୂର୍ତ୍ତି ଅବସରରେ ବିଶେଷ ରୂପ ଦେଇଛନ୍ତି, ଯେଉଁଠି ଅନେକ ହଜାର ଗଛ ଲଗାଯିବା ଯୋଜନା ଅଛି। ସମସ୍ତ ପୌରସଂସ୍ଥାକୁ ତୁଳସୀ ଗଛ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଅଁଳା, ସଜନା ଓ ବାରମାସୀ ଶାଗ ଗଛ ମଧ୍ୟ ଲଗାଯିବ, ଯାହା ନାଗରିକମାନଙ୍କ ପାଇଁ ପୌଷ୍ଟିକ ଆବଶ୍ୟକତା ପୂରଣ କରିପାରିବ। ଓଡ଼ିଶା ସରକାର ସହରକୁ ସବୁଜ ଓ ସୁନ୍ଦର କରିବା ଲକ୍ଷ୍ୟ ନେଇ ଯେଉଁ ନିଷ୍ପତ୍ତି ନେଇଛନ୍ତି, ଏହି ତୁଳସୀ ଅଭିଯାନ ତାହାର ଏକ ମୂଳ ଅଂଶ ଭାବେ ବିକଶିତ ହେଉଛି। ଏହା ମାନିବାକୁ ହେବ, ଟ୍ରାଫିକ୍ ପୋଷ୍ଟର ଡିଭାଇଡର ଉପରେ ଗଛ ଲାଗିବା କେବଳ ସଜାସଜି ନୁହେଁ, ଏହା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଏକ ସକାରାତ୍ମକ ପଦକ୍ଷେପ ସାବ୍ୟସ୍ତ ହେବ।

**-ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହାତର ଚିକ୍କାର କେତେ
ଅନ୍ତରର ଦୁଃଖ
ଜଡ଼ ଏ ପାଷାଣ ଦେହେ
ଭଜିଅଛି ମୂକ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# Classified Everyday
0674-2580101, 9692975378





**Stithiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଞ୍ଚଳ, ଝାରପଡ଼ା ଏବଂ ନଖରାଞ୍ଚଳ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D- 76464

Gharabadiresidentialplot for sale- ଝାରପଡ଼ା–5000/-, ଲକ୍ଷ୍ମୀସାଗର–5,500/-, ଲିଙ୍ଗିପୁର–4060/-, ନୂଆଗାଁ–3360/-, KEC-2460/-, ଗୁଡ଼ିଆପୋଖରୀ– 1760-1560/-. 7978551614, 9439049194. D-76829




Boys' Hostel on Rent- 150 Students accommodation in a single building, Near Chandrasekharpur, BPCL Petrol Pump, Adjacent to Nandankanan Main Road, No middleman. Contact- 7008412355, 9861942408. D-832

5-Story building for Rent Approx 10,000sqft. Palasuni, Bhubaneswar, Spacious 1BHK & 2BHK units available. Ideal for Ladies/ Gents Hostel, Tutorial Center or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-825




Newly open SPA positively health benefits (expert therapist). Contact- 7327030529. D-76918

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Niharika, W/o- JC-734814X Nb Sub G Srinivas Rao, R/o. VillPost- Jatani, Dist.- Khorda, Odisha, I have changed my name from Niharika to G Niharika vide affidavit dated 28.05.2025. D-833

By virtue of an affidavit sworn before the Executive Magistrate, Paralakhemundi, Gajapati, Odisha dated on 05.06.2025, bearing Number 357, I, Hemanta Kumar Singh, F/o- Jasobanta Abhisek Singh, P.O.-Marlaba, P.S.-Rayagada, District.-Gajapati declare that my son's Aadhaar Card bearing Number XXXX XXXX 9692 name is wrongly recorded as Joshwant Abhishek Singh instead of Jasobanta Abhisek Singh, but my son's HSC Pass Board Certificate records correctly as Jasobanta Abhisek Singh. That for every purpose my son is known as Jasobanta Abhisek Singh. D-834

By virtue of an affidavit sworn before the Notary Public, Dharmasala, dated 03.06.2025, I, Radharani Malik, Address: At/P.O.-Thanual, P.S.-Dharmasala, Dist.-Jajpur, Odisha-755023 declare that I have changed my daughter's name from Priyadarshini Malik to Priyadarshini Malik. Henceforth, she shall be known as Priyadarshini Malik for all purposes. D-830

By virtue of an affidavit sworn before the Executive Magistrate, Dharmasala, dated 13.05.2025, I, Sanatan Sur, Address: At-Nuagan, P.O.-Jaraka, P.S.-Dharmasala, Dist.-Jajpur, Odisha-755050 declare that I have changed my daughter's name from Sonali Sur to Purnima Sur. Henceforth, she shall be known as Purnima Sur for all purposes. D-831

I, Avishek Pradhan, S/o- Ratnakar Pradhan, resident of Rama Krishna Nivas, Old Bus Stand, P.O.- Gunupur, District- Rayagada, PIN-765022, Odisha declare by this affidavit No. 78AA582025, dtd. 05.06.2025 that now onwards I shall be known as Abhishek Pradhan for all future purposes. D-835

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Badamba, No.- 4018, dated- 23.05.2025, I, Basudeba Rana, S/o- Nilakantha Rana of Vill/P.O.- Sankhameri, P.S.- Badamba, Dist.- Cuttack, Odisha declare that I have changed my son's name from Adyatya Rana to Aditya Rana. Henceforth, he shall be known as ADITYA RANA for all purposes.
Basudeba Rana. D-836

I, Nuzahat Ali, W/o- Mumtaz Ali, resident At- Baniapat, P.O.- Madhapur, P.S.- Town, Dist.- Keonjhar, Odisha, PIN-758001 declare by this affidavit No.-1932, dated- 04.06.2025 that now onwards I shall be known as NUZHAT ALI for all future purposes. D-824

By virtue of an affidavit No.-116/2009 sworn before Notary Public, Bhubaneswar, dated- 04.04.2025, I, Gagan Behari Pal, S/o- Gopabandhu Pal, resident at Flat No.-B/204, 2nd Floor, Supratik Exatica, Gothapatna, P.S.- Chandaka, Bhubaneswar, PIN-751003, Odisha declare that my actual and correct name is Gagan Behari Pal which is reflected in my Passport No.-N2952316 but my name is wrongly mentioned as Gagan Bihary Pal in my Wife's Passport No.-M8529753. So, both Gagan Behari Pal and Gagan Bihary Pal is one and same person. D-823

By virtue of an affidavit vide No.- 131 before the Executive Magistrate, Bhadrak, I, Nirupama Nanda, W/o- Tanmaya Nanda, At- Khoradanga, P.O.-Patharadi (Charampa), P.S./Dist.-Bhadrak, Odisha declare that I have changed my name from Nirupama Padhi to Nirupama Nanda. Henceforth, I shall be known as Nirupama Nanda for all purposes. D-838

By virtue of an affidavit No.- 1980, dated 28.04.2025 sworn before Executive Magistrate, Soro, Balasore, I solemnly declare that my actual name is Ramanarayan Gupta, S/o- Motilal Gupta, Adanga Bazar, Soro, Balasore, PIN-756045 and my Date of Birth is 26.11.1952 as per my H.S.C. Certificate (No.-85286). This name has been wrongly mentioned on my Aadhaar Card No.- xxxx xxxx 2171 as Satyanarayan Mahawar, S/o- Motilal Mahawar. Henceforth, I shall be known as Ramanarayan Gupta in my Aadhaar and for all other purposes.
Sd./- Ramanarayan Gupta D-841

## LEGAL NOTICE

IR No - 686, Date- 05.05.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨ (ଶ୍ରୀ ପ୍ରଦୀପ କୁମାର ନାୟକ IAS), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନ ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର– ୧୧୪୪ /୨୦୨୧
ନୋଟିସ୍
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ର ଅଧିନିୟମ (୧–କ) ମୁତାବକ)
ବିପିନ ବିହାରୀ କର
.....ବାଦୀ
ବନାମ
ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ
.....ପ୍ରତିବାଦୀ
ପ୍ରାପ୍ତେଷୁ ନାମ ଓ ଠିକଣା
ପ୍ରତିବାଦୀ ନଂ.–୧– ରତିକାନ୍ତ କାନୁନ୍‌ଗୋ, ପିତା– ଅନିଲ କୁମାର କାନୁନ୍‌ଗୋ, ବାସସ୍ଥାନ–ପ୍ଲଟ୍ ନଂ.–୨୫୧, ଶହୀଦ ନଗର, ପୋ/ଥାନା– ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା (ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶିବାନୀ ଇଷ୍ଟେଟସ୍ ଆଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍)
ପ୍ରତିବାଦୀ ନଂ.–୨– ଈଶ୍ୱର ସେନାପତି, ପିତା– ସ୍ୱର୍ଗତ କେଶବ ସେନାପତି, ପୋ–ଘାଟିକିଆ, ଥାନା–ଚନ୍ଦକା, ହାଲ୍ ଥାନା–ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ପ୍ରତିବାଦୀ ନଂ.–୩– ଚନ୍ଦ୍ରମଣି ଦେବୀ, ସ୍ୱା–ରାଜକିଶୋର ମହାପାତ୍ର, ଗ୍ରାମ–ଗଙ୍ଗପଡ଼ା, ପୋ–ଗଙ୍ଗପଡ଼ା, ଥାନା–ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ପ୍ରତିବାଦୀ ନଂ.–୪– କେଳୁଚରଣ ମହାପାତ୍ର, ପିତା– ସ୍ୱର୍ଗତ ଲୋକନାଥ ମହାପାତ୍ର, ଗ୍ରାମ–ଗ୍ରାମଡ଼ିହି, ପୋ–ଗଙ୍ଗପଡ଼ା, ଥାନା–ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ଏହାଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ଡିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତ ଡିଭିଜନ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଡିଭିଜନ ଅଦାଲତ ନମ୍ବର–୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ଇଜିଲାସରେ ଆସନ୍ତା ତା୧୦।୦୬।୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଜଟଣୀ, ଥାନା– ଇନଫୋଭ୍ୟାଲି, ମୌଜା– ନୀଳକଣ୍ଠପୁର
ସାବକ
ଖାତା ନଂ.–୩୩, ପ୍ଲଟ୍ ନଂ.–୨୫୭, କିସମ– ସାରଦ–୨, ରକବା– ଏକର–୦.୦୩୪.୪୩, ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ହାଲ୍
ଖାତା ନଂ.–୩୧, ପ୍ଲଟ୍ ନଂ.–୨୫୩, କିସମ– ସାରଦ ଅଣଜଳସେଚିତ–୧, ରକବା– ଏକର–୦.୦୩୪.୪୩, ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।
ତା–
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./– କୋର୍ଟ ଅଫିସର
ଧ–୮୨୭

IR No - 682, Date- 05.05.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ ଅଦାଲତ ନମ୍ବର–୨ (ଶ୍ରୀ ପ୍ରଦୀପ କୁମାର ନାୟକ IAS), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନ ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର– ୧୧୪୫/୨୦୨୧
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ୨୦ ମୁତାବକ)
ବସନ୍ତ କୁମାର ଡାକୁଆ
.....ବାଦୀ
ବନାମ
ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ
....ପ୍ରତିବାଦୀ
ପ୍ରାପ୍ତେଷୁ ନାମ ଓ ଠିକଣା
ପ୍ରତିବାଦୀ ନଂ.–୧– ରତିକାନ୍ତ କାନୁନ୍‌ଗୋ, ପିତା– ଅନିଲ କୁମାର କାନୁନ୍‌ଗୋ, ବାସସ୍ଥାନ–ପ୍ଲଟ୍ ନଂ.–୨୫୧, ଶହୀଦ ନଗର, ପୋ/ଥାନା– ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା (ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶିବାନୀ ଇଷ୍ଟେଟସ ଆଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍)
ପ୍ରତିବାଦୀ ନଂ.–୨– ଈଶ୍ୱର ସେନାପତି, ପିତା– ସ୍ୱର୍ଗତ କେଶବ ସେନାପତି, ଗ୍ରାମ– ସାମ୍ପୁର, ପୋ–ଘାଟିକିଆ, ଥାନା–ଚନ୍ଦକା, ହାଲ୍ ଥାନା–ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ପ୍ରତିବାଦୀ ନଂ–୩– ଚନ୍ଦ୍ରମଣି ଦେବୀ, ସ୍ୱା–ରାଜକିଶୋର ମହାପାତ୍ର, ଗ୍ରାମ–ଗଙ୍ଗପଡ଼ା, ପୋ–ଗଙ୍ଗପଡ଼ା, ଥାନା– ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ପ୍ରତିବାଦୀ ନଂ.–୪– କେଳୁଚରଣ ମହାପାତ୍ର, ପିତା– ସ୍ୱର୍ଗତ ଲୋକନାଥ ମହାପାତ୍ର, ଗ୍ରାମ–ଗ୍ରାମଡ଼ିହି, ପୋ–ଗଙ୍ଗପଡ଼ା, ଥାନା– ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଏହାଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ଡିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା । କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଡିଭିଜନ୍ ଅଦାଲତ ନମ୍ବର–୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ଇଜିଲାସରେ ଆସନ୍ତା ତା୧୦।୦୬।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ଜିଲ୍ଲା– ଖୋର୍ଦ୍ଧା, ତହସିଲ୍– ଜଟଣୀ, ଥାନା– ଇନଫୋଭ୍ୟାଲି, ମୌଜା– ନୀଳକଣ୍ଠପୁର
ସାବକ
ଖାତା ନଂ.– ୩୩, ପ୍ଲଟ୍ ନଂ.–୨୫୭, କିସମ– ସାରଦ–୨, ରକବା– ଏକର–୦.୦୩୪.୪୩ ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ହାଲ୍
ଖାତା ନଂ.–୩୧, ପ୍ଲଟ୍ ନଂ.–୨୫୩, କିସମ– ସାରଦ ଅଣଜଳସେଚିତ–୧, ରକବା– ଏକର–୦.୦୩୪.୪୩ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା–
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./– କୋର୍ଟ ଅଫିସର
ଧ–୮୨୮

# ଉତ୍ସବଠାରୁ ଜୀବନ ଗୁରୁତ୍ୱପୂର୍ଣ୍ଣ


କପିଳ ଦେବ

## ବେଙ୍ଗାଲୁରୁ ଦଳାଚକଟା

ବେଙ୍ଗାଲୁରୁ,୫।୬

ଆଇପିଏଲ୍‌ର ନୂଆ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଲାଗି ଆୟୋଜନ କରାଯାଇଥିବା ଭିକ୍ଟ୍ରି ପରେଡରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରିବା ସହ କପିଳ ଦେବ, ସଚିନ ତେନ୍ଦୁଲକରଙ୍କ ଭଳି ଅନେକ ପୂର୍ବତନ କ୍ରିକେଟର ସେମାନଙ୍କ ମତାମତ ଦେଇଛନ୍ତି।

● ମୋତେ ବହୁତ ଖରାପ ଲାଗୁଛି। ମୋ ମତରେ ଆମକୁ ପରସ୍ପରଠାରୁ ଶିଖିବାକୁ ପଡ଼ିବ। ପରବର୍ତ୍ତୀ ଥର ଭିକ୍ଟ୍ରି ପରେଡ ଭଳି କିଛି ଆୟୋଜନ ହେଲା ବେଳେ ଲୋକଙ୍କୁ ଅଧିକ ସଚେତନ ରହିବା ଦରକାର। ଲୋକେ ଭୁଲ କରନ୍ତି। କିନ୍ତୁ ଭୁଲ ଏଭଳି ସ୍ତରର ହେବା ଉଚିତ ନୁହେଁ ଯେ, ମଜା ଚାଲିଥିବ ଏବଂ ଜୀବନ ଯାଉଥିବ। ଭବିଷ୍ୟତରେ ଯଦି କୌଣସି ଦଳ ଜିତେ, ତେବେ ବିଜୟ ଉତ୍ସବକୁ ସୀମିତ ରଖିବା ଦରକାର। କାରଣ ଉତ୍ସବ କରିବାଠାରୁ ଜୀବନ ଖୁବ ଅଧିକ ଗୁରୁତ୍ୱପୂର୍ଣ୍ଣ।
**–କପିଳ ଦେବ, ମହାନ ଭାରତୀୟ ଅଲରାଉଣ୍ଡର**

● ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଯାହା ଘଟିଗଲା, ତାହା ଦୁଃଖଦ ଥିଲା। ଏଥିରେ ପ୍ରଭାବିତ ହୋଇଥିବା ପ୍ରତ୍ୟେକ ପରିବାର ପ୍ରତି ମୋର ସମବେଦନା ରହିଛି।
**–ସଚିନ ତେନ୍ଦୁଲକର, ଆଇକନ୍ କ୍ରିକେଟର**

● ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘଟିଥିବା ଦୁଃଖଦ ଘଟଣାରେ ପ୍ରଭାବିତ ପରିବାରଙ୍କ ପ୍ରତି ସମବେଦନା ରହିଛି।
**–ଏବି ଡି' ଭିଲିୟର୍ସ, ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଧିନାୟକ**

● ଏହା କ୍ରିକେଟ୍ ଲାଗି ଏକ ଦୁଃଖଦ ଦିନ। ଆର୍‌ସିବିର ବିଜୟ ଉତ୍ସବରେ ପ୍ରାଣ ହରାଇଥିବା ପରିବାରଙ୍କ ପ୍ରତି ମୁଁ ଗଭୀର ଶୋକ ପ୍ରକାଶ କରୁଛି। ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି।
**–ଅନୀଲ କୁମ୍ବଲେ, ଭାରତ ତଥା ଆର୍‌ସିବିର ପୂର୍ବତନ ଅଧିନାୟକ**

● ଲୋକେ କିମ୍ବା ବିରାଟ କୋହଲି ଏହି ଘଟଣାକୁ କଦାପି ଭୁଲିବେ ନାହିଁ। ଲୋକେ ବାହାରେ ମରୁଥିବା ବେଳେ ଷ୍ଟାଡିୟମ ଭିତରେ ଉତ୍ସବ ଚାଲୁଥିଲା। ଏହା ସତରେ ଚକିତ କଲା ଭଳି ଏବଂ ହୃଦୟ ବିଦାରକ। ପ୍ରାଣ ହରାଇଥିବା ପ୍ରଶଂସକଙ୍କ ପରିବାର ଆର୍‌ସିବି ଓ ରାଜ୍ୟ ସରକାରଙ୍କୁ କୋର୍ଟକୁ ଟାଣିବା ସମ୍ପର୍କରେ ଚିନ୍ତା କରିବା ଉଚିତ।
**–ମଦନ ଲାଲ, ପୂର୍ବତନ କ୍ରିକେଟର**

● ବେଙ୍ଗାଲୁରୁରେ ଘଟିଥିବା ଘଟଣା ହୃଦୟ ବିଦାରକ। ମୃତକଙ୍କ ପରିବାରବର୍ଗ ଓ ବନ୍ଧୁଙ୍କ ପ୍ରତି ମୋର ସମବେଦନା ରହିଛି। ଦୟା କରି ସମସ୍ତେ ସୁରକ୍ଷିତ ରୁହନ୍ତୁ।
**–ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟର**

● ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉ ନ ଥିବା ନେଇ କୌଣସି ସୂଚନା ଆମ ପାଖରେ ନ ଥିଲା। ଯଦି ଭବିଷ୍ୟତରେ ଏଭଳି ଯୋଜନା ଆୟୋଜନ କରାଯାଏ, ତେବେ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ। ଷ୍ଟାଡିୟମ ବାହାରେ କ'ଣ ଘଟୁଛି, ତାହା ଭିତରେ ବସିଥିବା ଲୋକଙ୍କୁ ଜଣା ନ ଥିଲା।
**–ଅରୁଣ ଧୂମଲ, ଆଇପିଏଲ୍ ଚେୟାରମ୍ୟାନ**

# ସାତ୍ତ୍ୱିକ–ଚିରାଗ କ୍ୱାର୍ଟରରେ, ସିନ୍ଧୁ ପରାସ୍ତ

ଜାକର୍ତ୍ତା, ୫।୬ (ପି.ଟି.)

ଭାରତର ଶୀର୍ଷ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ବେଳେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସରେ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ୨୦୨୩ ଚାମ୍ପିୟନ ସାତ୍ତ୍ୱିକ ଓ ଚିରାଗ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବିଶ୍ୱର ୧୬ ନମ୍ବର ଡାନିଶ ଯୋଡ଼ି ରାସମସ କେଜାଏର ଓ ଫ୍ରେଡ୍ରିକ୍ ସୋଗାର୍ଡଙ୍କୁ ୧୬–୨୧, ୨୧–୧୮, ୨୨–୧୦ରେ ହରାଇ ଦେଇଛନ୍ତି। ଏହି ଦ୍ୱିତୀୟ ରାଉଣ୍ଡ ମୁକାବିଲା ୬୮ ମିନିଟ ଧରି ଚାଲିଥିଲା। ସାତ୍ତ୍ୱିକ ଓ ଚିରାଗ ଗତ ସପ୍ତାହରେ ସିଙ୍ଗାପୁର ଓପନ ସୁପର ୭୫୦ରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଠାରେ ସେମାନେ ଏକମାତ୍ର ଭାରତୀୟ ଭାବେ ତିଷ୍ଠି ରହିଛନ୍ତି। ପୂର୍ବତନ ନମ୍ବର ୱାନ ଯୋଡ଼ି ବର୍ତ୍ତମାନ ୭ମ ସିଡ୍ ତଥା ମାଲେସିଆର ମାନ୍ ୱି ଚୋଙ୍ଗ୍ ଓ କାଇ ଉନ୍ ତିଙ୍କୁ ଭେଟିବେ। ପୂର୍ବରୁ ସିନ୍ଧୁ ୨୨–୨୦, ୧୦–୨୧, ୧୬–୨୧ରେ ବିଶ୍ୱର ୮ ନମ୍ବର ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗ୍‌ଙ୍କଠାରୁ ପରାଜିତ ହୋଇଯାଇଥିଲେ। ଗୁରୁବାର ଖେଳିଥିବା ଅନ୍ୟ ଭାରତୀୟମାନଙ୍କ ମଧ୍ୟରେ ସତୀଶ କରୁଣାକରନ ଓ ଆଦ୍ୟା ଭାରିୟାଥ ଏବଂ ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜୋଲି ମହିଳା ଡବଲ୍ସ ଯୋଡ଼ି ସେମାନଙ୍କ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାଳୀ କୁମାର ରଥ
(ଅବସରପ୍ରାପ୍ତ ଆଇଏଏସ୍ ଅଫିସର)
ଆବିର୍ଭାବ: ୨୮.୧୨.୧୯୩୫
ତିରୋଧାନ: ୨୮.୦୬.୨୦୨୫
ଏନ୍ ୨/୫୧, ଆଇ.ଆର.ସି. ଭିଲେଜ୍, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ
ଧ–୭୬୮୩୦

## ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଓପନ ଗ୍ରାଣ୍ଡମାଷ୍ଟର୍ସ ଚେସ୍

# ୧୫ ଦେଶର ୨,୫୦୦ ଖେଳାଳି ଭାଗ ନେବେ

**ନୂଆଦିଲ୍ଲୀ, ୫।୬(ପି.ଟି.):** ୨୧ତମ ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଜୁନ୍ ୭ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୧୫ଟି ଦେଶରୁ ୨,୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେବେ। ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ୧.୨୧ କୋଟି ଟଙ୍କା ରଖାଯାଇଛି। ଦିଲ୍ଲୀ ଚେସ୍ ଆସୋସିଏଶନ (ଡିସିଏ) ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୩ ରେଟିଂ ଭିତ୍ତିକ ବିଭାଗରେ ୨୦ ଗ୍ରାଣ୍ଡମାଷ୍ଟର ଖେଳାଳି ଭାଗ ନେବେ। ଏଥର ପୁରସ୍କାର ରାଶିରେ ବୃଦ୍ଧି କରାଯାଇଛି। କାଟେଗୋରି 'ଏ' (ଓପନ ରେଟେଡ୍ ଖେଳାଳି) ପାଇଁ ୫୧ ଲକ୍ଷ ଟଙ୍କା ଏବଂ କାଟେଗୋରି 'ବି' ଓ 'ସି' (ଯଥାକ୍ରମେ ୧୯୦୦ରୁ କମ୍ ଓ ୧୭୦୦ରୁ କମ୍) ପାଇଁ ୩୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଫିଡେ ସୁଇସ୍ ସିଷ୍ଟମ ଅନୁସାରେ ପ୍ରତ୍ୟେକ ବିଭାଗ ୧୦ ରାଉଣ୍ଡ ବିଶିଷ୍ଟ ହେବ।

# ଜେଜେ ମା'ଙ୍କୁ ହତ୍ୟାକଲା ନାତି



ଡାକ୍ତରଖାନାରେ ପୋଲିସ ତଦନ୍ତ କରୁଛି।

## ପାରିବାରିକ କଳହର କରୁଣ ପରିଣତି

**କବିସୂର୍ଯ୍ୟନଗର/ଖଲ୍ଲିକୋଟ,୫।୬ (କୃପାସିନ୍ଧୁ ସ୍ୱାଇଁ/ପ୍ରଶାନ୍ତ କୁମାର ମିଶ୍ର))**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ କୋଦଳା ଥାନା ଅନ୍ତର୍ଗତ ନାୟିକାଣିପଲ୍ଲୀ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ବୁଧବାର ବିଳମ୍ବିତ ରାତିରେ ନାତି ଚିତ୍ରସେନ ସ୍ୱାଇଁ ଜେଜେ ମା'ଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଅନି ସ୍ୱାଇଁ (୭୨)। ପାରିବାରିକ କଳହକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଛି। ଖବର ପାଇ କୋଦଳା ପୋଲିସ ଏହାର ଅଧିକ ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି, ଅନିଙ୍କୁ ନେଇ ବିଭିନ୍ନ ସମୟରେ ପରିବାରରେ କଳହ ଲାଗି ରହିଥିଲା। ଏଥିରେ ଅତିଷ୍ଠ ହୋଇ ଚିତ୍ରସେନ ବୁଧବାର ବିଳମ୍ବିତ ରାତିରେ ଅନିଙ୍କୁ ଘରୁ ବାହାରକୁ ଘୋଷାଡ଼ି ନେଇ ନିଷ୍ଠୁକ ମାଡ଼ ମାରିଥିଲେ। ଏହି ସମୟରେ ତାଙ୍କ ବଡ଼ବାପା ତଥା ଅନିଙ୍କ ବଡପୁଅ ଓ ବଡ଼ ମା' ଛଡ଼ାଇବାକୁ ଯାଇଥିବା ବେଳେ ସେମାନେ ମଧ୍ୟ ଚିତ୍ରସେନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବଡ଼ବାପା ଓ ମା'ଙ୍କୁ ମଧ୍ୟ ସେ ମାଡ଼ମାରି ଲହୁ ଲୁହାଣ କରି ଦେଇଥିଲେ। ପରେ ପରିବାର ଲୋକେ ଅନିଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଚିତ୍ରସେନଙ୍କ ବାପା ଦିବାନ ସ୍ୱାଇଁ ଏନେଇ କୋଦଳା ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୩୪୫/୨୫ରେ ଏକ ମାମଲା ରୁଜୁ କରି ଚିତ୍ରସେନଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି। ବଡ଼ବାପା ଓ ବଡ଼ମା' ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

# ସ୍ୱାମୀଙ୍କ ଦଶାହ ଦିନ ସାପକାମୁଡ଼ାରେ ସ୍ତ୍ରୀଙ୍କ ମୃତ୍ୟୁ

**ରାଇରଙ୍ଗପୁର,୫।୬(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ କାଦପାଣି ଗ୍ରାମରେ ଗୁରୁବାର ଏକ ଦୁଃଖଦାୟକ ଅଘଟଣା ଘଟିଯାଇଛି। ସ୍ୱାମୀଙ୍କ ମୃତ୍ୟୁର ଦୁଃଖ ମନରୁ ପାସୋରି ନ ଥିବା ବେଳେ ଦଶାହ ଦିନ ସାପକାମୁଡ଼ାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଦେବାଶିଷ ମୁଣ୍ଡାଙ୍କ ସ୍ତ୍ରୀ ରାଣୀ ମୁଣ୍ଡା(୨୭)। ଦମ୍ପତିଙ୍କ ମୃତ୍ୟୁ ପରେ ତାଙ୍କର ୨ ଛୋଟ ପିଲା ଅସହାୟ ହୋଇପଡ଼ିଛନ୍ତି। ପ୍ରକାଶ ଯେ, କାଦପାଣି ଗ୍ରାମର ଅନୀଲ ମୁଣ୍ଡାଙ୍କ ପୁଅ ଦେବାଶିଷଙ୍କ ୧୦ ଦିନ ପୂର୍ବେ ହୃଦ୍‌ଘାତ କାରଣରୁ ମୃତ୍ୟୁ ଘଟିଥିଲା। ଗୁରୁବାର ତାଙ୍କର ଦଶା କାର୍ଯ୍ୟ ଥିଲା। ମାତ୍ର ବୁଧବାର ରାତିରେ ଦେବାଶିଷଙ୍କ ସ୍ତ୍ରୀ ରାଣୀ ଘର ଅଗଣାରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଦେଇଥିଲା। ତାଙ୍କୁ ପରିବାର ଲୋକେ ଡାକ୍ତରଖାନା ନେବା ପରିବର୍ତ୍ତେ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଗୁରୁବାର ସକାଳେ ବିଶୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତକରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜମିଜମା ବିବାଦକୁ ନେଇ ଶାଳୀଙ୍କୁ ହତ୍ୟା

**ଜଗନ୍ନାଥପ୍ରସାଦ, ୫।୬(ବିଭୁ ପ୍ରସାଦ ପଟ୍ଟନାୟକ)**

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅଧୀନ ଚଢିଆପଲ୍ଲୀ ଗ୍ରାମ ବଉଳସାହିରେ ଗୁରୁବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଜମିଜମା ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ତାଙ୍କ ଶାଳୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି ସ୍ୱର୍ଗତ ଗଦାଧର ତ୍ରିପାଠୀଙ୍କ ସାନଝିଅ ବିଜୟଲକ୍ଷ୍ମୀ ତ୍ରିପାଠୀ (୪୦)। ସେ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚଢିଆପଲ୍ଲୀ ଗ୍ରାମର ଆଶାକର୍ମୀ ଭାବେ କାର୍ଯ୍ୟରତ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାରେ ବ୍ୟବହୃତ କଟୁରି ଜବତ କରିଛି। ଏନେଇ ଝିଆରି ଶାନ୍ତିଲତା ପଟ୍ଟନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା( ନଂ. ୨୬୪/୨୫) ରୁଜୁ କରିଛି। ଅଭିଯୁକ୍ତ ଭିଣୋଇ ରାମଚନ୍ଦ୍ର ତ୍ରିପାଠୀ(୫୦) ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ପଚରାଉଚରା କରୁଛି।

ମିଳିଥିବା ସୂଚନାନୁସାରେ, ସ୍ୱର୍ଗତ ଗଦାଧର ତ୍ରିପାଠୀଙ୍କ ୪ଝିଅ। ସେମାନେ ହେଲେ ସ୍ୱର୍ଗତ କୁନି ପଣ୍ଡା, ଝୁନି ମହାପାତ୍ର, ବିନୋଦିନୀ ତ୍ରିପାଠୀ ଓ ସାନଝିଅ ହେଉଛନ୍ତି ବିଜୟଲକ୍ଷ୍ମୀ। ବାପାଙ୍କ ମୃତ୍ୟୁ ପରେ ଜମିଜମା ଓ ପେନ୍‌ସନ ଟଙ୍କାକୁ ନେଇ ବିନୋଦିନୀଙ୍କ ସ୍ୱାମୀ ରାମଚନ୍ଦ୍ର(ଭିଣୋଇ) ଓ ବିଜୟଲକ୍ଷ୍ମୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ବାପା ତିଆରି କରିଥିବା ଘରେ ବିନୋଦିନୀ ଓ ବିଜୟଲକ୍ଷ୍ମୀ ରହି ଆସୁଥିଲେ। ବିଜୟଲକ୍ଷ୍ମୀଙ୍କୁ ମିଳିଥିବା ଜମି, ଘର ସମେତ ନିଜେ କିଣିଥିବା ଏକ ଖଳାବାରିରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ରାମଚନ୍ଦ୍ର ଚାହୁଁଥିଲେ। ଏଥିପାଇଁ ସେ ବିଭିନ୍ନ ସମୟରେ ବିଜୟଲକ୍ଷ୍ମୀଙ୍କୁ ଧମକ୍‌ଚମକ ଦେଉଥିଲେ। ଜୋରଜବରଦସ୍ତ ଉକ୍ତ ଜାଗାରେ ରାମଚନ୍ଦ୍ର ନିଜର ଏକ ଟାଟା ମ୍ୟାଜିକ ଗାଡ଼ି ଓ ଅଟୋ ରଖି ଆସୁଥିଲେ। ଏଥିପାଇଁ ସେମାନଙ୍କ ମଧ୍ୟରେ ଅନେକ ଥର ମାରପିଟ ଓ ଗଣ୍ଡଗୋଳ ହୋଇଥିଲା। ୭।୧।୨୦୨୩ରେ ରାମଚନ୍ଦ୍ର ବିଜୟଲକ୍ଷ୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କ ଗୋଡ଼ ଭାଙ୍ଗି ଦେବା ସହ ମୁଣ୍ଡ ଫଟାଇ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ରାମଚନ୍ଦ୍ର ଜେଲ ଯାଇଥିଲେ। ସେଠାରୁ ଫେରିବା ପରେ ସେ ପୁଣି ବିଜୟଲକ୍ଷ୍ମୀଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରୁଥିଲେ। ପ୍ରଶାସନ କିଛି ନ ବୁଝିବାରୁ ସେ ଅସହାୟ ହୋଇ ପୁଣି ଜଗନ୍ନାଥ ପ୍ରସାଦ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ସମ୍ପୂର୍ଣ୍ଣ ସହଯୋଗ କରିବ କହି ତାଙ୍କୁ ଘରକୁ ପଠାଇ ଦେଇଥିଲା। ବୁଧବାର ବିଜୟଲକ୍ଷ୍ମୀ ଘର ତିଆରି ପାଇଁ ପଥର ପକାଇଥିଲେ। ଗୁରୁବାର ସକାଳ ୭ଟା ୩୦ରେ ବିଜୟଲକ୍ଷ୍ମୀଙ୍କ ରକ୍ତାକ୍ତ ମୃତଦେହ ଜାଗା ନିକଟରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ କିମ୍ବା ଘରେ ରାମଚନ୍ଦ୍ର ନ ଥିବାରୁ ପୋଲିସ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। କିଛି ସମୟ ପରେ ରାମଚନ୍ଦ୍ର ଥାନାରେ ଆତ୍ମସମର୍ପଣ କରିଥିଲେ।

# ଗରମ ପାଣି ଢାଳି ଯୁବକଙ୍କୁ ହତ୍ୟା

**ଭଦ୍ରକ,୫।୬(ସନାତନ ରାଉତ)**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁ ଗ୍ରାମରୁ ଏଭଳି ଅଭିଯୋଗ ଆସିଛି। ମୃତକ ହେଲେ ବନ୍ଧଗାଁର ଭାଗୀରଥି ମଲିକଙ୍କ ପୁଅ ଗଗନ(୨୯)। ଏନେଇ ମୃତ ଗଗନଙ୍କ ସାନଭାଇ ରାଜକିଶୋର ଗୁରୁବାର ପୂର୍ବାହ୍ନରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଛି।

ରାଜକିଶୋରଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଭାଇ ଗଗନଙ୍କୁ ଗାଁର ଜଣେ ବ୍ୟକ୍ତି ବୁଧବାର ସକାଳ ୮ଟା ବେଳେ ଦିନମଜୁରିଆ ଭାବେ କାମ କରିବାକୁ ଘରକୁ ଡାକିଥିଲେ। ପରେ କୌଣସି ଘଟଣାକୁ ନେଇ ଘର ମାଲିକ ଓ ଗଗନଙ୍କ ମଧ୍ୟରେ ଯୁକ୍ତିତର୍କ ସହ ମାର୍‌ପିଟ୍ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଘର ମାଲିକ ନିକଟରେ ଥିବା ଏକ ଚିକେନ ଦୋକାନରେ ଫୁଟୁଥିବା ଗରମ ପାଣି ଆଣି ଗଗନଙ୍କ ଉପରେ ଢାଳି ଦେଇଥିଲେ। ସ୍ଥାନୀୟ ଲୋକେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୫) ରୁଜୁ କରାଯାଇଛି। ଅପରପକ୍ଷେ ଗଗନ ଅସୁସ୍ଥ ହୋଇ ପଡ଼ି ରହିବାରୁ ଘର ମାଲିକଙ୍କ ପକ୍ଷରୁ ତାଙ୍କ ଘରକୁ ବାରମ୍ବାର ଖବର ଦେବା ପରେ ମଧ୍ୟ ପରିବାର ଲୋକେ ବହୁ ବିଳମ୍ବରେ ପହଞ୍ଚିଥିଲେ। ସେତେବେଳକୁ ଗଗନଙ୍କ ମୃତ୍ୟୁ ଘଟିସାରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

# କର୍ମଚାରୀଙ୍କଠାରୁ ଲାଞ୍ଚ ନେଇ ସେକ୍ସନ ଅଫିସର ଗିରଫ

**ଭୁବନେଶ୍ୱର,୫।୬(ସତ୍ୟଜିତ୍ ରାଉତ)**

ନିଜ କର୍ମଚାରୀଙ୍କଠାରୁ ଲାଞ୍ଚ ନେବାବେଳେ ପୁରୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ (ଏସ୍‌ଡିଭିଓ)ର ସେକ୍ସନ୍ ଅଫିସର ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ମନୋଜ ମହାନ୍ତି। ତାଙ୍କ ଠାରୁ ମୋଟ ୯ ହଜାର ଲାଞ୍ଚ ଟଙ୍କା ଜବତ ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ମନୋଜଙ୍କୁ ଗିରଫ କରାଯାଇଥିବାବେଳେ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ କର୍ମଚାରୀମାନଙ୍କ ପାଇଁ ବୈଦ୍ୟୁତିକ ଯାନ (ଇଭି) କିଣିବାରେ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ପୁରୀ ଏସ୍‌ଡିଭିଓ ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ରେଞ୍ଜର ୬ଜଣ ଲାଇଭଷ୍ଟକ୍ ଇନ୍ସପେକ୍ଟର(ପ୍ରାଣୀଧନ ନିରୀକ୍ଷକ)ଙ୍କୁ ଦୁଇଚକିଆ ଇଭି କିଣିବାକୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ରାଶି ମଞ୍ଜୁର ହୋଇଥିଲା। ହେଲେ ଏହି ମଞ୍ଜୁର ରାଶି ପ୍ରଦାନ ପାଇଁ ମନୋଜ ଜଣକ ପିଛା ୧୫୦୦ ଲେଖାଏ ମୋଟ ୯ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ପାଇଲେ କାମ ଆଗକୁ ଯିବ ନାହିଁ ବୋଲି ସେ ରୋକଠୋକ୍ କହିଥିଲେ। ଏହାପରେ ଅନ୍ୟ କୌଣସି ଉପାୟ ନ ପାଇ ନିମାପଡ଼ା ବ୍ଲକ ରେଞ୍ଜର ଲାଇଭଷ୍ଟକ୍ ଇନ୍ସପେକ୍ଟର ମଙ୍ଗଳବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ମନୋଜଙ୍କୁ ଗିରଫ ପରେ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଭିଜିଲାନ୍ସ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଛି।

DSPL-97

୨୦୨୫ ଆନ୍ତର୍ଜାତିକ ସମବାୟ ବର୍ଷ
ଉତ୍ତମ ବିଶ୍ୱ ଗଠନରେ ସମବାୟ

ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫
ସ୍ୱତନ୍ତ୍ର ସମବାୟ ସମାରୋହ
ସଶକ୍ତ ସମବାୟ-ସମୃଦ୍ଧ ଓଡିଶା



ଗରିମାମୟ ଉପସ୍ଥିତି
ଡ. ହରି ବାବୁ କମ୍ଭମ୍ପାଟି
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

କାର୍ଯ୍ୟକ୍ରମ :
- ଜାତୀୟସ୍ତରର ତିନିଗୋଟି ଶୀର୍ଷ ସମବାୟ ଅନୁଷ୍ଠାନ ସହ ମାର୍କଫେଡ୍, ଓଡିଶାର ବୁଝାମଣାପତ୍ର ସ୍ୱାକ୍ଷର।
- ତିନିଗୋଟି ପ୍ୟାକସ୍‌କୁ ଉତ୍କର୍ଷତା ପାଇଁ ପୁରସ୍କାର।
- ତିନିଗୋଟି ଜାତୀୟ ସମବାୟ ସଂସ୍ଥାର ସଭ୍ୟ ପ୍ରମାଣପତ୍ର ବଣ୍ଟନ।
- ବିଭିନ୍ନ ବିଭାଗ ଅନ୍ତର୍ଗତ ଉତ୍ତମ ସମବାୟ ଅନୁଷ୍ଠାନ ଗୁଡ଼ିକୁ ପୁରସ୍କାର ।
- ଜାତୀୟ ସମବାୟ ସଂସ୍ଥାର ସଭ୍ୟପଦ ନିମନ୍ତେ ଆବେଦନ ।
- ଜାତୀୟ ସମବାୟ ସଂସ୍ଥା ସହିତ ସଭ୍ୟ/ସଭ୍ୟାଙ୍କ ମତ ବିନିମୟ କାର୍ଯ୍ୟକ୍ରମ ।
- ବିଭିନ୍ନ ସମବାୟ ସଂସ୍ଥା ଦ୍ୱାରା ଉତ୍ପାଦିତ ବିଶେଷ ଦ୍ରବ୍ୟର ପ୍ରଦର୍ଶନୀ ।

ସ୍ଥାନ - ନୂଆ ଅଭିଷେକ ହଲ୍
ରାଜଭବନ, ଭୁବନେଶ୍ୱର

- ସଦୟ ଉପସ୍ଥିତି -
ଶ୍ରୀଯୁକ୍ତ ପ୍ରଦିପ ବଳ ସାମନ୍ତ
ମାନ୍ୟବର ମନ୍ତ୍ରୀ, ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ, ଓଡିଶା

ତାରିଖ -୦୬-୦୬-୨୦୨୫
ସମୟ -ଦିବା ୧୧ ଘଟିକା

ସମବାୟ ବିଭାଗ, ଓଡିଶା ସରକାର

OIPR-39001/13/0024/2526

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୬/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, June 6/2025 Page 16 ₹ 7.00
୫୧ଶ ଭାଗ ୧୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 191 ମୂଲ୍ୟ₹୭/-




# ଅଧିକାରୀଙ୍କୁ 'ୟୁସି' ଡର

## ■ ୩୩ ବିଭାଗ ଉପରେ ଗଡୁଛି ୪୩ହଜାରରୁ ଊର୍ଦ୍ଧ୍ୱ କୋଟି

**ଭୁବନେଶ୍ୱର,୫।୬ (ରବିନାରାୟଣ ଜେନା)**

ରାଜ୍ୟରେ ଆର୍ଥିକ ଶୃଙ୍ଖଳା କିଭଳି ନିୟନ୍ତ୍ରଣରେ ରହିବ ଓ ବିଭାଗଗୁଡ଼ିକ ସରକାରୀ ଯୋଜନା ଅନୁଯାୟୀ ଅର୍ଥ ଖର୍ଚ୍ଚ କରିବେ, ତାହାକୁ ନେଇ ସରକାରଙ୍କ ପକ୍ଷରୁ ବାରମ୍ବାର ବୈଠକ ବସୁଛି। ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀ ତଥା ଅର୍ଥନୈତିକ ପରାମର୍ଶଦାତାମାନେ ଠିକ୍ ଭାବେ ସରକାରୀ ନିୟମାବଳୀ ଅନୁପାଳନ କରୁ ନ ଥିବାରୁ ଅସଙ୍ଗତି ଦେଖାଦେଉଛି। ଅଭିଯୋଗ ହୋଇଥାଏ ବହୁ ସମୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଲାଗି ଥିବା ଅର୍ଥକୁ ଭିନ୍ନ ଦିଗରେ ଖର୍ଚ୍ଚ କରି ଦିଆଯାଉଥିବାରୁ ଠିକଣା ସମୟ ବେଳକୁ ସେମାନେ ବିନିଯୋଗ ପ୍ରମାଣପତ୍ର (ୟୁଟିଲାଇଜେଶନ ସାର୍ଟିଫିକେଟ ବା ୟୁସି) ଦେଇପାରୁ ନାହାନ୍ତି। ସ୍ଥିତି ଏଭଳି ହୋଇଛି ଯେ, ସରକାରଙ୍କ ବଜେଟର ପ୍ରାୟ ଏକଚତୁର୍ଥାଂଶ ଅର୍ଥର ବିନିଯୋଗ ପ୍ରମାଣପତ୍ର ଏବେ ବିଭିନ୍ନ ବିଭାଗ ଉପରେ ଗଡୁଛି। ଏହାକୁ ନେଇ ପ୍ରମୁଖ ମହାଲେଖାକାର (ପିଏଜି) ବାରମ୍ବାର ଅର୍ଥ ବିଭାଗକୁ ପତ୍ର ଲେଖୁଥିବାବେଳେ ଅର୍ଥ ବିଭାଗ ନାଚାର ଭଳି ପ୍ରତୀୟମାନ ହେଉଛି।

ଏଭଳି ପ୍ରଚ୍ଛଦପଟରେ ସରକାରଙ୍କ ପକ୍ଷରୁ ଶୁକ୍ରବାର 'ଏଣ୍ଟ୍ରି କନ୍‌ଫରେନ୍ସ' ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷ–୩ରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପିଏଜିଙ୍କ ସହିତ ସଂପୃକ୍ତ ବିଭାଗର ଅର୍ଥନୈତିକ ପରାମର୍ଶଦାତା ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପିଏଜିଙ୍କ ପକ୍ଷରୁ ପ୍ରଦତ୍ତ ବିନିଯୋଗ ପ୍ରମାଣପତ୍ର ବିବରଣୀ ଉପସ୍ଥାପନ କରାଯିବା ସହିତ ଗତ ୨୦୨୪–୨୫ ଆର୍ଥିକବର୍ଷର ପୂର୍ଣ୍ଣାଙ୍ଗ ଖର୍ଚ୍ଚ ଉପରେ ସମୀକ୍ଷା କରାଯିବ। ଏସବୁ ଜାଣିବା ପରେ କେତେକ ବିଭାଗୀୟ ଅର୍ଥ ପରାମର୍ଶଦାତାଙ୍କ ନିଦ ହଜିଯାଇଛି। ୧୦ଟି ବିଭାଗ ଉପରେ ପ୍ରାୟ ୩୮ହଜାର କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଗଡୁଥିବାବେଳେ ଅବଶିଷ୍ଟ ବିଭାଗ ଉପରେ ୫ହଜାର କୋଟି ଟଙ୍କାର ୟୁସି ବାକି ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଉପରେ ସର୍ବାଧିକ ୧୦,୨୯୪.୮୦କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ବାକି ରହିଥିବାବେଳେ ନଗର ଉନ୍ନୟନ ବିଭାଗ ଉପରେ ୯,୩୮୧.୧୪କୋଟି ଟଙ୍କାର ୟୁସି ବକେୟା ପଡ଼ିଛି। ସେହିପରି ଯୋଜନା ଓ ସଂଯୋଜନା ବିଭାଗ ଉପରେ ୩,୩୦୦କୋଟି, ସ୍ୱାସ୍ଥ୍ୟ ବିଭାଗ ଉପରେ ୩,୨୩୨.୯୮କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ୩,୦୦୩ କୋଟି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପରେ ୨,୩୦୯.୭୬ କୋଟି, ମିଶନଶକ୍ତି ବିଭାଗ ଉପରେ ୨,୧୧୩.୪୩ କୋଟି, ଉଚ୍ଚଶିକ୍ଷା ଉପରେ ୧,୯୧୧କୋଟି, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଉପରେ ୧୨୧୮.୪୨କୋଟି ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉପରେ ୧୧୬୬.୫୭କୋଟି ଟଙ୍କାର ୟୁସି ବାକି ରହିଛି। ଏହାବାଦ୍ ଶିଳ୍ପ ବିଭାଗ ଉପରେ ୮୪୯ କୋଟି, ଆଇନ ବିଭାଗ ଉପରେ ୬୯୪.୧୩କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପରେ ୫୩୩ କୋଟି, ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ୫୨୧କୋଟି, କୃଷି ବିଭାଗ ଉପରେ ୩୮୪.୯୦କୋଟି, ବିଜ୍ଞାନ ଓ କାରିଗରି ଉପରେ ୩୭୯କୋଟି, ସମବାୟ ଉପରେ ୨୯୭ କୋଟି, ଏମ୍‌ଏସ୍‌ଏମ୍‌ଇ ଉପରେ ୨୫୫କୋଟି, ଶକ୍ତି ବିଭାଗ ଉପରେ ୨୨୩.୫୦କୋଟି, ପରିବହନ ଉପରେ ୧୯୪କୋଟି, ଗ୍ରାମ୍ୟ ଉନ୍ନୟନ ଉପରେ ୧୬୩କୋଟି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପରେ ୧୬୦କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ବକେୟା ରହିଛି।

# ଶିଳ୍ପାୟନ, ବାଣିଜ୍ୟର ରାଜଧାନୀ ହେବ ଗଞ୍ଜାମ



ଛତ୍ରପୁରରେ ଗୁରୁବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ଏସ୍‌ଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟମାନେ।

**ଛତ୍ରପୁର,୫।୬ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗଞ୍ଜାମ ଜିଲାରେ ୧୨ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୮, ୦୮୪ କୋଟି ଟଙ୍କାର ପୁଞ୍ଜି ନିବେଶରେ ହେବାକୁ ଥିବା ଏସବୁ ପ୍ରକଳ୍ପରେ ୧୫, ୪୫୫ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଛତ୍ରପୁରସ୍ଥିତ ଖେଳ ପଡ଼ିଆଠାରେ ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ଶିଳ୍ପାୟନର ଏକ ନୂଆ

**■ ଜିଲାରେ ୨୮,୦୮୪ କୋଟିର ୧୨ ଶିଳ୍ପ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ**


**■ ୧୫, ୪୫୫ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ: ମୁଖ୍ୟମନ୍ତ୍ରୀ**

ଯୁଗ ଆରମ୍ଭ ହେବାକୁ ଯାଉଛି। ଏହି ଶିଳ୍ପାୟନର ମୂଳଦୁଆ ହେବ ଗଞ୍ଜାମ। ଶିଳ୍ପାୟନ ଓ ବାଣିଜ୍ୟର ରାଜଧାନୀ ହେବ ଗଞ୍ଜାମ। ରାଜ୍ୟରେ ୫ ମାସ ମଧ୍ୟରେ ଆମେ ଦେଢ଼ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛୁ। ଏହାଦ୍ୱାରା ପ୍ରାୟ ୯୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରମ୍ବାର କହିଛନ୍ତି, ଓଡ଼ିଶା ହେବ ପୂର୍ବ ଭାରତର ପୂର୍ବୋଦୟ। ଆମେ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଗତ ଜାନୁଆରୀରେ ହୋଇଥିବା ଉତ୍କର୍ଷ ଓଡିଶା–ମେକ୍ ଇନ୍ ଓଡିଶା କନକ୍ଲେଭରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିଥିଲୁ ଏବଂ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ସୂଚାଇଥିଲେ। ଓଡିଶାରେ ଏକ ବନ୍ଦରଭିତ୍ତିକ ଶିଳ୍ପ ବିକାଶ ପାଇଁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ୩ଟି ବନ୍ଦର ଅଛି। ଏହାବ୍ୟତୀତ ଆଉ ୩/୪ଟି ବନ୍ଦର ମଧ୍ୟ ପ୍ରତିଷ୍ଠା କରାଯିବ। କେନ୍ଦ୍ର ସରକାର ରେଳ ଓ ରାଜପଥ କ୍ଷେତ୍ରରେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରି ଦେଇଛନ୍ତି। ଓଡିଶାରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡକ ନିର୍ମାଣ କରାଯିବ। ଏହାସହିତ ଅନେକ ଶିଳ୍ପ କରିଡର ମଧ୍ୟ ଗଠନ କରାଯିବ। ଏହାଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଯାହାସବୁ ମୌଳିକ ଆବଶ୍ୟକତା ରହିଛି, ତାହା ସମ୍ପୂର୍ଣ୍ଣ ଭାବେ ମିଳିପାରିବ। ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ମା'ମାନେ ଯେଉଁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବେ ତାହା ବୃହତ୍ ଶିଳ୍ପଗୁଡିକ ସହିତ ମିଶି ଏକ ରାଜ୍ୟସ୍ତରୀୟ ସପ୍ଲାଇ ଚେନ୍ ପ୍ରତିଷ୍ଠା ହୋଇପାରିବ। ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଆଗାମୀ ଦିନରେ ଏପରି ଅନେକ ବିକାଶ ମୂଳକ କାର୍ଯ୍ୟର ଶୁଭାରମ୍ଭ ହେବ। ବର୍ତ୍ତମାନ ରାଜ୍ୟର ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦିଆ ଚାଲିଛି। ପ୍ରଥମ ବର୍ଷରେ ୨୭,୦୦୦ ଖାଲିଥିବା ପଦବୀ ପୂରଣ ହୋଇଛି। ଖୁବଶୀଘ୍ର ଆଉ ୪୦ ହଜାର ଖାଲିଥିବା ସରକାରୀ ପଦ ପୂରଣ କରାଯିବ। ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଗଞ୍ଜାମ ଜିଲାର ସମସ୍ତ ବିଧାୟକ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥିତ ଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତରେ ୨ ମୃତ

**ପବିତ୍ରନଗର,୫।୬ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ଗୁଣ୍ଡୁରୀ ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ବୃଦ୍ଧ ଓ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଜଣେ ବାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୁଣ୍ଡୁରୀ ଗ୍ରାମର କାହ୍ନୁଚରଣ ମିଶ୍ର(୬୩) ଓ ଶିବ ନାଏକ(୧୫)। ଗୁରୁତର ହୋଇଥିବା ବାଳକ ହେଉଛନ୍ତି ସେହି ଗ୍ରାମର ଶୁଭମ ମହାପାତ୍ର। ଏମାନେ ଗାଁ ଆମ୍ବତୋଟାକୁ ଆମ୍ବ ସଂଗ୍ରହ କରିବାକୁ ଯାଇଥିଲେ। ବର୍ଷା ହେବାରୁ ସମସ୍ତେ ଏକ ଆମ୍ବଗଛ ମୂଳେ ଠିଆ ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ସମ୍ପର୍କୀୟମାନେ ୩ ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ କୁମାର ପଟେଲ ୨ ଜଣକୁ ମୃତ ଘୋଷଣା କରିଥିଲେ। ଖବରପାଇ କଣିହାଁ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।




# ମେଧା ପାଟ୍‌କରଙ୍କୁ ସଭାସ୍ଥଳକୁ ଛାଡ଼ିଲାନି ପୋଲିସ

## ପରିବେଶବିତ୍‌ଙ୍କ ପ୍ରତି ଏହା ଅପମାନ: ମେଧା

**ଭୁବନେଶ୍ୱର,୫।୬(ସୁନିତ୍ ମିଶ୍ର)**

ବିଶ୍ୱ ପରିବେଶ ଦିବସ ଅବସରରେ ବିଶିଷ୍ଟ ପରିବେଶବିତ୍ ମେଧା ପାଟ୍‌କର ଗୁରୁବାର ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଆୟୋଜିତ ପ୍ରାକୃତିକ ସମ୍ପଦ ସମାବେଶରେ ଯୋଗଦେବାକୁ ଯାଉଥିବାବେଳେ ରାୟଗଡ଼ା ରେଳ ଷ୍ଟେଶନରେ ପୋଲିସ ତାଙ୍କୁ ଅଟକରଖିଥିଲା। ଷ୍ଟେଶନରୁ ମେଧାଙ୍କୁ ପୋଲିସ ଅଟକ ରଖିବା ପରେ ତାଙ୍କୁ ବ୍ରହ୍ମପୁରରେ ଛାଡ଼ି ଆସିଥିବା ଜଣାପଡ଼ିଛି। ପୋଲିସର ଏଭଳି କାର୍ଯ୍ୟକଳାପ ପରିବେଶବିତ୍‌ଙ୍କ ପ୍ରତି ଅପମାନ ବୋଲି ମେଧା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯିବା ଆଶଙ୍କା ଥିବାରୁ ୨୫ଜଣଙ୍କୁ କାର୍ଯ୍ୟକ୍ରମ ସ୍ଥଳକୁ ନ ଯିବା ପାଇଁ ନିର୍ଦ୍ଦେଶ ରହିଥିବା ରାୟଗଡ଼ା ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରୁ ମିଳିଥିବା ଏକ ଚିଠି ନଂ. ୧୫୫୬/ ୦୪୦୬.୨୦୨୫ରେ ଉଲ୍ଲେଖ ରହିଛି।

କାଶୀପୁର ବ୍ଲକ୍ ସୁଙ୍ଗେର ପଞ୍ଚାୟତର କଣ୍ଟାମାଳା ଗ୍ରାମରେ ଆୟୋଜିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପରିବେଶବିତ୍ ମେଧା ଗୁରୁବାର ସକାଳେ ଟ୍ରେନ୍‌ରେ ରାୟଗଡ଼ାରେ ପହଞ୍ଚିଥିଲେ । ସେ ଷ୍ଟେଶନରେ ଓହ୍ଲାଇବା କ୍ଷଣିଡିଏସ୍‌ପି ମୁନିଆଚାରୀଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି, ୨ ଆଇଆଇସିଙ୍କ ସମେତ ପୋଲିସ ଟିମ୍ ତାଙ୍କୁ ଛାଉଣୀ କରି ଘେରିଯାଇଥିଲେ। ପୋଲିସ ତାଙ୍କୁ ସେଠାରୁ ନେଇ ଦୀର୍ଘ ସମୟ ଅଟକରଖିବା ପରେ ଗାଡ଼ିରେ ନେଇ ବ୍ରହ୍ମପୁର ଅଭିମୁଖେ ଚାଲିଯାଇଥିଲା। ତେବେ ପୋଲିସ କାହିଁକି ମେଧାଙ୍କୁ ଅଟକ ରଖିଲା ଏବଂ ବ୍ରହ୍ମପୁରକୁ ପଠାଇଲା, ସେ ବିଷୟରେ ଜାଣିବା ପାଇଁ ଦାୟିତ୍ୱରେ ରହିଥିବା ଡିଏସ୍‌ପି ମୁନି ଆଚାରୀଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ସମ୍ପର୍କରେ ଏସ୍‌ପି ସ୍ୱାଥୀ ଏସ୍.କୁମାର ମଧ୍ୟ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ତେବେ କେଉଁ କାରଣରୁ ଏବଂ କାହା ଚାପରେ ପୋଲିସ ଏଭଳି ପଦକ୍ଷେପ ନେଇଛି ତା'ର ନିରପେକ୍ଷ ତଦନ୍ତ ପାଇଁ ମେଧା ଓ କେତେକ ପରିବେଶବିତ୍ ଦାବି କରିଛନ୍ତ। ଅନ୍ୟପକ୍ଷେ ମେଧା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ଆତଙ୍କବାଦୀ ନୁହନ୍ତି। ଶାନ୍ତି ଓ ଅହିଂସା ପୂର୍ବକ ଆନ୍ଦୋଳନରେ ସେ ବିଶ୍ୱାସ ରଖନ୍ତି। ପ୍ରକୃତି ଓ ପରିବେଶ ସନ୍ତୁଳିତ ହେବା ସହ ମଣିଷଙ୍କ ହିତକୁ ଦୃଷ୍ଟିରେ ରଖି ବିକାଶ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। କିନ୍ତୁ ବିକାଶ ନାଁରେ ବିଭିନ୍ନ ଅଞ୍ଚଳରେ ଖଣି ଖନନକରି ପ୍ରାକୃତିକ ପରିବେଶକୁ ନଷ୍ଟକରାଯାଉଛି, ଯାହାକୁ ଦୃଢ଼ ବିରୋଧ କରିବା ସହ ଅଞ୍ଚଳର ବିକାଶ ଓ ପ୍ରାକୃତିକ ପରିବେଶର ମହତ୍ତ୍ୱ ଉପରେ ଆଲୋଚନା ପାଇଁ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ ବୋଲି ମେଧା କହିଛନ୍ତି। ଅନ୍ୟପକ୍ଷେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ଲିଙ୍ଗରାଜ, ନରେନ୍ଦ୍ର ମହାନ୍ତି, ହର ବଣିଆଙ୍କୁ ମଧ୍ୟ ପୋଲିସ ଅଟକ ରଖିଥିଲା। ତେବେ ଅନ୍ୟ ସଂଗ୍ରାମୀ କଣ୍ଟାମାଳଠାରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ନେଇ ଏହାର ଆୟୋଜନ ହୋଇଥିଲା। ମେଧା, ପ୍ରଫୁଲ୍ଲ ସାମନ୍ତରାୟ, ନରେନ୍ଦ୍ର ମହାନ୍ତି, ଲିଙ୍ଗରାଜ ଆଜାଦ, ଲେନିନ୍ କୁମାରଙ୍କ ସମେତ ୨୫ ଜଣଙ୍କୁ କାର୍ଯ୍ୟକ୍ରମ ସ୍ଥଳକୁ ନ ଯିବା ପାଇଁ ନିର୍ଦ୍ଦେଶ ରହିଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।



ରାୟଗଡ଼ା ରେଳ ଷ୍ଟେଶନରେ ପୋଲିସ ମେଧା ପାଟ୍‌କରଙ୍କୁ ଅଟକ ରଖିଛି।

# ମହୁଆ–ପିନାକୀ ବିବାହ

**ପୁରୀ,୫।୬(ଅଜିତ୍ କୁମାର ମହାନ୍ତି)**



ବିଜୁ ଜନତା ଦଳ (ବିଜେଡି)ର ପୂର୍ବତନ ପୁରୀ ଲୋକ ସଭା ସଦସ୍ୟ ତଥା ଆଇନଜୀବୀ ପିନାକୀ ମିଶ୍ର ପଶ୍ଚିମବଙ୍ଗ କ୍ରିଷ୍ଣାନଗରର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ବିବାହ କରିଛନ୍ତି। ମେ' ୩୦ରେ ଜର୍ମାନୀରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ନେଇ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଉଭୟଙ୍କର କେତୋଟି ଫଟୋ ମଧ୍ୟ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପିନାକୀଙ୍କ ସହିତ ମହୁଆ ଏକାଠି ଯାଉଥିବା ଏବଂ ଦୁହେଁ ପରସ୍ପରର ହାତ ଧରିଥିବା ଏଥିରେ ଦେଖିବାକୁ ମିଳିଛି। ତାଙ୍କ ଫଟୋ ବ୍ୟାକ୍‌ଗ୍ରାଉଣ୍ଡରେ ବର୍ଲିନର ଐତିହାସିକ ବ୍ରାଣ୍ଡେନବର୍ଗ ଗେଟ୍ ଦୃଶ୍ୟମାନ ହେଉଛି। ଏହି ଫଟୋରେ ମହୁଆ ଶାଢ଼ି ଓ ସୁନା ଅଳଙ୍କାର ପିନ୍ଧିଛନ୍ତି। ଏହି ଯୋଡ଼ିକୁ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

୬୫ ବର୍ଷୀୟ ବିଜେଡି ନେତା ପିନାକୀ ଓ ୫୦ ବର୍ଷୀୟା ଟିଏମ୍‌ସି ନେତ୍ରୀ ମହୁଆଙ୍କ ଏହା ଦ୍ୱିତୀୟ ବିବାହ। ପିନାକୀ ୧୯୮୪ରେ ସଙ୍ଗୀତା ମିଶ୍ରଙ୍କୁ ବିବାହ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିବା ଜଣାପଡ଼ିଛି। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପିନାକୀ ୧୯୫୯ ଅକ୍ଟୋବର ୨୩ରେ କଟକରେ ଜନ୍ମଗ୍ରହଣ କରିଥିଲେ। ସେ ଦିଲ୍ଲୀ ଆଇନ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିବା ପରେ ସୁପ୍ରିମକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ୧୯୯୬ରେ ସେ କଂଗ୍ରେସ ଟିକେଟ୍‌ରେ ପ୍ରଥମ ଥର ପାଇଁ ପୁରୀ ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ତେବେ ପରବର୍ତ୍ତୀ ନିର୍ବାଚନରେ ସେ ହାରିଯାଇଥିଲେ। ୨୦୦୯ରେ ସେ ବିଜେଡିରେ ଯୋଗଦେଇ ପୁରୀ ଲୋକ ସଭା ଆସନରେ ଲଢି ବିଜୟୀ ହୋଇଥିଲେ। ପରେ ୨୦୧୪ ଏବଂ ୨୦୧୯ରେ କ୍ରମାଗତ ଭାବେ ପୁରୀ ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ମାତ୍ର ସେ ୨୦୨୪ ସାଧାରଣ ନିର୍ବାଚନ ଲଢ଼ି ନ ଥିଲେ। ସେହିପରି ୧୯୭୪ ଅକ୍ଟୋବର ୧୨ରେ ମହୁଆ ଆସାମରେ ଜନ୍ମଗ୍ରହଣ କରିଥିଲେ। ସେ ନ୍ୟୁୟର୍କ ଓ ଲଣ୍ଡନରୁ ଗ୍ରାଜୁଏଶନ ସାରିବା ପରେ ଜଣେ ବ୍ୟାଙ୍କ ନିବେଶକ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୦୮ରେ ଭାରତ ଫେରି ପ୍ରଥମେ କଂଗ୍ରେସ ଓ ୨୦୧୦ରେ ଟିଏମ୍‌ସିରେ ଯୋଗଦେଇଥିଲେ। ସେ ପୂର୍ବରୁ ଡାନିସ୍ ଫାଇନାନ୍ସର ଲାର୍ସ ବ୍ରୋର୍‌ସନଙ୍କୁ ବିବାହ କରିଥିଲେ। ପରେ ତାଙ୍କର ବିବାହ ବିଚ୍ଛେଦ ହୋଇଥିଲା। ମହୁଆ ୨୦୧୯ ଓ ୨୦୨୪ରେ ପଶ୍ଚିମବଙ୍ଗର କ୍ରିଷ୍ଣାନଗର ସଂସଦୀୟ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସଂସଦରେ ପ୍ରଶ୍ନ ପଚାରିବା ପାଇଁ ସେ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ଠାରୁ ଲାଞ୍ଚ ନେଇ ଚର୍ଚ୍ଚାକୁ ଆସିଥିଲେ। ଏହି ବିଷୟ ଲୋକଲୋଚନକୁ ଆଣିଥିବା ଆଇନଜୀବୀ ଅନନ୍ତ ଦେହାଦ୍ରାଇଙ୍କ ସହ ମଧ୍ୟ ପୂର୍ବରୁ ମହୁଆଙ୍କ ସମ୍ପର୍କ ରହିଥିଲା। ତେବେ କେତେକ ପ୍ରସଙ୍ଗରେ ମନୋମାଳିନ୍ୟ ଯୋଗୁ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା।

# ଆର୍‌ସିବି ସ୍ୱପ୍ନ ସାକାର

**ଆଇପିଏଲ୍-୧୮ ବେଶ୍ ସ୍ମରଣୀୟ ହୋଇଛି। ଦୀର୍ଘ ୭୨ ଦିନରେ ୭୪ଟି ମ୍ୟାଚର ଲଢ଼େଇ ପରେ ଟ୍ରଫି ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଅଷ୍ଟମ ଦଳ ଭାବେ ଆର୍‌ସିବି ଚାମ୍ପିୟନ ହୋଇ ଅଧୁରା ସ୍ୱପ୍ନକୁ ପୂରଣ କରିଥିବାବେଳେ ୧୮ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଆଇପିଏଲ୍ ୧୮ ପାଇଛି ନୂଆ ବିଜେତା...**



ନିର୍ମଳ କୁମାର ମିଶ୍ର

ଅନେକ ଦୃଷ୍ଟିକୋଣରୁ ଆଇପିଏଲ୍-୧୮ ବେଶ୍ ସ୍ମରଣୀୟ ହୋଇଛି। ୧୦ଟି ଟିମ୍‌କୁ ନେଇ ଦୀର୍ଘ ୭୨ଦିନ ଓ ୭୪ଟି ମ୍ୟାଚ ବିଶିଷ୍ଟ ଲଢେଇର ପରିସମାପ୍ତି ଘଟିଛି। ଏକ ରୋମାଞ୍ଚକ ଫାଇନାଲରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଶେଷରେ ଟ୍ରଫି ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି)। ୧୮ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଆଇପିଏଲ୍ ୧୮ ପାଇଛି ନୂଆ ବିଜେତା। ୮ମ ଦଳ ଭାବେ ବେଙ୍ଗାଲୁରୁ ଆଇପିଏଲ୍ ଟ୍ରଫି ଜିତି ଅଧୁରା ସ୍ୱପ୍ନକୁ ପୂରଣ କରିଛି। ତିନିଥର ଫାଇନାଲକୁ ଯାଇ ବିଫଳ ହେବା ପରେ ୨୦୨୫ରେ ସଫଳ ହୋଇଛି ଏହି ଦଳ। ୨୦୦୯ରେ ଫାଇନାଲରେ ଆର୍‌ସିବି ମାତ୍ର ୬ ରନରେ ହାରିଥିଲା। ସେହିପରି ୨୦୧୧ରେ ଚେନ୍ନାଇ ସୁପରକିଙ୍ଗ୍ସଠାରୁ ୫୮ ରନରେ ଏବଂ ୨୦୧୬ରେ ଭଲ ପ୍ରଦର୍ଶନ ସତ୍ତ୍ୱେ ସନରାଇଜର୍ସ ହାଇଦ୍ରାବାଦଠାରୁ ମାତ୍ର ୮ ରନରେ ପରାଜିତ ହୋଇଥିଲା। ଚଳିତ ବର୍ଷ ରଜତ ପଟିଦାରଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇଥିଲା ଆର୍‌ସିବି। ଦଳର ଆରମ୍ଭ ଆଶାନୁରୂପ ହୋଇଥିବାବେଳେ ଲିଗ୍ ପର୍ଯ୍ୟାୟରେ ସମସ୍ତ ୭ଟି ମ୍ୟାଚ ବାହାର ଭେନ୍ୟୁରେ ଜିତି ରେକର୍ଡ କରିବା ସହିତ ୧୪ ମ୍ୟାଚରୁ ୯ଟିରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ରହିଥିଲା। ପଞ୍ଜାବ କିଙ୍ଗ୍ସ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଟେବୁଲର ଶୀର୍ଷରେ ରହିଥିଲା। ଅନ୍ୟପକ୍ଷରେ ତୃତୀୟ ସ୍ଥାନରେ ଗୁଜରାଟ ରହିଥିବା ବେଳେ ୫ ଥରର ଚାମ୍ପିୟନ ମୁମ୍ବାଇ ୪ର୍ଥ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଥିଲା।

ପ୍ରଥମ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍ସକୁ ସହଜରେ ପରାସ୍ତ କରି ଫାଇନାଲ ଟିକେଟ ହାତେଇଥିଲା ଆର୍‌ସିବି। ଫାଇନାଲରେ ମଧ୍ୟ ସେହି ଦଳକୁ ହରାଇ ଚାମ୍ପିୟନ ହେଲା। ବିରାଟ କୋହଲିଙ୍କ ସ୍ୱପ୍ନ ସାକାର ହେଲା। ରଜତ ପଟିଦାର ଭାଗ୍ୟଶାଳୀ ଅଧିନାୟକ ହେଲେ। କୋହଲି ୧୨ବର୍ଷର ମୋଟ ୧୪୩ ମ୍ୟାଚରେ ନେତୃତ୍ୱ ନେଇ ଯାହା କରିପାରି ନ ଥିଲେ ଶେଷରେ ତାହା ପଟିଦାର କରିବାକୁ ସକ୍ଷମ ହେଲେ। ମାତ୍ର ଅନେକ ରେକର୍ଡର ଅଧିକାରୀ ହୋଇଥିଲେ କୋହଲି। ଲିଗ୍‌ର ୧୮ ସଂସ୍କରଣରୁ ୮ଟିରେ ଦଳ ପକ୍ଷରୁ ସର୍ବାଧିକ ରନ କରିଛନ୍ତି। ସଦ୍ୟ ସମାପ୍ତ ସଂସ୍କରଣରେ ଯଦିଓ ଅରେଞ୍ଜ କ୍ୟାପ୍ ପାଇନାହାନ୍ତି ତେବେ ୧୫ ମ୍ୟାଚରୁ ୬୫୭ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। ଏଥିରେ ୮ ଅର୍ଦ୍ଧଶତକ ସାମିଲ ରହିଛି, ଯାହାକି ଏକ ରେକର୍ଡ। ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଚଳିତ ଆଇପିଏଲ୍‌ରେ ଅରେଞ୍ଜ କ୍ୟାପ୍‌ର ଅଧିକାରୀ ହୋଇଛନ୍ତି। ସେ ୧୫ ମ୍ୟାଚରୁ ଗୋଟିଏ ଶତକ ଓ ୬ ଅର୍ଦ୍ଧଶତକ ସହ ୭୫୯ ରନ କରିଥିବା ବେଳେ ତାଙ୍କର ସାଥି ଖେଳାଳି ପ୍ରସିଦ୍ଧ କ୍ରିଷ୍ଣା ୧୫ ମ୍ୟାଚରୁ ୨୫ଟି ଉଇକେଟ ନେଇ ପର୍ପଲ କ୍ୟାପ୍ ହାସଲ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ ୧୬ ମ୍ୟାଚରୁ ୭୧୭ ରନ୍ ସଂଗ୍ରହ କରିବା ସହିତ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଏଥିସହ ସେ ଏକମାତ୍ର ଖେଳାଳି ଭାବରେ ଖେଳିଥିବା ସମସ୍ତ ୧୬ଟି ମ୍ୟାଚର ପ୍ରତିଟି ଇନିଂସରେ ୨୫ରୁ ଅଧିକ ରନ୍ କରି ଏକ ବିରଳ ରେକର୍ଡ କରିଛନ୍ତି। ଲକ୍ଷ୍ନୌର ନିକୋଲସ ପୁରନ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ବ୍ୟକ୍ତିଗତ ଭାବେ ସର୍ବାଧିକ ୪୦ଟି ଛକା ମାରିଥିବା ବେଳେ ଗୁଜରାଟର ସାଇ ସୁଦର୍ଶନ ବ୍ୟକ୍ତିଗତ ଭାବେ ୮୮ଟି ଚୌକା ମାରିବାରେ ସକ୍ଷମ ହୋଇଥିଲେ। ୨୦୭ ଷ୍ଟ୍ରାଇକ ରେଟ୍‌ର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ସୁପର ଷ୍ଟ୍ରାଇକର ଆୱାର୍ଡ ପାଇଛନ୍ତି ଏବଂ ଶ୍ରେଷ୍ଠ କ୍ୟାଚ୍ ପାଇଁ କାମିନ୍ଦୁ ମେଣ୍ଡିସ ପୁରସ୍କୃତ ହୋଇଛନ୍ତି। ମହମ୍ମଦ ସିରାଜ ୧୫୧ଟି ଡଟ୍‌ବଲ ପକାଇ ସ୍ୱତନ୍ତ୍ର ପୁରସ୍କାର ପାଇଥିବା ବେଳେ ଟେବୁଲର ୧୦ ନଂ ସ୍ଥାନରେ ଥିବା ଚେନ୍ନାଇ ସୁପରକିଙ୍ଗ୍ସ ଫେୟାର ପ୍ଲେ ଆୱାର୍ଡ ପାଇଥିଲା। ଦୀର୍ଘ ୧୮ବର୍ଷ ଧରି ଗୋଟିଏ ଫ୍ରାଞ୍ଚାଇଜ ପକ୍ଷରୁ ଖେଳୁଥିବା ବିରାଟ କୋହଲି ୭୭୧ଟି ଚୌକା ମାରିବା ସହ ଆଇପିଏଲ୍‌ରେ ସର୍ବାଧିକ ଶତକ ଏବଂ ବ୍ୟକ୍ତିଗତ ରନ ୨୬୭ଟି ମ୍ୟାଚରୁ ୮୬୬୧ ରନ୍ ସଂଗ୍ରହ କରି ରେକର୍ଡ ବ୍ରେକ କରିଛନ୍ତି।

ପୁରସ୍କାର ଆକାରରେ ଚାମ୍ପିୟନ ବେଙ୍ଗାଲୁରୁ ଟ୍ରଫି ସହ ୨୦କୋଟି, ରନର ଅପ୍ ପଞ୍ଜାବ ୧୨.୫ କୋଟି, ତୃତୀୟ ସ୍ଥାନ ପାଇଁ ମୁମ୍ବାଇକୁ ୭କୋଟି ଓ ୪ର୍ଥ ସ୍ଥାନରେ ରହିଥିବା ଗୁଜରାଟକୁ ୬.୫ କୋଟି ମିଳିଛି। ସୀମାନ୍ତରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପାଇଁ ଆଇପିଏଲ୍ ଏକ ସପ୍ତାହ ବନ୍ଦ ରହିଥିଲା। ପରବର୍ତ୍ତୀ ମ୍ୟାଚଗୁଡିକୁ ମାତ୍ର ୬ଟି ଭେନ୍ୟୁରେ ସୀମିତ ରଖାଯାଇଥିଲା। ନିରାପତ୍ତା ଦୃଷ୍ଟିକୋଣରୁ କୋଲକାତାର ଇଡେନ ଗାର୍ଡେନ୍ସରୁ କ୍ୱାଲିଫାୟର-୨ ଓ ଫାଇନାଲକୁ ଅହମଦାବାଦକୁ ସ୍ଥାନାନ୍ତର କରିବାର ପ୍ରଭାବ ଆଇପିଏଲ ଉପରେ ପଡି ନ ଥିଲା। ଦର୍ଶକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ନିଜର ପ୍ରିୟ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଲକ୍ଷାଧିକ ଦର୍ଶକ ଫାଇନାଲ ଦେଖିବାକୁ ଅହମଦାବାଦରେ ଉପସ୍ଥିତ ରହିଥିଲେ।

ଅନେକ ଦୃଷ୍ଟିକୋଣରୁ ବେଶ୍ ସ୍ୱତନ୍ତ୍ର ହୋଇଥିଲା ଆଇପିଏଲ୍-୧୮। ମେଗା ଅକ୍ସନରେ ଖେଳାଳିମାନଙ୍କ ଉପରେ ଏକପ୍ରକାର ଟଙ୍କା ବର୍ଷା ହୋଇଥିଲା। ଏଥର ବିଦେଶୀ ଖେଳାଳିମାନଙ୍କ ଅପେକ୍ଷା ଭାରତୀୟ ଖେଳାଳିଙ୍କ ଚାହିଦା ଅଧିକ ରହିଥିଲା। ୪ ଫ୍ରାଞ୍ଚାଇଜ ନୂଆ ଅଧିନାୟକ ପାଇଥିଲେ। ଏକମାତ୍ର ବିଦେଶୀ ଖେଳାଳି ଭାବେ ପ୍ୟାଟ କୁମିନ୍ସ ସନ୍‌ରାଇଜର୍ସ ହାଇଦ୍ରାବାଦର ନେତୃତ୍ୱ ନେଇଥିଲେ। ଲିଗ୍‌ରେ ବିଦେଶୀ ଖେଳାଳିଙ୍କ ଦବଦବା ଦେଖିବାକୁ ମିଳି ନ ଥିଲା। ତେବେ ବିଗ୍ ଫ୍ଲପ୍ ଲିଷ୍ଟରେ ରହିଥିଲେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ରିଷଭ ପନ୍ତ। ସେ ୨୭କୋଟିରେ ବିକ୍ରି ହୋଇ ମଧ୍ୟ ଅସଫଳ ରହିଥିଲେ। ଅନ୍ୟ ପକ୍ଷରେ କୋଲକାତା ନାଇଟ ରାଇଡର୍ସର ଭେଙ୍କଟେଶ ଆୟର ୨୩.୭୫ କୋଟିରେ ବିକ୍ରି ହୋଇ ମଧ୍ୟ ଦଳ ପାଇଁ ଉପଯୋଗୀ ହୋଇ ନ ଥିଲେ। ଯୁବ ଖେଳାଳିଙ୍କ ମଧ୍ୟରେ ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ସାଇ ସୁଦର୍ଶନ, ଭିଗ୍ନେଶ ପୁଥୁର, ଆୟୁଷ ମାହାତ୍ରେ ପ୍ରଦର୍ଶନର ଛାପ ଛାଡ଼ି ଭାରତୀୟ କ୍ରିକେଟର ଭବିଷ୍ୟତ ଭାବେ ବିବେଚିତ ହୋଇଛନ୍ତି।

୨୦୨୪ ଆଇପିଏଲ୍‌ରେ ମୋଟ ୧୨୬୦ଟି ଛକା ମାରିଥିଲେ ଖେଳାଳି। ୨୦୨୫ ଆଇପିଏଲ୍‌ରେ ୧୨୯୬ଟି ଛକା ଏବଂ ୨୨୪୯ଟି ଚୌକା ଦେଖିବାକୁ ମିଳିଥିଲା। ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଇଶାନ କିଶନ, ରିଷଭ ପନ୍ତ, ପ୍ରିୟାଂଶ ଆର୍ଯ୍ୟ, ଲୋକେଶ ରାହୁଲ, ହେନରିଚ କ୍ଲାସେନ, ମିଚେଲ ମାର୍ଶ, ସାଇ ସୁଦର୍ଶନ ଏଥର ଶତକ ହାସଲ କରିଥିବା ବେଳେ ୧୪୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ବିଭିନ୍ନ ଦଳର ବ୍ୟାଟର। ଏହା ମଧ୍ୟରେ ଚାମ୍ପିୟନ ଆର୍‌ସିବିର ବିରାଟ କୋହଲି ସର୍ବାଧିକ ୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ବେଙ୍ଗାଲୁରୁ ଦଳ ବ୍ୟାଟରର୍ସମାନେ ସର୍ବାଧିକ ୨୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ସନରାଇଜର୍ସ ହାଇଦ୍ରାବାଦ ଖେଳାଳି ସର୍ବାଧିକ ୩ଟି ଶତକ ଅର୍ଜନ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ବୋଲରମାନେ ସର୍ବାଧିକ ୧୧୬ ଏବଂ ପଞ୍ଜାବ କିଙ୍ଗ୍‌ସ ବୋଲର ୯୭ଟି ଉଇକେଟ ନେଇଛନ୍ତି। ପଞ୍ଜାବ କିଙ୍ଗ୍ସ ଦଳଗତଭାବେ ମୋଟ ୩୧୪୦ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ୨୯୧୨ ରନ୍ ସଂଗ୍ରହ କରିଛି। ଲିଗ୍‌ରେ ସର୍ବାଧିକ ଦଳଗତ ସ୍କୋର (୩/୨୮୯) ସନ୍‌ରାଇଜର୍ସ ହାଇଦ୍ରାବାଦ ନାମରେ ରହିଥିବାବେଳେ ସର୍ବନିମ୍ନ ସ୍କୋର କରିଛି କେକେଆର (୯୫ ରନ)। ପଞ୍ଜାବ କିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ ୮ଥର ଲେଖାଏ ୨ଶହ ରନ୍ ସ୍କୋର କରିଛନ୍ତି। ସର୍ବାଧିକ ରନ୍ ଚେଜ୍ (୨୪୫ ରନ) ସନରାଇଜର୍ସ ନାମରେ ରହିଛି। ଗତ ଆଇପିଏଲ୍‌ରେ ଯେଉଁ ନାମୀ ଖେଳାଳି ପ୍ରଭାବହୀନ ରହିଛନ୍ତି ସେମାନଙ୍କ ମଧ୍ୟରେ ଗ୍ଲେନ ମାକ୍ସୱେଲ, ରିଷଭ ପନ୍ତ, ମହମ୍ମଦ ଶାମି, ରାଚିନ ରବୀନ୍ଦ୍ର, ମୁସ୍ତାଫିଜୁର ରହମନ ଆଦି ଅନ୍ୟତମ।

ଅନ୍ୟ ସଂସ୍କରଣ ପରି ଏଥର ମଧ୍ୟ ବିବାଦ ଆଇପିଏଲ୍‌ର ପିଛା ଛାଡ଼ିନାହିଁ। ଟୁର୍ନାମେଣ୍ଟ ମଝିରୁ ବର୍ଷା ବାଧାପ୍ରାପ୍ତ ମ୍ୟାଚ ପାଇଁ ପ୍ଲେଇଂ କଣ୍ଡିଶନରେ ପରିବର୍ତ୍ତନ, ରିଭ୍ୟୁ ସିଷ୍ଟମ୍, ଇଡେନ ଗାର୍ଡେନ୍ସ ପିଚ୍, ଖଲିଲ ଅହମଦଙ୍କ ବଲ ଟାମ୍ପରିଂ ଏବଂ ରାଜସ୍ଥାନ ରୟାଲ୍ସ ନାମରେ ମ୍ୟାଚ ଫିକ୍ସିଂ ଆଦି ଚର୍ଚ୍ଚାରେ ରହିଥିଲା। ମୋଟ ଉପରେ ଦେଖିବାକୁ ଗଲେ ନୂଆ ଚାମ୍ପିୟନ ପାଇଛି ଆଇପିଏଲ୍-୧୮। ପଞ୍ଜାବର ସ୍ୱପ୍ନ ଧୂଳିସାତ ହୋଇଛି। ପୁଣି ୧୯ତମ ସଂସ୍କରଣକୁ ଅପେକ୍ଷା।





ଏକାଧିକ ପୁରସ୍କାର ସହ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ

## ଅତି

ଆଇପିଏଲ୍‌ର ଅଠର ଶ' ସଂସ୍କରଣ
ହୋଇଯାଇଅଛି ଶେଷ
ପଞ୍ଜାବ କିଙ୍ଗ୍ସକୁ ଛଅ ରନ୍‌ରେ ହରାଇ
ରୟାଲ ଚାଲେଞ୍ଜର୍ସ ଦୋଷ
କଟି ଅଛି ଏହି ବର୍ଷ
ଟର୍ନିଂ ପଏଣ୍ଟ କୃନାଲ ପାଣ୍ଡ୍ୟା
ପଞ୍ଜାବକୁ କଲା ନାଶ.....(୧)

ମନ ମରି ମରି ଯାଉଥିବା ବେଳେ
ଅଠର ବରଷ ଖଟି
ଟିମ୍‌କୁ ବିରାଟ ଚାମ୍ପିୟନ କରି
ଜିତିଛି କୋଡ଼ିଏ କୋଟି
ଆଜି ବେଙ୍ଗାଲୁରୁ ମାଟି
ଝୁରୁଅଛି ଦିବଂଗତ ଦର୍ଶକଙ୍କୁ
ମୃତ୍ୟୁ ଯା'ର ହେଲା ଏଠି.....(୨)



ଅତି ଭାବାବେଗ ଲାଇଫ ନେଇଯାଏ
ଅତିରୁ ହୁଅଇ ଇତି
ଅତି ଲୋଭ କରି ପଞ୍ଜାବ କ୍ୟାପଟେନ
ଫିଲ୍ଡିଂ ନେଲା ଟସ୍ ଜିତି
ପେଟ ଖାଲି ଗଲା ଜାତି
ସେଲ୍ଫ କନ୍ଫିଡେନ୍ସ, ଧୈର୍ଯ୍ୟ ବିରାଟକୁ
ବିଗ୍ କଲା ରାତା ରାତି.....(୩)

-ସୁବାସ ଚନ୍ଦ୍ର ପ୍ରଧାନ

# ଅନନ୍ୟ ଅନିମେଶ

**ଅନିମେଶ କୁଜୁର ଏବେ ଓଡ଼ିଶା କ୍ରୀଡ଼ା ମହଲରେ ଏକ ପରିଚିତ ନାମ। ଛତିଶଗଡ଼ ବାସିନ୍ଦା ହୋଇଥିଲେ ମଧ୍ୟ ଓଡ଼ିଶାର କ୍ରୀଡ଼ା ଇକୋ ସିଷ୍ଟମ୍‌ର ସଫଳ ଉପଯୋଗ କରି ସେ ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି। ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡ ସହ ଅନିମେଶ ଓଡ଼ିଶା ସ୍ପ୍ରିଣ୍ଟ ଟ୍ୟାଲେଣ୍ଟଙ୍କ ହବ୍‌ଭାବେ ବିକଶିତ ହେଉଥିବା ପ୍ରମାଣିତ କରିଛନ୍ତି।**

-ପ୍ରସ୍ତୁତି: ତପନ ସ୍ୱାଇଁ

ଅନିମେଶ କୁଜୁର ଏବେ ଓଡ଼ିଶା କ୍ରୀଡ଼ା ମହଲରେ ଏକ ପରିଚିତ ନାମ। ଛତିଶଗଡ଼ ବାସିନ୍ଦା ହୋଇଥିଲେ ମଧ୍ୟ ଓଡ଼ିଶାର କ୍ରୀଡ଼ା ଇକୋ ସିଷ୍ଟମ୍‌ର ସଫଳ ଉପଯୋଗ କରି ସେ ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି। ଓଡ଼ିଶା ଏଚ୍‌ପିସିର ଅନ୍ତେବାସୀ ହୋଇଥିବାରୁ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ନିକଟରେ ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅନିମେଶ ଜାତୀୟ ରେକର୍ଡ ସହ ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ସେ ଏହି ପ୍ରତିଯୋଗିତାର ପୁରୁଷ ୨୦୦ ମିଟରରେ ଭାରତ ପାଇଁ ପଦକ ଜିତିବାରେ ଦୀର୍ଘ ୧୦ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇଛନ୍ତି। ୨୧ ବର୍ଷୀୟ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିବା ସହ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ପୂର୍ବରୁ ଫେଡେରେଶନ କପ୍‌ରେ ସେ ୨୦.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ୨୦୧୫ରେ ଧରମବୀର ସିଂ ଏହି ମହାଦେଶୀୟ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟରଭାବେ ପୁରୁଷ ୨୦୦ ମିଟରରେ ଏକ ପଦକ ଜିତିଥିଲେ। ଏବେ ୨୦୨୫ରେ ପଦକ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଅନିମେଶ। ସେ କେବଳ ଜାତୀୟ ରେକର୍ଡ ଭାଙ୍ଗି ନାହାନ୍ତି ସ୍ପ୍ରିଣ୍ଟ ଟ୍ୟାଲେଣ୍ଟଙ୍କୁ ନେଇ ଓଡ଼ିଶା ଏକ ହବ୍‌ଭାବେ ବିକଶିତ ହେଉଥିବା ସେ ପ୍ରମାଣିତ କରିଛନ୍ତି। ଛତିଶଗଡ଼ର ଗ୍ରାମାଞ୍ଚଳରେ ଏକ ର' ଟ୍ୟାଲେଣ୍ଟରୁ ଭୁବନେଶ୍ୱରରେ ଏଲିଟ ଟ୍ରେନିଂ ନେଇ ସଫଳ ହେବା ପଛରେ ତାଙ୍କର କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଇକୋସିଷ୍ଟମ୍‌ର ଅବଦାନ ଅନେକ ରହିଛି।

୨୦୦୩ ଜୁନ୍ ୨ରେ ଛତିଶଗଡ଼ରେ ଜନ୍ମିତ ଅନିମେଶ ଛୋଟ ବେଳରୁ କ୍ରୀଡ଼ା ପ୍ରତି ଆକୃଷ୍ଟ ହୋଇଥିଲେ। ସେ ଏକ କ୍ରୀଡ଼ା ପରିବାରରେ ଜନ୍ମଗ୍ରହଣ କରିଥିଲେ। ପୋଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଥିବା ତାଙ୍କ ବାପା ଜଣେ ପୂର୍ବତନ ଆଥ୍‌ଲେଟ ଏବଂ ମା' ହେଉଛନ୍ତି ହକି ଖେଳାଳି। ଆଥ୍‌ଲେଟିକ୍ସକୁ ଆସିବା ପୂର୍ବରୁ ଅନିମେଶ ଅମ୍ବିକାପୁର ସୈନିକ ସ୍କୁଲରେ ଫରୱାର୍ଡ ଭାବେ ଫୁଟବଲ ଖେଳୁଥିଲେ। ପରେ କିମ୍ବଦନ୍ତୀ ସ୍ପ୍ରିଣ୍ଟର ଉଷେନ ବୋଲ୍ଟଙ୍କୁ ପ୍ରେରଣା ଭାବେ ଗ୍ରହଣ କରି ଆଥ୍‌ଲେଟିକ୍ସକୁ ଆପଣେଇ ନେଇଥିଲେ। ରେକର୍ଡ ବ୍ରେକିଂ ସ୍ପ୍ରିଣ୍ଟ ମାଧ୍ୟମରେ ଟ୍ରାକ୍‌ରେ ପ୍ରଭାବ ବିସ୍ତାର କରି ବିଶ୍ୱକୁ ଚକିତ କରିଥିବା ଜାମାଇକାର ଉଷେନ ବୋଲ୍ଟ ସ୍ୱର୍ଣ୍ଣ ପଦକ ଜିତିବା ସହ ପରବର୍ତ୍ତୀ ପିଢ଼ିକୁ ଅନୁପ୍ରେରିତ କରିଥିଲେ।

କଠିନ ପରିଶ୍ରମର ଫଳ ୨୦୨୫ରେ ଅନିମେଶଙ୍କ ପ୍ରଦର୍ଶନକୁ ନୂଆ ସ୍ତରକୁ ନେଇଥିଲା। କୋଚିରେ ଅନୁଷ୍ଠିତ ଜାତୀୟ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ଅମ୍ଲାନ ବୋରଗୋହେନଙ୍କ ନାମରେ ଥିବା ୨୦.୫୨ ସେକେଣ୍ଡର ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ସେଠାରେ ସେ ୨୦.୪୦ ସେକେଣ୍ଡ ସମୟ ନେଇଥିଲେ। ଏହି ପ୍ରଦର୍ଶନ କେବଳ ତାଙ୍କୁ ସ୍ୱର୍ଣ୍ଣ ପଦକ ଦେଇ ନ ଥିଲା, ଏସିଆନ ସିଜନ ଲିଡରଭାବେ ପ୍ରତିଷ୍ଠା ଦେଇଥିଲା। ୧୦୦ ମିଟର ଇଭେଣ୍ଟରେ ସେ ୧୦.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିଲେ। ଓଡ଼ିଶାରେ ଟ୍ରେନିଂ ନେଇ ସେ ଏକାଧିକ ଇଭେଣ୍ଟରେ ସଫଳ ହେବାର ଏହା ପ୍ରମାଣ ଥିଲା। ୨୦୨୨ରେ ୨୩ ବର୍ଷରୁ କମ୍ ଜାତୀୟ ଓପନ ଚାମ୍ପିୟନଶିପ୍ ଅବସରରେ ଅନିମେଶଙ୍କ ପ୍ରତିଭା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ମାର୍ଟିନ ଓଏନ୍ସଙ୍କ ନଜରକୁ ଆସିଥିଲା। ଅନିମେଶଙ୍କ ଶାରୀରିକ ଗଠନ ଓ ପ୍ରତିଭାରେ ପ୍ରଭାବିତ ହୋଇ ଓଏନ୍ସ ତାଙ୍କୁ ଭୁବନେଶ୍ୱର ଟ୍ରାଏଲ୍ସକୁ ଡାକିଥିଲେ। ଓଏନ୍ସଙ୍କ ତତ୍ତ୍ୱାବଧାନରେ ଏବେ ଅନିମେଶଙ୍କ ଟେକ୍ନିକରେ ଅନେକ ଉନ୍ନତି ଆସିଛି।

ଭାରତୀୟ ସ୍ପ୍ରିଣ୍ଟିଂ ଷ୍ଟେଜ୍‌ରେ ଅନିମେଶଙ୍କ ରେକର୍ଡ ବ୍ରେକିଂ ଉତ୍‌ଥାନ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ଓଡ଼ିଶା ଆଥ୍‌ଲେଟିକ୍ସ ଏକ ପାୱାରହାଉସରେ ପରିଣତ ହେବା ପଥରେ ଥିବାର ପ୍ରମାଣ ଦେଉଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଥିବା ଓଡ଼ିଶା ଏଚ୍‌ପିସିରେ ବିଶ୍ୱସ୍ତରୀୟ ଟ୍ରେନିଂ ଭିତ୍ତିଭୂମି, ଅନ୍ତର୍ଜାତୀୟ ସ୍ତରର କୋଚିଂ, ସ୍ପୋର୍ଟ୍ସ ସାଇନ୍ସ ସପୋର୍ଟ ଏବଂ ଆଥ୍‌ଲେଟିକ ଡେଭଲପ୍‌ମେଣ୍ଟର ସୁବିଧା ସୁଯୋଗ ରହିଛି। ଅନିମେଶଙ୍କ ପାଇଁ ଏହି ଇକୋସିଷ୍ଟମ ବିଶେଷ ଫଳପ୍ରଦ ହୋଇଛି। ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ ସହ ପୁଷ୍ଟି, ଆହତ ସମସ୍ୟାର ସମାଧାନ, ଆର୍ଥିକ ପୁରସ୍କାର ଓ ପୋଷ୍ଟ-କ୍ୟାରିୟର ପ୍ଲାନିଂ ଯୋଗୁ ଓଡ଼ିଶା ଏବେ ଆଥ୍‌ଲେଟ୍‌ଙ୍କ ଆକର୍ଷଣରେ ରହିଛି। ରାଜ୍ୟରେ ଏବେ ତୃଣମୂଳ ସ୍ତରରେ କ୍ରୀଡ଼ା ପାଇଁ ବିନିଯୋଗ, କୋଚିଂ ଡେଭ୍‌ଲପମେଣ୍ଟ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଆୟୋଜନ ହେଉଛି। ଏହା ଅନିମେଶଙ୍କ ପରି ଖେଳାଳିଙ୍କୁ ଏକ୍ସପୋଜର ଦେବା ସହ ମୋଟିଭେଟ କରୁଛି। ଏବେ ତାଙ୍କ ଟ୍ରେନିଂ ସହ ଟେକ୍ନିକରେ ଉନ୍ନତି ଉପରେ ଫୋକସ କରାଯାଉଛି। ଅନ୍ତର୍ଜାତୀୟ ପୋଡିୟମ ମଣ୍ଡନ ସହ ଅଲିମ୍ପିକ୍ସରେ ଭାଗନେବା ସ୍ୱପ୍ନ ରହିଛି। କିମ୍ବଦନ୍ତୀ ଉଷେନ ବୋଲ୍ଟଙ୍କ ପରି ହେବାପାଇଁ ଯଦିଓ ଆହୁରି ଅନେକ ପଥ ରହିଛି ତେବେ ସେ ଭାରତର ଶ୍ରେଷ୍ଠ ସ୍ପ୍ରିଣ୍ଟରରେ ପରିଣତ ହେବା ପଥରେ ରହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ନେବାଠାରୁ ଆରମ୍ଭ କରି ତାଙ୍କର ଜାତୀୟ ରେକର୍ଡ ଭାଙ୍ଗିବା ସଫଳତା ଦେଶର ଅନେକ ଯୁବ ଆଥ୍‌ଲେଟ୍‌ଙ୍କୁ ପ୍ରେରଣା ଦେବ ନିଶ୍ଚିତ। ଏକାଗ୍ରତା ବଜାୟ ରଖିବା ସହ ନିକଟ ଅତୀତରେ ଯେ ଅନିମେଶ ଅନ୍ତର୍ଜାତୀୟ ସ୍ପ୍ରିଣ୍ଟିଂ ଷ୍ଟେଜ୍‌ରେ ଭାରତର ଉପସ୍ଥିତି ଜାହିର କରିପାରିବେ ଏଥିରେ ଦ୍ୱିମତ ନାହିଁ।



### ସଂକ୍ଷେପରେ...

ନାମ: ଅନିମେଶ କୁଜୁର
ଜନ୍ମ: ୨୦୦୩, ଜୁନ୍ ୨, ଛତିଶଗଡ଼
ପ୍ରିୟ ଇଭେଣ୍ଟ/ଟାଇମିଂ
୧୦୦ ମିଟର ରେସ୍: ୧୦.୨୭ ସେକେଣ୍ଡ
୨୦୦ ମିଟର ରେସ୍: ୨୦.୩୨ ସେକେଣ୍ଡ (ଜାତୀୟ ରେକର୍ଡ)
(୪x୧୦୦ ଏବଂ ୪x୪୦୦ ମିଟର ରିଲେ ରେସ୍)
ପଦକ ରେକର୍ଡ
ଏସିଆନ ଚାମ୍ପିୟନଶିପ୍: ୨୦୦ ମିଟରରେ ବ୍ରୋଞ୍ଜ୍ (ଗୁମି, ୨୦୨୫)
ୟୁଏଇ ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି: ୨୦୦ ମିଟରରେ ସ୍ୱର୍ଣ୍ଣ (ଦୁବାଇ, ୨୦୨୫)
ମୋଟୋନେଟ ଜିପି: ୧୦୦ ମିଟରରେ ରୌପ୍ୟ (ଜିଭାସ୍କିଲା, ୨୦୨୪)।




# 'ବଏଜ୍ ଫ୍ରମ୍ ଦ ଗ୍ରୋଭ୍ସ୍' ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ରିଲିଜ୍

**ଭୁବନେଶ୍ୱର, ୫।୬ (ସୌମ୍ୟରଞ୍ଜନ ରାଉତ)**

ବିଶ୍ୱ ପରିବେଶ ଦିବସ ଅବସରରେ ଗୁରୁବାର ଦ ନେକେଡ୍ ଆଇ ପ୍ରଡକ୍ସନ ପକ୍ଷରୁ 'ବଏଜ୍ ଫ୍ରମ୍ ଦ ଗ୍ରୋଭ୍ସ୍' ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ଗୁରୁ କେଳୁଚରଣ ମହାପାତ୍ର (ଜିକେସିଏମ୍) ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ରିଲିଜ୍ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍ସା)ର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, ଓଡ଼ିଶା ହେଉଛି ଏକ ବନ୍ୟାବାତ୍ୟାପ୍ରବଣ ରାଜ୍ୟ, ଯାହାର ଭବିଷ୍ୟତ ସୁରକ୍ଷିତ ନୁହେଁ। ବର୍ଷକୁବର୍ଷ ବାତ୍ୟା ରାଜ୍ୟରେ ତୀବ୍ର ବେଗରେ ବଢ଼ି ଚାଲିଛି। ଯଦି ଏଥିପ୍ରତି ବର୍ତ୍ତମାନଠାରୁ ସଜାଗ ନ ରହିବା ରାଜ୍ୟର ଅଧିକାଂଶ ସ୍ଥାନ ସମ୍ପୂର୍ଣ୍ଣଭାବେ ଜଳମଗ୍ନ ହୋଇଯିବ। ଦିନକୁ ଦିନ ସମୁଦ୍ର କୂଳ ଲଂଘିବାରେ ଲାଗିଛି। ଓଡ଼ିଶାର ପାଖାପାଖି ୭୪ଟି ଗାଁ ବର୍ତ୍ତମାନ ଜଳମଗ୍ନ ହେବାକୁ ବସିଛି। କେନ୍ଦ୍ରାପଡ଼ା ଜିଲା ସାତଭାୟାର ଏକ ପଞ୍ଚାୟତକୁ ସମୁଦ୍ର ମାଡ଼ିଆସିଲାଣି। ସେହିପରି ଅନେକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ସମୁଦ୍ରରେ ବୁଡ଼ିଛି। ତେଣୁ ଆମେ ଅସ୍ତରଙ୍ଗ ଅଞ୍ଚଳର କେତେଜଣ ଯୁବଗୋଷ୍ଠୀ ଏବଂ ସ୍ଥାନୀୟ ଅଞ୍ଚଳର ମହିଳାମାନେ ମିଶି ଅଞ୍ଚଳର ସୁରକ୍ଷା ଲାଗି ନଦୀ ମୁହାଣରେ ମ୍ୟାନ୍‌ଗ୍ରୋଭ୍ ବା ହେନ୍ତାଳ ଲଗାଇବା ଆରମ୍ଭ କରିଛୁ। ସମସ୍ତେ ତୃଣମୂଳସ୍ତରରେ ମ୍ୟାନ୍‌ଗ୍ରୋଭକୁ ଲଗାଇ ଏହାର ସୁରକ୍ଷା ଦିଗରେ କାମ କରିବା ଉଚିତ୍ ବୋଲି ସୌମ୍ୟ ମତପ୍ରକାଶ କରିଥିଲେ। ଏହି ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ଷୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ଓଡ଼ିଶାରେ ଡକ୍ୟୁମେଣ୍ଟାରି ଫିଲ୍ମ କରିବା ପାଇଁ ବହୁତ ଚ୍ୟାଲେଞ୍ଜ ରହିଛି ବୋଲି କହିଥିଲେ। ଏଥିସହିତ ଜଳବାୟୁ ପରିବର୍ତ୍ତନକୁ ନେଇ ପ୍ରସ୍ତୁତ ଏହି ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ରର ନିର୍ମାତା ସ୍ନେହାଶିଷ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତୃଣମୂଳସ୍ତରରେ ମ୍ୟାନ୍‌ଗ୍ରୋଭ୍ ଲଗାଇଥିବା ଯୁବପିଢ଼ି ଓ ମହିଳାମାନଙ୍କୁ ନେଇ ଅନେକ ଶୁଭେଚ୍ଛା ଜଣାଇଥିଲେ। 'ବଏଜ୍ ଫ୍ରମ୍ ଦ ଗ୍ରୋଭ୍ସ୍'ର ନିର୍ଦ୍ଦେଶକ ସ୍ନେହାଶିଷ ଦାସ କହିଥିଲେ, ସେ ଜଳବାୟୁ ପରିବର୍ତ୍ତନ ଉପରେ ୨୦ ବର୍ଷଧରି କାମ କରିଆସୁଛନ୍ତି। ପୂର୍ବରୁ ଜଳବାୟୁ ପରିବର୍ତ୍ତନ ଖବରଦାତା ଭାବରେ କାର୍ଯ୍ୟକରୁଥିଲେ। ପରେ ଏହା ଉପରେ ଛୋଟ ଛୋଟ ମ୍ୟୁଜିକ୍ ଭିଡିଓ ଓ ଡକ୍ୟୁମେଣ୍ଟାରି ଫିଲ୍ମ କରିବାର ଆରମ୍ଭ କରିଥିଲେ ବୋଲି କହିଥିଲେ। ଏହି ଅବସରରେ ଗାଁର ପରିବର୍ତ୍ତିତ କାହାଣୀକୁ ନେଇ 'ନାଲି ଚା' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଚଳଚ୍ଚିତ୍ର ରିଲିଜ୍ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ଷୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉପସ୍ଥିତ ଥିଲେ।



ବିଶ୍ୱ ପରିବେଶ ଦିବସରେ ଗୁରୁବାର 'ଦ ନେକେଡ୍ ଆଇ' ପ୍ରଡକ୍ସନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଡକ୍ୟୁମେଣ୍ଟାରି 'ବଏଜ୍ ଫ୍ରମ୍ ଦ ଗ୍ରୋଭ୍ସ୍'ର ରିଲିଜ୍ ଓ ପ୍ରଦର୍ଶନ ଅବସରରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସ୍ନେହାଶୀଷ ଦାସ, ଓପ୍ସାର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟମାନେ। **(ଫଟୋ- ମନୋରଞ୍ଜନ ମିଶ୍ର)**

# ୨୦ ଲକ୍ଷ କରିନାହାନ୍ତି ଇ-କେୱାଇସି: ମନ୍ତ୍ରୀ

**■ ଜୁନ୍ ଶେଷ ସୁଦ୍ଧା ଇ-କେୱାଇସି କରି ନ ଥିଲେ କଟିବ ରାଶନ କାର୍ଡ**
**■ ୧୩ ବର୍ଷ ହେଲା ଲୋକଙ୍କୁ ନୂଆ ରାଶନ କାର୍ଡ ଦିଆଯାଇ ନ ଥିଲା**

**ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)**

ରାଜ୍ୟର ୨୦ ଲକ୍ଷ ହିତାଧିକାରୀ ଏ ଯାଏଁ ଇ-କେୱାଇସି କରିନାହାନ୍ତି। ଯେଉଁମାନେ ଜୁନ୍ ଶେଷ ସୁଦ୍ଧା ଇ-କେୱାଇସି ନ କରିଥିବେ ସେମାନଙ୍କ ରାଶନ କାର୍ଡ କାଟି ଦିଆଯିବ। ପ୍ରାୟ ୫ ପ୍ରତିଶତ ଲୋକ ବର୍ତ୍ତମାନ ସୁଦ୍ଧା ଇ-କେୱାଇସି କରିନାହାନ୍ତି। ସେମାନଙ୍କ ସ୍ଥାନରେ ନୂଆ ହିତାଧିକାରୀଙ୍କୁ କାର୍ଡ ଦେଇଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଲୋକସେବା ଭବନଠାରେ ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ୧୩ ବର୍ଷ ଧରି ନୂଆ ରାଶନ କାର୍ଡ ଦିଆଯାଇ ନ ଥିଲା। ରାଜ୍ୟରେ ଭାଜପା ସରକାର ଆସିବା ପରେ ୧୭ ଲକ୍ଷ ନୂଆ ଆବେଦନକାରୀ ରାଶନ କାର୍ଡ ପାଇଁ ଆବେଦନ କରିଥିଲେ। ଏହି ଲୋକମାନଙ୍କ ମଧ୍ୟରୁ କିଏ ୪ ବର୍ଷ ଆଉ କେହି ୭ ବର୍ଷ ହେବ ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୬ ଲକ୍ଷ ହିତାଧିକାରୀଙ୍କ ପାଇଁ ରାଶନ କାର୍ଡ ଦେବା ନେଇ ଅନୁମୋଦନ କରିଛନ୍ତି। ଏହାପରେ ଆହୁରି ୧୫ ଲକ୍ଷ ରାଶନ କାର୍ଡ ପାଇଁ ମଧ୍ୟ ଅନୁମୋଦନ ମିଳିସାରିଛି। ଇ-କେୱାଇସି ବ୍ୟବସ୍ଥା ଜୋର୍‌ଦାର ଚାଲିଛି। ୯୫ ପ୍ରତିଶତ ଲୋକ ରାଜ୍ୟରୁ ଇ-କେୱାଇସି କରିସାରିଲେଣି। ଆଉ ୫ ପ୍ରତିଶତ ଲୋକଙ୍କ ଇ-କେୱାଇସି ହୋଇପାରି ନାହିଁ। ରାଜ୍ୟର ପ୍ରାୟ ୨୨ ଲକ୍ଷ ଲୋକ ଏଯାଏଁ ଇ-କେୱାଇସି କରିନାହାନ୍ତି। ଜୁନ୍ ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଯିବ। ଏହାପରେ ଆହୁରି ୨୦ ଲକ୍ଷ ଲୋକ ବଳିଯିବେ। ସେଗୁଡିକୁ ରାଜ୍ୟ ସରକାର ରଦ୍ଦ କରିଦେବେ। ଯେଉଁ ୨୦ ଲକ୍ଷ ଲୋକଙ୍କ ରାଶନ କାର୍ଡ ରଦ୍ଦ କରାଯିବ ସେହି ଜାଗାରେ ଆଉ ନୂଆ ଲୋକଙ୍କୁ ଦିଆଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବ। ଅପରାହ୍ନ ୪ଟା ସମୟରେ ଲୋକସେବା ଭବନ ତୃତୀୟ ମହଲାର ସମ୍ମିଳନୀ କକ୍ଷରେ ଏହି ବୈଠକ ବସିବାକୁ ଥିବାବେଳେ ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ଆସନ୍ତା ୧୨ ତାରିଖରେ ହେବାକୁ ଥିବାବେଳେ କିଛି ବଡ଼ ଧରଣର ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଭିନ୍ନ ବିଭାଗର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ୍‌ରେ ମୋହର ବାଜିବ ବୋଲି ଜଣାପଡ଼ିଛି।

# ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟରେ ଭାଜପା ସରକାର ପକ୍ଷରୁ ଆୟୋଜନ ହେବାକୁ ଥିବା ବର୍ଷପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଗ୍ରୀନ୍ ସିଗ୍‌ନାଲ ମିଳିସାରିଛି। ହେଲେ ୧୧ କିମ୍ବା ୧୨ରେ ଆସିବେ ସେନେଇ କିଛି ସ୍ପଷ୍ଟ ହୋଇ ନ ଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଲୋକସେବା ଭବନଠାରେ ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟ ସରକାର ଆସନ୍ତା ୧୨ରେ ବଡ ଆକାରରେ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ କରିବେ। ରାଜ୍ୟସ୍ତରୀୟ ମହିଳା, ଯୁବ ଓ ଛାତ୍ର ସମାବେଶ କରାଯିବ। ପ୍ରତ୍ୟେକ ପଞ୍ଚାୟତସ୍ତରୀୟ ବର୍ଷପୂର୍ତ୍ତି ପାଳନ ହେବ।

# ୫ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ

**ମୟୂରଭଞ୍ଜରେ ସର୍ବାଧିକ ୪୦, ବୌଦ୍ଧ ଓ ଦେବଗଡ଼ରେ ସର୍ବନିମ୍ନ ୫ ବିଦ୍ୟାଳୟ**

**ଭୁବନେଶ୍ୱର, ୫।୬ (ସୁଚିସ୍ମିତା ସାହୁ)**

ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ଏଥିପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ପ୍ରତି ପଞ୍ଚାୟତରେ ସତ୍ୟବାଦୀ ବନ ବିଦ୍ୟାଳୟ ଢାଞ୍ଚାରେ ସ୍କୁଲ ଖୋଲିବ। ମୋଟ ୬୭୯୪ଟି ବିଦ୍ୟାଳୟ ଖୋଲିବାକୁ ଯୋଜନା ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫ଶହ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ପଡ଼ିବ। ରାଜ୍ୟରେ ଭାଜପା ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୧୨ ତାରିଖରେ ଯୋଜନାର ଶୁଭାରମ୍ଭ ସହ ନୂଆ ସ୍କୁଲ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏ ବିଦ୍ୟାଳୟକୁ ମଧ୍ୟ ଚୟନ କରାଯାଇଥିଲା। ଏବେ ଏହି ସଂଖ୍ୟା ୫ଶହକୁ ବଢ଼ାଇବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅବଶିଷ୍ଟ ୧୮୬ଟି ବିଦ୍ୟାଳୟକୁ ଚିହ୍ନଟ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ଯୋଜନା କରିଛନ୍ତି। ଜୁନ ୧୨ରେ ୫୦୦ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ପର୍ଯ୍ୟାୟ କ୍ରମେ ରାଜ୍ୟରେ ଆହୁରି ଅଧିକ ବିଦ୍ୟାଳୟ ଖୋଲିବାର ଯୋଜନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଓସେପାର ଚିଠି ଓ ତାଲିକା ଅନୁସାରେ, ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୦ଟି ଓ ଗଞ୍ଜାମ ଜିଲାରେ ଦ୍ୱିତୀୟ ସର୍ବାଧିକ ୩୪ଟି ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ବଲାଙ୍ଗୀର, କଟକ ଓ କୋରାପୁଟରେ ୨୨ଟି ଲେଖାଏ ଏବଂ ବୌଦ୍ଧ ଓ ଦେବଗଡ ଜିଲାରେ ସର୍ବନିମ୍ନ ୫ଟି ଲେଖାଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଲାଗି ଭିତ୍ତିପ୍ରସ୍ତର ପଡ଼ିବ। ସେହିପରି ଅନୁଗୋଳ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ନୟାଗଡରେ ୧୩ଟି ଲେଖାଏ, ବାଲେଶ୍ୱର, ବରଗଡ, କଳାହାଣ୍ଡି ଓ କନ୍ଧମାଳରେ ୧୯ ଲେଖାଏ, ସୁନ୍ଦରଗଡରେ ୨୭, ସୋନପୁରରେ ୧୦, ସମ୍ବଲପୁରରେ ୧୫, ରାୟଗଡାରେ ୧୭, ପୁରୀରେ ୧୮, ନୂଆପଡାରେ ୮, ଖୋର୍ଦ୍ଧା, ଯାଜପୁର ଓ ନବରଙ୍ଗପୁରରେ ୧୬ ଲେଖାଏ, ଭଦ୍ରକ, ଗଜପତି ଓ ମାଲକାନଗିରିରେ ୧୨ ଲେଖାଏ, କେନ୍ଦୁଝରରେ ୨୦, କେନ୍ଦ୍ରାପଡାରେ ୧୪ ଏବଂ ଝାରସୁଗୁଡାରେ ୯ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର କରାଯିବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଏହି ଯୋଜନାରେ ନୂଆ ଶ୍ରେଣୀଗୃହ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ, ପାଚେରି ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରି ଓ ଲାଙ୍ଗୁଏଜ ଲାବ୍, ଖେଳପଡିଆ, ଡାଇନିଂ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡ଼ା, ଶାରୀରିକ ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ।

# ଟ୍ରକକୁ ପିଟିଲା ବସ୍: କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ, ୬ ଗୁରୁତର

**ଭବାନୀପାଟଣା, ୫।୬ (ଉତ୍ତମ କୁମାର ଦାଶ)**



ବିନୋଦ କୁମାର ବେହେରା

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ୨୬ ନମ୍ବର ଜାତୀୟ ରାଜପଥର ଚାରବାହାଲ ଛକ ନିକଟରେ ଗୁରୁବାର ପ୍ରତ୍ୟୁଷରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ ନବରଙ୍ଗପୁର ଜିଲା ଉମରକୋଟକୁ ଯାଉଥିବା ରଘୁନାଥ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଚାରବାହାଲ ଛକ ନିକଟରେ ଅଟକି ରହିଥିବା ଟ୍ରକ୍ (ନଂ.ଡବ୍ଲ୍ୟୁବି୩୩ଇ-୯୪୫୫)କୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ଜଣେ କନିଷ୍ଠଯନ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୬ଜଣ ଗୁରୁତର ହୋଇଛନ୍ତି। ମୃତ କନିଷ୍ଠଯନ୍ତ୍ରୀ ହେଲେ ବିନୋଦ କୁମାର ବେହେରା (୪୮)। ଅନୁଗୋଳ ଜିଲା କଣିହାଁ ବ୍ଲକ ସାନ ତିରିବିଡା ଗ୍ରାମର ବିନୋଦ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ କାର୍ଯ୍ୟରତ ଥିଲେ। ଦୁର୍ଘଟଣାରେ ବସ୍‌ର ଆଗପଟ ଚୂର୍‌ମାର ହୋଇଥିବାବେଳେ ଅନେକେ ଯାତ୍ରୀ ବସ୍ ମଧ୍ୟରେ ଫସି ରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ କୋକସରା ଦମକଳ କେନ୍ଦ୍ର କର୍ମଚାରୀ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଥିବା ୬ ଜଣଙ୍କୁ ପ୍ରଥମେ ଜୁନାଗଡ଼ ଡାକ୍ତରଖାନା ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କନିଷ୍ଠଯନ୍ତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଛାତିରେ ଲୁହାରଡ଼ ପଶିଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍‌କୁ ଜବତ କରିଛି।

# ହାଲୁକା ବର୍ଷା, ଝଟ୍‌କା ପବନ

**ଭୁବନେଶ୍ୱର, ୫।୬ (ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଥିବାବେଳେ ଦିନରେ ଅଧିକାଂଶ ସ୍ଥାନରେ ଖରା ଓ ଗୁଳୁଗୁଳିର ପ୍ରଭାବ ରହୁଛି। ଶୁକ୍ରବାର ମଧ୍ୟ କିଛି ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ପୁରୀ, ନବରଙ୍ଗପୁର, ଅନୁଗୋଳ, ବୌଦ୍ଧ, କଳାହାଣ୍ଡି ଆଦି ଜିଲାରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ଝଟ୍‌କା ପବନ ବହିବାର ଆଶଙ୍କା ରହିଛି। ତେଣୁ ଏହିସବୁ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟ ୧୫ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ଝଟକା ପବନ ବହିବା ନେଇ ୟେଲୋ ୱାର୍ନିଂ ରହିଛି। ଆସନ୍ତା ୭ରୁ ୧୦ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଉଷ୍ମ ଓ ଆର୍ଦ୍ର ଅବସ୍ଥା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

# ପ୍ରସନ୍ନ ଆଚାର୍ଯ୍ୟଙ୍କ ସ୍ତ୍ରୀଙ୍କ ପରଲୋକ

**ବରଗଡ଼, ୫।୬(ପ୍ରେମାନନ୍ଦ ଖମାରୀ)**



ଚାରୁଶୀଳା ଆଚାର୍ଯ୍ୟ

ରେଢ଼ାଖୋଲର ବିଜେଡି ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସ୍ତ୍ରୀ ଚାରୁଶୀଳା ଆଚାର୍ଯ୍ୟ(୬୮)ଙ୍କ ଗୁରୁବାର ଭୋରରୁ ତାଙ୍କ ବରଗଡ଼ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ପରେ ଚକ୍ଷୁଦାନ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୃତ୍ୟୁ ସୂଚନା ପାଇ ଏକ ଡାକ୍ତରୀ ଦଳ ପହଞ୍ଚି ସ୍ୱର୍ଗତା ଆଚାର୍ଯ୍ୟଙ୍କ ଚକ୍ଷୁ ସଂଗ୍ରହ କରିଥିଲେ। ବରଗଡ଼ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ୨ଝିଅ ଲୋପାମୁଦ୍ରା, ମୋନାଲିସା ଏବଂ ପୁତୁରା ସଞ୍ଜୟ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ଆଚାର୍ଯ୍ୟଙ୍କ ଶବାଧାରରେ ବରଗଡ଼ ତଥା ବିଭିନ୍ନ ଜିଲାର ଜନସାଧାରଣ ଓ ନେତୃମଣ୍ଡଳୀ ସାମିଲହୋଇ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରୀତା ସାହୁ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସୋନପୁର ବିଧାୟକ ନିରଞ୍ଜନ ପୂଝାରୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ସ୍ୱର୍ଗତା ଆଚାର୍ଯ୍ୟଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି।

# ମେଡିକାଲ ସ୍ଥିତି ଅନୁଧାନକଲେ ସ୍ୱାସ୍ଥ୍ୟମନ୍ତ୍ରୀ

**କୋରାପୁଟ ମେଡିକାଲରେ ୬ ରୋଗୀ ମୃତ୍ୟୁ ଘଟଣା**

**କଂଗ୍ରେସ ପକ୍ଷରୁ ପ୍ରତିବାଦ**

**କୋରାପୁଟ, ୫।୬ (ଅମିତାଭ ବେହେରା)**

ଭୁଲ୍ ଇଞ୍ଜେକସନ ଯୋଗୁ ୬ ରୋଗୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ତ୍ରୀ ମହାଲିଙ୍ଗ ମେଡିକାଲର ସର୍ଜରି ୱାର୍ଡ ପରିଦର୍ଶନକରି ସେବା ବିଷୟରେ ରୋଗୀମାନଙ୍କ ସହ କଥା ହୋଇଥିଲେ। ପରେ ହସ୍ପିଟାଲରେ ଥିବା ଔଷଧର ମାନ ଯାଞ୍ଚ କରିଥିଲେ। ଏହି ସମୟରେ କଂଗ୍ରେସ ମେଡିକାଲର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଚାହୁଁଥିବା ବେଳେ ମନ୍ତ୍ରୀ ତାଙ୍କୁ ସୁଯୋଗ ନ ଦେବାରୁ ଦଳ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର ଓ କୋରାପୁଟ ବିଧାୟକ ରଘୁରାମ ମାଛ, ରୂପକ ତୁରୁକ ଓ ଭଗବାନ ବାହିନୀପତିଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ମାତ୍ର ୫ ମିନିଟ୍ ଆସି ବୁଲିଯାଇଥିବାରୁ କଂଗ୍ରେସ ସମାଲୋଚନା କରିଛି। ଏ ସରକାରରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ବିଧାୟକ ମାଛ କଂଗ୍ରେସ କର୍ମୀଙ୍କୁ ଧକ୍କାମାରିଥିବା ମାଲକାନଗିରି ପୂର୍ବତନ ବିଧାୟକ ସରକାର ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଆଇସିୟୁ ବିଭାଗ ଯାଇ ସ୍ଥିତି ପରଖିବା



କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

ବଦଳରେ ନ ଯାଇ ଏଠି କ'ଣ ଦେଖିବାକୁ ଆସିଥିଲେ ବୋଲି ରୂପକ ପ୍ରଶ୍ନ କରିଛନ୍ତି। ମେଡିକାଲ କଲେଜ ପରିସରରେ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ମହାଲିଙ୍ଗ ଯୋଗଦେଇଥିଲେ। ଏଥିରେ ଜିଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି ରୋହିତ ବର୍ମା, ମେଡିକାଲ ଅଧୀକ୍ଷକ ଡ.ସୁଶାନ୍ତ କୁମାର ସାହୁ, ଆଇସିୟୁ ଡାକ୍ତର, ସର୍ଜରି ଡାକ୍ତର, ମଙ୍ଗଳବାର ରାତିରେ ଥିବା ଡାକ୍ତର ଓ ଇଞ୍ଜେକ୍ସନ ଦେଇଥିବା ନର୍ସ ଓ ରୁମ୍‌ରେ ଥିବା କର୍ମଚାରୀମାନେ ଉପସ୍ଥିତ ଥିଲେ। କେଉଁ ପରିସ୍ଥିତିରେ ଏଭଳି ଘଟିଲା ମନ୍ତ୍ରୀ ସମୀକ୍ଷା କରିଥିଲେ। ବୁଧବାର ମେଡିକାଲ୍ କର୍ତ୍ତୃପକ୍ଷ ଯାହା ଗଣମାଧ୍ୟମକୁ କହିଥିଲେ ମନ୍ତ୍ରୀ ତାହା ଦୋହରାଇବା ସହ ବର୍ତ୍ତମାନ ଡିଏମ୍‌ଇଟି କଟକର ଏସ୍‌ସିବି ମେଡିକାଲ କଲେଜର ୨ଜଣିଆ ଟିମ୍ ଓ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ୩ ଜଣିଆ ଟିମ୍ କୋରାପୁଟ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏହାର ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ଓ ମେଡିକାଲ କଲେଜ ପ୍ରୋଭିଜନାଲ ରିପୋର୍ଟ ଅନୁଧାନ ପରେ ଘଟଣାରେ ଯିଏ ଦୋଷୀ ହୋଇଥିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସେ କହିଥିଲେ। ବୁଧବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଡାକ୍ତର ଆଇ.ଗୋପାଳ, ଡାକ୍ତର ଏଚ୍.କେ. ଦଳେଇ ଓ ଡାକ୍ତର ସଚି ନାୟକ ମଙ୍ଗଳବାର ରାତିରେ କୋରାପୁଟ ମେଡିକାଲରେ ପହଞ୍ଚି ଘଟଣା ସମ୍ପର୍କରେ ଡାକ୍ତର, ନର୍ସ ଓ ବିଭିନ୍ନ କର୍ମଚାରୀଙ୍କୁ ପଚାରିଥିଲେ। ଗୁରୁବାର କଟକ ଏସ୍‌ସିବି ମେଡିକାଲ କଲେଜର ଡାକ୍ତର ହରେକୃଷ୍ଣ ମାଝୀ ଓ ଡାକ୍ତର ସ୍ୱାଗତ ସୁବୁଦ୍ଧି ଆସି ଛାନ୍‌ଭିନ୍ କରୁଛନ୍ତି। ଆଗାମୀ ୩ ଦିନରେ ରିପୋର୍ଟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ନିଖୋଜ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

**ପରିବାର ଲୋକେ ଆଣିଲେ ବଳାତ୍କାର, ହତ୍ୟା ଅଭିଯୋଗ**

**ବରଗଡ଼, ୫।୬ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସଦର ଥାନା ଅଞ୍ଚଳର ଜଣେ ନିଖୋଜ ନାବାଳିକା (୧୪)ଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ସଦର ଥାନା ଅଞ୍ଚଳର ଜଣେ ଯୁବକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପରେ ସନ୍ଧ୍ୟାରେ ବରଗଡ଼ ସଦର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

୪ଦିନ ପୂର୍ବରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଥିବା ମାମୁ ଘରକୁ ଯାଇ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବରଗଡ଼ ସଦର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ନାବାଳିକାଙ୍କ ପତ୍ତା ମିଳି ନ ଥିବାବେଳେ ଗୁରୁବାର ଅଟକ ଯୁବକ ଜଣକ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସୋହେଲା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ନାବାଳିକାଙ୍କ ମୃତଦେହ ଜବତ କରିଛି। ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ହକ୍ ମାଗିଲେ ସୁକିନ୍ଦାରେ ଗୁଳି, ଲାଠି ଖାଇବାକୁ ପଡୁଛି

## କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଓ ପରିବେଶ ବଞ୍ଚାଅ ସମାବେଶ



କଂଗ୍ରେସର ସମ୍ବିଧାନ ବଞ୍ଚାଅ ଓ ପରିବେଶ ବଞ୍ଚାଅ ସମାବେଶରେ ଯୋଗ ଦେଇଥିବା ନେତା ଓ କର୍ମୀ ।

**କଳିଙ୍ଗନଗର,୫।୬(ଶୁଭାଶିଷ ରାଉତ):**

ବିଶ୍ୱ ପରିବେଶ ଦିବସ ଅବସରରେ ଗୁରୁବାର ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ଡୁବୁରୀ ଇନ୍ଦିରା ପଡ଼ିଆଠାରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଓ ପରିବେଶ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, କୋରେଇ କଂଗ୍ରେସ ବିଧାୟିକା ପ୍ରାର୍ଥୀ ବନ୍ଦିତା ପରିଡ଼ା, ସୁକିନ୍ଦା କଂଗ୍ରେସ ପ୍ରାର୍ଥୀ ବିଭୁଭୂଷଣ ରାଉତ ପ୍ରମୁଖ ଯୋଗଦେଇ ଆମ୍ବ ଗଡ଼ିଆଠାରେ ଥିବା ବୀରଭୂମି ଶହୀଦ ସ୍ମୃତି ସମାଧି ନିକଟରେ ପହଞ୍ଚି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଓ ପରେ ସେଠାରେ ଚାରାରୋପଣ କରିଥିଲେ। ଏହାପରେ ଡୁବୁରୀ ଛକରୁ କର୍ମୀଙ୍କ ସହ ପଦଯାତ୍ରାରେ ଆସି ସଭାସ୍ଥଳଠାରେ ପହଞ୍ଚିଥିଲେ।

ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସୁକିନ୍ଦା ବିଧାୟକ ପ୍ରାର୍ଥୀ ରାଉତ କହିଥିଲେ, ସୁକିନ୍ଦାରେ ଲୋକେ ବାପପୁଅଙ୍କ ଶାସନକୁ ହଟାଇ ଆଉ ଏକ ବାପପୁଅଙ୍କ ହାତରେ ଶାସନ ଟେକି ଦେଇଛନ୍ତି। ଜିଲା ପ୍ରଭାରୀ ସୁସ୍ମିତା ବେହେରା ଯୋଗଦେଇ ମହିଳାମାନେ ସୁରକ୍ଷିତ ନାହାନ୍ତି ବୋଲି କହିଥିଲେ। ଏଥିସହିତ ୧୦ ପ୍ରଦୂଷଣ ସହର ଭିତରେ ସୁକିନ୍ଦା ଅଛି, ଏହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ଜନକ ବିଷୟ ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶା ପ୍ରଭାରୀ ଲଲ୍ଲୁ କହିଥିଲେ, ସୁକିନ୍ଦା ମାଟି ତଳେ ୯୭% ପ୍ରତିଶତ କ୍ରୋମ ଅଛି। ଜମି, ଜଙ୍ଗଲ, ଖଣି, ପାଣି ସବୁ ଆମର ହୋଇଥିବାବେଳେ କମ୍ପାନୀଗୁଡ଼ିକ ସରକାରଙ୍କ ମାଧ୍ୟମରେ ଲୁଟ କରୁଛନ୍ତି। ହେଲେ ସ୍ଥାନୀୟ ନିଯୁକ୍ତି ନାହିଁ। ଏଠାରେ ୮୪ %ଲୋକ ପ୍ରଦୂଷଣ ଜନିତ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଥିପାଇଁ ହକ ମାଗିଲେ ସୁକିନ୍ଦାରେ ଗୁଳି ଓ ଲାଠି ଖାଇବାକୁ ଲୋକଙ୍କୁ ପଡୁଛି। ଆଦିବାସୀ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କୁ ଭୁଲିଗଲେ। ଶହୀଦ ହୋଇଥିବା ଭାଇମାନଙ୍କ ପାଇଁ ଲଢେଇ ଏବେ ବି ସରିନାହିଁ। ଜୀବନ ଦେବା କିନ୍ତୁ ସମ୍ପଦ ଆଉ ଦେବା ନାହିଁ ବୋଲି ଲଲୁ ପ୍ରକାଶ କରିଥିଲେ। ଏଥିସହିତ ଯେଉଁ ମାଟି ତଳେ କ୍ରୋମାଇଟ ସେଠି କାହିଁକି ଲୋକେ ଗରିବ। ଆଉ ବାହାର ଲୋକେ ଧନି ବୋଲି ସେ ପ୍ରଶ୍ନ କରିଥିଲେ। ଭକ୍ତ କହିଥିଲେ, ଆଦିବାସୀଙ୍କ ଜମିକୁ ଯେଉଁ ଶସ୍ତା ସୁବିଧାରେ ବନ୍ଧୁକ ମୁନରେ ସରକାର କମ୍ପାନୀ ହାତରେ ଟେକି ଦେଇଛନ୍ତି, ସମୟ ଆସିବ ସେ ଜମିର ମୂଲ୍ୟ ସୁଧମୂଳ ସହ ଲଢ଼େଇ କରି ଆଦାୟ କରାଯିବ।

ଆଦିବାସୀ ନେତ୍ରୀ ସ୍ୱର୍ଣ୍ଣଲତା ବାନରା ଯୋଗଦେଇ ଆଦିବାସୀଙ୍କ ଜମି ଜୋର ଜବରଦସ୍ତ ସରକାର କମ୍ପାନୀ ହାତରେ ଟେକି ଦେଇ ପରିବେଶକୁ ପ୍ରଦୂଷିତ କରୁଛନ୍ତି ବୋଲି କହିଥିଲେ। ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ଯୋଗଦେଇ କହିଥିଲେ, ଆଦିବାସୀଙ୍କ ପାଇଁ ଭକ୍ତ ବାବୁ ଏବେ ଓଡ଼ିଶାର ମଙ୍ଗ ଧରିଛନ୍ତି। ଜଗତ୍‌ସିଂହପୁରରୁ ଆରମ୍ଭ ହୋଇଥିବା ପଦଯାତ୍ରା ସାରା ଓଡ଼ିଶରେ ହେବ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ ସେବା ଦଳର ସଭାପତି ଶୁଭେନ୍ଦୁ ମହାନ୍ତି ସୁକିନ୍ଦାରେ ଆଦିବାସୀମାନଙ୍କ ନ୍ୟାୟ ପାଇଁ ନିଶ୍ଚିତ ଲଢେଇ ହେବ ବୋଲି କହିଥିଲେ। ପୂର୍ବତନ ଏମ୍‌ପି ଖୁଣ୍ଟିଆ କଳିଙ୍ଗନଗରରେ ସଂଖ୍ୟାଧିକ ଶ୍ରମିକଙ୍କୁ ନ୍ୟାୟମିଳୁନାହିଁ। ଅବହେଳିତ ଓ ପ୍ରଦୂଷିତ ପରିବେଶରେ ସେମାନେ ପେଷି ହେଉଛନ୍ତି ବୋଲି କହିଥିଲେ। ଶରତ ରାଉତ କହିଥିଲେ, ଶିଳ୍ପ ପାଇଁ ପ୍ରଦୂଷଣ ଏତେ ବଢିଛି ଯେ ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ସରକାର କି ଶିଳ୍ପପତି ଏହାର କୌଣସି ପ୍ରତିକାର କରୁନାହାନ୍ତି। ଜୀବନ ଜୀବିକା ସଙ୍କଟରେ ପଡିଛି। ତେଣୁ ଲୋକଙ୍କୁ ସଚେତନତା କରିବା ପାଇଁ ଆଜିର ସଭା ହୋଇଛି। କାର୍ଯ୍ୟକ୍ରମରେ ଦାନଗଦି ଓ ସୁକିନ୍ଦା ବ୍ଲକର ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ସେବା ଦଳ କଂଗ୍ରେସର ହଜାର ହଜାର କର୍ମୀ ଉପସ୍ଥିତ ଥିଲେ। ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ରଞ୍ଜିତ ରାଜ ଧନ୍ୟବାଦ ଦେଇଥିଲେ।

# ମାନସିକ ଅନଗ୍ରସର ଭଉଣୀଭାଇ ଉଦ୍ଧାର



ମାନସିକ ଅନଗ୍ରସର ଭଉଣୀଭାଇ ଉଦ୍ଧାର କରିବାକୁ ଆସିଥିବା ଜିଲା ପ୍ରଶାସନ ଟିମ୍।

**ଯାଜପୁରଟାଉନ,୫।୬(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ବ୍ଲକ୍ ଅନ୍ତର୍ଗତ ଚ଼ଇନିପୁର ପଞ୍ଚାୟତ କମାଗଡ଼(ଚୋବା ସାହି)ରେ ଏକ କୋଠରୀରେ ଆବଦ୍ଧଥିବା ମାନସିକ ଅନଗ୍ରସର ଭଉଣୀଭାଇଙ୍କୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ବିଭିନ୍ନ ଗଣମାଧ୍ୟମ ସୂତ୍ରରୁ ଖବର ପାଇ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛନ୍ତି। ସେମାନେ ହେଲେ ୩୮ ବର୍ଷୀୟ ଯୁବକ ଆଶିଷ ଜେନା ଏବଂ ୪୨ ବର୍ଷୀୟ ଯୁବତୀ ମିତା ଜେନା। ସେମାନଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମାନସିକ ସ୍ଥିତିରେ ସୁଧାର ଆସିବା ପରେ ମିତାଙ୍କୁ ସୁକିନ୍ଦାସ୍ଥିତ ମାନସିକ ଅନଗ୍ରସର କେନ୍ଦ୍ର ମିଶନ ଆଶ୍ରାଠାରେ ଏବଂ ଆଶିଷଙ୍କୁ ଭଦ୍ରକସ୍ଥିତ ଶ୍ରଦ୍ଧାଳୟ କେନ୍ଦ୍ରଠାରେ ଥଇଥାନ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିସହିତ ସେମାନଙ୍କୁ ଆଧାର କାର୍ଡ ସହ ଆବାସ ଗୃହ ଆଦି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲାପାଳ ସୂଚ଼ନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟ ସମୟରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଆଇଆଇସି ଶରତ ଚ଼ନ୍ଦ୍ର ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ଜିଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ, ମେଡିକାଲ ଟିମ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ,
ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୦୬.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ବେଲଗୁଣ୍ଠା ଶାଖା, ମେନ୍ ରୋଡ଼, ହାଟପଦା, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ-୭୬୧୧୧୯, ମୋ: ୭୦୦୮୫୩୯୭୦୬** | | |
| ୧. | **ରାଜେଶ କୁମାର ପରିଡା,** ପିତା: ବିପ୍ର ଚରଣ ପରିଡା, ସା: କେଳା ପଙ୍କାଳ, ପୋ: ବଙ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୯ / **୧୮୫୨୧୬୫୪୦୦୦୦୫୬୧** | ୧୨.୮୫ | ୨୦.୮୦ |
| | **ବ୍ରହ୍ମପୁର-୨ ଶାଖା, ପି.ବି.ନଂ.:୧୯, ଚିନ୍ନା ବଜାର, ହନୁମାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୨, ମୋ: ୬୩୭୦୨୫୨୪୯୪** | | |
| ୧. | **ସନ୍ତୋଷିନୀ ସାହୁ,** ସା: ଲକ୍ଷ୍ମୀନଗର ନୂଆସାହି, କେନାଲ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧ / **୦୦୪୨୧୬୫୪୦୦୦୦୫୧୮** | ୨୩.୦୦ | ୨୮.୬୦ |
| | **ଏସ୍‌ଏମ୍‌ଇ ଜଗନ୍ନାଥପୁର ଶାଖା, ଏନ୍‌ଏଚ୍-୧୬, ଜଗନ୍ନାଥପୁର ଜଙ୍କସନ୍, ଜଗନ୍ନାଥପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୭, ମୋ: ୯୦୪୦୨୬୨୪୨୧** | | |
| ୧. | **ଜେ ଜଗନ୍ନାଥ ରେଡ୍ଡି,** ସା: ରଘୁନାଥପୁର ଜଙ୍କସନ୍, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / **୧୦୮୮୧୬୫୪୦୦୦୦୨୯୭** | ୨୬.୨୦ | ୨୯.୪୦ |
| ୨. | **ଜେ ଜଗନ୍ନାଥ ରେଡ୍ଡି,** ସା: ରଘୁନାଥପୁର ଜଙ୍କସନ୍, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / **୧୦୮୮୧୬୫୪୦୦୦୦୨୩୭** | ୧୪.୦୦ | ୧୬.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୬.୨୦୨୫** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


# ଚାରାରୋପଣକଲେ ପିସିସି ସଭାପତି

**ଧର୍ମଶାଳା/ଜେନାପୁର,୫।୬ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):**



ପିସିସି ସଭାପତି ଭକ୍ତଚରଣ ଦାସ ଚାରା ରୋପଣ କରିବାକୁ ଯାଉଛନ୍ତି ।

ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ ଓ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଉଭୟ କଳିଙ୍ଗନଗରଠାରେ ପରିବେଶ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେବା ପାଇଁ ଯାଉଥିବାବେଳେ ଧର୍ମଶାଳା ବ୍ଲକ ଅଧୀନ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ଛକଠାରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଏହିଅବସରରେ କନ୍ତପଡ଼ା ଛକଠାରେ ପିସିସି ସଭାପତି ଏକବଉଳ ଚାରାରୋଣ କରି ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଯୁବକମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, କାଳନ୍ଦୀ ପାଣି, କୃଷକ ନେତା ବସନ୍ତ ପରିଡ଼ା, ସଞ୍ଜୟ ରାଉତ, ପ୍ରଫୁଲ୍ଲ ରାୟ, ଦୀପକ ବଳ, ଟୁଟୁ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ତରାଇ, ବାବୁଲି ମଳିକ, ବାବୁଲି ମହାରଣା, ଗଣେଶ ମଳିକ, ଗଙ୍ଗାଧର ମଳିକ, ନିତ୍ୟାନନ୍ଦ ମଳିକ, ପ୍ରତିମା ଜେନା, ସତ୍ୟାନନ୍ଦ ମଳିକ, ସାଗର ରାୟ, ବାବୁ ପରିଡ଼ା, ଗଗନ ବିହାରୀ ରାଉତ, ଭଗବାନ ସାହୁ, ନରୋତ୍ତମ ନାୟକ, ଅମରେନ୍ଦ୍ର ସାମଲ, ନକୁଳ ଜେନା, କାର୍ତ୍ତିକ ସାହୁ ଓ ଭାନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମଝିଆଁ ଭାଇ ଖଣ୍ଡା ଚୋଟରେ ବଡ଼ ଗୁରୁତର

**କଳିଙ୍ଗନଗର,୫।୬(ଶୁଭାଶିଷ ରାଉତ):**

ଯାଜପୁର ଜିଲା ଟମକା ଥାନା ଜେମାଦେଇପୁର ଉପରସାହି ଗାଁରେ ଗୁରୁବାର ଏକ ଗଣ୍ଡଗୋଳ ଘଟିଛି। ଏଥିରେ ମଝିଆଁ ଭାଇ ଖଣ୍ଡା ଚୋଟରେ ବଡ଼ ଭାଇ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗାଁର କାଳନ୍ଦୀ କାଣ୍ଡିଙ୍କ ଦୁଇ ପୁଅଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ବଡ଼ପୁଅ ଶତ୍ରୁଘ୍ନ କାଣ୍ଡି ଗାଡ଼ି ଚାଳକ ଭାବେ କାମ କରନ୍ତି। ମଝିଆଁ ପୁଅ ଶରତ କାଣ୍ଡିଙ୍କ ସହ ପୂର୍ବରୁ ବିଦ୍ୟୁତ୍ ତାର କଟାକଟିକୁ ନେଇ ଶତ୍ରୁଘ୍ନଙ୍କ ବାରମ୍ବାର ପାଟିତୁଣ୍ଡ ହେଉଥିଲା। ଗୁରୁବାର ବଡ଼ ଭାଇ ଶୋଇଥିବା ବେଳେ ମଝିଆଁ ଭାଇ ଏକ ଖଣ୍ଡାରେ ଅତର୍କିତ ଭାବେ ହାଣି ପକାଇଥିଲେ। ଫଳରେ ସେଠାରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଫେଙ୍କର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

**ଯାଜପୁର,୫।୬(ହର୍ଷବର୍ଦ୍ଧନ ବେହେରା) :**



ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ ।

ବେଦାନ୍ତ ଗ୍ରୁପର ଏକ କମ୍ପାନୀ ଫେରୋ ଆଲୟଜ କର୍ପୋରେଶନ ଲିମିଟେଡ(ଫେଙ୍କର) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଇକେଲିଂ କ୍ଲବର ଉଦଘାଟନ କରିବା ସହିତ କର୍ମଚାରୀମାନେ ସାଇକେଲରେ ପ୍ଲାଣ୍ଟ ଚାରିପାଖରେ ଭ୍ରମଣ କରି ପରିବେଶ ସଚେତନତା ବାର୍ତ୍ତା ଦେଇଥିଲେ। ଏହାପରେ ଏକ 'ସୁରକ୍ଷା ସଂକଳ୍ପ ଅଧିବେଶନ' ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। 'ଏକ ପେଡ ମା କେ ନାମ' ଜାତୀୟ ଅଭିଯାନରେ ୫୦୦ରୁ ଅଧିକ ଚାରା ବଣ୍ଟନ କରାଯାଇ ବନୀକରଣର ଗୁରୁତ୍ୱ ବିଷୟରେ ସଚେତନତା କରାଯାଇଥିଲା। ଏହାବାଦ୍ କର୍ମଚାରୀମାନଙ୍କ ଦ୍ୱାରା ପ୍ଲାଣ୍ଟ ପରିସରରେ କେବଳ ଜୁନ ମାସରେ ୧୦୦୦ ଚାରା ରୋପଣ କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା। ଏହାସହ ପ୍ଲାଣ୍ଟ ଏବଂ ଖଣି ସ୍ଥାନରେ ଏକ ନର୍ସରୀ ଉଦଘାଟନ ହୋଇଥିଲା। ଫେଙ୍କର ସିଇଓ ପଙ୍କଜ ଶର୍ମା କହିଛନ୍ତି, ବିଶ୍ୱ ପରିବେଶ ଦିବସରେ ବ୍ୟବସାୟକୁ ପ୍ରକୃତି ସହିତ ଜଡିତ କରାଯାଇଛି। ସିଓଓ କାମୋଦ ସିଂହ, ଏଚ୍‌ଏସଇ ମୁଖ୍ୟ ଅଧିକାରୀ କୃତିସୁନ୍ଦର ମହାପାତ୍ର ପରିବେଶ ସୁରକ୍ଷା ଏବଂ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ।

# ପୂର୍ବ ଶତ୍ରୁତାରୁ ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ

**ଦଶରଥପୁର,୫।୬(ସୁଶାନ୍ତ କୁମାର ବେହୁରିଆ):**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ଦଉପୁର ପଞ୍ଚାୟତରେ ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡ଼ାଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରେ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଓ ନାରାୟଣପୁର ଗ୍ରାମର ସର୍ବେଶ୍ୱର ଗାହାଣ ଏକ ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ ଦଉପୁର ଗ୍ରାମର ସାଗର ଦାସ ତାଙ୍କ ଗାଡିକୁ ଅଟକାଇ ଆତର୍କିତ ଭାବରେ ଏକ ବାଡ଼ିରେ ମନୋରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ସେ ଜୀବନ ଭୟରେ ଦୌଡି ପଳେଇ ଆସିବା ସମୟରେ ସାଗରଙ୍କ ମା' ମଧ୍ୟ ଏକ ବାଡ଼ିରେ ମନୋରଞ୍ଜନଙ୍କୁ ବାଡେଇଥିଲେ। ଏହି ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ଗୋଡ଼ରେ ଆଘାତ ଲାଗିଛି। ଏହାପରେ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏନେଇ ମଙ୍ଗଳପୁର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି। ଏସ୍‌ଆଇ ବିଭୁତି ଭୂଷଣ ମହାପାତ୍ର ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଥାନାରେ ନଂ.୧୪୭/୨୫ ଓ ୧୪୮/୨୫ରେ ମାମଲା ରୁଜୁ ହୋଇଛି।

# ଯୁକ୍ତ ୩ ନାମଲେଖା ଆବେଦନ ଶେଷ: ବହୁ ସିଟ୍ ଖାଲି ପଡ଼ିବା ସମ୍ଭାବନା

**ଧର୍ମଶାଳା,୫।୬(ବଟକୃଷ୍ଣ ପରିଡ଼ା):**

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ୩ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଜାରି ରହିଥିବା ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ଯୁକ୍ତ ୩ରେ ନାମଲେଖାଇବା ପାଇଁ ୨ଥର ଆବେଦନ ପ୍ରକ୍ରିୟା ବଢ଼ାଯାଇଥିଲେ ମଧ୍ୟ ସିଟ୍ ଅନୁପାତରେ ଆବେଦନ ସଂଖ୍ୟା କମ୍ ରହିଛି। ଫଳରେ ଅନେକ ସିଟ୍ ଖାଲିପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଧର୍ମଶାଳା ବ୍ଲକରେ ୫ଟି ଡିଗ୍ରୀ କଲେଜ୍ ରହିଛି। ଏହି ୫ଟି କଲେଜରେ କଳାରେ ୮୬୪ ଓ ସେଥି ମଧ୍ୟରୁ ୨ଟି କଲେଜ୍‌ରେ ବିଜ୍ଞାନରେ ୨୮୮ ଓ ୧ଟି କଲେଜ୍‌ରେ ବାଣିଜ୍ୟରେ ୬୪ଟି ମୋଟ୍ ୧୨୧୬ଟି ସିଟ୍ ରହିଛି। ପ୍ରଥମ ପସନ୍ଦ ଭାବେ ୮୯୮ ଜଣ ଛାତ୍ରୀଛାତ୍ର ନାମଲେଖାଇବା ପାଇଁ ଆବେଦନ କରିଛନ୍ତି। ଧର୍ମଶାଳା ଡିଗ୍ରୀ କଲେଜ୍‌ରେ କଳାରେ ୨୫୬ଟି ସିଟ୍‌ଥିବା ବେଳେ ପ୍ରଥମ ପସନ୍ଦ ଭାବେ ୨୬୬, ବିଜ୍ଞାନରେ ୧୬୦ ସିଟ୍ ଥିବା ବେଳେ ପ୍ରଥମ ପସନ୍ଦ ଭାବେ ୧୩୩ ଜଣ ଓ ବାଣିଜ୍ୟରେ ୬୪ଟି ସିଟ୍ ଥିବା ବେଳେ ମାତ୍ର ୧୨ଜଣ ପ୍ରଥମ ପସନ୍ଦ ଭାବେ ଆବେଦନ କରିଛନ୍ତି। ସେହିପରି ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜ୍‌ରେ କଳାରେ ୨୨୪ଟି ସିଟ୍ ଥିବାବେଳେ ପ୍ରଥମ ପସନ୍ଦ ଭାବେ ୧୨୮, ବିଜ୍ଞାନରେ ୧୨୮ ସିଟ୍ ଥିବା ବେଳେ ପ୍ରଥମ ପସନ୍ଦ ଭାବେ ୧୦୮ ଜଣ ଆବେଦନ କରିଛନ୍ତି। ଧର୍ମଶାଳା ମହିଳା ଡିଗ୍ରୀ କଲେଜ୍‌ରେ କଳାରେ ୧୨୮ଟି ସିଟ୍‌ଥିବା ବେଳେ ପ୍ରଥମ ପସନ୍ଦ ଭାବେ ୫୦ ଜଣ ଆବେଦନ କରିଛନ୍ତି। ଜେନାପୁର ଡିଗ୍ରୀ କଲେଜ୍‌ରେ କଳାରେ ୧୯୨ଟି ସିଟ୍ ଥିବା ବେଳେ ପ୍ରଥମ ପସନ୍ଦ ଭାବେ ୧୪୦ଜଣ ଆବେଦନ କରିଛନ୍ତି। ଜଗନ୍ନାଥ ଜୀଉ ଡିଗ୍ରୀ କଲେଜ୍‌ରେ କଳାରେ ୬୪ଟି ସିଟ୍ ଥିବା ବେଳେ ପ୍ରଥମ ପସନ୍ଦ ଭାବେ ୬୧ଜଣ ଭାବେ ଆବେଦନ କରିଛନ୍ତି ବୋଲି ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।


**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**
ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ : **www.ireps.gov.in** ରେ ଅପ୍‌ଲୋଡ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ସଂ. **Sr.DMM/KUR/EP/2025-26/02**, ତା.**04.06.2025** ରିଖ
**କ୍ରମ ସଂ.01:** ଟେଣ୍ଡର ସଂ. **81255611**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **60** କି.ଗ୍ରା. ରେଲ୍ ଇତ୍ୟାଦି ନିମନ୍ତେ ଜଗଲ୍ଡ (**Joggled**) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: **1781** ସେଟ୍।
**ବନ୍ଦ ହେବା ତାରିଖ ଓ ସମୟ:** ତା.**23.06.2025** ରିଖ **1500** ଘଟିକା।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼
PR-208/Q/25-26



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.17/ET/SBP/ENGG/2025-26, ତା.28.05.2025ରିଖ
(1)ଇ-ଟେଣ୍ଡର ସଂ.08-eT-DENS-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ ପରିସୀମା ଅଧୀନସ୍ଥ ଗର୍ଡର ବ୍ରିଜ୍‌ଗୁଡ଼ିକରେ H-ବିମ୍ ସ୍ଲିପର-2253 ଗୋଟି ଦ୍ୱାରା ଚ୍ୟାନେଲ ସ୍ଲିପରଗୁଡ଼ିକର ସ୍ଥାନାନ୍ତରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 9,24,30,694.94, ବିଡ୍ ସିକ୍ୟୁରିଟି (ଟଙ୍କାରେ): 6,12,200/-।
(2)ଇ-ଟେଣ୍ଡର ସଂ.17-eT-DENS-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ ପରିସୀମା ଅଧୀନସ୍ଥ ଦେଓଗାଁ ରୋଡ୍-ଟିଟିଲାଗଡ୍-ସିଙ୍ଗାପୁର ରୋଡ୍ ସେକ୍ସନରେ TRR(P)-2.400 Tkm, TRR(S)-4.800 Tkm, CTR(P)-5.959 Tkm ଏବଂ CTR(S)-8.073 Tkm, TTR(CMSC)-49 ସେଟ୍ (16 ରେ 1-12 ସେଟ୍ ଏବଂ 12 ରେ 1-37 ସେଟ୍) ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 7,03,96,766.79, ବିଡ୍ ସିକ୍ୟୁରିଟି (ଟଙ୍କାରେ): 5,02,000/-।
(3)ଇ-ଟେଣ୍ଡର ସଂ.24-eT-DENE-SBP-25
**କାର୍ଯ୍ୟର ନାମ :** 02 (ଦୁଇ) ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର(P.Way)/ ରେଙ୍ଗାଲି, ସିନିୟର ସେକ୍ସନ ଇଂଜିନିୟର(P.Way)/ ସମ୍ବଲପୁର ସିଟି, ସିନିୟର ସେକ୍ସନ ଇଂଜିନିୟର (P.Way)/ ରେଢ଼ାଖୋଲ ଏବଂ ସିନିୟର ସେକ୍ସନ ଇଂଜିନିୟର (P.Way)/ବଉଣ୍ଡା ପ୍ରତ୍ୟେକଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ (TATA-207 DI କିମ୍ବା ମହିନ୍ଦ୍ରା ବୋଲେରୋ କାମର କିମ୍ବା ଅନୁରୂପ/ଉଚ୍ଚତର କ୍ଷମତା) ବିଶିଷ୍ଟ 04 ଗୋଟି ଗାଡ଼ି, ପିକ୍-ଅପ୍ ଭ୍ୟାନ୍ (5-ସିଟର) ଭଡ଼ା ସୂତ୍ରରେ ନେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 50,13,664.32, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,00,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-।
(4)ଇ-ଟେଣ୍ଡର ସଂ.02-eT-SETT-SBP-25
**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଲୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/-।
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 24 ମାସ (କ୍ରମ ସଂ.3 ଏବଂ 4 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା. 25.06.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-199/Q/25-26



**OFFICE OF THE ENGINEER IN CHIEF**
**PUBLIC WORKS DEPARTMENT, NAVARAIPUR, ATAL NAGAR**
**(CENTRAL TENDER CELL) E-Procurement Tender Notice**
**Main Portal : https ://eproc.cgstate.gov.in**
Tenders are invited for the Following works :-

| S. No. | System Tender No./ Date | Name of Work | PAC Amount (Rupees in lacs) |
|---|---|---|---|
| 1 | 169396 Second Call 27.05.2025 | Construction of Adbhar to Bundeli Road Length 3.00 Km. | 426.62 |
| 2 | 169399 Third Call 27.05.2025 | RECONSTRUCTION WORK OF HIGH LEVEL BRIDGE ON RAIGARH BY PASS GOVERDHANPUR-RAMPUR ROAD ACROSS KELO RIVER. | 235.75 |
| 3 | 169254 First Call 27.05.2025 | Construction of Bithaldah to Bharrapara Road Via Mahamaya Length 1.775 Km. | 240.51 |
| 4 | 169256 First Call 27.05.2025 | Widening & Strengthening of Sargaon to Khapri Road Length 3.50 Km. | 284.16 |
| 5 | 169268 First Call 27.05.2025 | Strengthening of Baitalpur Madku Road Length 3.60 Km. | 366.51 |
| 6 | 169270 First Call 27.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS RIVER ON TURIPAR KALEWA ROAD. | 405.51 |
| 7 | 169304 First Call 28.05.2025 | 1). CONSTRUCTION OF PALIDIH BASTI TO LAKHJHAR (PETROL PUMP) ROAD, LENGTH 2.60 KM. DISTT.-JASHPUR (C.G.) (WORK CODE-W29178). 2) CONSTRUCTION OF SARAITOLA TO BARPARA APPROACH ROAD, LENGTH 3.20 KM. DISTT.-JASHPUR (C.G)(Work code-W29128). 3) CONSTRUCTION OF GRAM PANCHAYAT KATANGJOR TO GRAM PANCHAYAT PANGSUA DARRAPARA, ROAD, LENGTH 3.20 KM. DISTT.-JASHPUR (C.G.)(Work code-W279902). | 795.63 |
| 8 | 169400 Second Call 29.05.2025 | FIRE FIGHTING WORK AT GOVT. MEDICAL COLLEGE RAIPUR, I/C. ELECTRIFICATION WORK.( DEPOSIT WORK) (DN. NO.2, RAIPUR). | 240.69 |
| 9 | 169402 Second Call 29.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS TALPERU RIVER IN KM. 39/2 (BASAGUDA) ON BIJAPUR-AWAPALLI-CHINTALNAR-INJERAM ROAD. | 774.85 |
| 10 | 169420 First Call 29.05.2025 | STRENGTHENING OF VILLAGE PIPRAUL TO DEVGAI MOD AT RAMANUJGANJ, DISTT- BALRAMPUR- RAMANUJGAJ (CHALGALI ARAGAHI ROAD IN KM 29 TO 40) LENGTH 12.00 KM. | 492.81 |
| 11 | 169429 First Call 29.05.2025 | (1) CONSTRUCTION OF GRAM PANCHAYAT BANDHANPUR TO CHHATASARAI APPROACH ROAD LENGTH 2.85 KM, DISTT.- JASHPUR (Work code - W29134), (2) CONSTRUCTION OF GRAM PANCHAYAT SURAJGARH MIDDLE SCHOOL LUDEG GOTHAN APPROACH ROAD LENGTH 2.55 KM, DISTT.- JASHPUR (Work code - W29140). | 482.03 |
| 12 | 169432 First Call 29.05.2025 | (1) CONSTRUCTION OF MAIN ROAD TO SHABDMUNDA APPROACH ROAD LENGTH 2.10 KM, DISTT.- JASHPUR (Work code W29133), (2) CONSTRUCTION OF CHONGRIBAHAR GADLA MOD TO KOTGA APPROACH ROAD LENGTH 2.50 KM, DISTT.- JASHPUR (C.G.) (Work code - W27875). | 481.31 |
| 13 | 169439 First Call 29.05.2025 | Construction of Hirri to Madiyapar Road Length 2.25 K.m. including Bridges & culverts At Distt.- Durg (C.G.). | 281.12 |
| 14 | 169443 First Call 29.05.2025 | CONSTRUCTION OF COMPOSITE BUILDING AT DIST.- MANENDRAGARH-CHIRMIRI- BHARATPUR (C.G.) (Work code -W25621). | 1843.18 |
| 15 | 169473 First Call 30.05.2025 | CONSTRUCTION OF COMMUNITY HALL, PARKING SHED & OTHER IMPORTANT WORK AT NEWLY BUILT RESINDENTIAL CAMPUS( B-1 & B-2 BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.RAIPUR.(B&R DN.,NAVA RAIPUR). | 432.48 |
| 16 | 169474 First Call 30.05.2025 | CONSTRUCTION OF COMMUNITY HALL PARKING SHED & OTHER IMPORTANT WORK AT NEWLY BUILT RESINDENTIAL CAMPUS(C-TYPE BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.-RAIPUR. ( B&R DN.,NAVA RAIPUR). | 410.85 |

Last Date of Tender Downloading S.No.02 date 10.06.2025, S.No.01, S.No.08 To S.No.09 date 16.06.2025. Other Tenders Date are Schedule as date 20.06.2025. For more details on the tender and bidding process please visit the above mentioned portal.

Sd./- Chief Engineer
(Central Tender Cell)
Office of Engineer In Chief
P.W.D. Nava Raipur Atal Nagar

G-252601378/5

**ବଜ୍ରପାତରେ ୧ ମୃତ, ୧ଗୁରୁତର**

ବାଙ୍କି, (ଜ୍ଞାନେନ୍ଦ୍ର ମୋହନ ମିଶ୍ର) : କଟକ ଜିଲା ବାଙ୍କି ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡି ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଗଡ଼ି ଗ୍ରାମର ବାନାମର ବେହେରାଙ୍କ ପୁତ୍ର ସିପୁନା(୧୯)। ସେହିପରି ରଗଡି ଶାସନ ସାହିର ଶିବ ଲେଙ୍କା ବଜ୍ରପାତରେ ଗୁରୁତର ହୋଇ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଗାନ୍ଧୀଙ୍କ ବିଚାର ଆପଣାଇଲେ ପରିବେଶ ସୁରକ୍ଷିତ ରହିବ




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

କୁଜଙ୍ଗ,୫।୬(ମନୋଜ ପ୍ରଧାନ)

ବିଶ୍ୱ ପରିବେଶ ଦିବସରେ କୁଜଙ୍ଗ ସୂଚନା କେନ୍ଦ୍ର ରାଜ୍ୟ ମାନବାଧିକାର ଆୟୋଗ ପକ୍ଷରୁ ଗୁରୁବାର ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ପାଇଁ ଗାନ୍ଧୀଙ୍କ ବିଚାରଧାରା ଆପଣାଇବା ପ୍ରଣିଧାନ ଯୋଗ୍ୟ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି। କର୍ମଶାଳାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମାନବାଧିକାର ଆୟୋଗ ଅଧକ୍ଷ ଶତ୍ରୁଘ୍ନ ପୂଜାହାରି ଯୋଗଦେଇ ପୁଞ୍ଜିବାଦ ଅର୍ଥନୈତିକ ପ୍ରତିଯୋଗିତା ପାଇଁ ପରିବେଶ ପ୍ରଦ୍ୟୁଷଣ ବଢ଼ିଚାଲିଛି। ଏଥିଯୋଗୁ ଆଗାମୀ କିଛି ବର୍ଷ ପରେ ଜୀବଜଗତ ଲୋପ ପାଇବାର ଆଶଙ୍କା ରହିଛି ବୋଲି କହିଥିଲେ। ସେ କହିଥିଲେ ଦୃତ ଶିଳ୍ପାୟନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଖାଲି ଜୀବଜଗତ ନୁହେଁ ମାଟି, ପାଣି ଓ ପବନ ପାଇଁ ମଧ ଘାତକ ହେବାକୁ ଯାଉଛି। ଶିଳ୍ପ ବିନା ଆମର ଅର୍ଥନୀତି ସୁଦୃଢ଼ ହୋଇପାରିବ ନାହିଁ କି ଆମର ବିକାଶ ହୋଇ ପାରିବ ନାହିଁ। କିନ୍ତୁ ଆବଶ୍ୟକତାକୁ ଆଖି ଆଗରେ ରଖି ଶିଳ୍ପ ହେଲେ ପରିବେଶ ସୁରକ୍ଷାରେ ସହାୟକ ହୋଇପାରିବ। ତେଣୁ ବ୍ୟାପକ ଚାରୋପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଗାନ୍ଧିଜୀ କହିଥିଲେ ପ୍ରକୃତି ଆମ ଆବଶ୍ୟକତା ପାଇଁ ସବୁ କିଛି ଦେଇଛି। ସେ ସର୍ବଦା ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଉଥିଲେ। ତାଙ୍କ ବିଚାରାଧାରାକୁ ଆପଣାଇ ପାରିଲେ ପରିବେଶ ସୁରକ୍ଷିତ ରହିବ ବୋଲି ପୂହାହାରି କହିଥିଲେ। କୁଜଙ୍ଗ ଓକିଲ ସଂଘର ସଭାପତି ଏଏନ ଡି ଯାଦବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲାପାଳ ଜେ.ସୋନାଲ, ଆୟୋଗର ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର, ଅସିତ୍ ଅମିତାଭ ଦାସ, ପରିବେଶ ବିଶେଷଜ୍ଞ ପ୍ରିୟ ରଞ୍ଜନ ସାହୁ , ଆଇନ ଆୟୋଗ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ଜଗତ୍‌ସିଂହପୁର ଜିଲା ଓ ଦୌରା ଜଜ ଶ୍ରୀନିବାସ ପ୍ରତିହାରୀ ପ୍ରମୁଖ ଯୋଗଦେଇଥିବାବେଳେ ବରିଷ୍ଠ ଆଇନଜୀବୀ ଅମୃତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଓକିଲ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ ଧନ୍ୟବାଦ ଦେଇଥିଲେ।

## ନଦୀକୁ ଖସି ଯୁବକ ନିଖୋଜ

ନାଉଗାଁ,୫।୬(ସୁଧା ବେହୁରା)–ନାଉଗାଁ ଥାନା ଅନ୍ତର୍ଗତ ବଛାଳୋଗ୍ରାମରଜଣେଯୁବକଗୁରୁବାରସକାଳେଶିଖରଘାଟ ନିକଟ ଦେବୀ ନଦୀରେ ଖସି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଚୁକୁନା ଲେଙ୍କାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ଲେଙ୍କା। ସୂଚନା ମୁତାବକ ସୂର୍ଯ୍ୟକାନ୍ତ ବନ୍ଧୁ ଘରକୁ ଭୋଜିରେ ଯୋଗଦେବା ପାଇଁ ଯାଇଥିଲେ। ଶିଖରଘାଟ ନିକଟରେ ନିଜ ବାଇକକୁ ରଖି ଦେବୀ ନଦୀ ପୋଲକୁ ଯାଇଥିବାବେଳେ ହଠାତ ପାଣିକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକ ଏହା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ଥାନା ପକ୍ଷରୁ ଏସ୍ଆଇ ଜାକସନ ମାଝୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ସୂଚନା ମିଳିପାରିନାହିଁ। ଅଗ୍ନିଶମ ଏବଂ ଓଡ୍ରାଫ ଟିମ ମିଳିତ ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂର୍ଯ୍ୟକାନ୍ତ ଖସି ପଡିଥିବା ସ୍ଥାନ ୪୦ ଫୁଟ ଗଭୀର ଓ ନଦୀରେ ପାଣି ଭରି ରହିଛି। ସେ ବାହାର ରାଜ୍ୟରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ୧୦ ଦିନ ତଳେ ଘରକୁ ଆସିଥିଲେ। ପ୍ରେମ ସମ୍ବନ୍ଧୀୟ କାରଣରୁ ସେ ପାଣିକୁ ଡେଇଁ ପଡ଼ିଥିବା କେତେଜଣ କହୁଥିବାବେଳେ ଆଉ କେତେଜଣ ସେଲଫି ନେଉଥିବା ବେଳେ ଅସାବଧାନତାବଶତଃ ଖସି ପଡିଥିବା କହୁଛନ୍ତି। ତେବେ ସୂର୍ଯ୍ୟକାନ୍ତ କିପରି ନଦୀରେ ପଡ଼ିଲେ ତାହାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଆଶାକର୍ମୀଙ୍କ ଚିକିତ୍ସାରେ ଆମ୍ବୁଲାନ୍ସ ବାଧକ

ଏରସମା, ୫।୬ (ଦୀପ୍ତି ଖଣ୍ଡୁଆଳ) ଏରସମା ବ୍ଲକ ଅନ୍ତର୍ଗତ ଜାନକାଦେଇପୁର ପଞ୍ଚାୟତର ଜଣେ ଆଶାକର୍ମୀଙ୍କ ଚିକିତ୍ସାରେ ଆମ୍ବୁଲାନ୍ସ ବାଧକ ସାଜିଥିବା ଆଲୋଚନାର ବିଷୟ ହୋଇଛି। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ଜାନକାଦେଇପୁର ପଞ୍ଚାୟତର ଆଶାକର୍ମୀ ସୁଷମା କାଣ୍ଡିଙ୍କ ଦେହ ଅସୁସ୍ଥ ହୋଇଯାଇଥିଲା। ତାଙ୍କୁ ଆମ୍ବୁଲାନ୍ସରେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଉଥିଲା। ମାତ୍ର୨ କିମି ଦୂରସ୍ଥିତ ନାରଦିଆ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମ ନିକଟରେ ଆମ୍ବୁଲାନ୍ସ ହଠାତ୍ ପଙ୍କଚର ହୋଇଗଲା। ଖବରପାଇ ଲୋକେ ଆମ୍ବୁଲାନ୍ସକୁ ଘେରିଲେ। ସେହି ବାଟଦେଇ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯାଉଥିଲେ। ସେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଦଶବାଟିଆରୁ ଅନ୍ୟ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ନିଜ କାର୍ଯ୍ୟରେ ଯାଇଥିଲେ। ମାତ୍ର ଉକ୍ତ ଆମ୍ବୁଲାନ୍ସ ମଧ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏହାପରେ ଆଶାକର୍ମୀଙ୍କ ଅବସ୍ଥା ଦେଖି ଗୋବିନ୍ଦପୁର ଗ୍ରାମର ରାଜେନ୍ଦ୍ର ସେନାପତି ବାଇକରେ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୦୬.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ବେଲଗୁଣ୍ଠା ଶାଖା, ମେନ୍ ରୋଡ଼, ହାଟପଦା, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ-୭୬୧୧୧୯, ମୋ: ୭୦୦୮୫୩୯୭୦୬** | | |
| ୧. | **ରାଜେଶ କୁମାର ପରିଡା,** ପିତା: ବିପ୍ର ଚରଣ ପରିଡା, ସା: କେଳା ପଙ୍କାଳ, ପୋ: ବଙ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୯ / **୧୮୫୨୧୬୫୪୦୦୦୦୫୬୧** | ୧୨.୮୫ | ୨୦.୮୦ |
| | **ବ୍ରହ୍ମପୁର-୨ ଶାଖା, ପି.ବି.ନଂ.:୧୯, ଚିନ୍ନା ବଜାର, ହନୁମାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୨, ମୋ: ୬୩୭୦୨୫୨୪୯୪** | | |
| ୧. | **ସନ୍ତୋଷିନୀ ସାହୁ,** ସା: ଲକ୍ଷ୍ମୀନଗର ନୂଆସାହି, କେନାଲ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧ / **୦୦୪୨୧୬୫୪୦୦୦୦୫୧୮** | ୨୩.୦୦ | ୨୮.୬୦ |
| | **ଏସ୍‌ଏମ୍‌ଇ ଜଗନ୍ନାଥପୁର ଶାଖା, ଏନ୍‌ଏଚ୍-୧୬, ଜଗନ୍ନାଥପୁର ଜଙ୍କସନ୍, ଜଗନ୍ନାଥପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୭, ମୋ: ୯୦୪୦୨୬୨୪୨୧** | | |
| ୧. | **ଜେ ଜଗନ୍ନାଥ ରେଡ୍ଡି,** ସା: ରଘୁନାଥପୁର ଜଙ୍କସନ୍, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / **୧୦୮୮୧୬୫୪୦୦୦୦୨୯୭** | ୨୬.୨୦ | ୨୯.୪୦ |
| ୨. | **ଜେ ଜଗନ୍ନାଥ ରେଡ୍ଡି,** ସା: ରଘୁନାଥପୁର ଜଙ୍କସନ୍, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / **୧୦୮୮୧୬୫୪୦୦୦୦୨୩୭** | ୧୪.୦୦ | ୧୬.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୬.୨୦୨୫** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


## ୭ଙ୍କ ନାମରେ ଥାନାରେ ମାମଲା

ପାରାଦୀପ, ୫।୬(ଶରତ ରାଉତ)

କିଛିଦିନ ହେବ ସର୍ବପୁରାତନ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନରେ ସଦସ୍ୟତା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସର୍ବଭାରତୀୟ ଶ୍ରମିକ ନେତା ସ୍ୱର୍ଗତ ଘନଶ୍ୟାମ ଜେନାଙ୍କ ଦ୍ୱାରା ଏହି ୟୁନିୟନ ଆରମ୍ଭ ହୋଇଥିଲା। ଦୀର୍ଘଦଶନ୍ଧି ଧରି ଏହା ଚାଲିଥିବାବେଳେ ସେଥିରୁ କେତେଜଣ ବହିଷ୍କୃତ ଓ ସଦସ୍ୟତା ନ ଥିବା ଶ୍ରମିକ ଚକ୍ରାନ୍ତ କରି ସଂସ୍ଥାର ଲେଟରପ୍ୟାଡ ଜରିଆରେ ବ୍ୟାଙ୍କରୁ ଅର୍ଥ ନେବା ପାଇଁ ପ୍ରୟାସ କରିଥିଲେ ବୋଲି ୫ ଜୁନ୍‌ରେ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଥାନାରୁ ନ୍ୟାୟ ମିଳିବା ବଦଳରେ ଓଲଟି ୟୁନିୟନ କର୍ମକର୍ତ୍ତାଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା ବୋଲି ସମ୍ପାଦକ ସନାତନ ବେହେରା ଅଭିଯୋଗ କରିଛନ୍ତି। ଏନେଇ ୟୁନିୟନ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାର ବିଚାର କରି କୁଜଙ୍ଗ ଜେଏମ୍ଏଫ୍‌ସି ନ୍ୟାୟାଳୟ ଥାନାରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଥିଲେ।ଏହି କ୍ରମରେ ଗୁରୁବାର ପାରାଦୀପ ଆଦର୍ଶ ଥାନାରେ ମାମଲା (ନଂ. ୧୩୨/୨୦୨୫)ରୁଜୁ କରାଯାଇଛି। ଏଥିରେ ଅଭିଯୁକ୍ତ ଭାବେ ନିରଞ୍ଜନ ମହାପାତ୍ର, ବିଜୟ ବରାଳ, କାଳୁ ବରାଳ, ବିରଞ୍ଚି ନାରାୟଣ ସୁନ୍ଦରାୟ, ନବୀନ ବଳିୟାରସିଂ, ଶରତ ମଲ୍ଲିକ ଓ ଅଲ୍ଲାରନାଥ ରଣହାନ୍ଦୋଳଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ବୋଲି ୟୁନିୟନ ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ ଦର୍ଶାଯାଇଛି। କିନ୍ତୁ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଓ ୟୁନିୟନରୁ ଚୋରି ହୋଇଥିବା ଲେଟରହେଡକୁ ଜବତ କରାଯାଇନାହିଁ ବୋଲି ସମ୍ପାଦକ ବେହେରା କହିଛନ୍ତି ।

## ଆହ୍ୱାନ ଫାଉଣ୍ଡେଶନକୁ ପ୍ରକୃତିମିତ୍ର ସମ୍ମାନ



ଆହ୍ୱାନ ଫାଉଣ୍ଡେଶନକୁ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନିତ କରାଯାଉଛି।

ପାରାଦୀପ,୫।୬(ଶରତ ରାଉତ)

ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ ଫାଉଣ୍ଡେଶନକୁ ଗୁରୁବାର ବିଶ୍ୱ ପରିବେଶ ଦିବସରେ ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ଭୁବନେଶ୍ୱରଠାରେ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଫାଉଣ୍ଡେଶନ ସଭାପତି ସାଗର କୁମାର ବିଶ୍ୱାଳ ଏହି ମାନପତ୍ର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଏହି ଅନୁଷ୍ଠାନ ୧୨ ବର୍ଷ ହେଲା ଜଗତ୍‌ସିଂହପୁର ତଥା ଅନ୍ୟଜିଲାରେ ପରିବେଶ ଉପଯୋଗୀ କାର୍ଯ୍ୟ ଓ ସଚେତନତା କରୁଛନ୍ତି। ଏଥିପାଇଁ ୨୦୧୮ରେ ପ୍ରକୃତିମିତ୍ର,୨୦୨୨ରେ ପ୍ରକୃତି ବନ୍ଧୁ,୨୦୨୨ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଯୁବ ସଂଗଠନଓ ୨୦୨୩ରେ ଧରିତ୍ରୀ କନକ୍ଲେଭ ପକ୍ଷରୁ ୧ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଧରିତ୍ରୀ ପକ୍ଷରୁ ମଧ ସମ୍ମାନିତ କରାଯାଇଥିଲା**

## ବଜରଙ୍ଗ ଦଳ କର୍ମୀଙ୍କୁ ଛୁରାମାଡ଼

କୁଜଙ୍ଗ,୫।୬(ମନୋଜ ପ୍ରଧାନ): କୁଜଙ୍ଗ ଥାନା ଅନ୍ତର୍ଗତ ପାନପଲ୍ଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବଜରଙ୍ଗ ଦଳର ଜଣେ କର୍ମୀଙ୍କୁ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କର ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ହେଲେ ପାନପଲ୍ଲି ଗ୍ରାମର ଅମିତ୍ ପରିଡ଼ା।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଆକ୍ରମଣକାରୀ ହେଲେ ଉକ୍ତ ଗ୍ରାମର ସଂଖ୍ୟା ଲଘୁସମ୍ପ୍ରଦାୟର ୨ ଜଣ ବ୍ୟକ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୂର୍ବଶତ୍ରୁତା ଯୋଗୁ ଏହି ଘଟଣା ଘଟିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।


**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**
ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2025-26/02, ତା.04.06.2025 ରିଖ
**କ୍ରମ ସଂ.01:** ଟେଣ୍ଡର ସଂ. 81255611, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ରେଲ୍ ଇତ୍ୟାଦି ନିମନ୍ତେ ଜଗଲ୍ଡ (Joggled) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: 1781 ସେଟ୍।
**ବନ୍ଦ ହେବା ତାରିଖ ଓ ସମୟ:** ତା.23.06.2025 ରିଖ 1500 ଘଟିକା।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼
PR-208/Q/25-26


## ଅଗ୍ନିକାଣ୍ଡ: ୨୦ ଛେଳି ଜଳିଗଲେ

ନାଉଗାଁ,୫।୬(ସୁଧା ବେହୁରା)

ନାଉଗାଁ ତହସିଲ ବଛାଳୋ ପଞ୍ଚାୟତ ଅନ୍ତର୍ଗତ ଅଲଣା–୨ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ପୀତବାସ ପରିଡାଙ୍କ ଗୁହାଳରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୨୦ରୁ ଊର୍ଦ୍ଧ୍ୱ ଛେଳି ଜଳିଯାଇଥିବାବେଳେ ଗୋଟିଏ ଗୋରୁ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଚିକିତ୍ସିତ ହେଉଛି। ଅପରପକ୍ଷେ ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଖବରପାଇ ନାଉଗାଁ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଛେଳିମାନଙ୍କୁ ଉଦ୍ଧାର କରି ପାରି ନ ଥିଲା। ନାଉଗାଁ ରାଜସ୍ୱ ନୀରିକ୍ଷକ ପ୍ରଭାସ ସ୍ୱାଇଁ ଓ ପ୍ରାଣି ଚିକିତ୍ସା ଅଧିକାରୀ ଅନିଲ ଦାସ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ପୀତବାସ ଛେଳି ଓ ଗୋରୁ ପାଳି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଅଗ୍ନିକାଣ୍ଡରେ ଛେଳି ଜଳିଯିବା ପରେ ପରିବାର ଲୋକ ଭାଙ୍ଗି ପଡିଛନ୍ତି। ମୃତ ଛେଳିଙ୍କ ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ରାଜସ୍ୱ ନୀରିକ୍ଷକ ସ୍ୱାଇଁ ପ୍ରକାଶ କରିଛନ୍ତି। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ଏବିଷୟରେ ତହସିଲଦାର ଅଜୟ ମହାନ୍ତିଙ୍କୁ ପଚାରିବାରେ ସରକାରୀ ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।


**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.17/ET/SBP/ENGG/2025-26, ତା.28.05.2025ରିଖ
(1)ଇ-ଟେଣ୍ଡର ସଂ.08-eT-DENS-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ ପରିସୀମା ଅଧୀନସ୍ଥ ଗର୍ଡର ବ୍ରିଜ୍‌ଗୁଡ଼ିକରେ H-ବିମ୍ ସ୍ଲିପର-2253 ଗୋଟି ଦ୍ୱାରା ଚ୍ୟାନେଲ ସ୍ଲିପରଗୁଡ଼ିକର ସ୍ଥାନାନ୍ତରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 9,24,30,694.94, ବିଡ୍ ସିକ୍ୟୁରିଟି (ଟଙ୍କାରେ): 6,12,200/-।
(2)ଇ-ଟେଣ୍ଡର ସଂ.17-eT-DENS-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ ପରିସୀମା ଅଧୀନସ୍ଥ ଦେଓଗାଁ ରୋଡ୍-ଟିଟିଲାଗଡ଼-ସିଙ୍ଗାପୁର ରୋଡ୍ ସେକ୍ସନରେ TRR(P)-2.400 Tkm, TRR(S)-4.800 Tkm, CTR(P)-5.959 Tkm ଏବଂ CTR(S)-8.073 Tkm, TTR(CMSC)-49 ସେଟ୍ (16 ରେ 1-12 ସେଟ୍ ଏବଂ 12 ରେ 1-37 ସେଟ୍) ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 7,03,96,766.79, ବିଡ୍ ସିକ୍ୟୁରିଟି (ଟଙ୍କାରେ): 5,02,000/-।
(3)ଇ-ଟେଣ୍ଡର ସଂ.24-eT-DENE-SBP-25
**କାର୍ଯ୍ୟର ନାମ :** 02 (ଦୁଇ) ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର(P.Way)/ ରେଙ୍ଗାଲି, ସିନିୟର ସେକ୍ସନ ଇଂଜିନିୟର(P.Way)/ ସମ୍ବଲପୁର ସିଟି, ସିନିୟର ସେକ୍ସନ ଇଂଜିନିୟର (P.Way)/ ରେଢ଼ାଖୋଲ ଏବଂ ସିନିୟର ସେକ୍ସନ ଇଂଜିନିୟର (P.Way)/ବଉଣ୍ଡା ପ୍ରତ୍ୟେକଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ (TATA-207 DI କିମ୍ବା ମହିନ୍ଦ୍ରା ବୋଲେରୋ କାମର କିମ୍ବା ଅନୁରୂପ/ଉଚ୍ଚତର କ୍ଷମତା) ବିଶିଷ୍ଟ 04 ଗୋଟି ଗାଡ଼ି, ପିକ୍-ଅପ୍ ଭ୍ୟାନ୍ (5-ସିଟର) ଭଡ଼ା ସୂତ୍ରରେ ନେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 50,13,664.32, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,00,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-।
(4)ଇ-ଟେଣ୍ଡର ସଂ.02-eT-SETT-SBP-25
**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଲୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/-।
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 24 ମାସ (କ୍ରମ ସଂ.3 ଏବଂ 4 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା. 25.06.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରିଦିଆଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-199/Q/25-26


## ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ

**ବିଶ୍ୱ ପରିବେଶ ଦିବସ ପାଳିତ**

ଜଗତ୍‌ସିଂହପୁର/ କୁଜଙ୍ଗ/ ପାରାଦୀପ, ୫/୬ (ପ୍ରମୋଦ କୁମାର ନାୟକ/ମନୋଜ ପ୍ରଧାନ/ଶରତ ରାଉତ)




ଜଗତ୍‌ସିଂହପୁର ଜିଲା ଆଇନ ସେବା ପ୍ରାଧିକରଣ ଓ ବନ ବିଭାଗର ପକ୍ଷରୁ ଚାରା ରୋପଣ କରାଯାଉଛି।

ଜଗତ୍‌ସିଂହପୁର ସାମପୁର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ହେବା ସହ ଚାରାରୋପଣ କରାଯାଇଛି। ଜିଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ରବି ବଛେଡି, ଅତିରିକ୍ତ ଜିଲା ଜଜ୍ ପକ୍‌ସୋ ଗାର୍ଗୀ ପଟ୍ଟନାୟକ, ଜିଲା ଓକିଲ ସଂଘ ସଭାପତି ସୁବାଶ ଭୂଷଣ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, ଉପ ସଭାପତି ସରୋଜ କୁମାର ବିଶ୍ୱାଳ, ଆଇନଜୀବୀ ସୂର୍ଯ୍ୟ ନାରାୟଣ ଦାଶ, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜସ୍ୱିନୀ ମହାନ୍ତି, ଆଇନ ସେବା ପ୍ରାଧିକରଣ ସଚିବ ବିଡ଼ିଡି ଚନ୍ଦନା, ଦେୱାନୀ ବିଚାରପତି ଅନନ୍ୟା ଦାସ, ବନାଞ୍ଚଳ ଅଧିକାରୀ ରାଜେନ୍ଦ୍ର କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ ତାଲୁକ ଆଇନ ସେବା କମିଟି ପକ୍ଷରୁ ବିଶ୍ୱପରିବେଶ ଦିବସ ପାଳନ କରାଯାଇଛି। ବାଗୋଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଭିଲ ଜଜ ସିନିଅର ଡିଭିଜନ ଅବକାଶ ଚୌଧୁରୀ ଯୋଗଦେଇ ବହୁଳ ପରିମାଣ ରେ ଶିଳ୍ପ ପ୍ରତିଷ୍ଠା ଓ ପ୍ଲାଷ୍ଟିକର ବ୍ୟବହାର ଯୋଗୁ ଆଜି ପରିବେଶ ବିପଦରେ ପଡିଛି। ଶିଳ୍ପମାନଙ୍କରୁ ନିର୍ଗତ ଗ୍ୟାସ ବାୟୁମଣ୍ଡଳକୁ ଆଚ୍ଛାଦିତ କରି ରଖିବା ଫଳରେ ଓଜୋନସ୍ତର ପ୍ରଭାବିତ ହେବାରେ ଲାଗିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସିଭିଲ ଜଜ ଜୁନିଅର ଡିଭିଜନ ବିଶ୍ୱଭୂଷଣ ନାୟକ ଯୋଗଦେଇ ପ୍ଲାଷ୍ଟିକ ଆଜି ବିଶ୍ୱ ପାଇଁ ଘାତକ ରୂପେ ଛିଡ଼ା ହୋଇଛି ବୋଲି କହିଥିଲେ। ଆଇନଜୀବୀ ପ୍ରଣୟ ପରିଜାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପାରାଦୀପର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବେଳାଭୂମି ରାସ୍ତା କଡ଼ରେ ବ୍ୟାପକ ଚାରା ରୋପଣ ଓ ସଚେତନତା କରାଯାଇଥିଲା। ସମ୍ପ୍ରତି ପ୍ଲାଷ୍ଟିକ ପ୍ରଦୂଷଣ ଏବେ ବିଶ୍ୱ ପାଇଁ ଘାତକ ସାଜିବାକୁ ବସିଲାଣି। ଏଥିପାଇଁ ଆମେ ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତ କରିବା ବୋଲି ମୁଖ୍ୟ ଅତିଥି ଅଧକ୍ଷ ପି.ଏଲ.ହାରାନ୍ଧ କହିଥିଲେ। ଏଥିରେ ଉପାଧକ୍ଷ ନୀଳାଦ୍ରୀ ଦାସଗୁପ୍ତା ଓ ଅନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଇଫ୍‌କୋ କାରଖାନା ପରିସରରେ ମଧ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କମ୍ପାନୀ ୟୁନିଟ ମୁଖ୍ୟ ପି.କେ. ମହାପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ପୌରପରିଷଦ ପକ୍ଷରୁ ଏହି ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅଠରବାଙ୍କି ଲକ୍‌ପଡା ଅଞ୍ଚଳରେ କରାଯାଇଥିଲା। ଏଥିରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


# OFFICE OF THE ENGINEER IN CHIEF
# PUBLIC WORKS DEPARTMENT, NAVARAIPUR, ATAL NAGAR
## (CENTRAL TENDER CELL) E-Procurement Tender Notice
Main Portal : https ://eproc.cgstate.gov.in

Tenders are invited for the Following works :-

| S. No. | System Tender No./ Date | Name of Work | PAC Amount (Rupees in lacs) |
|---|---|---|---|
| 1 | 169396 Second Call 27.05.2025 | Construction of Adbhar to Bundeli Road Length 3.00 Km. | 426.62 |
| 2 | 169399 Third Call 27.05.2025 | RECONSTRUCTION WORK OF HIGH LEVEL BRIDGE ON RAIGARH BY PASS GOVERDHANPUR-RAMPUR ROAD ACROSS KELO RIVER. | 235.75 |
| 3 | 169254 First Call 27.05.2025 | Construction of Bithaldah to Bharrapara Road Via Mahamaya Length 1.775 Km. | 240.51 |
| 4 | 169256 First Call 27.05.2025 | Widening & Strengthening of Sargaon to Khapri Road Length 3.50 Km. | 284.16 |
| 5 | 169268 First Call 27.05.2025 | Strengthening of Baitalpur Madku Road Length 3.60 Km. | 366.51 |
| 6 | 169270 First Call 27.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS RIVER ON TURIPAR KALEWA ROAD. | 405.51 |
| 7 | 169304 First Call 28.05.2025 | 1). CONSTRUCTION OF PALIDIH BASTI TO LAKHJHAR (PETROL PUMP) ROAD, LENGTH 2.60 KM. DISTT.-JASHPUR (C.G.) (WORK CODE-W29178). 2) CONSTRUCTION OF SARAITOLA TO BARPARA APPROACH ROAD, LENGTH 3.20 KM. DISTT.-JASHPUR (C.G)(Work code-W29128). 3) CONSTRUCTION OF GRAM PANCHAYAT KATANGJOR TO GRAM PANCHAYAT PANGSUA DARRAPARA, ROAD, LENGTH 3.20 KM. DISTT.-JASHPUR (C.G.)(Work code-W279902). | 795.63 |
| 8 | 169400 Second Call 29.05.2025 | FIRE FIGHTING WORK AT GOVT. MEDICAL COLLEGE RAIPUR, I/C. ELECTRIFICATION WORK.( DEPOSIT WORK) (DN. NO.2, RAIPUR). | 240.69 |
| 9 | 169402 Second Call 29.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS TALPERU RIVER IN KM. 39/2 (BASAGUDA) ON BIJAPUR-AWAPALLI-CHINTALNAR-INJERAM ROAD. | 774.85 |
| 10 | 169420 First Call 29.05.2025 | STRENGTHENING OF VILLAGE PIPRAUL TO DEVGAI MOD AT RAMANUJGANJ, DISTT- BALRAMPUR- RAMANUJGAJ (CHALGALI ARAGAHI ROAD IN KM 29 TO 40) LENGTH 12.00 KM. | 492.81 |
| 11 | 169429 First Call 29.05.2025 | (1) CONSTRUCTION OF GRAM PANCHAYAT BANDHANPUR TO CHHATASARAI APPROACH ROAD LENGTH 2.85 KM, DISTT.- JASHPUR (Work code - W29134), (2) CONSTRUCTION OF GRAM PANCHAYAT SURAJGARH MIDDLE SCHOOL LUDEG GOTHAN APPROACH ROAD LENGTH 2.55 KM, DISTT.- JASHPUR (Work code - W29140). | 482.03 |
| 12 | 169432 First Call 29.05.2025 | (1) CONSTRUCTION OF MAIN ROAD TO SHABDMUNDA APPROACH ROAD LENGTH 2.10 KM, DISTT.- JASHPUR (Work code W29133), (2) CONSTRUCTION OF CHONGRIBAHAR GADLA MOD TO KOTGA APPROACH ROAD LENGTH 2.50 KM, DISTT.- JASHPUR (C.G.) (Work code - W27875). | 481.31 |
| 13 | 169439 First Call 29.05.2025 | Construction of Hirri to Madiyapar Road Length 2.25 K.m. including Bridges & culverts At Distt.- Durg (C.G.). | 281.12 |
| 14 | 169443 First Call 29.05.2025 | CONSTRUCTION OF COMPOSITE BUILDING AT DIST.- MANENDRAGARH-CHIRMIRI- BHARATPUR (C.G.) (Work code -W25621). | 1843.18 |
| 15 | 169473 First Call 30.05.2025 | CONSTRUCTION OF COMMUNITY HALL, PARKING SHED & OTHER IMPORTANT WORK AT NEWLY BUILT RESINDENTIAL CAMPUS( B-1 & B-2 BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.RAIPUR.(B&R DN.,NAVA RAIPUR). | 432.48 |
| 16 | 169474 First Call 30.05.2025 | CONSTRUCTION OF COMMUNITY HALL PARKING SHED & OTHER IMPORTANT WORK AT NEWLY BUILT RESINDENTIAL CAMPUS(C-TYPE BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.-RAIPUR. ( B&R DN.,NAVA RAIPUR). | 410.85 |

Last Date of Tender Downloading S.No.02 date 10.06.2025, S.No.01, S.No.08 To S.No.09 date 16.06.2025. Other Tenders Date are Schedule as date 20.06.2025. For more details on the tender and bidding process please visit the above mentioned portal.

G-252601378/5

Sd./- Chief Engineer
(Central Tender Cell)
Office of Engineer In Chief
P.W.D. Nava Raipur Atal Nagar

# ଆୟୁଷ୍ମାନ କାର୍ଡ ପାଇଁ ଟଙ୍କା ଆଦାୟ ଅଭିଯୋଗ

ଖଣ୍ଡପଡ଼ା,୫ା୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତରେ ଆୟୁଷ୍ମାନ କାର୍ଡ ପାଇଁ ଟଙ୍କା ଆଦାୟ କରାଯାଉଥିଲା । ସରପଞ୍ଚ ପ୍ରତିବାଦ କରିବାରୁ ଆଶାକର୍ମୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉପରୋକ୍ତ ପଞ୍ଚାୟତର ସରପଞ୍ଚ ବାସନ୍ତୀ ବେହେରାଙ୍କୁ ଜଣେ ମହିଳା ହିତାଧିକାରୀ ଆୟୁଷ୍ମାନ କାର୍ଡ ପାଇଁ ଟଙ୍କା ଆଦାୟ କରାଯାଉଥିବା ନେଇ ଅଭିଯୋଗ କରିଥିଲେ। ସରକାରୀ ଯୋଜନାରେ ଟଙ୍କା ଆଦାୟର କୌଣସି ବ୍ୟବସ୍ଥା ନ ଥିବା ନେଇ ସରପଞ୍ଚ ସୂଚନା ଦେବା ସହିତ ଟଙ୍କା ନ ଦେବାକୁ କହିଥିଲେ। ତେବେ ଗ୍ରାମରେ କାର୍ଯ୍ୟରତ ଆଶା କର୍ମୀ ଏଥିରେ ଉତ୍ତେଜିତ ହୋଇ ସରପଞ୍ଚ ବେହେରାଙ୍କୁ ଗାଳି କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏ ନେଇ ବେହେରା ସୂଚନା ପାଇବା ପରେ ଖଣ୍ଡପଡ଼ା ବିଡିଓ ଓ ଗୋଷ୍ଠୀ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣା ବାବଦରେ ଦାୟିତ୍ୱରେ ଥିବା ଆଶାକର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

# ପ୍ଲାଷ୍ଟିକ୍, ପଲିଥିନମୁକ୍ତ ପରିବେଶ ଉପରେ ଗୁରୁତ୍ୱ

## ବିଶ୍ୱ ପରିବେଶ ଦିବସ ପାଳିତ

ଗଣିଆ,୫ା୬(ସନ୍ତୋଷ କୁମାର ପ୍ରଧାନ)



ଛାତ୍ରଛାତ୍ରୀଙ୍କ ଗହଣରେ ଅତିଥିମାନେ ଚାରାରୋପଣ କରୁଛନ୍ତି।

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ତରଫରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାମୁଣ୍ଡିଆ କୁଞ୍ଜବିହାରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ପରେ ବନାଞ୍ଚଳ ଅଧିକାରୀ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ପରିବେଶ ଉପରେ ଗୁରୁତ୍ୱାରୋପ କରି ଛାତ୍ରଛାତ୍ରୀମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ପ୍ଲାଷ୍ଟିକ ଓ ପଲିଥିନଗୁଡ଼ିକ ମାଟିରେ ବିଘଟନ ହୋଇପାରେ ନାହିଁ। ଫଳରେ ମୃତ୍ତିକା ପ୍ରଦୂଷଣ ହୋଇଥାଏ। ଅନ୍ୟପଟେ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ପ୍ରାକୃତିକ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥାଏ। ଦିନକୁ ଦିନ ପ୍ରାକୃତିକ ପରିବେଶ ଧ୍ୱଂସ ହେବା ସାଙ୍ଗକୁ ପ୍ରତିକୂଳ ପରିବେଶ ଜୀବ ଜଗତ ଉପରେ ପ୍ରଭାବ ପକାଉଛି। ତେବେ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ହେଲେ ସମସ୍ତେ ନିଜ ନିଜର ବାଡ଼ିରେ ଚାରା ରୋପଣ କରିବାକୁ ପଡ଼ିବ ବୋଲି ପଣ୍ଡା କହିଥିଲେ। ଏହି ଅବସରରେ ଛାମୁଣ୍ଡିଆ ପଞ୍ଚାୟତ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ସରପଞ୍ଚ ଦୀପ୍ତିରେଖା ସେନାପତି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଦଳେଇ,ଫରେଷ୍ଟର ପ୍ରତାପ କୁମାର ସେଠୀ, ଲୋକନାଥ ସେଠୀ, ସଞ୍ଜୟ କୁମାର ରାଉତ, କାଳିନ୍ଦୀ ଚରଣ ସାହୁ, ଫରେଷ୍ଟ ଗାର୍ଡ ଅନିତା ଦୁର୍ଗା, ଅସ୍ଥାୟୀ ବନକର୍ମଚାରୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ସେହିପରି ଗଣିଆ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ସଲୀଲା ସେଠୀଙ୍କ ସହ କଲେଜର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଚାରା ରୋପଣ କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟରେ ପିଟି ହେଲା କାର୍



ଦଶପଲ୍ଲା,୫ା୬ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଦୁର୍ଗା ବଜାରଠାରେ ଗୁରୁବାର ଭୋର ସମୟରେ ଏକ କାର ଦ୍ରୁତଗତିରେ ଆସି ରାସ୍ତା ପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ କାରର ଆଗ ପାର୍ଶ୍ୱ ଭାଙ୍ଗିରୁଜି ଯାଇଛି। ବିଦ୍ୟୁତ୍ ଖୁଣ୍ଟ ବି କ୍ଷତିଗ୍ରସ୍ତ ହୋଇଛି। ତେବେ କାର ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଉକ୍ତ କାରଟିଏ ବାଲୀଗାଁରୁ ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ଦଶପଲ୍ଲା ପୋଲିସ ପହଞ୍ଚି କାରକୁ ସେଠାରୁ ହଟାଇବା ପରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ୧୨ ଘଣ୍ଟା ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

ଦଶପଲ୍ଲା,୫ା୬ (ପ୍ରକାଶ କୁମାର ପାଣି)

ଦଶପଲ୍ଲାରେ ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ଭୋର ୩ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିଥିଲା । ଲୋକମାନେ ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୁର୍ଗା ବଜାରଠାରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଏକ କାର ଧକ୍କା ଦେବା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ବିଭାଗୀୟ କର୍ମଚାରୀମାନେ କହିଛନ୍ତି। ତେବେ ବିଦ୍ୟୁତ୍ ବ୍ୟବସ୍ଥାକୁ ମରାମତି କରିବା ପାଇଁ ୧୦ ଘଣ୍ଟା ଲାଗିବା ଘଟଣା ଅସନ୍ତୋଷ ସୃଷ୍ଟି କରିଛି।

# ଧୂପ ନିଆଁରୁ ଜଳିଗଲା ଦୋକାନ, ମହିଳା ଗୁରୁତର

ନୂଆଗାଁ,୫ା୬ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବେରୁଆବାରି ପଞ୍ଚାୟତ ତୋଗିରିଆ ଗ୍ରାମରେ ଗୁରୁବାର ଧୂପରୁ ନିଆଁ ଲାଗି ଗୋଟିଏ ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଛି । ସେଥିରେ ଜଣେ ଗୁରୁତର ହୋଇଛନ୍ତି । ସେ ହେଲେ ଅହଲ୍ୟା ସାହୁ। ତାଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନୂଆଗାଁ ବ୍ଲକ ବେରୁଆବାରି ପଞ୍ଚାୟତ ତୋଗିରିଆ ଗ୍ରାମରେ କୃଷ୍ଣ ଚନ୍ଦ୍ର ସାହୁଙ୍କ ଦୋକାନ ଅଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ କୃଷ୍ଣଙ୍କ ସ୍ତ୍ରୀ ଅହଲ୍ୟା ଧୂପ ଦେଇ ବେପାର ଆରମ୍ଭ କରନ୍ତି। ପ୍ରତିଦିନ ପରି ଗୁରୁବାର ଧୂପ ଦେବା ପରେ ସେ ବେପାର ଆରମ୍ଭ କରିଥିଲେ। ହେଲେ ସେହି ଧୂପ ନିଆଁ ଦୋକାନରେ ଲାଗିଯାଇଥିଲା । ଦୋକାନ ଜଳିବା ଦେଖି ଅହଲ୍ୟା ବିଭିନ୍ନ ସାମଗ୍ରୀ ଉଦ୍ଧାର କରିବାରେ ଲାଗି ପଡ଼ିଥିଲେ। ଫଳରେ ସେ ନିଜେ ପୋଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ଅହଲ୍ୟାଙ୍କ ୨ ହାତ ଓ ୨ ଗୋଡ଼ ପୋଡ଼ି ହୋଇଯାଇଛି । ଖବର ପାଇ ଓଡ଼ଗାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବାହାଡ଼ାଖୋଲା ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି।

# ବାଲି ଚାଲାଣ ବେଳେ ୨ ହାଇୱା ଜବତ

ଓଡ଼ଗାଁ,୫ା୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ପୋଲିସ ବୁଧବାର ରାତିରେ ୨ ବାଲି ବୋଝେଇ ହାଇୱାକୁ ଜବତ କରିଛି । କଣ୍ଟିଲୋରୁ ଗଞ୍ଜାମ ଜିଲ୍ଲାକୁ ବେଆଇନ ଭାବେ ବାଲି ଚାଲାଣ ହେଉଥିଲା । ପୋଲିସ ସେଠାରେ ଚଢ଼ାଉ କରି ୨ ହାଇୱାକୁ ବାହାଡ଼ାଖୋଲା ନିକଟରୁ ଓଡ଼ଗାଁ ପୋଲିସ ଜବତ କରିଛି । ଏ ନେଇ ୨ଟି ମାମଲା(ନଂ.୧୬୨/୨୫, ୧୬୩/୨୫)ରୁଜୁ କରାଯାଇଛି । ଜବତ ହାଇୱା(ନଂ.ଓଡି ୨୫ପି୫୧୬୬/ ଓଡି ୨୫ ଏଫ୍ ୦୬୬୨)କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି । ଏହି ହାଇୱା ୨ଟି ନୟାଗଡ଼ ବସନ୍ତ ବିହାରର ସୁକାନ୍ତ କୁମାର ମହାପାତ୍ରଙ୍କ ବୋଲି ଜଣାପଡ଼ିଛି ।

# ବିଶ୍ୱ ପରିବେଶ ଦିବସ ପାଳିତ



ବିଶ୍ୱ ପରିବେଶ ଦିବସରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ।

## ପ୍ରବନ୍ଧ ଲିଖନ,ବକ୍ତୃତା ପ୍ରତିଯୋଗିତା

ନୟାଗଡ଼,୫ା୬ (ଲୋକନାଥ ମିଶ୍ର)

ବିଶ୍ୱ ପରିବେଶ ଦିବସ ଅବସରରେ ଦଶପଲ୍ଲା ବ୍ଲକ ଟାକରା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ଗ୍ରାମସଭା ସମୂହର ଆନୁକୂଲ୍ୟରେ ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଲିଖନ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୪୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା ପରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ସମ୍ମାନୀୟ ଅତିଥି ଭାବେ ଟାକରା ବନପାଳ ରାକେଶ କୁମାର ସାହୁ ଯୋଗ ଦେଇ ପରିବେଶ ନଷ୍ଟ ହେବାର ପ୍ରମୁଖ କାରଣ ଉପରେ ମତବ୍ୟକ୍ତ କରିଥିଲେ। ପରିବେଶକୁ ସବୁଜ ଶ୍ୟାମଳ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସଭାପତି ସାହୁ ପରିବେଶ ସୁରକ୍ଷା, ସଂରକ୍ଷଣ କ୍ଷେତ୍ରରେ ଆମର ଉଭୟ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଶେଷ କରି ଯୁବ ଗୋଷ୍ଠୀ ପରିବେଶ ରକ୍ଷା ଉପରେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତେ ଚାରା ରୋପଣ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ପ୍ରକୃତିମିତ୍ର ପୁରସ୍କାର

ଖଣ୍ଡପଡ଼ା,୫ା୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୋସ୍କା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଜଣେ ପରିବେଶବିତ ଭାବେ ଜଣାଶୁଣା ପ୍ରଧାନଶିକ୍ଷକ ଦଳେଇ ବିଭିନ୍ନ ବିଦ୍ୟାଳୟରେ ଇକୋ କ୍ଲବ ଗଠନ କରି ସବୁଜ ପରିବେଶ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଛନ୍ତି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷକ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି।


**ୟୁନିଅନ ବ୍ୟାଙ୍କ Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ: ୦୬୮୦-୨୨୨୫୨୨୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ ଦ୍ୱାରା ସୁନାଋଣ ଦେୟ ପରିଶୋଧ କରିବାକୁ ଜଣାଇଥିଲେ ସୁଦ୍ଧା ସେମାନେ ଋଣ ପରିଶୋଧ କରିନାହାନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୦୭.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକରେ ଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା ଆଇନଗତ ଦାବି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କ ଷେୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ବ୍ୟାଙ୍କ ଅସୁବିଧାରୁ ରକ୍ଷା ପାଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ବେଲଗୁଣ୍ଠା ଶାଖା, ମେନ୍ ରୋଡ୍, ହାଟପଦା, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ-୭୬୧୧୧୯, ମୋ: ୭୦୦୮୫୩୯୭୦୬** | | |
| ୧. | ରାଜେଶ କୁମାର ପରିଡ଼ା, ପିତା: ବିପ୍ର ଚରଣ ପରିଡ଼ା, ସା: କେଳା ପଟନା, ପୋ: ବଙ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୯ / ୧୮୫୨୧୬୫୪୦୦୦୦୫୬୧ | ୧୭.୮୫ | ୨୦.୮୦ |
| | **ବ୍ରହ୍ମପୁର-୨ ଶାଖା, ପି.ବି.ନଂ.୧୯, ଚିନ୍ନ ବଜାର, ହନୁମାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୨, ମୋ: ୬୩୭୦୨୫୨୪୯୪** | | |
| ୧. | ସନ୍ତୋଷିନୀ ସାହୁ, ସା: ଲକ୍ଷ୍ମୀନଗର ନୂଆସାହି, କୋନାର ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧ / ୦୪୫୧୬୫୪୦୦୦୦୫୪୮ | ୨୩.୦୦ | ୨୮.୬୦ |
| | **ଏସ୍.ଏମ୍.ଇ ଜଗନ୍ନାଥପୁର ଶାଖା, ଏନ୍.ଏଚ୍-୧୬, ଜଗନ୍ନାଥପୁର ଜଙ୍କସନ, ଜଗନ୍ନାଥପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୭, ମୋ: ୭୦୪୦୭୬୨୪୨୧** | | |
| ୧. | କେ ଜଗନ୍ନାଥ ରେଡ୍ଡି, ସା: ରଘୁନାଥପୁର ଜଙ୍କସନ, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / ୧୦୮୮୧୬୫୪୦୦୦୦୬୨୭ | ୧୬.୨୦ | ୧୯.୪୦ |
| ୨. | କେ ଜଗନ୍ନାଥ ରେଡ୍ଡି, ସା: ରଘୁନାଥପୁର ଜଙ୍କସନ, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / ୧୦୮୮୧୬୫୪୦୦୦୦୬୩୭ | ୧୪.୦୦ | ୧୬.୩୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସେହି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସ୍ୱୀକାର କରନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆଇଟମ୍‌ର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆଇଟମ୍ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରିବ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟର ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦ୍ରବ୍ୟାଦିରେ ନେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ହୋଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଡାକକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଉଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତ କରିପାରିବେ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୬.୨୦୨୫ — ଶାଖା ପ୍ରବନ୍ଧକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ୨ କଲେଜରେ ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଖଣ୍ଡପଡ଼ା, ୫ା୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ଭାବେ ଡ.ସ୍ୱଚ୍ଛ ସଲୀଳା ମହାପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷାଙ୍କୁ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ ,ଅଧ୍ୟାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ , ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏଥିପୂର୍ବରୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ବଳରାମ ସାହୁ ନୂତନ ଅଧ୍ୟକ୍ଷାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହ ଅଧ୍ୟକ୍ଷା ମହାପାତ୍ର କିଛି ସମୟ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ନୂତନ ଅଧ୍ୟକ୍ଷା ଏଥିପୂର୍ବରୁ ଭୁବନେଶ୍ୱରସ୍ଥିତ ଏକାମ୍ର ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ପ୍ରାଧ୍ୟାପିକା ଭାବେ କାର୍ଯ୍ୟରତ ଥିଲେ। ସେହିପରି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ଭାବେ ଡ.ନନ୍ଦିତା ବାରିକ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଅଧ୍ୟକ୍ଷାଙ୍କୁ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ । ଏହାପରେ ନୂତନ ଅଧ୍ୟକ୍ଷା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଅଧ୍ୟକ୍ଷା ବାରିକ ଏଥିପୂର୍ବରୁ କଟକସ୍ଥିତ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ ସୋସିଓଲୋଜି ବିଭାଗରେ କାର୍ଯ୍ୟ ସମ୍ପାଦନ କରିଥିଲେ।


**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**

ନିମ୍ନଲିଖିତ ଟେଣ୍ଡର ଜେମ୍ସ ପୋର୍ଟାଲ : www.ireps.gov.in ରେ ଅପଲୋଡ଼ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ନଂ. Sr.DMM/KUR/EP/2025-26/02, ତା.04.06.2025 ରିଖ
କ୍ରମ ନଂ.01: ଟେଣ୍ଡର ନଂ.: 81255611, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ରେଲ ଲାଇନ ନିମନ୍ତେ ଲଗାଯିବା (Joggled) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: 1781 ସେଟ୍।
ବନ୍ଦ ହେବା ତାରିଖ ଓ ସମୟ: ତା.23.06.2025 ରିଖ 1500 ଘଟିକା।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-208/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.17/ET/SBP/ENGG/2025-26, ତା.28.05.2025 ରିଖ
(1)ଇ-ଟେଣ୍ଡର ନଂ.08-eT-DENS-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ... 2253 ...
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 9,24,30,694.94, ବିଡ଼ ସିକ୍ୟୁରିଟି (ଟଙ୍କାରେ): 6,12,200/-।
(2)ଇ-ଟେଣ୍ଡର ନଂ.17-eT-DENS-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ... TRR(P)-2.400 Tkm, TRR(S)-4.800 Tkm, CTR(P)-5.959 Tkm ଏବଂ CTR(S)-8.073 Tkm, TTR(CMSC)-49 ସେଟ୍ (16 ରେ 1-12 ସେଟ୍ ଏବଂ 12 ରେ 1-37 ସେଟ୍) ...
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 7,03,96,766.79, ବିଡ଼ ସିକ୍ୟୁରିଟି (ଟଙ୍କାରେ): 5,02,000/-।
(3)ଇ-ଟେଣ୍ଡର ନଂ.24-eT-DENE-SBP-25
କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ... (P.Way) ... (TATA-207 DI ...) ... 04 ...
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 50,13,664.32, ବିଡ଼ ସିକ୍ୟୁରିଟି (ଟଙ୍କାରେ): 1,00,300/-, ଟେଣ୍ଡର ଫର୍ମ ମୂଲ୍ୟ (ଟଙ୍କାରେ): 5,900/-।
(4)ଇ-ଟେଣ୍ଡର ନଂ.02-eT-SETT-SBP-25
କାର୍ଯ୍ୟର ନାମ : 24 ମାସ ଅବଧି ...
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 38,76,315.85, ବିଡ଼ ସିକ୍ୟୁରିଟି (ଟଙ୍କାରେ): 77,600/-।
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ନଂ.1 ଏବଂ 2 ପାଇଁ) ଏବଂ 24 ମାସ (କ୍ରମ ନଂ.3 ଏବଂ 4 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା. 25.06.2025 ରିଖ 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ)
... www.ireps.gov.in ...
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-199/Q/25-26


# ଓଡ଼ଗାଁରେ ବିଶ୍ୱ ପରିବେଶ ଦିବସ



କୋର୍ଟ ପରିସରରେ ଚାରା ରୋପଣ କରାଯାଉଛି।

ଓଡ଼ଗାଁ,୫ା୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନେତୃତ୍ୱରେ ଗୁରୁବାର ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରମାନଙ୍କ ସହିତ ବନ କର୍ମଚାରୀମାନେ ଚାରା ରୋପଣ ପାଇଁ ସଚେତନତା ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। ପରେ ଓଡ଼ଗାଁ ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନ ପରିସରରେ ଓଡ଼ଗାଁ ବନବିଭାଗ ଏବଂ ଓଡ଼ଗାଁ ତାଲୁକ ସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ଚାରା ରୋପଣ କରାଯାଇଥିଲା। ଏଥିରେ ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ସହିତ ଅନ୍ୟ ବିଚାରପତି ଓ ଅଧିବକ୍ତାମାନେ ଯୋଗଦେଇଥିଲେ । ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ବନବିହାରୀ ମହାନ୍ତି, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସେହିପରି ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁଠାରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସହକାରୀ ଶିକ୍ଷକ ପରମାନନ୍ଦ ଦଳେଇ, ଶିକ୍ଷୟିତ୍ରୀ ନିଲିପ୍ତା ପତି ଏବଂ ଯଶସ୍ୱିନୀ ମହାପାତ୍ର ପ୍ରମୁଖ ଛାତ୍ରୀମାନଙ୍କ ସହିତ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ଅଗଷ୍ଟ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ବନାଞ୍ଚଳ ଅଧିକାରୀ କହିଥିଲେ। ଏତଦବ୍ୟତୀତ ନିକଟସ୍ଥ ରୋହିବଙ୍କ ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ବିଶ୍ୱ ପର୍ଯ୍ୟାବରଣ ଦିବସରେ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭାର ଆୟୋଜନ କରିଥିଲେ।


# OFFICE OF THE ENGINEER IN CHIEF
# PUBLIC WORKS DEPARTMENT, NAVARAIPUR, ATAL NAGAR
## (CENTRAL TENDER CELL) E-Procurement Tender Notice
Main Portal : https : //eproc.cgstate.gov.in

Tenders are invited for the Following works :-

| S. No. | System Tender No./ Third Call Date | Name of Work | PAC Amount (Rupees in lacs) |
|---|---|---|---|
| 1 | 169396 Second Call 27.05.2025 | Construction of Adbhar to Bundeli Road Length 3.00 Km. | 426.62 |
| 2 | 169399 Third Call 27.05.2025 | RECONSTRUCTION WORK OF HIGH LEVEL BRIDGE ON RAIGARH BY PASS GOVERDHANPUR-RAMPUR ROAD ACROSS KELO RIVER. | 235.75 |
| 3 | 169254 First Call 27.05.2025 | Construction of Bithaldah to Bharrapara Road Via Mahamaya Length 1.775 Km. | 240.51 |
| 4 | 169256 First Call 27.05.2025 | Widening & Strengthening of Sargaon to Khapri Road Length 3.50 Km. | 284.16 |
| 5 | 169268 First Call 27.05.2025 | Strengthening of Baitalpur Madku Road Length 3.60 Km. | 366.51 |
| 6 | 169270 First Call 27.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS RIVER ON TURIPAR KALEWA ROAD. | 405.51 |
| 7 | 169304 First Call 28.05.2025 | 1). CONSTRUCTION OF PALIDIH BASTI TO LAKHJHAR (PETROL PUMP) ROAD, LENGTH 2.60 KM. DISTT.-JASHPUR (C.G.) (WORK CODE-W29178). 2) CONSTRUCTION OF SARAITOLA TO BARPARA APPROACH ROAD, LENGTH 3.20 KM. DISTT.-JASHPUR (C.G)(Work code-W29128). 3) CONSTRUCTION OF GRAM PANCHAYAT KATANGJOR TO GRAM PANCHAYAT PANGSUA DARRAPARA, ROAD, LENGTH 3.20 KM. DISTT.-JASHPUR (C.G.)(Work code-W279902). | 795.63 |
| 8 | 169400 Second Call 29.05.2025 | FIRE FIGHTING WORK AT GOVT. MEDICAL COLLEGE RAIPUR, I/C. ELECTRIFICATION WORK.( DEPOSIT WORK) (DN. NO.2, RAIPUR). | 240.69 |
| 9 | 169402 Second Call 29.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS TALPERU RIVER IN KM. 39/2 (BASAGUDA) ON BIJAPUR-AWAPALLI-CHINTALNAR-INJERAM ROAD. | 774.85 |
| 10 | 169420 First Call 29.05.2025 | STRENGTHENING OF VILLAGE PIPRAUL TO DEVGAI MOD AT RAMANUJGANJ, DISTT- BALRAMPUR- RAMANUJGAJ (CHALGALI ARAGAHI ROAD IN KM 29 TO 40) LENGTH 12.00 KM. | 492.81 |
| 11 | 169429 First Call 29.05.2025 | (1) CONSTRUCTION OF GRAM PANCHAYAT BANDHANPUR TO CHHATASARAI APPROACH ROAD LENGTH 2.85 KM, DISTT.- JASHPUR (Work code - W29134), (2) CONSTRUCTION OF HIRRI TO GRAM PANCHAYAT SURAJGARH MIDDLE SCHOOL LUDEG GOTHAN APPROACH ROAD LENGTH 2.55 KM, DISTT.- JASHPUR (Work code - W29140). | 482.03 |
| 12 | 169432 First Call 29.05.2025 | (1) CONSTRUCTION OF MAIN ROAD TO SHABDMUNDA APPROACH ROAD LENGTH 2.10 KM, DISTT.- JASHPUR (Work code - W29133), (2) CONSTRUCTION OF CHONGRIBAHAR GADLA MOD TO KOTGA APPROACH ROAD LENGTH 2.50 KM, DISTT.- JASHPUR (C.G.) (Work code - W27875). | 481.31 |
| 13 | 169439 First Call 29.05.2025 | Construction of Hirri to Madiyapar Road Length 2.25 K.m. including Bridges & culverts At Distt.- Durg (C.G.). | 281.12 |
| 14 | 169443 First Call 29.05.2025 | CONSTRUCTION OF COMPOSITE BUILDING AT DIST.- MANENDRAGARH-CHIRMIRI- BHARATPUR (C.G.) (Work code -W25621). | 1843.18 |
| 15 | 169473 First Call 30.05.2025 | CONSTRUCTION OF COMMUNITY HALL, PARKING SHED & OTHER IMPORTANT WORK AT NEWLY BUILT RENSIDENTIAL CAMPUS( B-1 & B-2 BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.RAIPUR.(B&R DN.,NAVA RAIPUR). | 432.48 |
| 16 | 169474 First Call 30.05.2025 | CONSTRUCTION OF COMMUNITY HALL PARKING SHED & OTHER IMPORTANT WORK AT NEWLY BUILT RESINDENTIAL CAMPUS(C-TYPE BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.-RAIPUR. ( B&R DN.,NAVA RAIPUR). | 410.85 |

Last Date of Tender Downloading S.No.02 date 10.06.2025, S.No.01, S.No.08 To S.No.09 date 16.06.2025. Other Tenders Date are Schedule as date 20.06.2025. For more details on the tender and bidding process please visit the above mentioned portal.

G-252601378/5

Sd./- Chief Engineer
(Central Tender Cell)
Office of Engineer In Chief
P.W.D. Nava Raipur Atal Nagar




## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା ସିଟି ପାଟ୍ରୋଲିଂ ଗାଡ଼ି

**ଯାଜପୁରରୋଡ୍,୫।୬(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରସ୍ଥିତ କୁସୁନପୁର ନିକଟରେ ବୁଧବାର ସନ୍ଧ୍ୟାରେ ବ୍ୟାସନଗର ପୌର ପାରିଷଦର ଏକ ସିଟି ପାଟ୍ରୋଲିଂ ବୋଲେରୋ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟିପଡ଼ିଛି। ଏହି ସମୟରେ ଉକ୍ତ ରାସ୍ତାରେ ଯାଉଥିବା ଜଣେ ସ୍କୁଟି ଚାଳକ ବୋଲେରୋରେ ପିଚିହୋଇ ଆହତ ହୋଇଛନ୍ତି। ବୋଲେରୋ ଡ୍ରାଇଭରଙ୍କ ମୁଣ୍ଡରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଯାଜପୁରରୋଡ୍ ଆଦର୍ଶ ଥାନା ପୋଲିସ ପହଞ୍ଚି ବୋଲେରୋ ଗାଡି ଓ ସ୍କୁଟିକୁ ଜବତ କରିଥିଲା। ଏନେଇ ପୌର କାର୍ଯ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ଉକ୍ତ ଗାଡ଼ି ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ବୋଲେରୋ ଡ୍ରାଇଭର କୁସୁନପୁର ଅଞ୍ଚଳର ହୋଇଥିବାବେଳେ ସ୍କୁଟି ଚାଳକ କନ୍ହେଇପୁର ଅଞ୍ଚଳର ବୋଲି ଜଣାପଡିଛି। ଘଟଣା ପରେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଉକ୍ତ ବୋଲେରୋରେ ବ୍ୟାସନଗର ପୌରପରିଷଦ ସଂକେତ ଥିବାବେଳେ ତାହା ପୋଲିସ ପାଟ୍ରୋଲିଂ ଗାଡି ଭାବେ ବ୍ୟବହାର ହେଉଥିବା କୁହାଯାଇଛି। ଏହାକୁ କରୋନା ସମୟରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଥାନାକୁ ଦିଆଯାଇଥିଲା। ପ୍ରାୟ ଏକବର୍ଷ ହେବ ଉକ୍ତ ଗାଡିକୁ ପୌର ପରିଷଦ ଫେରାଇ ନେଇଥିବା ଯାଜପୁରରୋଡ଼ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି। ତେବେ ପୌର ଅଧିକାରୀଙ୍କ ବିନା ଅନୁମତିରେ ବଲେରୋ ଡ୍ରାଇଭର ଅଫିସରୁ ବଲେରୋ ନେଇଥିବା ଓ ଅନ୍ୟଜଣେ ଯୁବକଙ୍କୁ ଗାଡିଚଲାଇବା ଶିଖାଉଥିବା ବେଳେ ଦୁର୍ଘଟଣା ଘଟିଥିବା ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ କହିଛନ୍ତି।

### ମା' ମହାଲକ୍ଷ୍ମୀ ପୀଠରେ ସୁଦଶା ବ୍ରତ ଓ ପ୍ରବଚନ

**ପାଣିକୋଇଲି,୫।୬(ବିକାଶ ମଲ୍ଲିକ):**

ପାଣିକୋଇଲି ଅଳତିସ୍ଥିତ ମା' ମହାଲକ୍ଷ୍ମୀ ପୀଠରେ ସୁଦଶା ବ୍ରତ ଓ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମା'ଲକ୍ଷ୍ମୀଙ୍କର ନିତିକାନ୍ତି ପରେ ସୁଦଶା ବ୍ରତ ପାଳନ କରାଯାଇଥିଲା। ପରେ ପ୍ରବଚକ ସୁଶାନ୍ତ ନାୟକ ଓ ତାଙ୍କ ସହଯୋଗୀମାନେ ଲକ୍ଷ୍ମୀଙ୍କ ଉପରେ ପ୍ରବଚନ ଦେଇଥିଲେ। ପୂଜକଭାବେ ବେଦପ୍ରକାଶ ମିଶ୍ର ଯୋଗ ଦେଇଥିଲେ। କର୍ତ୍ତାଭାବେ ଦେବଦତ ରାୟ ଓ ଗାୟତ୍ରୀ ରାୟ କାର୍ଯ୍ୟ ତୁଲାଇଥିଲେ।

# କୟାଁଗୋଲା-ବଳରାମପୁର ରାସ୍ତା ମରଣଯନ୍ତା

**ପୁନଃ ନିର୍ମାଣ ପାଇଁ ଦାବିପତ୍ର**

**ଦଶରଥପୁର,୫।୬ (ସୁଶାନ୍ତ କୁମାର ବେହୁରିଆ):**

ଗ୍ରାମାଞ୍ଚଳରେ ଗମନାଗମନ କ୍ଷେତ୍ରରେ ବିକାଶ ନିମନ୍ତେ ବିଭିନ୍ନ ଯୋଜନାରେ ସରକାର ପ୍ରତିବର୍ଷ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେଜଣ ଅଧିକାରୀଙ୍କ ଉଦାସୀନତା ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ବିପୁଳ ଟଙ୍କା ଖର୍ଚ୍ଚ ସତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ହେଉନାହିଁ। ଯାଜପୁର ଗ୍ରାମ୍ୟ ଉନ୍ନୟନ ଡିଭାଜନ ଅଧୀନ ମଙ୍ଗଳପୁର ଗ୍ରାମ୍ୟ ଉନ୍ନୟନ ସେକ୍ସନର କୟାଁଗୋଲା ଛକଠାରୁ ଇଛାପୁର ଦେଇ ବଳରାମପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ଲକ୍ଷ୍ୟ କଲେ ଏହା ଜଣାପଡ଼ିବ।

୫.୫ କି.ମି. ଲମ୍ବ ବିଶିଷ୍ଟ ଏହି ରାସ୍ତା ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଓ ଠିକାଦାର ପ୍ରୀତି ଯୋଗୁ ମାତ୍ର ୫ ବର୍ଷରେ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଲୋକେ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ଗର୍ଭବତୀ ଏହି ରାସ୍ତାରେ ଯାତାୟାତ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ରାସ୍ତାର କୟାଁଗୋଲା ହାଇସ୍କୁଲଠାରୁ ଗୁଣ୍ଡୁଣିପ ସେତୁ ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାରୁ ପିଚୁ, ବାଲି ଓ ଗୋଡ଼ି ଉଠି ଶତାଧିକ ଗର୍ତ୍ତ ସୃଷ୍ଟି ହୋଇଛି।


ରାସ୍ତାରେ ସୃଷ୍ଟିହୋଇଥିବା ଖାଲଖମା।

ବୈତରଣୀ ଓ ଏହାର ଶାଖା ନଦୀ କୂଳରେ ଅବସ୍ଥିତ କୟାଁ, ଗୁଣ୍ଡୁଣିପ, ଇଛାପୁର, ବଳରାମପୁର ଆଦି ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା ଅଞ୍ଚଳବାସୀଙ୍କ ପାଇଁ ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ଗମନାଗମନ ବ୍ୟତୀତ ଚାଷକାର୍ଯ୍ୟ ଓ ଚାଷକାର୍ଯ୍ୟରୁ ଉତ୍ପାଦିତ ସାମଗ୍ରୀକୁ ବଜାରରେ ପହଞ୍ଚାଇବା ପାଇଁ ଗ୍ରାମ ବାସିନ୍ଦାମାନଙ୍କ ଏହା ଏକମାତ୍ର ମାଧ୍ୟମ। ପ୍ରତିବର୍ଷ ବୈତରଣୀ ନଦୀ ଓ ଏହାର ଶାଖା ଖୋଳା ମାହାରାରେ ବନ୍ୟା ଜଳ ଆସିଲେ ଏହି ରାସ୍ତା କେତେକ ସ୍ଥାନରେ ବୁଡ଼ିଯାଏ। ଫଳରେ ସାମୟିକ ଭାବରେ ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କାୟାଁ, କମାରଡ଼ିହି ଓ ନିଜାମପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ଏହି ମୁଖ୍ୟରାସ୍ତାକୁ ପୁନଃ ନିର୍ମାଣ କରିବା ନିମନ୍ତେ ସାମାଜିକ କର୍ମୀ ବୈକୁଣ୍ଠନାଥ ପରିଡ଼ା, ଭାଜପା ନେତ୍ରୀ ପ୍ରଜ୍ଞାପରମିତା ନାୟକ, କୟାଁ ପଞ୍ଚାୟତ ଭାଜପା ସଭାପତି ହର୍ଷ କୁମାର ବେହୁରିଆ, କମାରଡ଼ିହି ପୂର୍ବତନ ସରପଞ୍ଚ ପ୍ରିୟବ୍ରତ ବିଶ୍ୱାଳ, କୟାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶେଷ ସୁତାରଙ୍କ ସମେତ ଚନ୍ଦ୍ରକାନ୍ତ ନାୟକ, ସୁରଥ ଚନ୍ଦ୍ର ଦାସ, ସଞ୍ଜୀବ ସାହାଣୀ, ପ୍ରଫୁଲ୍ଲ ଯେନା ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ରାସ୍ତାକୁ ନୂତନ ରୂପ ଦେବା ନିମନ୍ତେ ବିଭାଗ ପକ୍ଷରୁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ଏହା ଅନୁମୋଦନ ହେବାପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ରାସ୍ତା କାର୍ଯ୍ୟ କରାଯାଉଛି।

## ବରୀ ଅଞ୍ଚଳ ଚାଷୀଙ୍କ ସମସ୍ୟା ସମାଧାନ ଖୁବ୍‌ଶୀଘ୍ର

**ବରୀ,୫।୬(ମହେନ୍ଦ୍ର ସ୍ୱାଇଁ):**

ବରୀ ଅଞ୍ଚଳ ଚାଷୀଙ୍କ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯିବ। ଏନେଇ ଗୁରୁବାର ବିଭିନ୍ନ ସମସ୍ୟାକୁ ନେଇ ପୂର୍ତ୍ତ ବିଭାଗ, ଡ୍ରେନେଜ ବିଭାଗ ଓ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଆଲୋଚନା କରିଛନ୍ତି। ପରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ବିଭାଗଗୁଡ଼ିକ ଅଧୀନରେ ଥିବା କାର୍ଯ୍ୟଗୁଡ଼ିକୁ କିଭଳି ତୁରନ୍ତ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କାର୍ଯ୍ୟଗୁଡ଼ିକୁ ଶେଷ କରିବାକୁ ସ୍ଥିର କରାଯାଇଛି।

ଦୁଧେଇ ନଦୀରେ ପ୍ରତିବର୍ଷ ବନ୍ୟା ଆସି ସାରନ୍ଦା ପାଟ, ଉଖୁଣିଆ, ବରପଡ଼ିଆ ସମେତ ବରୀଠାରୁ ଖେମେଶ୍ୱର ପର୍ଯ୍ୟନ୍ତ ସମସ୍ତ ଚାଷ ଜମି ଜଳମଗ୍ନ ହୋଇଥାଏ। କିନ୍ତୁ ବନ୍ୟା ଜଳ ନିଷ୍କାସନ ପାଇଁ ବାଟ ନ ଥିବାରୁ ଏହି ଚାଷ ଜମିଗୁଡିକ ୬ ମାସ ଧରି ବୁଡ଼ିରହେ। ଏହିସମସ୍ୟାର ସମାଧାନ ପାଇଁ ବିଗତ ଦିନରେ ଚାଷୀମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲାପାଳ ଏହାର ସମାଧାନ କରିବାକୁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ପୂରଣ ହୋଇ ପାରିନାହିଁ। ବିଧାୟକ ଚାଷୀଙ୍କ ଏହି ସମସ୍ୟା ନେଇ ଆଲୋଚନା କରିବା ପରେ ବରିଷ୍ଠ ଅଧିକାରୀମାନେ ବିଧାୟକଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବୁଡ଼ି ରହୁଥିବା ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ସେହିପରି ବରୀରୁ ବିଞ୍ଝାରପୁର ଯାଜପୁରକୁ ସଂଯୋଗ ନିମନ୍ତେ ଢିଆବାରିଙ୍ଗି ନିକଟ ନଦୀରେ ନିର୍ମାଣ ସେତୁର ଆପ୍ରୋଚରୋଡ ଜମି ଜମା ବିବଦାରୁ ହୋଇପାରୁନାହିଁ। ବିଧାୟକଙ୍କ ହସ୍ତକ୍ଷେପ ପରେ ଜମି ମାଲିକଙ୍କ ସହିତ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇଛି। ତେଣୁ ଆପ୍ରୋଚ ରୋଡ୍ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସେହିପରି ବରୀ-କଳାମାଟିଆ ଶହୀଦ ପୀଠ ଓ ଅନ୍ୟ ସମସ୍ୟା ବିଷୟରେ ବିଧାୟକ ଏବଂ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଇ ସମାଧାନ କରାଯାଇଥିବା ସୂଚନା ମିଳିଛି।


ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## ପାଣିକୋଇଲିରେ ଛେଳି ଚୋରି ଅଭିଯୋଗ

**ପାଣିକୋଇଲି,୫।୬(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ବାରମ୍ବାର ଛେଳି ଚୋରି ହେଉଥିବା ଅଭିଯୋଗ ହୋଇଛି। ପାଣିକୋଇଲି ଗ୍ରାମର କୁନା ମୁଣ୍ଡାଙ୍କ ଅଭିଯୋଗ ମୁତାବକ, ତାଙ୍କ ଘରୁ ପୂର୍ବରୁ ୧୦ଟି ଛେଳି ଚୋରି ହୋଇଥିଲା। ପୁନର୍ବାର ଗତ ମାସ ୨୭ ତାରିଖରେ ତାଙ୍କର ୪ଟି ଛେଳି ଚୋରି ହୋଇଛି। ତାଙ୍କର ସନ୍ଦେହ ହେବାରୁ ସେ ନିକଟସ୍ଥ ଏକ ସିକ୍ୟୁରିଟ ସଂସ୍ଥାର ସିସିଟିଭ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଏକ କାର୍ ନିକଟସ୍ଥ କଲ୍ୟାଣ ମଣ୍ଡପ ନିକଟରେ ରଖି ସେଥିରେ ଛେଳି ଚୋରି କରାଯାଉଥିବା ଦେଖିବାକୁ ପାଇଥିଲେ। ଏନେଇ କୁନା ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପାଣିରେ ବୁଡ଼ି ୩ ବର୍ଷର ଶିଶୁ ପୁତ୍ର ମୃତ

**ଛତିଆ,୫।୬(ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଞ୍ଚାୟତ ପ୍ରାଣନାଥପୁର ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଗୋପାଳ ଚରଣ ସାହୁଙ୍କ ୩ ବର୍ଷର ପୁଅ ଆକାଶ ସାହୁଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ଆକାଶ ମଧ୍ୟାହ୍ନରେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ଘରଠାରୁ ସାମାନ୍ୟ ଦୂର ଥିବା ଏକ ଗଡ଼ିଆ ଭିତରକୁ ପଶି ଯାଇଥିଲେ। ସେଠାରେ ପାଣି ଅଧିକ ଥିବାରୁ ସେ ବୁଡ଼ି ଯାଇଥିଲେ। ଆକାଶଙ୍କ ସହ ଖେଳୁଥିବା ଅନ୍ୟ ଜଣେ ସାଙ୍ଗ ଏ ସମ୍ପର୍କରେ ଆକାଶଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଯାଇ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏ ସମ୍ପର୍କରେ ଆକାଶଙ୍କ ପରିବାର ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଯିବା ସହ ବୈରୀ ଥାନାକୁ ସୂଚନା ଦିଆଯାଇଥିଲା। ଘଟଣାସ୍ଥଳରେ ବୈରୀ ଥାନା ଅଧିକାରୀ ଅଂଶୁମାଳା ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେ ନଂ. ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆକାଶଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ପିସିସି ସଭାପତିଙ୍କୁ ଚଣ୍ଡିଖୋଲରେ ସମ୍ବର୍ଦ୍ଧନା


ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଚଣ୍ଡିଖୋଲ,୫।୬(ପ୍ରଦୀପ୍ତ କୁମାର ପୃଷ୍ଟି):**

ବିଶ୍ୱ ପରିବେଶ ଦିବସ ଅବସରରେ ସୁକିନ୍ଦା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଗୁରୁବାର ପରିବେଶ ବଞ୍ଚାଅ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ଯାଉଥିବା ସମୟରେ ବଡ଼ଚଣା କଂଗେସ ତରଫରୁ ଚଣ୍ଡିଖୋଲ ଛକଠାରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବଡ଼ଚଣା କଂଗେସ ନେତା ଅଜୟ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସୁରେଶ ଚନ୍ଦ୍ର ସାହାଣୀ, ବିଶ୍ୱପ୍ରକାଶ ସାମଲ, ସେକ ଅବଦୁଲ ମଜିଦ, କରୁଣାକର ରଣା, ଚାନ୍ଦ ଖାଁ, ବିଳାସ ଚନ୍ଦ୍ର ବାରିକ, ଶକ୍ତିରଞ୍ଜନ ରାଉତ, ଜନାର୍ଦ୍ଦନ ରାଉତ, ରମେଶ ଚନ୍ଦ୍ର ଗଡ଼ନାୟକ, ଶାନ୍ତନୁ ଜେନା, ସଞ୍ଜୟ କୁମାର କର, ସନ୍ତୋଷ ପରିଡ଼ା, ଚର୍ଚ୍ଚିତ ମାହାଲା, କୃଷ୍ଣ ପଣ୍ଡା, ଅଶୋକ ରାଉତ, ମାଧବ ମଲ୍ଲିକ, ଅଶୋକ ବେହେରା, ବଟ ଦାସ ଓ ମହେଶ୍ୱର ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଉଭୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

**ଯାଜପୁରଟାଉନ,୫।୬ (ପ୍ରଫୁଲ୍ଲା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଗୁରୁବାର ଚାରାରୋପଣ କରାଯାଇଛି। ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ପଞ୍ଚାୟତର ପଣସା ଉପ୍ରା ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଯୋଗ ଦେଇଥିବା ଜନସାଧାରଣଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତା'ର ରକ୍ଷଣାବେକ୍ଷଣ କରିବାକୁ ପରାମର୍ଶ ଦିଆଯାଇଛି। ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, କୋର କମିଟି ଅଧ୍ୟକ୍ଷ ସେକ୍ ଅବଦୁଲ ସାଜିଦ, କୋର କମିଟି ସଦସ୍ୟ ଶିକ୍ଷାବିତ ଭରତ ଚନ୍ଦ୍ର ବେହେରା, ଶିଶିର ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହ ସମ୍ପାଦିକା ଶକୁନ୍ତଳା ବେହେରା, ସ୍କୁଲ ପ୍ରଧାନଶିକ୍ଷକ ଜୟଦେବ ସାମନ୍ତ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଇମ୍ଫା ପକ୍ଷରୁ ବିଶ୍ୱ ପରିବେଶ ଦିବସ

**କାଳିଆପାଣି,୫।୬(ଅସିତ ମହାନ୍ତ):**

କାଳିଆପାଣି ଇମ୍ଫା କମ୍ପାନୀ ପକ୍ଷରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ କମ୍ପାନୀର ବ୍ୟବସାୟିକ ମୁଖ୍ୟ ସନ୍ଦୀପ ବି. ନାରାଡେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ପରେ ବିଶ୍ୱସ୍ତରରେ ପ୍ଲାଷ୍ଟିକ ପ୍ରଦୂଷଣକୁ ସମାପ୍ତ କରିବା ଉପରେ ଉପସ୍ଥିତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଏଥିସହିତ ଖଣି ଅଞ୍ଚଳର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କୁ ନେଇ ବିଶ୍ୱସ୍ତରରେ ପ୍ଲାଷ୍ଟିକ ପ୍ରଦୂଷଣକୁ ସମାପ୍ତ କରିବା ଉପରେ ବକ୍ତୃତା, ଚିତ୍ରାଙ୍କନ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରେମ ସୁଖ ପଚାର ଏବଂ ମାନବ ସମ୍ବଳ ବିଭାଗର ବରିଷ୍ଠ ପ୍ରବନ୍ଧକ ଗିରିଶ କୁମାର ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ। ପରିବେଶ ବିଭାଗର ପ୍ରବନ୍ଧକ ସତ୍ୟ କୈବଲ୍ୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ବିଭାଗର କର୍ମଚାରୀ ସମରେନ୍ଦ୍ର ସ୍ୱାଇଁ, ମାଇକେଲ ପ୍ରଧାନ, ଲୋକ ସମ୍ପର୍କ ବିଭାଗର ସନ୍ଦୀପ ମିଶ୍ର, ମୋନାଲିଶା ପରିଡ଼ା, ସ୍ମୃତିରେଖା ପାତ୍ର, ସୁଶାନ୍ତ ରାଉତ, ଜଗନ୍ନାଥ ପୃଷ୍ଟି ଓ ଶଙ୍ଖାଳି ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



ପରିବେଶ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ କୃତୀ ଛାତ୍ରଛାତ୍ରୀ।

# ପ୍ଲାଷ୍ଟିକ୍ ପ୍ରଦୂଷଣ ଶେଷ କରିବାକୁ ଆହ୍ୱାନ

- ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ
- ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ

**ଯାଜପୁର,୫।୬(ହର୍ଷବର୍ଦ୍ଧନ ବେହେରା):**

ଜିଲା ପରିବେଶ ସମିତି ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କଳିଙ୍ଗନଗର ଶଖା ପକ୍ଷରୁ ଗୁରୁବାର ଅବଦଲପୁର ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ପ୍ରଦୂଷଣ ଶେଷ କରିବା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ମୁଖ୍ୟବକ୍ତା ଓ ପଣ୍ଡିତ ଭୂପତି ଭୂଷଣ ମିଶ୍ର ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ପ୍ଲାଷ୍ଟିକ ପ୍ରଦୂଷଣ ସମସ୍ୟା ଓ ଏହାର ସମାଧାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲା ପରିବେଶ ସମିତିର ସମ୍ପାଦକ ଶରତ କୁମାର ସାହୁ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ସୂଚନା ପ୍ରଦାନ କରିଥିଲେ। ପ୍ଲାଷ୍ଟିକ ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଇକୋ କ୍ଲବର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବଡ଼ଚଣା ବ୍ଲକରୁ ଅନିଲ କୁମାର ଦାସ, ବରି ବ୍ଲକରୁ ଉଦୟନାଥ ଜେନା, କୋରେଇ ବ୍ଲକରୁ ଟୁଟୁ ମିଶ୍ର ଓ ଦାନଗଦି ବ୍ଲକରୁ ଅଶ୍ୱିନୀ କୁମାର ଧଳଙ୍କୁ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରଦତ୍ତ ପୁରସ୍କାର ରାଶି ୧୦ ହଜାର ଟଙ୍କା, ପ୍ରମାଣ ପତ୍ର ସହିତ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ପ୍ରକୃତି ମିତ୍ର ପୁରସ୍କାର ପାଇଁ ବଡ଼ଚଣା ବ୍ଲକରୁ ଧାନ ମଣ୍ଡଳ ସରକାରୀ ଉଚ୍ଚବିଦ୍ୟାଳୟ, ଦଶରଥପୁର ବ୍ଲକରୁ ଏ.ବି. ସରକାରୀ ଉଚ୍ଚ ବିଦ୍ୟାଳୟ, ବିଞ୍ଝାରପୁର ବ୍ଲକରୁ ସିଂହପୁର ମହାବିଦ୍ୟାଳୟ ଓ ବରି ବ୍ଲକରୁ ଅଜାଣ ବନ ଶିକ୍ଷାଶ୍ରମକୁ ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟର କୃଷି ଓ ଶିକ୍ଷା ସଦନକୁ ପଠାଯାଇଥିଲା। ଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସବୁଜ ଶପଥ ଓ ପ୍ଲାଷ୍ଟିକ ଆବର୍ଜନା କମାଇବାକୁ ଶପଥ ପାଠ ସହ ଜନ ସଚେତନତା ସୃଷ୍ଟି ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଏକ ସଚେତନତା ପଦଯାତ୍ରା, ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ପ୍ରକୃତି ବନ୍ଧୁ ଓ କୃତୀ ପ୍ରତିଯୋଗୀମାନଙ୍କୁ ଗୋଟିଏ ଲେଖାଏ ଫଳ ଗଛ ଚାରା ବଣ୍ଟନ ସହିତ ଅନ୍ୟାନ୍ୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଚାରା ବଣ୍ଟନ କରାଯାଇଥିଲା। ମା'ବୁଢ଼ୀ ଜାଗୁଳାଇ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ରରେ ଗାୟତ୍ରୀ ନାୟକ, ବିଷ୍ଣୁ ଚରଣ ସାହୁ, ସୌମ୍ୟ ପ୍ରିୟଦର୍ଶନୀ, ରାଜୀବ ଲୋଚନ ରାଉତ, ଟୁଟୁ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ସଫିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ଅଶ୍ୱିନୀ ଧଳଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଉଛି।




## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୱେଲଡିଂ ମିସ୍ତ୍ରିଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ, ୫।୬ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଥାନା କଲେଜ ରୋଡ଼ଠାରେ ଜଣେ ବ୍ୟକ୍ତିଙ୍କ ଘରେ ଗ୍ରିଲ ଗେଟ ୱେଲଡିଂ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗୁରୁବାର ନାନ୍ଦୋଳ ଗ୍ରାମର ମିସ୍ତ୍ରି ସେକ ମୁସ୍ତାକ (୪୫)ଙ୍କ ମୃତ୍ୟୁ ଘଟିଛି। ମୁସ୍ତାକଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନୂତନ ଅଧ୍ୟକ୍ଷ ଭାବେ ଉପେନ୍ଦ୍ରଙ୍କ ଯୋଗଦାନ

**ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ**

ରାଜକନିକା,୫।୬(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ବୁଧବାର ନୂତନ ଅଧ୍ୟକ୍ଷ ଭାବେ ଉପେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଛନ୍ତି। ପୂର୍ବରୁ ପଣ୍ଡା ନିଶ୍ଚିନ୍ତକୋଇଲିର ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଇତିହାସ ବିଭାଗରେ ପ୍ରଧାପକ ଭାବେ କାର୍ଯ୍ୟରତ ଥିଲେ। ଏବେ ସେ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ଭାବେ ଯୋଗଦେଇ ଗୁରୁବାର ଅଧ୍ୟକ୍ଷାଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଚିଠି ନଂ. ୨୮୭୮୭, ଜୁନ ୨ ରେ ନିର୍ଦ୍ଦେଶ ବଳରେ ମୋଟ ୫୦ ଜଣ ଅଧ୍ୟକ୍ଷଙ୍କ ବଦଳି ତାଲିକା ଅନୁଯାୟୀ ପଣ୍ଡା ଏଠାରେ ଯୋଗ ଦେଇଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଅଧ୍ୟାପକଙ୍କ ସମେତ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

### ଜଙ୍ଗଲ ବଞ୍ଚିଲେ ପରିବେଶ ସୁନ୍ଦର, ସ୍ୱଚ୍ଛତା ରହିବ

ପଟ୍ଟାମୁଣ୍ଡାଇ, ୫।୬ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ବଡପଡା ସରକାରୀ ମହାବିଦ୍ୟାଳୟ ପରିସରରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ସିନିଅର ସିଭିଲ ଜର୍ଜ ଅପୂର୍ବା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ବୃକ୍ଷ ରୋପଣ କରାଯାଇଛି। ଏଥିରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଚୌଧୁରୀ କହିଥିଲେ, ଜଙ୍ଗଲ ବଞ୍ଚିଲେ ପରିବେଶ ସୁନ୍ଦର ଓ ସ୍ୱଚ୍ଛତା ରହିବ। ତେଣୁ ପରିବେଶକୁ ବଞ୍ଚାଇବାକୁ ହେଲେ ଅଧିକ ବୃକ୍ଷରୋପଣ କରାଯିବା ସହ ଜଙ୍ଗଲରେ ପାରମ୍ପରିକ ବୃକ୍ଷ ତଥା ଆମ୍ବ, ପଣସ, ଲିଚୁ, ଜାମୁକୋଳି ଗଛ ଲଗାଇବାକୁ ଜୀବନଜୀବିକା ସ୍ୱାବଲମ୍ବୀ ହେବା ସହ ଜଙ୍ଗଲ ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ମନ୍ମଥ ପାତ୍ର, ଶ୍ରୀକାନ୍ତ ଦାସ, ଅମରେନ୍ଦ୍ର ପତି, ସେକ୍ ଇମଦାଦ ଅଲ୍ଲୀ, ପ୍ରଦୀପ୍ତ କିଶୋର ମୁଦୁଲି, ଆଦିକନ୍ଦ ରାଉତ ଓ ରେଞ୍ଜ ଅଧିକାରୀଙ୍କ ସହ ବନ କର୍ମଚାରୀ ସାମିଲ ହୋଇଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନ

**ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ**

ପଟ୍ଟାମୁଣ୍ଡାଇ, ୫।୬ (କଳ୍ପତରୁ ନାୟକ)



ବୈଠକରେ ବିଧାୟକ ଗଣେଶ୍ୱର ବେହେରା ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୫ମ ସାଧାରଣ ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ବ୍ଲକର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ପଟ୍ଟାମୁଣ୍ଡାଇକୁ ଜିଲାର ଏକ ନମ୍ବର କରିବାକୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଶେଷ ଭାବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗ୍ରାମସଭାରୁ ପାରିତ ହୋଇଥିବା ପ୍ରକଳ୍ପରୁ ବାର୍ଷିକ ଅନୁଦାନ ରାଶିର ଶତକଡା ୬୦ ଭାଗ ଅର୍ଥର ପ୍ରକଳ୍ପ ଓ ଅବଶିଷ୍ଟ ୪୦ ଭାଗ ଅର୍ଥର ପ୍ରକଳ୍ପ ବିଧାୟକଙ୍କ ଅନୁମୋଦନରେ ଚୟନ କରାଯାଇଥିଲା। ଏଥିରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନ କରାଯାଇ ଗ୍ରାମାଞ୍ଚଳର ଉନ୍ନତି ପାଇଁ ରାସ୍ତା ନିର୍ମାଣ, କମ୍ୟୁନିଷ୍ଟ ସେଣ୍ଟର ନିର୍ମାଣ, ଖେଳ ପଡିଆର ଉନ୍ନତିକରଣ, ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ ଓ କ୍ରୀଡା ଯୁବ ବିକାଶ ପ୍ରକଳ୍ପ ଆଦି ପ୍ରକଳ୍ପକୁ ଅଗ୍ରାଧିକାର ଦିଆଯାଇଥିଲା। ପ୍ରଥମ ବର୍ଷରେ ବ୍ଲକକୁ ମିଳିଥିବା ୩ କୋଟି ୯୪ ଲକ୍ଷ ୧୬ ହଜାର ଟଙ୍କା ବିନିମୟରେ ଅନୁମୋଦନ ହୋଇଥିବା ୧୦୧ଟି ପ୍ରକଳ୍ପ କାର୍ଯ୍ୟକୁ ଆସନ୍ତା ବର୍ଷା ଋତୁ ପୂର୍ବରୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଁ ଆବେଦନ କରିଥିବା ୧୮ ହଜାର ୩୦୨ ଗରିବ ଲୋକଙ୍କୁ ସ୍ୱଚ୍ଛତାର ସହ ଯୋଗାଇ ଦେବା ଉପରେ ଗୁରୁତ୍ୱରୋପ କରାଯାଇଥିଲା। ଏଥିସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ବ୍ଲକରୁ ଚୟନ କରାଯାଇଥିବା ୨୧୦ଟି ଗଭୀର ନଳକୂପ ମଧ୍ୟରୁ ପ୍ରାୟ ୬୦ଟି ନଳକୂପ ଟେଣ୍ଡର ମାଧ୍ୟମରେ ଚୟନ କରାଯାଇ ଖନନ ଆରମ୍ଭ ହୋଇଥିବାରୁ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବୈଠକରେ ସାଂସଦଙ୍କ ପ୍ରତିନିଧି ସୁନାକର ବେହେରା, ବିଡିଓ ଅଶୋକ କୁମାର ମହାନ୍ତିଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଂଟର ଅଧିକାରୀଙ୍କ ସହ ସରପଞ୍ଚ, ସମିତିସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସୂର୍ଯ୍ୟ ଘର ବିଜୁଳି ଯୋଜନା ସମ୍ପର୍କରେ କର୍ମଶାଳା

କେନ୍ଦ୍ରାପଡ଼ା, ୫।୬ (ଜଗନ୍ନାଥ ଧଳ)

କେନ୍ଦ୍ର ଓ ରାଜ୍ୟ ସରକାରର ସହଯୋଗିତା ଓ ରିହାତି ମାଧ୍ୟମରେ ଚାଲିଥିବା ପିଏମ ସୂର୍ଯ୍ୟ ଘର ବିଦ୍ୟୁତ୍ ଯୋଜନାର ଏକ କର୍ମଶାଳା କେନ୍ଦ୍ରାପଡ଼ା ସହରର ରିଡିଙ୍ଗ ରୁମ୍ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏକ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବ୍ୟବସାୟ ପରିଚାଳନା ଅଧିକାରୀ ଅରନ୍ଦିମ ସାହୁ, ରାଜ୍ୟ ସଂଯୋଜକ ବିଭୂତି ଭୂଷଣ ଆଚାର୍ଯ୍ୟ, ଜିଲା ସଂଯୋଜକ ସର୍ବେଶ୍ୱର ସାହୁ ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ ବିଜୁଳି ଶକ୍ତିର ବ୍ୟବହାର ଓ ସୋଲାର ସିଷ୍ଟମ ସମ୍ପର୍କରେ ଆଲୋଚନା କରିବା ସହ ସରକାରୀ ଯୋଜନାରେ ରିହାତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କର୍ମଶାଳା ଡ. ପ୍ରକାଶ କୁମାର ଜେନାଙ୍କ ନେତୃତ୍ୱରେ ହୋଇଥିବାବେଳେ ରାମ ନାରାୟଣ ସିଂହ, ସୁରେନ୍ଦ୍ର ନାଥ ବାରିକ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## କେନ୍ଦ୍ରାପଡାର ୮ ଅନୁଷ୍ଠାନକୁ ପ୍ରକୃତି ମିତ୍ର ସମ୍ମାନ



ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କଠାରୁ ଅନୁଷ୍ଠାନ ପ୍ରକୃତିମିତ୍ର ସମ୍ମାନ ଗ୍ରହଣ କରୁଛି।

କେନ୍ଦ୍ରାପଡ଼ା, ୫।୬ (ଜଗନ୍ନାଥ ଧଳ)

ଓଡ଼ିଶା ରାଜ୍ୟ ସରକାରର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚଳିତ ବର୍ଷର ପ୍ରକୃତି ମିତ୍ର ସମ୍ମାନ ସମାରୋହ ଭୁବନେଶ୍ୱରସ୍ଥ ଓୟୁଏଟି ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ କେନ୍ଦ୍ରାପଡ଼ା ଜିଲାର ୮ଟି ଅନୁଷ୍ଠାନକୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେଗୁଡ଼ିକ ହେଲେ କେନ୍ଦ୍ରାପଡ଼ା ବ୍ଲକ କୋରୋ ପଞ୍ଚାୟତ ନୋଡାଲ ସ୍କୁଲ, ଡେରାବିଶ ବ୍ଲକ ଅଳାବାଙ୍କର ଇନଷ୍ଟିଚ୍ୟୁଶନ ଅଫ ଟୋଟାଲ ଫିଟନେସ, ଆଣ୍ଡ ଷ୍ଟ୍ରେସ ମ୍ୟାନେଜମେଣ୍ଟ, ଗରଦପୁର ବ୍ଲକ ରାଇସରର ଏଭର ଗ୍ରୀନ ଫୋରମ, ମାର୍ଶାଘାଇ ବ୍ଲକ ଶିଳିପୁରର ମଣି ନାଗେଶ୍ୱର ହାଇସ୍କୁଲ, ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣାର ହର ଭାରତ ଓ ମହାକାଳପଡ଼ା ବ୍ଲକ ବାବରର ଗହୀରମଥା ମେରାଇନ ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନଗ୍ରୋଭ କଞ୍ଜରଭେଶନ ସୋସାଇଟି। ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ଅନୁଷ୍ଠାନଗୁଡ଼ିକୁ ସମାରୋହରେ ସମ୍ମାନିତ କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ମା’ ବାଟିକା ନିର୍ମାଣ


ମା’ ବାଟିକା ନିର୍ମାଣ ଅବସରରେ ଅତିଥିଙ୍କ ଗହଣରେ ମହିଳାମାନେ।

ରାଜକନିକା,୫।୬(ସଞ୍ଜୟ କୁମାର ଦାଶ)

ମଣିଷ ନିଜ ସ୍ୱାର୍ଥ ହାସଲ ପାଇଁ ଅବିଚାରିତ ଭାବେ ଜଙ୍ଗଲ ଧ୍ୱଂସ କରିବା ଯୋଗୁ ପରିବେଶ ବିଗିଡ଼ିବାରେ ଲାଗିଛି। ଏହାର ସନ୍ତୁଳନ ରକ୍ଷା ଲାଗି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ମହିଳାମାନେ ଅଣ୍ଟା ଭିଡିଛନ୍ତି। ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ଆହ୍ୱାନକ୍ରମେ ଶତାଧିକ ମହିଳାପୁରୁଷ, ବୁଦ୍ଧିଜୀବୀ, ଯୁବବର୍ଗ ଏବଂ ଛାତ୍ର ସମାଜ ପଶ୍ଚିମ କନିକା ହାଟସାହି ଗାଁରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମହିଳାମାନଙ୍କ ପ୍ରୟାସରେ ମା’ ବାଟିକା ନିର୍ମାଣ କରାଯାଇଛି। ଏଥିରେ ଅତିଥି ଭାବେ ରାଜକନିକା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ, ସିପିଆଇ (ଏମ୍ଏଲ) ଜିଲା ସମ୍ପାଦକ ବିଧାନ ଦାସ, ଶିକ୍ଷକ ନିରଞ୍ଜନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ରାଉତ, ପରିକ୍ଷିତ ପଢ଼ିଆରୀ, ଶଶିକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ ମା’ ବାଟିକା ନିର୍ମାଣ କରାଯାଇ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଆଗାମୀ ଦିନରେ ବ୍ଲକର ୨୯ଟି ପଞ୍ଚାୟତରେ ବିଭିନ୍ନ ଗାଁକୁ ଯାଇ ମା’ ସ୍ମୃତିରେ ଚାରାଟିଏ କାର୍ଯ୍ୟକ୍ରମକୁ କୌଣସି ସରକାରୀ ଅନୁଦାନ ନ ଥାଇ ମହିଳାମାନଙ୍କ ନିଜସ୍ୱ ଅନୁଦାନରେ କରିବାକୁ ସମିତିର ରାଜ୍ୟ ସଭାନେତ୍ରୀ ସବିତା ବରଜ କରିଥିଲେ। ମହିଳାମାନଙ୍କ ମଧ୍ୟରେ ମା’ ବାଟିକାର ସଭାନେତ୍ରୀ ସବିତା ବରଜ, ଯୁଗ୍ମ ଉପ ସଭାନେତ୍ରୀ ଅଳିଭା ରାଉତ ଓ ସରସ୍ୱତୀ ବିଶ୍ୱାଳ, ଯୁଗ୍ମ ସହ ସମ୍ପାଦିକା ସୁଶୋଭିତା ରାଉତ ଏବଂ କୋଷାଧ୍ୟକ୍ଷ ରତ୍ନମାଳା ବିଶ୍ୱାଳ, ସଭ୍ୟ ସରୋଜିନୀ ବିଶ୍ୱାଳ, ଝରଣା ରାଉତ, ମାନସୀ ବିଶ୍ୱାଳ, ବିଷ୍ଣୁପ୍ରିୟା ପଢିଆରୀ, ନିରୁପମା ନାୟକ, ଚିନ୍ମୟୀ ପଢ଼ିଆରୀ, ଅନସୂୟା ଖଟୁଆ, ପାପାଲି ସାହାଣୀ ଏବଂ ସଭ୍ୟ ଶୁଭମ୍ ରାଉତ, ଶିବରଞ୍ଜନ ରାଉତଙ୍କ ସମେତ ମହିଳାପୁରୁଷ ସାମିଲ ହୋଇଥିଲେ। ବୃକ୍ଷରୋପଣ ପାଇଁ ଆବଶ୍ୟକ ସରକାରୀ ଜମି ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ଜିଲାପାଳ, କନିକା ତହସିଲଦାରଙ୍କ ଦୃଷ୍ଟି ଗୋଚର କରାଯାଇଛି ବୋଲି ସଭାନେତ୍ରୀ ବରଜ କହିଛନ୍ତି।

## ପୋଖରୀପଡ଼ା ପତିତପାବନ ରଥଯାତ୍ରା ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୫।୬ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀପଡ଼ା ପତିତପାବନ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୌରାଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ମାଉସୀ ମା’ ମନ୍ଦିର ପରିଚାଳନା କମିଟି ସଭାପତି ଅର୍ଜୁନ ନାୟକ ପ୍ରମୁଖ ଯୋଗଦେଇ ଜୁନ ୨୭ରେ ହେବାକୁ ଥିବା ଗୁଣ୍ଡିଚା ଯାତ୍ରା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବିଧାୟକ ସାହୁ ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ଉତ୍ସବ ପାଇଁ ରାସ୍ତା ନିର୍ମାଣ, ମରାମତି, ଆଇନଶୃଙ୍ଖଳା, ପାନୀୟଜଳ, ପରିମଳ, ଟ୍ରାଫିକ୍ ନିୟନ୍ତ୍ରଣ, ବିଦ୍ୟୁତ ସୁରକ୍ଷା, ଅଗ୍ନିଶମ ସେବା ଆଦି ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ତ୍ରିଲୋଚନ ସୁତାର, ବ୍ରଜସୁନ୍ଦର ସାହୁ, ଶୁକଦେବ ସ୍ୱାଇଁ, ଇଶ୍ୱର ଲେଙ୍କା, ଦେବ ପ୍ରସାଦ ମହାନ୍ତି, ଗୁଟୁ ମିଶ୍ର, ନଗର ଭାଜପା ସଭାପତି ଅଶୋକ ସାହୁ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ନରହରି ଲେଙ୍କା ଧନ୍ୟବାଦ ଦେଇଥିଲେ।

## ପରିବେଶ ସୁରକ୍ଷା ପାଇଁ ଜଣକା ୧୦ ଗଛ ଲଗାଅ: ବିଧାୟକ

ମହାକାଳପଡ଼ା, ୫।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ବିଶ୍ୱ ପରିବେଶ ଦିବସ ଅବସରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଖରିନାସୀ ଉଚ୍ଚ ବିଦ୍ୟାଳୟ ପରିସରରେ ଯୋଗଦେଇ ମା’ ପାଇଁ ଗଛଟିଏ ଲଗାଇ ବିଶ୍ୱ ପରିବେଶ ଦିବସରେ ବାର୍ତ୍ତା ଦେଇଛନ୍ତି। ପ୍ରତି ପରିବାର ଲୋକ ୧୦ଟି ଗଛ ଲଗାଇ ପରିବେଶ ସୁରକ୍ଷା ଦେବାକୁ ଗୁରୁତ୍ୱାରୋପ କରିଥିଲେ। ଆମ୍ବ, ଜାମୁ, ବଉଳ, ନିମ୍ବ, କରଞ୍ଜ ଗଛ ଲଗାଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ଗଛର ଭୂମିକା ରହିଛି। ଗଛ ଲଗାଇବା ବେଳେ ଶିଶୁମାନଙ୍କୁ ପାଖକୁ ଡାକି ଗଛ ଲଗାଇବା ପାଇଁ ପରାମର୍ଶ ଦେଉଥିଲେ। ପରେ ବିଧାୟକ ନାୟକ ଜେଠୀଠାରେ ସ୍ଥାନୀୟ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଦ୍ୱାରା ମା’ ଗଙ୍ଗା ଦେବୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପୀଠରେ ପହଞ୍ଚି ଆଶିଷ ଭିକ୍ଷା କରିଥିଲେ। ପରେ ମା’ ରାମଚଣ୍ଡୀ ବୋଟ ମାଲିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହିବିଶ୍ୱ ପରିବେଶ ଦିବସ ରେ ରାଜନଗର ଏସିଏଫ ଗଗନ ବିହାରୀ ମଲ୍ଲିକ, ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ବେହେରା, ଫରେଷ୍ଟର ରଞ୍ଜନ ପାଣି, ମହନ୍ତ ମଲିକଙ୍କ ସମେତ ବନ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜେଠୀଠାରେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସମେତ କ୍ରିଷ୍ଣପଦ ମଣ୍ଡଳ, ପ୍ରଶାନ୍ତ ସେଠୀ, ରବି ରକ୍ଷିତ, ତରୁଣକାନ୍ତ କାଞ୍ଜିଲାଲ, ତ୍ରିଲୋଚନ ରାଉତ, ବାବୁଲି ଦାସ, ଭବେନ ମଣ୍ଡଳ, ସରୋଜ କାନ୍ତ ସାହୁ, ସୁକାନ୍ତ ସ୍ୱାଇଁଙ୍କ ସମେତ ବହୁସଂଖ୍ୟାରେ ଜନପ୍ରତିନିଧି ମହିଳା ଉପସ୍ଥିତି ଥିଲେ।


ବୃକ୍ଷରୋପଣ ଲାଗି ମହିଳାମାନଙ୍କୁ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଶପଥ ପାଠ କରାଉଛନ୍ତି।

## ପଟ୍ଟାମୁଣ୍ଡାଇ ତହସିଲଦାର ରାଜ୍ୟସ୍ତରରେ ପୁରସ୍କୃତ

ପଟ୍ଟାମୁଣ୍ଡାଇ, ୫।୬ (କଳ୍ପତରୁ ନାୟକ)


ତହସିଲଦାର ପଞ୍ଚାନନ ନାୟକ ରାଜସ୍ୱ ସେବା ପାଇଁ ପୁରସ୍କୃତ ହେଉଛନ୍ତି।

ଉତମ ରାଜସ୍ୱ ସେବା ଯୋଗାଇ ସାଧାରଣରେ ଆଦୃତ ହୋଇଥିବା ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି। ଏହି ଉପଲକ୍ଷେ ଭୁବନେଶ୍ୱର ଲୋକସେବା ଭବନଠାରେ ବୁଧବାର ଆୟୋଜିତ ରାଜ୍ୟ ରାଜସ୍ୱ ଅଧିକାରୀ ସମ୍ମିଳନୀରେ ରାଜସ୍ୱ ସେବା ପାଇଁ ରାଜ୍ୟରେ ୫ମ ସ୍ଥାନ ଅଧିକାର କରିଥିବା ପଟ୍ଟାମୁଣ୍ଡାଇ ତହସିଲଦାର ନାୟକଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, କୋରେଇ ବିଧାୟକ ଆକାଶ ଦାସ ନାୟକ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପଟ୍ଟାମୁଣ୍ଡାଇ ତହସିଲଦାର ନାୟକ ଉତମ ରାଜସ୍ୱ ସେବା ପାଇଁ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ, ୫।୬ (କଳ୍ପତରୁ ନାୟକ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବେଲତଳ ସୁବାଷ ବୋଷ କ୍ଲବ ନିକଟରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ପଡ଼ିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପ୍ରଦୂଷଣକୁ ରୋକିବାକୁ ପ୍ଲାଷ୍ଟିକ ବସ୍ତୁ ପରିତ୍ୟାଗ କର

**ରାଜନଗରରେ ବିଶ୍ୱ ପରିବେଶ ଦିବସ**

ରାଜନଗର, ୫।୬ (ଭାସ୍କର ରାଉତରାୟ)


ଉତ୍ସବରେ ଅତିଥିଙ୍କ ଗହଣରେ ବନବିଭାଗର କର୍ମଚାରୀ ଓ ଅନ୍ୟମାନେ।

ରାଜନଗର ବନ୍ୟପ୍ରାଣୀ ଡିଭିଜନ ମୁଖ୍ୟ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଗୁରୁବାର ପାଳିତ ହୋଇଯାଇଛି। ସାରା ବିଶ୍ୱରେ ପରିବେଶ ପ୍ରଦୂଷଣ ବଢିବାରେ ଲାଗିଛି। ଯାହା ସାରା ଜଗତର ମଣିଷ ପାଇଁ ଚିନ୍ତାର କାରଣ ପାଲଟିଛି। ପରିବେଶ ପ୍ରଦୂଷଣକୁ ରକ୍ଷା କରିବାକୁ ହେଲେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିତ୍ୟାଗ କରିବାକୁ ଚଳିତବର୍ଷ ସଚେତନତା ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ମୁଖ୍ୟ ଲକ୍ଷ୍ୟ ହେଉ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ରାଜନଗର ବନ୍ୟପ୍ରାଣୀ ଡିଭିଜନର ଅତିରିକ୍ତ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥଲେ। ଏଥିରେ ପତ୍ରକାର ଭାସ୍କର ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶ୍ୱ ତାପନ ବୃଦ୍ଧି, ଭୂତଳ ଜଳସ୍ତର ନିମ୍ନଗାମୀ, ମୃତ୍ତିକା କ୍ଷୟ, ଭୂସ୍ଖଳନ ଜଳବାୟୁରେ ଅହେତୁକ ପରିବର୍ତ୍ତନ, ଜଳପତନ ହ୍ରାସ ବିକାଶର ସ୍ୱପ୍ନରେ ବିଭୋର ଶିଳ୍ପାୟନ ପ୍ଲାଷ୍ଟିକର ଭୟଭୟତା ଉପରେ ମତ ପ୍ରକାଶ କରିଥଲେ। ଗବେଷକ ପ୍ରସନ୍ନ କୁମର ନାୟକଙ୍କ ସଂଯୋଜନା କରିଥିବାବେଳେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କ ପୁରସ୍କାର କରାଯାଇଥିଲା। ବନପାଳ ବିଜୟ କୁମାର ପାତ୍ରଙ୍କ ସମେତ ବନ କର୍ମଚାରୀମାନେ ଏହାକୁ ପରିଚାଳନା କରିଥଲେ।

## ଧାନ ମଣ୍ଡିରେ ଚାଷୀଙ୍କୁ ମିଳିନି ଅଖା ଟଙ୍କା

**ମିଳିମିଶି ଟଙ୍କା ବାଣ୍ଟି ନେଇଥିବା ଅଭିଯୋଗ**

ରଘୁନାଥପୁର,୫।୬(ରାଜେନ୍ଦ୍ର ନାରାୟଣ ସିଂହ)

ଗତ କିଛବର୍ଷ ହେବ ରଘୁନାଥପୁର ବ୍ଲକ ରେତୁଆ ପ୍ରାଥମିକ କୃଷି ସମବାୟ ସମିତିରେ ଅବ୍ୟବସ୍ଥା ଲାଗିରହିଛି। ଏପରିକି ଧାନମଣ୍ଡିରେ ଧାନ ଦେଉଥିବା ପଞ୍ଜିକୃତ ଚାଷୀମାନେ ୨୦୨୩-୨୪ ଓ ୨୪-୨୫ ବର୍ଷର ଅଖା ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଧାନ କ୍ରୟ କରୁଥିବା ମିଲରଙ୍କ ପକ୍ଷରୁ ଚାଷୀଙ୍କ ଅଖା ବାବଦରେ ପାଇବାକୁ ଥିବା ସମସ୍ତ ପ୍ରାପ୍ୟ ଟଙ୍କା ସମିତି କର୍ମକର୍ତ୍ତାଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଇଛି। ମାତ୍ର ଉକ୍ତ ଟଙ୍କା ମିଳିମିଶି ବାଣ୍ଟି ନିଆଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଚାଷୀମାନେ ଜୁନ୨ ରେ ଏରସମା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି। ଅଖା ଟଙ୍କା ନ ପାଇ ଚାଷୀମାନେ ହତାଶ ହୋଇପଡ଼ିଥିବା ବେଳେ ସମିତିର ସମ୍ପାଦକ ଓ ସଭାପତିଙ୍କ କାର୍ଯ୍ୟଧାରା ପ୍ରତି ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଜାଲିଆତି ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଏହି ଧାନମଣ୍ଡିରେ ରେତୁଆ ଓ ତଅଁରା ପଞ୍ଚାୟତର ୪୫୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ। ୫ମିଲର ପ୍ରାୟ ୧୫ ହଜାର କୁଇଣ୍ଟାଲ ଧାନ କ୍ରୟ କରିଥିଲେ। ରେତୁଆ ସମିତିର ସମ୍ପାଦକ ଦାୟିତ୍ୱରେ ଭଗବାନ ପ୍ରାସାଦ ସ୍ୱାଇଁ ରହିଛନ୍ତି। ସମ୍ପାଦକ ସ୍ୱାଇଁ ୩ ସମିତି ଦାୟିତ୍ୱରେ ଥିବାରୁ ସମିତିର ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି ମଣ୍ଡି କାର୍ଯ୍ୟଭାର ତୁଲାଇଥିଲେ। ଧାନ କ୍ରୟ କରିଥିବା ମିଲରମାନେ ଅଖା ବାବଦ ଟଙ୍କା ସମିତି ସଭାପତି ମହାନ୍ତିଙ୍କୁ ପ୍ରଦାନ କରିଥିଲେ ବୋଲି ସମ୍ପାଦକ ସ୍ୱାଇଁଙ୍କ କହିଛନ୍ତି। ଚାଷୀମାନେ ଅଖା ଟଙ୍କା ନ ପାଇବାରୁ ସିଧାସଳଖ ସମିତି ସମ୍ପାଦକ ଓ ସଭାପତିଙ୍କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷେ ଜଣେ ବ୍ୟକ୍ତିଙ୍କୁ ୩/୪ ଟି ସମିତି ଦାୟିତ୍ୱ ଦିଆଯାଉଥିବାରୁ ଏପରି ବ୍ୟତିକ୍ରମ ଘଟୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ସମିତିରେ ଜଣେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ଦିଆଯାଉ ନଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ମଣ୍ଡି ଦାୟିତ୍ୱରେ ଥିବା ଫିଲ୍ଡ ଅଫିସର ଚିତ୍ରା ଚିନ୍ମୟୀ ଦାଶ କୁହନ୍ତି, କେଉଁ ମିଲର କେତେ ଟଙ୍କା ଦେଇଛନ୍ତି ସେ ସମ୍ବନ୍ଧରେ ତଥ୍ୟ ମଗାଯାଇଛି। ସେହିପରି ଅଖା ବାବଦ ଟଙ୍କା ମିଲରଙ୍କ ପାଖରୁ ସମିତି ସମ୍ପାଦକ ଓ ସଭାପତିଙ୍କ ପାଖକୁ ଯିବ ଏଥିରେ ଆମ ପାଖରେ କିଛି ତଥ୍ୟ ନାହିଁ ବୋଲି ସିଏସଓ ସୁଜାତା ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷେ ସମିତି ସମ୍ପାଦକ ସ୍ୱାଇଁ କୁହନ୍ତି ଯେ, କେତେଜଣ ମିଲର ଅଖା ଟଙ୍କା ଦେଇଥିବା ଆଉ କେତେଜଣ ଦେଇ ନଥିବାରୁ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ଟଙ୍କା ବଣ୍ଟା ହୋଇପାରି ନାହିଁ।ମଣ୍ଡି ସରିବାର ୨ ମାସ ବିତିଯାଇଥଲେବି ଚାଷୀଙ୍କୁ ଅଖା ଟଙ୍କା ମିଳି ନ ଥିବାରୁ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ସୁଦର୍ଶନ ସ୍ୱାଇଁ, ବିକ୍ରମ କେଶରୀ ସାମନ୍ତରାୟ, ଦୀପକ ବାରିକ, ବିପିନ ବିହାରୀ ସ୍ୱାଇଁ, ଦିଲୀପ କୁମାର ବାରିକ ପ୍ରମୁଖ ଦାବି କରିଛନ୍ତି।




# ୪୧ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଉନ୍ମୋଚିତ ପ୍ରତିମୂର୍ତ୍ତି



ଶିଳ୍ପପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି ।

ରମ୍ଭା/ଛତ୍ରପୁର,୫।୬(ବନବାସୀ ସେଠ/ସନ୍ତୋଷ ପାଢ଼ୀ /ଦିଲୀପ ସାମଲ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସି ୧୨ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳ ସଂଗ୍ରାମୀ ସ୍ମାରକୀ ପୀଠର ଉଦଘାଟନ କରିଥିଲେ। ସେଠାରେ ପ୍ରତିଷ୍ଠା ହୋଇଥିବା ୪୧ ଜଣ ସଂଗ୍ରାମୀ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏପରି ଏକ ମହତ୍ କାର୍ଯ୍ୟକୁ ଐତିହ୍ୟ ସହର ରମ୍ଭାରେ କରାଯାଇଥିବାରୁ ଅଞ୍ଚଳବାସୀଙ୍କୁ ସେ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ୧୯୦୩ରେ ରମ୍ଭାରେ ପ୍ରଥମ ସମ୍ମିଳନୀ ହୋଇଥିଲା।

ଉକ୍ତ ସମ୍ମିଳନୀରେ ୬୧ଜଣ ଯୋଗ ଦେଇଥିଲେ। ସେହି ମହାପୁରୁଷମାନଙ୍କୁ ସମ୍ମାନ ଜଣାଇ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ବରପୁତ୍ରମାନଙ୍କ ମଧ୍ୟରୁ ୪୧ଜଣଙ୍କ ଫଟୋ ମିଳିଥିଲା। ସେହି ଫଟୋକୁ ଆଧାର କରି ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ଅନ୍ୟ ବରପୁତ୍ରମାନଙ୍କ ନାମ ଲେଖାଯାଇଛି। ପ୍ରତିମୂର୍ତ୍ତି ଓ ନାମଫଳକ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ। ସଂଗ୍ରାମୀ ସ୍ମାରକୀ ସ୍ମୃତି କମିଟିରୁ ମହାରାଜ ଶଙ୍କରାନନ୍ଦ ଗିରି, ସୁବାସ ଚନ୍ଦ୍ର ପଣ୍ଡା, ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ରମ୍ଭା ଏନଏସି ଅଧ୍ୟକ୍ଷ ମାନସ ସ୍ୱାଇଁଙ୍କ ସହ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା।

## ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପରିଦର୍ଶନ କଲେ

ପରେ ମୁଖ୍ୟମନ୍ତ୍ରୀ ଛତ୍ରପୁର ଯାଇ ଜିଲାରେ ୨୮, ୦୮୪ କୋଟି ଟଙ୍କାର ପୁଞ୍ଜି ନିବେଶରେ ହେବାକୁ ଥିବା ୧୨ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିଳାନ୍ୟାସ ହୋଇଥିବା ୧୨ଟି ପ୍ରକଳ୍ପ ମଧ୍ୟରେ ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ମଧ୍ୟରେ ୫ଟି ନୂତନ ଶିଳ୍ପ ରହିଛି। ମୁଖ୍ୟମନ୍ତ୍ରୀ ଛତ୍ରପୁର ଟାଟା ଏସଇଜେଡ଼ ପ୍ଲାଣ୍ଟ ପରିଦର୍ଶନ କରିବା ସହ ଦୀପକ ଫର୍ଟିଲାଇଜର ପ୍ଲାଣ୍ଟକୁ ମଧ୍ୟ ବୁଲି ଦେଖିଥିଲେ। ସେଠାରେ ସେ ଚାରାରୋପଣ କରିଥିଲେ। ଆସନ୍ତା ୫ରୁ ୭ ବର୍ଷ ମଧ୍ୟରେ ଏହି ୫ଟି ପ୍ରକଳ୍ପ ଶେଷ ହୋଇଯିବ । ୫ଟି ପ୍ରକଳ୍ପ ମଧ୍ୟରେ ଏଚଏଚପି ପ୍ରାଇଭେଟ ଲିମିଟେଡ଼ ୮୦ ଏକର ଜମିରେ ଓ ଓକିଅର ଏନର୍ଜି ଗୋପାଳପୁର ୱାନ ପ୍ରାଇଭେଟ ଲିମିଟେଡ଼ ୫୦ ଏକର ଜମିରେ ଏକ ଗ୍ରୀନ ହାଇଡ୍ରୋଜେନ ତଥା ଗ୍ରୀନ ଆମୋନିଆ ଉତ୍ପାଦନ ୟୁନିଟ, ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ଼ ୮୪ ଏକର ଜମିରେ ଓ ୱାଲର୍ଡ ଗ୍ରୀନ ଏନର୍ଜି ପ୍ରାଇଭେଟ ଲିମିଟେଡ଼ ୫୦ ଏକର ଜମିରେ ଏକ ସୌର ସେଲ ଏବଂ ମଡ୍ୟୁଲ ଉତ୍ପାଦନ ୟୁନିଟ ଏବଂ ସୁପରଫର୍ମ ଲିମିଟେଡ଼ ୬୦ ଏକର ଜମିରେ ଏକ ସ୍ପେସିଆଲଟି କେମିକାଲ ଉତ୍ପାଦନ ୟୁନିଟ ସ୍ଥାପନ କରିବାକୁ ଯାଉଛି । ଏହି ୫ଟି ଶିଳ୍ପ ମୁଖ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ନିଜର ଶିଳ୍ପ ଓ ଏହାର କାମ ସମ୍ପର୍କରେ କଥା ହୋଇଥିଲେ । ସମସ୍ତ ଶିଳ୍ପ କୌଣସି ପ୍ରଦୂଷଣ ସୃଷ୍ଟି କରିବ ନାହିଁ। ସମସ୍ତ ପ୍ରକାରର ଅତ୍ୟାଧୁନିକ ଉପାୟରେ ଶିଳ୍ପ ପରିଚାଳିତ ହେବ। ଯାହାଫଳରେ ସ୍ଥାନୀୟ ବାସିନ୍ଦାଙ୍କୁ ମଧ୍ୟ କୌଣସି ଅସୁବିଧା ହେବ ନାହିଁ । ଟାଟା ଏସଇଜେଡ ପ୍ଲାଣ୍ଟ ପରିସରରେ ନିଜର ଶିଳ୍ପ ପ୍ରତିଷ୍ଠା କରିବାକୁ ନେଇ ବେଶ ଉତ୍ସାହିତ ଥିବା ବେଳେ ଠିକ ସମୟରେ ଶିଳ୍ପକୁ ଶେଷ କରି ଲୋକଙ୍କୁ ରୋଜଗାର ଯୋଗାଇ ଦିଆଯିବ ବୋଲି ବିଭିନ୍ନ ଶିଳ୍ପରୁ ଆସିଥିବା ମୁଖ୍ୟମାନେ କହିଛନ୍ତି ।

# ଲାଞ୍ଜିପଲୀରେ ମୁଖ୍ୟମନ୍ତ୍ରୀ ମା' ତାରାଦେବୀଙ୍କ ଆଶୀର୍ବାଦ ନେଲେ



ଅସ୍ଥାୟୀ ମଣ୍ଡପରେ ମା' ତାରାଦେବୀଙ୍କୁ ମୁଖ୍ୟମନ୍ତ୍ରୀ ପୂଜାର୍ଚ୍ଚନା କରୁଛନ୍ତି।

ବ୍ରହ୍ମପୁର,୫।୬(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଞ୍ଜିପଲୀରେ ହେଉଥିବା ମା' ତାରାଦେବୀ ଠାକୁରାଣୀ ଯାତ୍ରାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପହଞ୍ଚି ମା'ଙ୍କ ଆଶୀର୍ବାଦ ନେଇଛନ୍ତି। ଲାଞ୍ଜିପଲୀ ବ୍ରାହ୍ମଣ ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ମୁଖ୍ୟମନ୍ତ୍ରୀ ମା'ଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମା'ଙ୍କ ପୂଜା ନିମନ୍ତେ ସ୍ଥାନୀୟ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମା'ଙ୍କ ପ୍ରିୟ ମୁଆଁ ଓ ପଣା ଭୋଗ କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ଅଂଚଳ ବାସିନ୍ଦା ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଏମପି ଡ. ପ୍ରଦୀପ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଆସ୍କା ବିଧାୟକ ସରୋଜ ପାଢ଼ି, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଭାଜପା ଜିଲା ସଭାପତି ସରୋଜ କୁମାର ସାବତ, ଭାଜପା ବରିଷ୍ଠ ନେତା କାହ୍ନୁ ଚରଣ ପତିଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଧରାପଡିଲେ ଆନ୍ତଃ ରାଜ୍ୟ ଲୁଟେରା ଦଳ

## ତାମିଲନାଡୁର ୩, ନୟାଗଡ଼, କନ୍ଧମାଳ ଓ ଭୁବନେଶ୍ୱରର ଅଞ୍ଚଳର ୧୦ ଗିରଫ

ଚକାପାଦ,୫।୬ (ପ୍ରତାପ କିଶୋର ବେହେରା) ବେହେରା ଗାଁ ପଞ୍ଚାୟତତ ନିକଟରେ ହେଉଥିବା ପାନୀୟ ଜଳ ପ୍ରକଳ୍ପର ଲୁହା ପାଇପ ଏକ ଟ୍ରକରେ ଲୋଡ଼ କରି କେତେକ ଦୁର୍ବୃତ୍ତ ନେଇ ଯାଉଥିବା ବେଳେ ଧରାପଡ଼ିଛି। ଏହି ଖବର ପାଇ ପାଟ୍ରୋଲିଂରେ ଥିବା ଟିମ୍ ବ୍ରହ୍ମପୁର ଦୁଇ କି.ମି. ପୂର୍ବରୁ ଟ୍ରକ (ନଂ ଟିଏନ ୨୪ ବିଏଫ–୦୯୦୩)କୁ ଜବତ କରିଥିଲା। ଏଥିରେ ପ୍ରାୟ ୨ ଲକ୍ଷ ୫୦ ହଜାରରୁ ଅଧିକ ଟଙ୍କାର ଲୁହା ପାଇପ ବୋଝେଇ ହୋଇ ଯାଉଥିଲା। ଗାଡିର ଆବଶ୍ୟକ କାଗଜପତ୍ର ଚାଳକ ଦେଖାଇ ନ ପାରିବାରୁ ଟ୍ରକକୁ ଜବତ କରାଯାଇଛି। ବୁଧବାର ରାତି ସାଢେ ୮ଟାରେ ଟିକାବାଲି ଥାନାକୁ ଜଣେ ଫୋନ୍ କରି ମୁଁ ଯୋଗେଶ୍ୱର ପାତ୍ର କହୁଛି, ମୋର ଟିକାବାଲି ଥାନା ଅନ୍ତର୍ଗତ ବେହେରା ଗାଁ ପଞ୍ଚାୟତ ନିକଟରେ ପାନୀୟ ଜଳ ପ୍ରକଳ୍ପ ପାଇଁ ରହିଥିବା ଲୁହା ପାଇପ ଗୋଟିଏ ଟ୍ରକରେ ଲୋଡ଼ହୋଇ କରି କେତେ ଜଣ ଦୁର୍ବୃତ୍ତ ନେଇ ଯାଉଛନ୍ତି ବୋଲି କହିଥିଲେ। ପରେ ପୋଲିସ ପାଟ୍ରୋଲିଂ କରୁଥିବା ଟିମ୍‌କୁ ଖବର ଦେଇଥିଲା। ପାଟ୍ରୋଲିଂ ଟିମ୍ ସଂପୃକ୍ତ ଟ୍ରକକୁ ଧରିବାରେ ସକ୍ଷମ ହୋଇଥିଲା।

ପଚରାଉଚରା ବେଳେ ଗାଡି ଚାଳକ ପାଇପଗୁଡିକ ଚୋରି କରି ନେଇ ଯାଉଥିବା ସ୍ୱୀକାର କରିଥିଲେ। ଆଉ ଗୋଟିଏ ଟ୍ରକ ପଛରେ ଆସୁଥିବା ସେ କହିଥିଲେ। ସେହି ଟ୍ରକ (ଟିଏନ ୫୭ ସିଓ୍ୱାଇ–୩୬୨୭)ଟି ଖାଲି ଥିଲା। ଉଭୟ ଟ୍ରକ ତାମିଲନାଡୁର ଥିଲା। ଏହି ଦୁଇ ଟ୍ରକକୁ ଚକାପାଦ ଥାନା ଘାଟିଗୁଡା ଗ୍ରାମର ସରୋଜ ବେହେରା ସୁରକ୍ଷା ଦେଇ ଟ୍ରାଭେରା (ନଂ ଓଡି୦୨–୫୪୪୩) ଯାଉଥିଲେ। ସେ ଏହି ଚୋରିର ମାଷ୍ଟର ମାଇଣ୍ଡ ବୋଲି ପୋଲିସ ତଦନ୍ତରୁ ଜାଣିପାରିଛି। ଏଥିରେ ୩ ଜଣ ତାମିଲନାଡୁର ଓ ୧୦ଜଣ ନୟାଗଡ଼, କନ୍ଧମାଳ ଓ ଭୁବନେଶ୍ୱରର ଅଞ୍ଚଳର ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଛି। ଚୋରି ସାମଗ୍ରୀଗୁଡିକ ଭୁବନେଶ୍ୱରରୁ ମହାରାଷ୍ଟ୍ରର ନାଗପୁର ଚାଲାଣ ହୋଇଥାନ୍ତା ବୋଲି ପଚରାଉଚରା ବେଳେ ଅଭିଯୁକ୍ତମାନେ କହିଛନ୍ତି। ଟ୍ରାଭେରା ଚାଳକଙ୍କ ପରିଚୟ ପୋଲିସ ଦେଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ନାମକୁ ଗୋପନ ରଖିଥିବା ଏକ ପ୍ରେସ ବିବୃତିରେ ଏସ୍‌ଡ଼ିପିଓ ବିଜୟ କୁମାର ବିଶି କହିଛନ୍ତି। ଏନେଇ ଟିକାବାଲି ଥାନାରେ ନଂ. ୧୦୯/୨୫ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ପ୍ରଜ୍ଞା ପରିମିତା କର କହିଛନ୍ତି।

# କୁଳପତି ପାଇଲେ ପ୍ରକୃତି ମିତ୍ର ପୁରସ୍କାର

ବ୍ରହ୍ମପୁର, ୫।୬(ସୁବାସ ଚନ୍ଦ୍ର ପାଢ଼ୀ): ଭୁବନେଶ୍ୱର ସ୍ଥିତ ଓୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରକୃତି ମିତ୍ର ପୁରସ୍କାର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୁରୁବାର ପ୍ରଦାନ କରାଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପ୍ରକୃତି ମିତ୍ର ଭାବେ ଚୟନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଯୋଗ ଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ସଚିବ ଡ. ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏ ନେଇ କୁଳପତି ଦାଶଙ୍କ ସହ କହିଥିଲେ ଯେ, ପ୍ରକୃତିକୁ ଭଲ ପାଇବା, ପପରିବେଶକୁ ସୁରକ୍ଷା କରିବା ମୋର ପ୍ରଥମ କର୍ତ୍ତବ୍ୟ ପ୍ରତ୍ୟେକ ଛାତ୍ରୀଛାତ୍ର,ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ମାନେ ଗୋଟିଏ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ଏବଂ ଗଛକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ କୁହାଯାଇଛି। ଗତବର୍ଷ ବିଶ୍ୱବିଦ୍ୟାଳୟ ପରିସରରେ ୫ ହଜାର ଚାରା ରୋପଣ କରିଛୁ। ରକ୍ଷଣାବେକ୍ଷଣ ମଧ୍ୟ କରାଯାଇଛି। ତେଣୁ ବିଶ୍ୱବିଦ୍ୟାଳୟକୁ ପ୍ରକୃତି ମିତ୍ର ଭାବେ ଚୟନ କରାଯାଇଥିଲା। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ବଟନିକାଲ ସର୍ଭେ ଅଫ ଇଣ୍ଡିଆ ପକ୍ଷରୁ ୩୦ ଲକ୍ଷ ଟଙ୍କା ଅନୁଦାନରେ ବଟିନିକାଲ ଗାର୍ଡେନ କରାଯିବ। ସେଥିରେ ଦକ୍ଷିଣ ଓଡ଼ିଶାର ଲୋପ ପାଇ ଯାଉଥିବା ୨ ହଜାର ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରିବା ସହ ସଂଗ୍ରକ୍ଷଣ କରାଯିବ ଏବଂ ୩ ବର୍ଷ ପାଇଁ ବର୍ତ୍ତମାନ ୧୬ ଲକ୍ଷ ଟଙ୍କା ମିଳିଥିବା ସେ କହିଛନ୍ତି।

# ଅନ୍ତର୍ଜାତୀୟ ଜୁନିକର୍ଣ୍ଣ ଔଦ୍ୟୋଗିକ ସମ୍ମିଳନୀରୁ ଫେରିଲେ ୩ ଛାତ୍ର



ଜିଲା ଶିକ୍ଷା କାର୍ଯ୍ୟାଳୟରେ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର, ୫।୬(ସୁବାସ ଚନ୍ଦ୍ର ପାଢ଼ୀ) ଆମେରିକାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଜୁନିକର୍ଣ୍ଣ ଔଦ୍ୟୋଗିକ ସମ୍ମିଳନୀରୁ ଫେରିଛନ୍ତି ବ୍ରହ୍ମପୁରର ୩ ଛାତ୍ର। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ମେଡିକାଲ କ୍ୟାମ୍ପସ ହାଇସ୍କୁଲ ନବମ ଶ୍ରେଣୀର ପି.ଆଦିତ୍ୟ ଦାସ (୧୫), ଦଶମ ଶ୍ରେଣୀର ସୌମ୍ୟ ସୌରଭ ଗୌଡ (୧୬) ଓ ଶ୍ରୀଧର ଜେନା (୧୬) ୩ ଛାତ୍ର ୟଙ୍ଗ ଟିଙ୍କର ଫାଉଣ୍ଡେସନ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଜ୍ଞତା ସହ ଜ୍ଞାନ ଆହରଣ କରିଥିବା କହିଛନ୍ତି। ଗତମାସ ୨୬ ତାରିଖରେ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ ଦେଶରୁ ଆସିଥିବା ଉଦ୍ୟୋଗପତି ପ୍ରସ୍ତୁତ କରିଥିବା ମସାଲା ଜିପିଟି ଓ ଇଥାନଲ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରି ନିବେଶକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଆଗାମୀ ଦିନରେ ନିବେଶକ ମାନେ ପ୍ରକଳ୍ପରେ ଅର୍ଥ ନିବେଶ ସହ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବାରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଛାତ୍ରମାନେ କହିଛନ୍ତି। ଆମେରିକାରେ ରହଣିକାଳ ମଧ୍ୟରେ ନାସା ମୁଖ୍ୟାଳୟ ପରିଦର୍ଶନ କରିବା ସହ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ସହ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ଉଦ୍ୟୋଗୀ ମାନଙ୍କ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ସୁବିଧା ସୁଯୋଗ ରହିଛି। ତା'ସହିତ ସମସ୍ତ ପ୍ରକାର ସହାୟତା ସହ ଜ୍ଞାନକୌଶଳର ବିକାଶ ପାଇଁ ଅନୁକୂଳ ପରିସ୍ଥିତି ରହିଛି, ଯାହା ଅନ୍ୟମାନଙ୍କୁ ଆକର୍ଷିତ କରୁଛି ବୋଲି ଅନୁଭୂତି ବଖାଣିଛନ୍ତି ଶ୍ରୀଧର । ଫାଉଣ୍ଡେସନର ଅଧିକାରୀଙ୍କ କହିବା ଅନୁସାରେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ସାଜିବ। ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଗାମୀଦିନରେ ଉଦ୍ୟୋଗପତି ନିଯୁକ୍ତି ପ୍ରଦାନ କରିପାରିବେ। ଗୁରୁବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ପ୍ରଭାତୀ ମହାପାତ୍ର ଓ ଏସ.ଧନଞ୍ଜୟ ପ୍ରମୁଖ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ




ଆର୍ଯ୍ୟଭଟ୍ଟ ପକ୍ଷରୁ ବାହାରିଥିବା ସଚେତନତା ରାଲି।

ବ୍ରହ୍ମପୁର,୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ବିଶ୍ୱ ପରିବେଶ ଦିବସ ପାଳିଛି। ଫାଉଣ୍ଡେସନ ପରିସରରେ ମଞ୍ଜି ଗୁଳା ତିଆରି କରାଯାଇ ସବୁଜ ରଥ ଶଙ୍ଖ ଘଣ୍ଟା ଧ୍ୱନୀ ମଧ୍ୟରେ ଶୁଭାରମ୍ଭ କରାଯାଇଛି। ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ଏହି ଯୋଗଦେଇ ପ୍ଲାଷ୍ଟିକକୁ ନାଁ କରିବାକୁ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଫାଉଣ୍ଡେସନ ୨୦୦୭ରୁ ପ୍ଲାଷ୍ଟିକ ଅପକାରିତା ବିଷୟରେ ସଚେତନ କରି ଆସୁଅଛି ଏବଂ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ ଓ ବିକ୍ରୀ ଉପରେ ଅଙ୍କୁଶ ଲଗାଇବା ପାଇଁ ଅନୁରୋଧ କରିଆସୁଛି। କାରଣ ପ୍ଲାଷ୍ଟିକର ବହୁଳତା ଅଗାମୀ ପିଢିର କଣ୍ଠରୋଧ କରିଦେବ। ଚଳିତବର୍ଷ ୨ ଲକ୍ଷ ମଞ୍ଜି ଗୁଳା କରି ପାହାଡ଼ରେ ବୁଣିବା ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଫାଉଣ୍ଡେସନ ଅଧ୍ୟକ୍ଷ ସୁଧୀର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ହୃଷୀକେଶ ମହାନ୍ତି, ସୁରେଶ ତ୍ରୀପାଠୀ, ଫାଉଣ୍ଡେସନର ବରିଷ୍ଠ ସଭ୍ୟ ଶ୍ୟାମସୁନ୍ଦର ଖାଡ଼ଙ୍ଗା, କେ.ଘନଶ୍ୟାମ, ମାଧବ ନାୟକ, ଶୁଭେନ୍ଦୁ ପାତ୍ର, ପିୟୂସ ତିୱାରୀ, ପ୍ରମୋଦ ମହାରଣା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।



ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ମୃଗ ସୁରକ୍ଷା ନେଇ ସଚେତନତା।

**ଆଞ୍ଚଳିକ ବିକାଶ ପରିଷଦ:** ପରିବେଶ ଦିବସରେ ଆଞ୍ଚଳିକ ବିକାଶ ପରିଷଦ ବିରଳ କୃଷ୍ଣସାର ମୃଗଙ୍କ ସୁରକ୍ଷା ନିମନ୍ତେ ଜନ ସଚେତନତା ସୃଷ୍ଟି କରିଛି। ଧର୍ମରାଜ ପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ବନାଞ୍ଚଳର ରୋହିଗାଁ,ବଉଳଝୋଳି, ପାଣ୍ଡିଆଝୋଳି, ନୂଆପାଣ୍ଡିଆଝୋଳି, ଅଲାରୀଗଡ଼, ଚନ୍ଦ୍ରମଣିପୁର ଆଦି ଗ୍ରାମରେ ପରିଷଦର ସ୍ୱେଚ୍ଛାସେବୀ ମାନେ କୃଷ୍ଣସାର ମୃଗ ସୁରକ୍ଷାରେ ଜନ ସହଭାଗିତା ଉପରେ ଲୋକଙ୍କୁ ବୁଝାଇ ପୋଷ୍ଟର ଲଗାଇ ଥିଲେ। କିଛି ବର୍ଷ ପୂର୍ବରୁ କୁକୁଡାଖଣ୍ଡି, ଶେରଗଡ଼, ସାନଖେମୁଣ୍ଡି ଓ ଦିଗପହଣ୍ଡି ବ୍ଲକର କିଛି ଗ୍ରାମରେ ମୃଗଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଛି । ବହୁ ସମୟରେ ଖାଦ୍ୟ ଓ ଜଳ ଅନ୍ୱେଷଣରେ ମୃଗ ମାନେ ଗ୍ରାମ ନିକଟକୁ ଆସୁଛନ୍ତି। କିଛି ଲୋକ ସଚେତନତା ଅଭାବରୁ ସେମାନଙ୍କୁ ଧରି ମନ୍ଦିର ଓ ଘରେ ରଖୁଛନ୍ତି ଯାହା କି ବେଆଇନ । ଉକ୍ତ ଅଞ୍ଚଳରେ ବନ ବିଭାଗର ସହାୟତାରେ ଜନ ସହଭାଗିତାରେ ଚାରଣ ଭୂମି ସୁରକ୍ଷା ହେଲେ ଲୋକଙ୍କ ଫସଲ ସୁରକ୍ଷା ସହ କୃଷ୍ଣ ସାର ମୃଗଙ୍କ ବଂଶ ବୃଦ୍ଧି ପାଇପାରିବ ବୋଲି ପରିଷଦର ସଭାପତି ସାଗର କୁମାର ପାତ୍ର କହିଛନ୍ତି। କାର୍ଯକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ବଉଳଝୋଳି ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀ, ସ୍ୱେଚ୍ଛାସେବୀ ନଳିନୀ କାନ୍ତ ପରିଡା, ପି. ଅରବିନ୍ଦ ଦେଶିବେହେରା, ପୁରୁଷୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ଓ ଦୌରାଜଜ ଏବଂ ଅନ୍ୟମାନେ।

**ଡିଏଲ୍ଏସ୍ଏ:** ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ଡ଼ିଏଲଏସଏ) ପକ୍ଷରୁ ଗୋସାଇଁ ନୂଆଗାଁ ଉତ୍କଳ ବାଳାଶ୍ରମରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶରେ ସଚିବ ଦେବଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁସ୍ଥ ଓ ସୁଖୀ ଜୀବନ ପାଇଁ ପ୍ରକୃତି ଏବଂ ପରିବେଶର ସୁରକ୍ଷା ନିତାନ୍ତ ଆବଶ୍ୟକ । ପରିବେଶ ସୁରକ୍ଷା ଜୀବନ ରକ୍ଷା । ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ ତେଣୁ ସବୁଦିନ ପାଇଁ ପ୍ଲାଷ୍ଟିକ ପ୍ରଦୂଷଣକୁ ପରିସମାପ୍ତି କରିବା ଲକ୍ଷ୍ୟ ରଖି ଆଜିର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି କୁହାଯାଇଛି। ଏହି ଅବସରରେ ବନ୍ୟ ଜନ୍ତୁ ସୁରକ୍ଷା ଆଇନ ଏବଂ ପରିବେଶ ସୁରକ୍ଷା ଆଇନ ସମ୍ବନ୍ଧରେ ସଚେତନତା ସହ ବୃକ୍ଷରୋପଣ କରାଯାଇଥିଲା । ଏଥିରେ ବ୍ରହ୍ମପୁର ଏସଡିଜେଏମ କୁମାର ସ୍ୱନ୍ଦନ, ଡିଏଲଏସଏ ସଦସ୍ୟ ଟି.କେ ରେଢ୍ଡୀ, ସଦସ୍ୟା ସବିତା ସାହୁକାର, ସହକାରୀ ବନ ସଂରକ୍ଷକ(ଏସିଏ ବ୍ରହ୍ମପୁର ସସ୍ମିତା ବିଶ୍ୱାଳ, ଫରେଷ୍ଟର ସୁମିତ୍ରା କୁମାରୀ ଭୂୟାଁ, ଉତ୍କଳ ବାଳାଶ୍ରମ ଅଧ୍ୟକ୍ଷା ସସ୍ମିତା ରାଣୀ ପାଢ଼ୀଙ୍କ ସମେତ ଆଶ୍ରମର ସମସ୍ତ କର୍ମଚାରୀ ଏବଂ ଅନ୍ତେବାସିନୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଏମ୍‌କେସିଜି ଖେଳପଡିଆରେ ଚାରାରୋପଣ:** ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାଷ ମହାରଣାଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ଏମକେସିଜି ଖେଳ ପଡିଆଠାରେ ଚାରାରୋପଣ ହୋଇଛି। ପ୍ରାୟ ୧୦୦ ସୁନାରୀ ଗଛ ବିଭିନ୍ନ ସ୍ଥାନରେ ଲଗାଯାଇଛି। ଏଥିରେ ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିକ୍ରମ କୁମାର ପଣ୍ଡା, ବିଇଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି, ବିଜେଡି ନେତା ଭୀମସେନ ଦଳେଇଙ୍କ ସମେତ ବହୁ ବିଜେଡି କର୍ପୋରେଟର, ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ସହରର ୩୨ ନଂ ୱାର୍ଡ ଅନ୍ତର୍ଗତ ଅଶୋକ ନଗର ପଡିଆ ସାହିଠାରେ ସ୍ଥାନୀୟ କର୍ପୋରେଟରଙ୍କ ଦ୍ୱାରା ବୃକ୍ଷ ରୋପଣ ହୋଇଛି। କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସିଡ଼ିପିଓ–୧ ଗୀତାରାଣୀ ରାଉଳ, ଅଂଚଳ ପରିଦର୍ଶିକା ପ୍ରେମାବତୀ ଦାସ, ଅଙ୍ଗନୱାଡି କର୍ମୀ ମିତାଞ୍ଜଳି ଶତପଥୀ, ପ୍ରିୟଙ୍କା ପାତ୍ର ଓ ଏ. ଗାୟତ୍ରୀ ନାଇଡୁଙ୍କ ସମେତ ଅଂଚଳର କିଶୋରୀ ଓ ମା' ଉପସ୍ଥିତ ଥିଲେ।



ଏମକେସିଜି ଖେଳ ପଡିଆରେ ବିଜେଡି ପକ୍ଷରୁ ଚାରାରୋପଣ କରାଯାଉଛି।

# ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାରରେ ୮% ଅଭିବୃଦ୍ଧି

ଭୁବନେଶ୍ୱର,୫।୬

କ୍ରମାଗତ ଭାବେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ଦେଶରେ ବୃଦ୍ଧି ପାଉଛି। ଏପରିକି ସବୁ କ୍ଷେତ୍ରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ହେଉଛି ବୋଲି ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡେଭଲପମେଣ୍ଟ ଆସୋସିଏସନ (ଆଇଏସ୍‌ଏସ୍‌ଡିଏ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।


ରତନ ଜିନ୍ଦଲ

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାରର ତଥ୍ୟ ଆଇଏସ୍‌ଏସ୍‌ଡିଏ ପକ୍ଷରୁ ଘୋଷଣା କରାଯାଇଛି। ଆସୋସିଏସନର ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ୪.୮୫ ମିଲିୟନ ଟନ୍ ରହିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୮% ଅଧିକ ବୋଲି କୁହାଯାଉଛି।

୨୦୪୭ ସୁଦ୍ଧା ଭାରତ ୪୦ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ସବୁଜ ଶକ୍ତି, ଇଥାନଲ୍, ଜଳ ସଂରକ୍ଷଣ, ପ୍ରତିରକ୍ଷା ଏବଂ ଏରୋସ୍ପେସ୍ କ୍ଷେତ୍ରରେ ପ୍ରୟୋଗ ବୃଦ୍ଧି ଯୋଗୁ ୨୦୪୦ ଆର୍ଥିକ ବର୍ଷ ସୁଦ୍ଧା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ୧୨.୫-୧୨.୭ ମେଟ୍ରିକ୍ ଟନ୍ ଏବଂ ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ୧୯-୨୦ ମେଟ୍ରିକ୍ ଟନକୁ ବୃଦ୍ଧି ହେବ ବୋଲି ଆଇଏସ୍‌ଏସ୍‌ଡିଏ ଆକଳନ କରିଛି। ଏ ସମ୍ପର୍କରେ ଆଇଏସ୍‌ଏସ୍‌ଡିଏର ଅଧ୍ୟକ୍ଷ ରାଜାମଣି କୃଷ୍ଣମୂର୍ତ୍ତି କହିଛନ୍ତି, ସମଗ୍ର ବିଶ୍ୱ ସ୍ଥାୟିତା ଓ ସୁଦୃଢ଼ ଭିତ୍ତିଭୂମି ଆଡ଼କୁ ଗତି କରୁଥିବାବେଳେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ପ୍ରାସଙ୍ଗିକତା ବଢ଼ିବାରେ ଲାଗିଛି। ତଥାପି ଶସ୍ତା ମୂଲ୍ୟର ଆମଦାନୀ ଘରୋଇ ଉତ୍ପାଦନକାରୀଙ୍କୁ ଚ୍ୟାଲେଞ୍ଜ କରୁଛି। ଆଇଏସ୍‌ଏସ୍‌ଡିଏ କ୍ରମାଗତ ଭାବେ ଏହି ବିପଦ ପ୍ରତି ସତର୍କ କରାଇ ଦେଇଛି ଏବଂ ଆସୋସିଏଶନ ଜୋର ଦେଇ କହିଛି, ଅନିୟନ୍ତ୍ରିତ ବାଣିଜ୍ୟ। ବିଶେଷକରି ଚାଇନା ଏବଂ ଭିଏତ୍‌ନାମ ପରି ଦେଶରୁ ଆମଦାନୀ, ଏହି କ୍ଷେତ୍ରରେ ଘରୋଇ ଉତ୍ପାଦନ ଏବଂ ନିଯୁକ୍ତିକୁ ପ୍ରଭାବିତ କରିପାରେ ବୋଲି ଆକଳନ କରିଛି। ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରି (ଇସ୍ପାତ ଶିଳ୍ପ) ର ଅଭିବୃଦ୍ଧି ପାଇଁ ଉଭୟ ସରକାର ଓ ଶିଳ୍ପ ଅଂଶୀଦାରମାନେ ସତର୍କ ରହିବା, ଆମଦାନୀ ଉପରେ ତୀକ୍ଷ୍ଣ ନଜର ରଖିବା ଏବଂ ଆବଶ୍ୟକ ପଦକ୍ଷେପକୁ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ ରହିଛି। ଭାରତର ସ୍ଥାପିତ ଷ୍ଟେନ୍‌ଲେସ୍ ଇସ୍ପାତ କ୍ଷମତା ୭.୫ ମେଟ୍ରିକ୍ ଟନ୍ ରହିଛି। ବର୍ତ୍ତମାନ ଏହାର ବ୍ୟବହାର ପ୍ରାୟ ୬୦% ରହିଛି, ଯଦି ଉପଯୁକ୍ତ ନୀତି ଏବଂ ଚାହିଦା ବଜାୟ ରୁହେ ତେବେ ଏଥିରେ ବୃଦ୍ଧି ପାଇଁ ଯଥେଷ୍ଟ ସମ୍ଭାବନା ରହିଛି। ଏ ନେଇ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଧ୍ୟକ୍ଷ ରତନ ଜିନ୍ଦଲ କହିଛନ୍ତି, ଯଦି ଭାରତ ପ୍ରକୃତରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ହେବାକୁ ଚାହୁଁଛି, ତେବେ ଷ୍ଟେନ୍‌ଲେସ୍ ଷ୍ଟିଲ ଏହାର ସବୁଠାରୁ ଶକ୍ତିଶାଳୀ ଭିତିଭୂମି ହେବା ଆବଶ୍ୟକ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରୋଜେକ୍ଟ କରିବ ଏସିଏମ୍ଇ ଗ୍ରୁପ୍

ଭୁବନେଶ୍ୱର,୫।୬

ଭାରତର ଅଗ୍ରଣୀ ବ୍ୟବସାୟିକ ସଂସ୍ଥା ଏସିଏମ୍ଇ ଗ୍ରୁପ୍ ଓଡ଼ିଶାର ଗୋପାଳପୁରଠାରେ ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରୋଜେକ୍ଟ ଆରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ଭାରତରେ ଏହାର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନକରିବା ପାଇଁ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ସେହିଭଳି ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ଠାରେ ଟାଟା ଷ୍ଟିଲ୍ ସ୍ପେଶିଆଲ ଇକୋନୋମିକ ଜୋନ୍ (ଟାଟା ଏସ୍ଇଜେଡ୍)ରେ ଗୁରୁବାର ୫ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଓ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ସରକାରୀ ଅଧିକାରୀ, ବ୍ୟବସାୟିକ ଲିଡର ଓ ଏସିଏମ୍ଇ ଗ୍ରୁପ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଟାଟା ଏସ୍ଇଜେଡ୍ ମଧ୍ୟରେ ଏସିଏମ୍ଇ ଗ୍ରୁପ୍‌ର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରାଯିବ, ଯାହା ଜଟିଳ ଶିଳ୍ପ କ୍ଷେତ୍ରଗୁଡ଼ିକୁ ଡିକାର୍ବୋନାଇଜ କରିବା ଏବଂ ଏକ ସବୁଜ ଭବିଷ୍ୟତ ପ୍ରତି ଭାରତର ରୂପାନ୍ତରଣକୁ ସମର୍ଥନ କରିବା ପାଇଁ କମ୍ପାନୀର ଲକ୍ଷ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରିଛି।




ଏସିଏମ୍ଇ ଗ୍ରୀନ୍ ହାଇଡ୍ରୋଜେନ୍ ଏସ୍‌ବିୟୁର ସିଓଓ ଅନୀଲ କୁମାର ତପାରିଆ କହିଛନ୍ତି, ଏସିଏମ୍ଇ ଗ୍ରୁପ୍ ଭାରତରେ ନିଜର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ୍ ସହ ଜଡ଼ିତ ହୋଇ ନିଜକୁ ଭାଗ୍ୟଶାଳୀ ମନେ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ଦ୍ରୁତ ଉଦ୍ୟୋଗୀକରଣ ବିକଶିତ ହେଉଛି। ଏଠାରେ ବିକଶିତ କରାଯାଉଥିବା ସ୍ଥାୟିତ୍ୱ-କୈନ୍ଦ୍ରିତ ଇକୋସିଷ୍ଟମ ଆମକୁ ଏକ ସବୁଜ ଭବିଷ୍ୟତ ପାଇଁ କାର୍ଯ୍ୟ କରିବାକୁ ସୁଯୋଗ ଦେଇଛି, ବିଭିନ୍ନ କ୍ଷେତ୍ରକୁ ଡିକାର୍ବୋନାଇଜ କରିବା ଲାଗି ଅଭିନବ ସମାଧାନ ପ୍ରଦାନ କରିବାର ଆମର ଲକ୍ଷ୍ୟକୁ ଅନୁସରଣ କରିବାକୁ ସଶକ୍ତ କରୁଛି। ଆମ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂରଣ ହେବ। ଗୋପାଳପୁରର ଟାଟା ଏସ୍ଇଜେଡ୍ ମଧ୍ୟରେ ଏସିଏମ୍ଇ ଗ୍ରୁପ୍ ୪,୦୦,୦୦୦ ଟନ୍ ଗ୍ରୀନ୍ ଆମୋନିଆର ବାର୍ଷିକ କ୍ଷମତା ସହ ଗ୍ରୀନ୍ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବ।

# ଆଜିଠାରୁ ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍

## ଭୁବନେଶ୍ୱରରେ ୩ ଦିନିଆ ମେଗା କାର୍ନିଭାଲ୍

ଭୁବନେଶ୍ୱର,୫।୬ (ଅଭୟ ଦାଶ)

ଉତ୍କଳ ବିଲ୍ଡର୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୩ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଗ୍ରାଣ୍ଡ ପ୍ରପର୍ଟି ସେଲ୍' ଶୁକ୍ରବାରଠାରୁ ଭୁବନେଶ୍ୱରର ୟୁନିଟ୍-୯ସ୍ଥିତ ଲାଇଫ ହୋଟେଲଠାରେ ଆରମ୍ଭ ହେଉଛି। ଏହି ୩ ଦିନିଆ ମେଗା କାର୍ନିଭାଲ୍ ୨୦୨୫ ଜୁନ୍ ୬ରୁ ୮ ପର୍ଯ୍ୟନ୍ତ ଜାରି ରହିବ। ଏ ନେଇ ଉତ୍କଳ ବିଲ୍ଡର୍ସ ଗୁରୁବାର ଭୁବନେଶ୍ୱରର ୟୁନିଟ୍-୯ସ୍ଥିତ ଲାଇଫ୍ ହୋଟେଲରେ ଏକ ଖବରଦାତା ସମ୍ମିଳନୀ କରିଥିଲା। ଏହି ଅବସରରେ ଉତ୍କଳ ବିଲ୍ଡର୍ସର ଏମ୍‌ଡି ଶରଦ ବୈଦ ଏବଂ ନିର୍ଦ୍ଦେଶକ ଅମିତ ବୈଦ ପ୍ରମୁଖ ଯୋଗଦେଇ ଗ୍ରାଣ୍ଡ ପ୍ରପର୍ଟି ସେଲ୍‌ର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।




ଉଲ୍ଲେଖଯୋଗ୍ୟ, ଏହି ୩ ଦିନିଆ ମେଗା କାର୍ନିଭାଲ୍‌ରେ ଉତ୍କଳ ବିଲ୍ଡର୍ସ ପକ୍ଷରୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତିର ସୁଯୋଗ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏହି ସେଲ୍‌ର ଘୋଷଣା ପରଠାରୁ ଚମତ୍କାର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ଉତ୍କଳ ବିଲ୍ଡର୍ସର ଏମ୍‌ଡି ଶରଦ ବୈଦ କହିଛନ୍ତି, ଏହି କାର୍ନିଭାଲ୍ ସେହି ଅତୁଟ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ଏବଂ ଭବିଷ୍ୟତ ପାଇଁ ଏକ ନିମନ୍ତ୍ରଣ। ଭୁବନେଶ୍ୱରରେ ଉତ୍କଳ ବିଲ୍ଡର୍ସ ଦ୍ୱାରା ପ୍ରସ୍ତୁତ ଅନେକ ଆବାସିକ ଏବଂ ବାଣିଜ୍ୟିକ ପ୍ରକଳ୍ପ ବର୍ତ୍ତମାନ ସମାପ୍ତ ହୋଇ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ।

ସେହିଭଳି ଉତ୍କଳ ବିଲ୍ଡର୍ସର ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି, ଆମେ ଉପଭୋକ୍ତାମାନଙ୍କ ପାଇଁ ଏକ ବିଶ୍ୱସନୀୟ ପ୍ଲାଟ୍‌ଫର୍ମ ସୃଷ୍ଟି କରିଛୁ। ଏପରିକି ଶିଳ୍ପରେ ଏକ ବିରଳ ୱିଣ୍ଡୋ ସୃଷ୍ଟି କରିବା ପାଇଁ ଆମେ ସଫଳ ହୋଇପାରିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ଉତ୍କଳ ବିଲ୍ଡର୍ସ ତା'ର ୩୫ତମ ଗୌରବମୟ ବର୍ଷ ପାଳନ କରୁଛି। ଦୀର୍ଘ ୩୫ବର୍ଷର ଅଟଳ ବିଶ୍ୱାସ, ଅଗ୍ରଣୀ ପ୍ରକଳ୍ପ ଏବଂ ସ୍ଥାପତ୍ୟ ଉତ୍କର୍ଷ ପାଳନ ଅବସରରେ 'ଉତ୍କଳ'ର ଯାତ୍ରା ଭିନ୍ନ ଏକ ମାଇଲଖୁଣ୍ଟ ପାଳିଛି, ଯାହା ପ୍ରଥମ ଥର ପାଇଁ ପ୍ରିମିୟମ୍ ଆବାସିକ ଆପାର୍ଟମେଣ୍ଟ, ଉଚ୍ଚ ସମ୍ଭାବନା ଥିବା ବାଣିଜ୍ୟିକ କାର୍ଯ୍ୟାଳୟ ଏବଂ ଦୋକାନ ଗୃହକୁ ଗୋଟିଏ ଛାତ ତଳେ ଏକତ୍ରିତ କରିବ। ଏହିପରିପ୍ରେକ୍ଷୀରେ ଆଗ୍ରହୀ ଗ୍ରାହକମାନେ ସ୍ୱତନ୍ତ୍ର ସ୍ପଟ୍ ଅଫର୍, ଆକର୍ଷଣୀୟ ଉପହାର ଓ ସୁବିଧାଗୁଡ଼ିକୁ ନେଇ ଓଡ଼ିଶାର ସବୁଠାରୁ ସମ୍ମିତ ଡେଭଲପର ଦ୍ୱାରା ପ୍ରସ୍ତୁତ ସମ୍ପିତିର ମାଲିକ ହୋଇପାରିବେ। ଗତ ସାଢ଼େ ୩ ଦଶନ୍ଧି ଧରି ଉତ୍କଳ ତା'ର ଗୁଣବତ୍ତା, ସ୍ଥିରତା, ବିଶ୍ୱସନୀୟତା ପାଇଁ ଗ୍ରାହକ ମହଲରେ ପ୍ରସିଦ୍ଧି ଲାଭ କରିଛି।

# ବଜାରରେ ସିସିପିଏଲ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୫।୬

ଭାରତର ପ୍ରମୁଖ କୃଷି ରସାୟନ ସମାଧାନ କମ୍ପାନୀ କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ୍ ଲିମିଟେଡ୍ (ସିସିପିଏଲ୍)ର ନୂତନ ଉତ୍ପାଦ 'ଜିଭୋରା'କୁ ସର୍ବଭାରତୀୟସ୍ତରରେ ଶୁଭାରମ୍ଭ କରାଯାଇଛି। ଏହା ଏକ ପରବର୍ତ୍ତୀ ପିଢ଼ିର କୀଟନାଶକ ହୋଇଥିଲାବେଳେ କପାଚାଷ କ୍ଷେତ୍ରରେ ଶୋଷକ କୀଟପତଙ୍ଗର ବର୍ଦ୍ଧିତ ଆହ୍ୱାନକୁ ବିଶେଷ ଭାବେ ସମାଧାନ କରିବା ପାଇଁ ଡିଜାଇନ କରାଯାଇଛି। ଜିଭୋରା ପ୍ରାୟ ୫ ଲକ୍ଷ ଏକର କପା ଚାଷ କଭର କରିବ ଏବଂ ପ୍ରମୁଖ ବଜାରରେ ୫ଲକ୍ଷରୁ ଅଧିକ ଚାଷୀଙ୍କ ସହିତ ସିଧାସଳଖ ସଂଯୋଗ ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ସିସିପିଏଲ୍‌ର ଏମ୍‌ଡି (ସିପି/ଫସଲ ସୁରକ୍ଷା) ଅଙ୍କୁର ଅଗ୍ରୱାଲ କହିଛନ୍ତି, ଏକ ପ୍ରମୁଖ ଗବେଷଣା-ସମ୍ବଳିତ କୀଟନାଶକ ଜିଭୋରାର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଜିଭୋରା କେବଳ ଏକ କୀଟନାଶକ ନୁହେଁ,ଏହା ସୁସ୍ଥ ଫସଲ ଏବଂ ଉନ୍ନତ ଲାଭ ପାଇଁ କପାଚାଷୀମାନଙ୍କ ପାଇଁ ଏକ ପ୍ରତିଶ୍ରୁତି। ଏହାର ଦ୍ୱୈତ-କାର୍ଯ୍ୟ ପ୍ରଣାଳୀ ଏବଂ ଫାଇଟୋ-ଟନିକ୍ ପ୍ରଭାବ ସହିତ ଜିଭୋରା କୀଟପତଙ୍ଗଙ୍କୁ ଦୂରକରିବା ସହ ଉଦ୍ଭିଦ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ। ଜିଭୋରା କ୍ରିଷ୍ଟାଲର ଅଧିକୃତ ବଣ୍ଟନ ନେଟ୍‌ୱର୍କରେ ୫୦ଗ୍ରାମ, ୧୦୦ଗ୍ରାମ, ୨୫୦ଗ୍ରାମ, ୫୦୦ଗ୍ରାମ ଏବଂ ୧ କେଜି ପ୍ୟାକ୍ ଆକାରରେ ଉପଲବ୍ଧ ହେବ। ସଚେତନତା ଏବଂ ଠିକ୍ ବ୍ୟବହାରକୁ ବୃଦ୍ଧି କରିବା ପାଇଁ କ୍ରିଷ୍ଟାଲ୍ ପ୍ରମୁଖ କପା ଚାଷ କରୁଥିବା ରାଜ୍ୟଗୁଡ଼ିକରେ କ୍ଷେତ୍ର ଅଭିଯାନ, ଡେମୋ ଏବଂ କୃଷକ ପରାମର୍ଶ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିବ।

ସେହିଭଳି ସିସିପିଏଲର ଭିପି (ସେଲ୍‌ସ ଏବଂ ମାର୍କେଟିଂ) ସୋହିତ ସତ୍ୟୱାଲି କହିଛନ୍ତି, କପା ଭାରତର ଗ୍ରାମୀଣ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଫସଲ। ଜିଭୋରା ହେଉଛି ଚାଷୀମାନଙ୍କୁ ଏକ ବିଶ୍ୱସ୍ତ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରୟାସ ଜାରି ରହିଛି, ଯାହା ବିଭିନ୍ନ କୀଟପତଙ୍ଗ ପର୍ଯ୍ୟାୟରେ କାମ କରିଥାଏ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୫।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୪୪ (୪୪୩.୭୯) ପଏଣ୍ଟ ବୃଦ୍ଧି ଘଟି ୮୧,୪୪୨(୮୧,୪୪୨.୦୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୩୧(୧୩୦.୭୦) ପଏଣ୍ଟ ବଢ଼ି ୨୪,୭୫୧ (୨୪,୭୫୦.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।



Ph:06622-273343

**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Society, W & CD Department, Govt. of Odisha

Letter No.________/DCPU/SNG/2025 Date:________

No.g-38:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା, ସୁନ୍ଦରଗଡରେ ସୁରକ୍ଷିତ ଭାବରେ ରହୁଛି । ଏହି ଶିଶୁର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ.ନଂ.-୯୯୩୮୧୭୦୪୫୦/ ଅଫିସ୍- ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ.ନଂ.-୭୯୭୮୯୦୯୦୦୧/ ଅଫିସ୍-୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ ବୟସ | ଲିଙ୍ଗ | ରହୁଥିବା ଜାଗା/ଉଦ୍ଧାର ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଗଙ୍ଗା | ୧୦ ଦିନ | ଝିଅ | ସା, ଦିସା, ସୁନ୍ଦରଗଡ଼/ କ୍ରେଡ଼ିଲ ବେବି ପଏଣ୍ଟ/ ୨୨.୦୫.୨୦୨୫ | |

OIPR- Sd./- District Child Protection Officer, Sundargarh

**WATER CORPORATION OF ODISHA**
**OFFICE OF THE MANAGING DIRECTOR**
Ground Floor, Unnati Bhawan, Housing Board Colony, Satyanagar, Bhubaneswar, Odisha - 751007
Telefax: +91-674-2391444, e-mail: mail@watcoodisha.in / mdwatcoodisha@gmail.com

**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT**
Bid Identification No. WATCO(W)-5/2025-26 Dt.28.05.2025
No. 3716 / Date: 28.05.2025
[File No. WAT-2570/2025-26]

**REQUEST FOR PROPOSAL (RFP) FOR Consultancy Services for Authority's Engineer for Supervision of the Work "Improvement of Drinking Water Supply with 24×7 water supply system to Sambalpur Town" on EPC Contract in the State of ODISHA**

No. C-429: The MANAGING DIRECTOR, WATCO, Bhubaneswar under the administrative control of Housing & Urban Development Department, Government of Odisha, invites proposal for engaging Autority's Engineer (AE) on the basis of National Competitive Bidding for the work detailed in the table given below. The firm is advised to examine carefully all instructions in the RFP Document.

| S. N. | Name of the Water Supply Project | Bid ID No. | Bid Security (in Rs.) (Online) | Cost of Bid Document (in Rs.) (Online) | Assignment Period |
|---|---|---|---|---|---|
| 1 | Request for Proposal (RFP) for Consultancy Services for Authority's Engineer (AE) Services for Supervision of the work "Improvement of Drinking Water Supply with 24×7 water supply system to Sambalpur Town" on EPC Contract. | WATCO (W) 05/2025-26 | 16,97,000.00 | 10,000.00 + Rs.1,800.00 GST | 24 (Twenty Four) Months/End of the Project |

The complete RFP document can be viewed/downloaded from e-procurement portal of the State Government **https://tendersodisha.gov.in** from 04.06.2025 (11.00 Hrs. IST) to 25.06.2025 (17.00 Hrs. IST). RFP must be submitted online. RFP through any other mode shall not be entertained.

Name & Address of the Officer Inviting RFP : **The MANAGING DIRECTOR, WATCO, Ground Floor, Unnati Bhawan, Satyanagar, Bhubaneswar - 751007, Dist.: Khordha, Odisha, India, Phone# +91-674-2391444, Email: mail@watcoodisha.in / mdwatcoodisha@gmail.com**

Interested bidders may download the Request for Proposal Documents (the "RFP" document) from the above website to see further details for participation in the online bidding.

All amendments, time extension, clarifications etc. will be uplaoded in the website only. Bidders should regularly visit the above website to keep themselves updated.

Sd./- Managing Director, WATCO

**OFFICE OF THE PRINCIPAL**
**D.D.HIGHER SECONDARY SCHOOL, KEONJHAR**
No.1732, Dt.30.05.2025

**ADVERTISEMENT**

No.CAD-635:Walk-in-Interview for selection of Guest Faculty to the different subjects for the Academic Session 2025-26 will be held in the University North Campus on 16.06.2025. For details visit the University website https://dduniversity.ac.in.

OIPR- Sd./- Principal

**OFFICE OF THE REVENUE DIVISIONAL COMMISSIONER, CENTRAL DIVISION, CUTTACK**
No. 6376/SSD XVI-85/2020 Dated: 03.06.2025

**NOTICE FOR PERSONAL APPEAR BEFORE SLSC, RDC (CD), CUTTACK**

No. F-26: Sri Choudwary Nayak, S/o. Niranjan Nayak had joined in Khaleswar Primary School, Barang using SC Caste Certificate M.C. No. 2808/2001 and e-CAS/909 of 2020. Fake caste allegation is under scrutiny against the above person before the State Level Scrutiny Committee, (Central Division), Cuttack. Hence, he is directed to appear before the committee in the Office of the Revenue Divisional Commissioner, Central Division, Cuttack on 06.08.2025 at 10.30 A.M. failing which proceedings will continue as per law.

Sd./- Deputy Director, SSD-Cum-Member Convener, SLSC
OIPR-

**ROURKELA SMART CITY LIMITED, Rourkela**
Udit Nagar, Rourkela-769012,
Email: rourkelascl@gmail.com
BID ID:- RSCL/732/2025 Date:02.06.2025

**NOTICE INVITING TENDER**
**NATIONAL COMPETITIVE BIDDING**

**No.C-432:** The Chief Executive Officer, RSCL invites bids from eligible contractors for the following project:

| Sl. No. | Name of the Projects | Estimated Cost of the Project Rs. |
|---|---|---|
| 1 | Landscaping Work at Rourkela One on Percentage Rate Basis. | 31.46 Lakhs |

The Tender Fees of Rs.7,100/- to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-Procurement portal of Odisha https://tendersodisha.gov.in from 04.06.2025 to 16.06.2025 (upto 17.00 Hrs. IST). Pre-Bid Meeting will be held on 10.06.2025 at 12.30 P.M. in the Conference Hall of RSCL. For queries, intending bidder may contact Ar. Sarthak Sourav Rath, Architect, RSCL vide Phone No. 8984353513, Email Id: rourkelascl@gmail.com.

Sd./- Chief Executive Officer
Rourkela Smart City Limited
OIPR-

**BHUBANESWAR DEVELOPMENT AUTHORITY**
Akash Shova Building, Pt.J.N. Marg, Bhubaneswar- 751001
Visit us at: http://www.bda.gov.in/

**'e' Procurement Notice**
**BID IDENTIFICATION NO. BDA/01-EE-III/2025-26**
**No.316** **Dated.03.06.25**

No.CAD-660: Executive Engineer, Division No.-III, BDA, on behalf of Bhubaneswar Development Authority invites Percentage Rate Bids in Single Cover System to be received in online mode only for the work detailed below.

| | | | |
|---|---|---|---|
| 1. | No.of Works | - | Extension of Yoga Pindi and Construction of Shed over Yoga Pindi in N-1 Park, Nayapalli, Bhubaneswar |
| 2. | Estimated Cost | - | Rs.11.01 Lakh |
| 3. | Period of Completion | - | 45 (Forty Five) Days |
| 4. | Tender Cost | - | Rs.7,080/- including 18% GST (Online transfer by the last date & time for receipt of bids) |
| 5. | Earnest Money Deposit (EMD) | - | 1% of estimated cost put to tender (Online transfer by the last date & time for receipt of bids) |
| 6. | Date & Time of availability of Bid | - | 05.06.2025 to 5.00 P.M. of 16.06.2025 |
| 7. | Class of Contractor | - | 'D' & 'C' |

The Bidders have to participate in ONLINE bidding only. Further details can be seen from the website http://tendersodisha.gov.in/. Any Addendum/ Corrigendum/ Cancellation of tender can also be seen in the said website.

**N.B. The quoted rate should be all inclusive but excluding G.S.T. applicable under works contract.**

Sd./- Executive Engineer
Division No-III, BDA
OIPR-

**OFFICE OF THE REGULATED MARKET COMMITTEE, KHARIAR ROAD**
AT/PO- KHARIAR ROAD, DIST-NUAPADA, Pin-766104
E-Mail: rmckhariarroad@gmail.com

**INVITATION FOR BIDS**
Bid Reference No-02
Tender Call Notice No.314, Dt.31.05.2025

No.H-11: Bid documents consisiting of specification the schedule of quantities and the set of terms and condition of contract and other necessary document can be seen in the Govt. Website i.e. **www.tendersodisha.gov.in.**

| | | | |
|---|---|---|---|
| 1 | Nature of Work | : | Civil Works as mentioned in website |
| 2 | Estimated Cost | : | Rs.14.58 Lakhs |
| 3 | Period of Completion | : | As per DTCN |
| 4 | Date and Time of availability of the documents in the portal | : | 10.00 AM of dt.02.06.2025 to 5.00 PM of dt.17.06.2025 |
| 5 | Last date/time for receipt of Bids in the Portal | : | 17.06.2025 by 5.00 PM |
| 6 | Name and address of the Officer Inviting Bid | : | Collector Nuapada-Cum-Chairman, R.M.C. Khariar Road |

Further the details can be seen from the "Procurement Portal- **www.tendersodisha.gov.in.**

Sd./- Collector Nuapada-Cum-Chairman
R.M.C. Khariar Road
OIPR-

**GOVERNMENT OF ODISHA** No.N-
**HIGHER EDUCATION DEPARTMENT**
**BHUBANESWAR**
No.PT1-HE-UE-MISC-0014-2025 28754/HE, Dtd.03.06.2025

**Advertisement for appointment of Vice-Chancellor of State Public Universities of Odisha under Higher Education Department**

Applications are invited from eligible applicants below 66 years as of 01.12.2025 (i.e. **born on or after 02.12.1959**) for the position of Vice-Chancellor in **13 Public Universities of Odisha** as listed at Annexure- A. The applicant should be a distinguished academician of proven academic and administrative excellence and a well-rounded personality with a minimum of 10 years of experience as Professor in a University system or 10 years of experience in an equivalent position in reputed research and / or academic organization.

The post carries a fixed pay of Rs. 2,10,000/- (Rupees two lakhs and ten thousand) with Special Allowance of Rs. 11,250/- per month and other usual allowances such as Dearness Allowance. Provision of pay protection is applicable for candidates belonging to Central or State Government Public University or Institution. The tenure of the Vice-Chancellor will be four years from the date he/she assumes office or till he/she attains 70 years of age; whichever is earlier.

**Instructions for Submission of Application for the Post of Vice-Chancellor of Public Universities**

Applicants are advised to strictly adhere to the following guidelines while submitting their applications:

**1. Application Format and Submission Platforms**
- Applications must be submitted physically In the prescribed format (and digitally in HIMS website of which details shared below) available for download at the Department's website www.dhe.odisha.gov.in and the websites of the concerned universities.
- Applicants are also required to fill out the required application digitally in the HIMS Portal available at: hims.odisha.gov.in/Apalication-for-post-of-VC.
- The completed physical application form must be scanned and sent via **e-mail in PDF format only** to **hedsec.od@nic.in**, with the subject line: **"Application for the post of Vice-Chancellor of Public Universities."**
- After the scanned copy is sent through email, applicants are required to send the hard copy of the application physically to the department at the following address with clear mention at the envelope - "Application for the post of Vice-Chancellor of Public Universities"
- **Address:** Office of Commissioner Cum Secretary, Higher Education Department, Lok Seva Bhawan, Sachivalaya Marg, Bhubaneswar-751001
- The e-mail submission must be accompanied by the physical submission through India Post Speed Post and digitally in the HIMS portal as stated above, failure of which will lead to rejection of the application.

**2. Application for Multiple Universities**
- Applicants intending to apply for more than one university must submit **a single application** clearly indicating their **order of preference,** with the most preferred university listed first.
- This order of preference must also be clearly specified in the HIMS Module.
- However, the candidates may be asked to appear for interviews for each such university separately for different Universities.

**3. Submission Deadline**
- Both the **e-mailed application (PDF format)** and the **HIMS Module** must be submitted no later than **23:55 hours on 05.07.2025**.
- **Failure to complete both submissions** (HIMS Module and email) by the specified deadline shall result in **rejection of the application**.

**4. Submission of Hard Copy**
- In addition to the online submission, a **hard copy** of the same application (as e-mailed), **duly ink-signed** and accompanied by all supporting documents, must be sent by **SPEED POST (India Post) only and not through courier** to the undersigned. Any other mode of submission of application will be liable for rejection.
- The hard copy should reach the Department's office **on or before 10.07.2025.** However, any **hard copy of the applications received after 15.07.2025** will be **rejected**, even if the same is posted before the deadline through email and HIMS Module.

**5. Other Conditions**
- In case **multiple applications** are submitted by a candidate, only the **last valid submission** digitally submitted on HIMS portal (as per timestamp of the HIMS Module) will be considered. All previous submissions shall be rejected.
- **Late applications** received after the aforementioned deadlines via email, HIMS Module, or Indian Post **will not be considered** under any circumstances.

**6. Interview Process**
- Shortlisted candidates will be called for an interview before a **three-member Selection Committee.** The **venue and schedule** will be communicated in due course.

Sd/- Commissioner-cum-Secretary to Government
Higher Education Department
Lok Seva Bhawan, Sachivalaya Marg
Bhubaneswar-751001, Ph.:- (0674) 2536862
OIPR-




# ମହାନଦୀ ଜଳକୁ ନେଇ ଆଶଙ୍କାରେ ଜିଲାବାସୀ

**କେନ୍ଦ୍ରାପଡ଼ା, ୫ା୬ (ଜଗନ୍ନାଥ ଧଳ)**

- ଜିଲାର କୃଷି, ପାନୀୟ ଜଳ ପ୍ରଭାବିତ ହେବ
- ଚିତ୍ରୋତ୍ପଳା ସମେତ ବହୁ କେନାଲକୁ ମିଳିବନି ପାଣି

ଓଡ଼ିଶା ସହିତ ଛତିଶଗଡ଼ ରାଜ୍ୟ ମଧ୍ୟରେ ଟ୍ରିବ୍ୟୁନାଲରେ ଚାଲିଥିବା ମହାନଦୀ ଜଳ ବିବାଦ ସମାଧାନ ବର୍ଷ ବର୍ଷ ଧରି ଗଡ଼ିଚାଲିଛି। ଏ ନେଇ ଫେବୃଆରୀ ମାସରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ଦୟା ସୁରକ୍ଷା ଅଭିଯାନ, ଚିଲିକା ବଞ୍ଚାଅ ଆନ୍ଦୋଳନ, ନଦୀ ସୁରକ୍ଷା ସମିତି ଆଦି ସଙ୍ଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦେଖା କରିବା ସହିତ ତୁରନ୍ତ ସମାଧାନ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଏହି ମାମଲାରେ ପ୍ରଧାନମନ୍ତ୍ରୀଙ୍କ ୨ ରାଜ୍ୟ ମଧ୍ୟରେ ଥିବା ଜଳ ବିବାଦରେ ହସ୍ତକ୍ଷେପ କରିବା ଆଶା ରହିଥିଲା। ତେବେ ଅଦ୍ୟାବଧି ମହାନଦୀ ଜଳ ବିବାଦ ସମାଧାନ ହୋଇ ପାରିନାହିଁ। ଏହାର କୁପ୍ରଭାବ ମହାନଦୀର ତଳମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲାବାସୀ ଭୋଗୁଛନ୍ତି। ଛତିଶଗଡ଼ଠାରେ ନଦୀବନ୍ଧ ନିର୍ମାଣ ହେବା ଦ୍ୱାରା ଜିଲାର କୃଷି ଓ ପାନୀୟ ଜଳ ପ୍ରଭାବିତ ହେଉଥିବା ସ୍ଥାନୀୟ ଜିଲାବାସୀ ମତ ରଖିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି ଯେ, ମହାନଦୀର ଜଳଧାରା କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ବ୍ଲକ ମହାକାଳପଡ଼ାର ମହାନଙ୍ଗଳଠାରୁ ମାତ୍ର ୧୦ କିଲୋମିଟର ପ୍ରବାହିତ ହୋଇ ଗଡ଼ରୋମିତ ପର୍ଯ୍ୟନ୍ତ ଲମ୍ବିଛି। ଏଥିସହିତ କଟକ ଜିଲା ଗୁଆଳନାସୀଠାରୁ ଜିଲାରେ ପ୍ରବାହିତ ଚିତ୍ରୋତ୍ପଳା ନଦୀ ମହାନଦୀଠାରୁ ଜଳ ଗ୍ରହଣ କରୁଛି। ଚିତ୍ରୋତ୍ପଳା ନଦୀରୁ ଲୁଣାନଦୀ ବରପଦାଠାରେ ସୃଷ୍ଟି ହୋଇଛି। ସେହିପରି ଜଗତପୁରର ତେଣ୍ଡାକୁଡାଠାରେ ପାଇକା ନଦୀ ଓ ଚୌଦ୍ୱାର ନିକଟରେ ବିରୂପା ନଦୀ ମହାନଦୀରୁ ଜଳ ଗ୍ରହଣ କରି ପୂର୍ଣ୍ଣଗର୍ଭା ହୋଇଛି। ଜଗତପୁର ବ୍ୟାରେଜ ନିକଟରେ କେନ୍ଦ୍ରାପଡ଼ା କେନାଲ ସୃଷ୍ଟି କରାଯାଇ ମହାନଦୀର ଜଳକୁ ଜିଲାରେ ପ୍ରବାହିତ ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲକୁ ଛଡ଼ାଯାଇଥାଏ। ଫଳରେ ମହାନଦୀର ଜଳକୁ ଭିତ୍ତିକରି ଜିଲାର ୪୧,୬୮୧ ହେକ୍ଟର କ୍ଷେତରେ ଚାଷ ହେଉଛି। ଏଥିସହ ଲୁଣା ଅଞ୍ଚଳ ଭାବେ ପରିଚିତ ରାଜନଗର, ମହାକାଳପଡ଼ା ବ୍ଲକ ସମେତ କେନ୍ଦ୍ରାପଡ଼ା ସହରବାସୀ ଏହାର ମଧୁର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଆଗାମୀ ଦିନରେ ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ ସହିତ ଆଖଡ଼ାଶାଳୀ ନିକଟରେ ଦେଶର ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନା ରହିଛି। ଉପରମୁଣ୍ଡରେ ମହାନଦୀର ଜଳ ପ୍ରବାହ କମିଲେ ତଳମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ। ଏ ସମ୍ପର୍କରେ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ମହାନଦୀର ଜଳକୁ ଛତିଶଗଡ଼ ସରକାର ଏକଚାଟିଆ ଭାବେ ବ୍ୟବହାର କରିବା ପାଇଁ ଚାହୁଁଛନ୍ତି। ସେଠାରେ ନିର୍ମାଣ ହୋଇଥିବା ନଦୀବନ୍ଧ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ, କୃଷି ଓ ପାନୀୟ ଜଳ ପ୍ରଭାବିତ କରିବ। ଏପରିକି ଏହାର ପ୍ରଭାବ ଯୋଜନାରେ ଥିବା ଆଖଡ଼ାଶାଳୀ ବନ୍ଦର ଉପରେ ପଡ଼ିବ। ସଂଘୀୟ ବ୍ୟବସ୍ଥାରେ ଦେଶ ଚାଲୁଥିବାବେଳେ ରାଜ୍ୟଗୁଡ଼ିକ ମଧ୍ୟରେ ବିବାଦ ଆଦୌ ସମୀଚୀନ ନୁହେଁ। ବିବାଦର ଅନ୍ତ ପାଇଁ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ରାଜ୍ୟ ସ୍ୱାର୍ଥ ପାଇଁ ସ୍ୱର ଉଠାଇବା ଆବଶ୍ୟକ। ପାଟକୁରା ଆଞ୍ଚଳିକ ବିକାଶ କମିଟିର ସଭାପତି ସେକ୍ ଫଜରୁଲ ହକ୍ କହିଛନ୍ତି, କଟକ ଜିଲାର ଗୁଆଳିନାସୀଠାରେ ମହାନଦୀରୁ ଚିତ୍ରୋତ୍ପଳା ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲାର ମହମ୍ମଦପୁରରୁ କୁଆଁରପୁର ପର୍ଯ୍ୟନ୍ତ ୩୬ କିଲୋମିଟର ବ୍ୟାପିଛି। ଏହାର ଅବବାହିକାରେ ହେଉଥିବା ପନିପରିବାଠାରୁ ଆରମ୍ଭ କରି ଧାନ ଫସଲ ପର୍ଯ୍ୟନ୍ତ ଏହି ନଦୀଜଳକୁ ଚାଷୀ ବ୍ୟବହାର କରିଥାନ୍ତି। ସ୍ଥାନୀୟ ଅଧିବାସୀଙ୍କ ଦୈନନ୍ଦିନ ଜୀବନରେ ଚିତ୍ରୋତ୍ପଳା ନଦୀ ବହୁ କାର୍ଯ୍ୟରେ ଆସୁଛି। ମହାନଦୀର ଜଳଧାରା କମିଲେ ଚିତ୍ରୋତ୍ପଳା ମରିଯିବ। ଫଳରେ ଜନଜୀବନ ବିପର୍ଯ୍ୟସ୍ତ ହେବ। କୃଷକ ନେତା ବିଜୟ କୁମାର ପରିଡ଼ା କହିଛନ୍ତି, ମହାନଦୀ ଜଳ ବିବାଦର ଶୀଘ୍ର ସମାଧାନ ହେବା ଆବଶ୍ୟକ। ସମାଧାନ ବିଳମ୍ବିତ ହେଲେ କେନ୍ଦ୍ରାପଡ଼ା ଜିଲାର ଜନଜୀବନ ପ୍ରଭାବିତ ହେବ। କୃଷି, ପାନୀୟ ଜଳ ସହିତ ପରିବେଶ ନଷ୍ଟ ହେବ। ଜିଲାର ବିଭିନ୍ନ ନଦୀ ଓ କେନାଲକୁ ଏହି ନଦୀ ପାଣି ଯୋଗାଉଛି। ଏହାର ଜଳଧାରା ବନ୍ଦ ହେଲେ ବହୁ ଅଞ୍ଚଳ ଖୁବ୍ଶୀଘ୍ର ଲୁଣା ପାଲଟିବ। ଏହି ବିବାଦକୁ ରାଜନୀତିକରଣ କରା ନ ଯାଇ ଓଡ଼ିଶାର ସ୍ୱାର୍ଥ ପାଇଁ ରାଜନୈତିକ ଦଳ ସମେତ ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀମାନେ ସ୍ୱର ଉଠାନ୍ତୁ ବୋଲି ସେ ମତ ଦେଇଛନ୍ତି।


ମହାକାଳପଡ଼ାଠାରେ ପ୍ରବାହିତ ମହାନଦୀ।




@ ଦେବରାଜ


@ ମୃତ୍ୟୁଞ୍ଜୟ


@ ରୁଦ୍ରମାଧବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କେନ୍ଦ୍ରାପଡ଼ା ଜିଲାକୁ ଗୌରବାନ୍ୱିତକଲେ ଦୀପିକା



ଦୀପିକାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଡେରାବିଶ, ୫ା୬ (ବେବର୍ତ୍ତା ଅଜୟ ଦାସ)**

## ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ପ୍ରକଳ୍ପ ପାଇଲା ଦ୍ୱିତୀୟ ସ୍ଥାନ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ଡାଳିଜୀ ବାଗ୍‌ଦେବୀ ନୋଡାଲ ବିଦ୍ୟାପୀଠର ଛାତ୍ରୀ ଦୀପିକା ଦେବପ୍ରିୟା ପଣ୍ଡା ରାଜ୍ୟସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରି କେନ୍ଦ୍ରାପଡ଼ା ଜିଲାକୁ ଗୌରବାନ୍ୱିତ କରିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୃଷି ଶିକ୍ଷା ସଦନ ପରିସରରେ ଗୁରୁବାର ରାଜ୍ୟସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ଜିଲାରୁ ୩୦ ପ୍ରକଳ୍ପ ସ୍ଥାନ ପାଇଥିଲା। ଦୀପିକା କେନ୍ଦ୍ରାପଡ଼ା ଜିଲାରୁ ଯାଇଥିବା ପ୍ରକଳ୍ପକୁ ପ୍ରଦର୍ଶନ କରିଥିଲେ। ଡାଳିଜୀ ବାଗ୍‌ଦେବୀ ନୋଡାଲ ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ଦୀପିକା ପରିବେଶ ପାଇଁ ୭ ଆର ଉପରେ ଆଧାରିତ ପ୍ରକଳ୍ପକୁ ପ୍ରଦର୍ଶନ କରିଥିଲେ। ଦୈନନ୍ଦିନ ଜୀବନରେ ଏହି ପ୍ରକଳ୍ପ ପରିବେଶ ଆଧାରିତ ମୂଲ୍ୟବୋଧ ଭୂମିକା ସମ୍ପର୍କରେ ଶିକ୍ଷା ଦେଇଥିଲା। ତେବେ ଦୀପିକାଙ୍କ ଏହି ପ୍ରକଳ୍ପ ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୩୦ ପ୍ରକଳ୍ପ ମଧ୍ୟରୁ ଏହା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବିଦ୍ୟାଳୟ ଇକୋ କ୍ଲବ ଶିକ୍ଷକ ନିର୍ମଳ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ବିଭାଗୀୟ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଏହି ପ୍ରକଳ୍ପକୁ ଉଚ୍ଚ ପ୍ରଶଂସା କରିବା ସହ ଦୀପିକାଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି କୃତିତ୍ୱ ପାଇଁ ଦୀପିକା ଓ ଇକୋ କ୍ଲବ ଶିକ୍ଷକ ଜେନା ଡେରାବିଶ ସମେତ କେନ୍ଦ୍ରାପଡ଼ା ଜିଲାକୁ ଗୌରବାନ୍ୱିତ କରିଥିବାରୁ ଉଭୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଦୀପରୁ ନିଆଁ ଲାଗି ମହିଳା ଗୁରୁତର

**ଆଳି,୫ା୬(ବନମାଳୀ ସେନାପତି )**

କେନ୍ଦ୍ରାପଡ଼ା ଜିଲା ଆଳିର ଆରାଧ୍ୟ ଶ୍ରୀଶ୍ରୀ ଲକ୍ଷ୍ମୀ ବରାହ ଜୀଉ ମନ୍ଦିରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ମନ୍ଦିରକୁ ପୂଜା କରିବାକୁ ଆସିଥିବା ବେଳେ ଦୀପରୁ ନିଆଁ ଲାଗି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି।

ଗୁରୁବାର ସୁଦଶା ବ୍ରତ ଓଷା ଥିବାରୁ ମହିଳାମାନେ ଓଷା ରଖି ଲକ୍ଷ୍ମୀ ବରାହ ଜୀଉ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଆସିଥିଲେ। ମନ୍ଦିରରେ ପୂଜା କରୁଥିବାବେଳେ ହଠାତ୍ ରାଜକନିକା ଥାନା ଅନ୍ତର୍ଗତ ଓଳାଭର ଦେ ଗାଁର ସୁପ୍ରିୟା ନାୟକଙ୍କ ଶାଢ଼ିରେ ଦୀପନିଆଁ ଲାଗି ଯାଇଥିଲା। ସୁପ୍ରିୟାଙ୍କ ଦେହରେ ନିଆଁ ଲାଗିବା ଦେଖି ନିକଟରେ ଥିବା ମହିଳା ଓ ସେବାୟତମାନେ ସଙ୍ଗେ ସଙ୍ଗେ ଲିଭାଇ ଦେଇଥିଲେ। ସେବାୟତମାନେ ଆମ୍ବୁଲାନ୍ସ ଡାକି ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପ୍ରିୟାଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମନ୍ଦିର ପରିସରରେ ଏଭଳି ଏକ ଅଘଟଣକୁ ନେଇ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ପରିସରରେ ଦୀପ ଲଗାଇବା ନିମନ୍ତେ ଦୀପଷ୍ଟାଣ୍ଡ ନ ଥିବାରୁ ମହିଳାମାନେ ଏଣେତେଣେ ଦୀପ ଜାଳୁଛନ୍ତି। ଏଣେତେଣେ ଦୀପ ଲାଗିଥିବାରୁ ଏଭଳି ଘଟଣା ଘଟିଲା ବୋଲି ଶ୍ରଦ୍ଧାଳୁ ଓ ସେବାୟତମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ମନ୍ଦିର ପ୍ରାଙ୍ଗଣରେ ଦୀପଷ୍ଟାଣ୍ଡ ଲାଗି ସେବାୟତ ଓ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।


ଆହତ ମହିଳାଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

## କଟକ-ପାରାଦୀପ ରାଜ୍ୟ ରାଜପଥରେ ସିରିଜ ଦୁର୍ଘଟଣା: ୩ ଆହତ

**କୁଜଙ୍ଗ,୫ା୬(ମନୋଜ ପ୍ରଧାନ):**

କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ଥାନା ୧୫ ନଂ. ନିକଟରେ ଗୁରୁବାର ୩ ଗାଡ଼ି ମଧ୍ୟରେ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ଗାଡ଼ି ଭାଙ୍ଗି ଯାଇଛି। ଅପରାହ୍ଣ ୪ଟାରେ ଏକ ପିକ୍‌ଅପ୍ ଭ୍ୟାନ ନଂ. ଓଡି ୦୫ ଏଭି ୭୮୦୪ କୁଜଙ୍ଗ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ପାରାଦୀପ ଅଭିମୁଖେ ଯାଉଥିବା କ୍ରେଟା କାର ନଂ. ଓଡି ୦୫ ବିଜେ ୪୪୨୨ ଭାରସାମ୍ୟ ହରାଇ ସମ୍ମୁଖକୁ ଧକ୍କା ଦେଇଥିଲା। ପିକ୍‌ଅପ୍ ଭ୍ୟାନ ପଛରେ ଆସୁଥିବା ଅନ୍ୟ ଏକ କାର ନଂ. ଓଡି ୦୫ ବିଡି ୫୦୫୭ କାର୍‌କୁ ଧକ୍କା ଦେଇଥିଲା। କ୍ରେଟା କାର୍ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ପିକ୍‌ଅପ ଭ୍ୟାନ ଓ ପଛରେ ଆସୁଥିବା କାର୍‌ର ଗୋଟିଏ ପାଖ ଭାଙ୍ଗି ଯାଇଛି। ଏହି ଦୁର୍ଘଟଣାରେ ପିକ୍‌ଅପ ଭ୍ୟାନ, କାର ଚାଳକ ସମେତ ଅନ୍ୟ ଜଣେ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ସବୁ ରାସ୍ତାରୁ ହଟାଇବା ସହ ଆହତମାନଙ୍କୁ କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# କୃଷି, କୃଷକଙ୍କ ପିଛା ଛାଡୁନି ଜଳକଷ୍ଟ

- କ୍ଲଷ୍ଟର ଗଭୀର ବୋରୱେଲ ପାଇବାରୁ ଚାଷୀ ବଞ୍ଚିତ
- ୧୫ ହଜାର ଟଙ୍କା ଲେଖାଏ ଲାଞ୍ଚ ଦାବି ଅଭିଯୋଗ

**ଯାଜପୁର,୫ା୬(ହର୍ଷବର୍ଦ୍ଧନ ବେହେରା) :**

କୃଷି ଭାରତର ଆତ୍ମା, ଗ୍ରାମ୍ୟ କୃଷି ସୁଦୃଢ଼ ହେଲେ ଦେଶର ଅର୍ଥନୀତି ମଜଭୁତ ହୋଇ ପାରିବ ବୋଲି ଜନପ୍ରତିନିଧିମାନେ ବିଭିନ୍ନ ସମୟରେ କହିଥାଆନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର କୃଷକମାନଙ୍କ ପାଇଁ ଏକାଧିକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ସେଥିମଧ୍ୟରୁ କେତେକ ଯୋଜନା ବିଫଳ ହେଉଥିବାରୁ ଯାଜପୁର ଜିଲାର କୃଷି ଓ କୃଷକଙ୍କ ଦୁଃଖ ପିଛା ଛାଡୁନି ବୋଲି ଅଭିଯୋଗ ହୋଇଛି। ଏଠାରେ ବିଜୁ କୃଷକ ବିକାଶ ଯୋଜନାରେ ଗଭୀର(ଡିପ୍) ବୋରୱେଲ ସେଚ କାର୍ଯ୍ୟ ମାଧ୍ୟମରେ କ୍ଲଷ୍ଟର ଗଭୀର ବୋରୱେଲ ପ୍ରକଳ୍ପକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଯୋଜନାରେ କେତେକ ସ୍ଥାନରେ ବୋରୱେଲ ଖନନ ସରିଛି କିନ୍ତୁ ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ । ଆଉ କେତେକ ସ୍ଥାନରେ କୃଷକମାନେ ଆବଶ୍ୟକ ଅର୍ଥ ଜମା କରିଥିଲେ ବି ସେମାନଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। କୃଷି ତଥା କୃଷକଙ୍କ ପ୍ରତି ଏଭଳି ଅବହେଳା ସରକାରଙ୍କୁ ଅଡୁଆରେ ପକାଇପାରେ ବୋଲି ଚର୍ଚ୍ଚା ହେଉଛି।


ଚାଷ ଜମିରେ ନିର୍ମାଣ ହୋଇଥିବା ଗଭୀର ବୋର୍‌ୱେଲ।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ସିଂହପୁର ଅଞ୍ଚଳରେ ୬ ଜଣ ଚାଷୀ ମିଳିତ ଭାବେ କ୍ଲଷ୍ଟର ଗଭୀର ବୋରୱେଲ ଯୋଜନାର ହିତାଧିକାରୀ ହୋଇଥିଲେ। ୨୦୨୩ରୁ ନିର୍ଦ୍ଧାରିତ ସରକାରୀ ଦେୟ ୨୦ ହଜାର ଟଙ୍କା ଦାଖଲ କରି ବୋରୱେଲ ଖନନ କରିଥିଲେ। ହେଲେ ଏଯାବତ ବିଦ୍ୟୁତ ସଂଯୋଗ ହୋଇପାରି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଯୋଜନା ଜିଲା ଆଗ୍ରୋ ବିଭାଗ ପକ୍ଷରୁ ସିଂହପୁର ନେମରା ମୌଜାର ୩୦ ଏକର ଜମି ଉପରେ ସବୁଦିନିଆ ଜଳସେଚନ ପାଇଁ ଆରମ୍ଭ ହୋଇଥିଲେ ହେଁ ତାହା ଗତ ୨ ବର୍ଷ ହେବ ଅଧାରେ ଅଟକିଛି। ଏଥିପାଇଁ ସିଂହପୁର ଦରିଆନାହାକାଣୀ ସନ୍ନିକଟସ୍ଥ ବିଦ୍ୟୁତ କେନ୍ଦ୍ରରୁ ହିତାଧିକାରୀଙ୍କ ଜମି ପର୍ଯ୍ୟନ୍ତ ୧୮ଟି ଖୁଣ୍ଟ ପୋତିବା ପାଇଁ ଯୋଜନା ଥିଲେ ହେଁ ମାତ୍ର ୧୩ ଟି ଖୁଣ୍ଟ ପୋତି ଚାଷୀଙ୍କଠାରୁ ଆବଶ୍ୟକ ଟଙ୍କା ନେଇ କାମ ବନ୍ଦ କରାଯାଇଛି। ଜମି ଉପରେ ୩ଟି ବୋରୱେଲ ଖୋଲା ହୋଇ ପଡି ରହିଛି। ଆଉ ୫ଟି ଖୁଣ୍ଟ ଲାଗିଲେ ଚାଷୀମାନେ ବହୁ ଫସଲର ସୁବିଧା ପାଇ ପାରିବେ। ସେଥିପାଇଁ ସେମାନେ ଚାଷୀଙ୍କୁ ୧୨ଥର ଡାକି ଆଲୋଚନା କରିଛନ୍ତି । ଏବେ ୧୫ ହଜାର ଟଙ୍କା ମାଗୁଛନ୍ତି। ଚାଷୀ ଟଙ୍କା ଦେଇ ରସିଦ ପାଇବାକୁ ଦାବି କରିବାରୁ ସେମାନେ ଅଧାପନ୍ତରିଆ ଅବସ୍ଥାରେ କାମ ବନ୍ଦ କରି ହିତାଧିକାରୀଙ୍କୁ ନିର୍ଯାତନା ଦେଉଥିବା ଚାଷୀ ପୂର୍ଣ୍ଣଚନ୍ଦ୍ର ମଲିକ, ଭରତ ଚନ୍ଦ୍ର ମଲିକ, ସତ୍ୟଭାମା ମଲିକ, ଶଶୀକାନ୍ତ ମଲିକ, ଜ୍ୟୋତ୍ସ୍ନା ମଲିକ, କାମିନୀ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

ଗତମାସ ଶେଷ ସୁଦ୍ଧା କାମ ସାରିବ କହିବାରୁ ଚାଷୀମାନେ ବିଲରେ ହଳ କରି ପାଣିକୁ ଅନାଇ ବସିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଚାଷୀମାନେ ନିବେଦନ କରିବା ସହ କୃଷି ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଉପରୋକ୍ତ ଯୋଜନାକୁ ସମ୍ପୂର୍ଣ୍ଣ କରାଗଲେ ଏଠାରେ ଶାରଦ ଚାଷ ପରେ ବିରି, ଗହମ, ସାରୁ, ଧନିଆଁ ସହ ବିଭିନ୍ନ ପନିପରିବା ଚାଷ କରିବାକୁ ଚାଷୀମାନେ ଆଗ୍ରହୀ ଅଛନ୍ତି। ହେଲେ ପାଣି ଅଭାବରୁ ସିଂହପୁର ଦରିଆନାହାକାଣୀ ପଛପଟ ନେମରା ମୌଜାରେ ୧୫୦୦ ହେକ୍ଟର ଜମି ପଡିଆ ପଡ଼ିଛି। ମଝିରେ ଖାଲ ଥିବାରୁ ସେଠାରୁ ବର୍ଷାଦିନେ ଜଳ ନିଷ୍କାସନ ହୋଇ ପାରେନାହିଁ। ଖରାଦିନେ ଜଳସେଚନର ବ୍ୟବସ୍ଥା ନାହିଁ। ତେଣୁ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଚାଷୀମାନେ ଉପକୃତ ହୋଇ ପାରିବେ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ବିଭାଗୀୟ ଅଧିକାରୀ ଓ ଜିଲାପାଳ ଏକଥା ନ ଶୁଣିଲେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି କହିଛନ୍ତି।

ଅନ୍ୟପକ୍ଷେ ବଡଚଣା ବ୍ଲକର ୬ ଜଣ ଆଦିବାସୀ ନାମମାତ୍ର ଚାଷୀ ପ୍ରଦୀପ କୁମାର ନାୟକ, ରାଜେଶ ଆଲଡା, ମଣ୍ଟୁ ଗଇପାଇ, ପାର୍ବତୀ ମହାନ୍ତ, ଚରଣ ମହାନ୍ତ ଓ ସୁନାଗର ମହାନ୍ତ ୨୦୨୩-୨୪ ଆର୍ଥିକ ବର୍ଷରେ ୨୦ ହଜାର ଟଙ୍କା ଲେଖାଏ ଜମା କରି ଏଯାଏ ଗଭୀର ବୋରୱେଲ ପାଇ ପାରିନାହାନ୍ତି। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୧୩।୧୧।୨୦୨୪ରେ ସେମାନେ ଅଭିଯୋଗ କରିଥିଲେ ହେଁ ଏଯାଏ କୌଣସି ସଫଳତା ମିଳିନାହିଁ।

ଏ ସଂକ୍ରାନ୍ତରେ ଉଠାଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅରୁଣ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ପୁରୁଣା ଠିକାସଂସ୍ଥାର ନୈରାଶ୍ୟଜନକ କାର୍ଯ୍ୟ ଦେଖି ତାକୁ ବାଦ ଦିଆଯାଇଛି। ଏବେ ନୂତନ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଅଧାପନ୍ତରିଆ ଅବସ୍ଥାରେ ଥିବା କାର୍ଯ୍ୟଗୁଡ଼ିକୁ ତୁରନ୍ତ ସାରିବାକୁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ଲାଞ୍ଚ ମଗାଯାଉଥିବା ସଂକ୍ରାନ୍ତରେ ସେ କୌଣସି ଚାଷୀଙ୍କଠାରୁ ଅଭିଯୋଗ ପାଇ ନାହାନ୍ତି ବୋଲି କହିଛନ୍ତି।




# ୨ ହସ୍ପିଟାଲ ମ୍ୟାନେଜରଙ୍କ ବଦଳି

ନୟାଗଡ଼,୫।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରୁ ଏସି ଗାଏବ ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ବିଳମ୍ବରେ ହେଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସରକାର ୨ ହସ୍ପିଟାଲ ମ୍ୟାନେଜର ସୁବାଶିଷ ସାଥୁଆ ଓ ଅଭିରାମ ସାହୁଙ୍କୁ ବଦଳି କରିଛନ୍ତି। ସୁବାଶିଷ ସାହୁଙ୍କ ବଦଳି କେନ୍ଦ୍ରପଡ଼ାକୁ ହୋଇଥିବାବେଳେ ତାଙ୍କ ବଦଳରେ ଦେବଗଡ଼ ଜିଲାର ସନ୍ତୋଷ କୁମାର ସାହୁଙ୍କୁ ନୟାଗଡ଼ ବଦଳି କରାଯାଇଛି । ସେହିପରି ଅଭିରାମ ସାହୁଙ୍କ ବଦଳି କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ହୋଇଥିବାବେଳେ ତାଙ୍କ ସ୍ଥାନରେ ସୁନ୍ଦରଗଡ଼ରୁ ରଶ୍ମି ରଞ୍ଜନ ସାହୁଙ୍କ ବଦଳି ହୋଇଛି । ତେବେ ଜିଇଡି କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି କର୍ମଚାରୀମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଏସି ଗାଏବ ହୋଇଥିଲା। ଏ ସଂକ୍ରାନ୍ତରେ ଜଣାପଡିବା ପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ନୟାଗଡ଼ ଟାଉନ ଥାନାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବହୁ ବିଳମ୍ବରେ ଅଭିଯୋଗ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ୧୧ଟି ଏସି ଚୋରି ହୋଇଥିବା ନେଇ ଏତଲା ଦେଇଥିଲେ। ହେଲେ ପୋଲିସ ୧୪ ଏସି ଜବତ କରିଥିଲା। ଏହା ପରେ ପୋଲିସ ଏହି ଘଟଣାର ତଦନ୍ତ ଫାଇଲକୁ ଚାପି ଦେଇ ଚୁପ୍ ବସିଥିଲା। ମାତୃ ଶିଶୁ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ୱାର୍ଡ, ସିଜରିଂ ଓ ପ୍ରସୂତି ମହିଳା ୱାର୍ଡ ସମେତ ସ୍ତ୍ରୀ ଓ ପ୍ରସୂତି ଡ୍ୟୁଟି ରୁମ୍‌ରେ ଏସି ନ ଥିବାବେଳେ ସର୍ଜରୀ ୱାର୍ଡ, ସେପ୍ଟିକ ୱାର୍ଡ, ମେଡିସିନ ୱାର୍ଡ, ଶିଶୁ ୱାର୍ଡ, ପୁରୁଣା ଆଉଟଡୋରରୁ ୨୦୨୪ରେ ୬୦ରୁ ଊର୍ଦ୍ଧ୍ୱ ଏସି ଗାଏବ ହୋଇଥିଲା । ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟରେ ୧୫୩ ନୂଆ ଏସି ଲାଗିଥିଲା। ଏହାପରେ ସେଠାରେ ୪୦ରୁ ଊର୍ଦ୍ଧ୍ୱ ଏସି କିଣା ଯାଇଥିଲା। ହେଲେ ସେହି ଏସି ଗୁଡ଼ିକୁ ପୁଣି ଥରେ ଗାଏବ କରି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ହେଲେ ଏସି ଗାଏବ ଘଟଣାରେ ଗଣମାଧ୍ୟମ ମିଛ କହୁଛି, ଏସି ଗାଏବ ହୋଇ ନ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସଫେଇ ଦିଆଯାଇଥିଲା। ଏସି ଗାଏବ ନେଇ ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସାଳୟର



ଜିଲା ମୁଖ୍ୟ ଚିକିତ୍ସାଳୟ ।

- ଏସି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ
- ଜିଇଡି କର୍ମଚାରୀଙ୍କ ପ୍ରତି ଅନୁକମ୍ପା
- ୧୦୦ରୁ ଊର୍ଦ୍ଧ୍ୱ ଏସି ଗାଏବ, ଜବତ ୧୪
- ୧୧ଏସି ଚୋରି ନେଇ ହୋଇଥିଲା ମାମଲା

ସୁପରିଟେଣ୍ଡେଣ୍ଟ ଓ ସିଡିଏମ୍‌ଓଙ୍କ ବିବୃତି ସନ୍ତୋଷଜନକ ନ ଥିବାବେଳେ ୨ ହସ୍ପିଟାଲ ମ୍ୟାନେଜର ତଦନ୍ତରେ ସହଯୋଗ କରି ନ ଥିଲେ । ଏପରି କି ଏସି ଚୋରି ଘଟଣାକୁ ହାଲକା ଭାବେ ନେଇ ସ୍ୱାସ୍ଥ୍ୟ ବିଭାଗ ଘଟଣାର ଆଦୌ ତଦନ୍ତ କରି ନ ଥିଲା। ଜିଲା ପରିଷଦର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ବି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଗଲାନି । ଜିଲା ମୁଖ୍ୟ ଚିକିତ୍ସାଳୟର ଏସି ଷ୍ଟାଟସ ନେଇ ଜିଲା ପରିଷଦ ଅଧ୍ୟକ୍ଷ ଓ ତତ୍କାଳିନ ଜିଲାପାଳ ସ୍ୱାଧାଦେବ ସିଂ ତଥ୍ୟ ମାଗିଥିଲେ ବି ସ୍ୱାସ୍ଥ୍ୟ ବିଭାଗ ଦେଇ ନ ଥିଲା । ଶେଷରେ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ଜିଲାପାଳ, ସିଡିଏମ୍‌ଓ, ନୟାଗଡ ଏସ୍‌ଡିପିଓଙ୍କ ବଦଳି ହୋଇ ସାରିଲାଣି । ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ପୁଣି ପରିବର୍ତ୍ତନ ହୋଇ ସାରିଲେଣି। କେବଳ ତଦନ୍ତକାରୀ ଅଧିକାରୀ ଉପଜିଲାପାଳ ଓ ଟାଉନ ଥାନା ଆଇଆଇସି ଅଛନ୍ତି । ନୂଆ ଜିଲାପାଳ ଓ ସିଡିଏମ୍‌ଓ କାର୍ଯ୍ୟରେ ଯୋଗ ଦେବା ପରେ ଏସି ଦୁର୍ନୀତି ପ୍ରସଙ୍ଗ ଶୀତଳଭଣ୍ଡାରକୁ ଚାଲି ଯାଇଥିଲା । ତେବେ ସରକାର ୨ ହସ୍ପିଟାଲ ମ୍ୟାନେଜରଙ୍କୁ ବଦଳି କରିବା ପରେ ଏହି ଘଟଣା ପୁଣିଥରେ ଚର୍ଚ୍ଚାକୁ ଆସିଛି । ତେବେ ଉଭୟ ମ୍ୟାନେଜର ହସ୍ପିଟାଲ ଛାଡିନାହାନ୍ତି ।

ଏନେଇ ସିଡିଏମ୍‌ଓ ସୁଶାନ୍ତ କୁମାର ଦାସ କୁହନ୍ତି, ଏସି ଦୁର୍ନୀତି ଘଟଣାରେ ୨ ହସ୍ପିଟାଲ ମ୍ୟାନେଜରଙ୍କ ବଦଳି ହୋଇଛି। ସୁନ୍ଦରଗଡ଼ର ରଶ୍ମି ରଞ୍ଜନ ସାହୁ ନୟାଗଡ଼ରେ କାର୍ଯ୍ୟରେ ଯୋଗ ଦେଇଥିବାବେଳେ ଅଭିରାମ ସାହୁଙ୍କୁ ରିଲିଭ କରାଯାଇଛି । ଅନ୍ୟ ଜଣେ ଆସିବା ପରେ ସୁବାଶିଷ ସାଥୁଆଙ୍କୁ ରିଲିଭ କରାଯିବ।


ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବରାଜ


@ ମୃତ୍ୟୁଞ୍ଜୟ


@ ରୁଦ୍ରମାଧବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖଣ୍ଡପଡ଼ାରେ ୩୧.୮ ମିଲି ମିଟର ବର୍ଷା

ଖଣ୍ଡପଡ଼ା,୫।୬(ଅଜୟ କୁମାର ମହାରଣା)

ଗତ ୬ ଦିନ ବ୍ୟବଧାନ ପରେ ବୁଧବାର ଅପରାହ୍ନରେ ଖଣ୍ଡପଡ଼ାରେ ୩୧.୮ ମିଲି ମିଟର ବର୍ଷା ହୋଇଥିବା ଖଣ୍ଡପଡ଼ା ସହରସ୍ଥିତ କେନ୍ଦ୍ରୀୟ ଜଳ ପ୍ରୟୋଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବର୍ଷା ଯୋଗୁ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଥିବା ବେଳେ ଅଞ୍ଚଳବାସୀ ତାତିରୁ ମୁକ୍ତି ପାଇଛନ୍ତି।

## ରୁକ୍ମିଣୀ ବିବାହ ପାଇଁ ଶିଶୁପାଳଙ୍କ ଘରକୁ ଚିଟାଉ ଗଲା

ଖଣ୍ଡପଡ଼ା,୫।୬ (ଅଜୟ କୁମାର ମହାରଣା)

ରୀତିନୀତି ଅନୁଯାୟୀ ବିବାହ ପୂର୍ବଦିନ କନ୍ୟା ଘର ପକ୍ଷରୁ ବରଘରକୁ ଚିଟାଉ ଯାଇଥାଏ । ଏହି ପ୍ରଥାନୁଯାୟୀ କୁଣ୍ଡିନଗର ରାଜା ଭୀଷ୍ମଙ୍କ କନ୍ୟା ରୁକ୍ମିଣୀଙ୍କ ବିବାହ ଶିଶୁପାଳଙ୍କ ସହ ସ୍ଥିର ହେବା ପରେ କନ୍ୟାଘର ତରଫରୁ ଶ୍ରୀନୀଳମାଧବ ପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କନ୍ୟାଘର ପକ୍ଷରୁ ନୀଳମାଧବଜୀଉ ପୂଜକ ସମାଜର ସଦସ୍ୟମାନେ ପରିଚାଳନା କରିଥିଲେ। ବିବାହ ଲଗ୍ନ ଅବସରରେ ଗୁରୁବାର ଶୁକ୍ଳପକ୍ଷ ଦଶମୀ ତିଥିରେ ଠାକୁରଙ୍କ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଥା ଅନୁସାରେ ନୀଳମାଧବଜୀଉଙ୍କ ସାୟଂକାଳୀନ ପୂଜା ବିଧି ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ସୁବେଶ କରାଇ ସଂକୀର୍ତ୍ତନ ସହ ମହାସମାରୋହରେ ମନ୍ଦିର ପରିକ୍ରମା କରାଯାଇଥିଲା । ତୁଳସୀ ଚଉରା ନିକଟରେ ଠାକୁରଙ୍କୁ ବିଜେ କରାଯାଇ ପୂଜକ ପଞ୍ଚ ଉପଚାର ପୂଜାବିଧିରେ ପୂଜାର୍ଚ୍ଚନା ଓ ଆଳତି ସମ୍ପାଦନ କରିବା ପରେ ଚିଟାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ରୁକ୍ମିଣୀ ଓ ଶିଶୁପାଳଙ୍କ ମଧ୍ୟରେ ବିବାହ ଓ ହସ୍ତଗଣ୍ଠି ପଡିବା ପାଇଁ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ସ୍ଥିରୀକୃତ ହୋଇଛି। ଏ ପରିପ୍ରେକ୍ଷୀରେ ନୀଳମାଧବ ପୂଜକ ସମାଜ ପକ୍ଷରୁ ଡାର୍କ ନାଇଟ ବ୍ୟାଣ୍ଡ ଟିମ୍ ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି ପୂଜକ ସମାଜ ସଭାପତି ମନୋଜ କୁମାର ମିଶ୍ରଙ୍କଠାରୁ ସୂଚନା ମିଳିଛି।

## ସ୍ନାତକୋତ୍ତର ପରୀକ୍ଷାରେ ଓଡ଼ଗାଁର ମମତା ଓଡ଼ିଶା ଟପ୍ପର

ଓଡ଼ଗାଁ,୫।୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ସ୍ଥାନୀୟ କୋରପିଠା ଗ୍ରାମର ମମତା ସାହୁ ରାଜ୍ୟ ସାଧାରଣ ସ୍ନାତକୋତ୍ତର ପ୍ରବେଶିକା



ପରୀକ୍ଷା । ୨୦୨୫ରେ ସଂସ୍କୃତ ବିଷୟରେ ସାମାଜିକ ପଛୁଆବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏଥିସହିତ ମେଧା ତାଲିକା ଅନୁସାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ବାପା ଭଗବାନ ସାହୁ ଓ ମା’ ଝୁନୁବାଳା ଝିଅର ସଫଳତାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ସହିତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଅବହେଳିତ ବିରୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର

ନୟାଗଡ଼,୫।୬ (ଲୋକନାଥ ମିଶ୍ର)

**କାର୍ଯ୍ୟକ୍ଷମ ପାଇଁ ଜିଲାପାଳଙ୍କୁ ଫେରାଦ୍ ହେଲେ ସ୍ଥାନୀୟ ବାସିନ୍ଦା**

ନୟାଗଡ଼ ବ୍ଲକ୍ ବିରୁଡ଼ାରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ହୋଇ ପଡି ରହିଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ । ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ବିରୁଡା ବାସିନ୍ଦା ଜିଲାପାଳଙ୍କୁ ସ୍ୱାରକପତ୍ର ଦେଇ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି । ୨୦୨୩ ମାର୍ଚ୍ଚ ୧୯ରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନୟାଗଡ଼ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସ୍ୱାସ୍ଥ୍ୟ ଆରେଗ୍ୟ କେନ୍ଦ୍ର ନିର୍ମାଣ ହୋଇ ୬ମାସ ହେଲା ପଡି ରହିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ବିରୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର

## ଗଛ ଲଗାଇଲେ, ପରିବେଶ ଉପରେ ସଚେତନତା ସୃଷ୍ଟିକଲେ

ନୟାଗଡ଼,୫।୬ (ଲୋକନାଥ ମିଶ୍ର)

ପରିବେଶ ଦିବସ ଅବସରରେ ନୟାଗଡ଼ର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବା ସହିତ ଜନ ସଚେତନତା ସୃଷ୍ଟି କରାଯାଇଛି। ଏହି ଅବସରରେ ନୟାଗଡ଼ ଭାଲୁଖୋଲଠାରେ ନବନିର୍ମିତ ଡିଏଭି ସ୍କୁଲ ପରିସରରେ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଯୋଗ ଦେଇଥିବାବେଳେ ସହକାରୀ ବନ ସଂରକ୍ଷକ ହିମାଂଶୁ ମୁଦୁଲି ଓ ସତ୍ୟଜିତ କର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ସରୋଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳ ଓ ବନରକ୍ଷକ ଜିତେନ୍ଦ୍ର ବେହେରା ବି ଉପସ୍ଥିତ ଥିଲେ । ସଭାରେ ଚାରା ରୋପଣ, ପରିବେଶ ସଚେତନତା ଓ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ଆଲୋଚନା ହୋଇଥିଲା ।

ସେହିପରି ନୟାଗଡ଼ ବ୍ଲକ୍ ଇକିରିର ସରକାରୀ ହୋମିଓପ୍ୟାଥି ଡାକ୍ତରଖାନା ପରିସରରେ ଚାରା ରୋପଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁଭାଶିଷ ନାୟକଙ୍କ ଆବାହକତ୍ୱରେ ଇଟାମାଟି ଆଖପାଖ ଅଞ୍ଚଳର ୬୦ ପରିବେଶବିତ୍ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଭାଗିରଥି ବାଇକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିକୁଳର ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଏହାକୁ ସଞ୍ଚାଳନ କରିଥିଲେ। ୨୦୨୫ର ବିଷୟବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣକୁ ପରାସ୍ତ କରିବା ଉପରେ ପରିବେଶବିତ୍‌ଙ୍କ ଉପସ୍ଥାପନ ଅତି ସୁନ୍ଦର ଥିଲା । ଅନ୍ୟପକ୍ଷେ ପ୍ରଦୀପ୍ତ ପଟ୍ଟନାୟକଙ୍କ ପରିବେଶ ଓ ଚାରା ରୋପଣ ସମ୍ପର୍କିତ ସ୍ୱାଗତ ସଙ୍ଗୀତ ମଧ୍ୟ ବେଶ ମନଛୁଆଁ ହୋଇଥିଲା। ପରେ ୨୦ ବଉଳ ଓ ଅଁଳା ଗଛ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡାକ୍ତର, ପୋଷ୍ଟମାଷ୍ଟର, ଶିକ୍ଷକ, ଶିକ୍ଷାବିତ୍, ସାଧାରଣ ଲୋକ ଯୋଗ ଦେଇଥିଲେ । ସମାଜିକ କର୍ମୀ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।



ଡିଏଭି ସ୍କୁଲ ପରିସରରେ ଚାରାରୋପଣ କରାଯାଉଛି।

## ପ୍ଲାଷ୍ଟିକ୍ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ନୟାଗଡ଼,୫।୬(ଲୋକନାଥ ମିଶ୍ର)

**ମାନସିକତାରେ ପରିବର୍ତ୍ତନ ପାଇଁ ନିବେଦନ କଲେ ପରିବେଶବିତ୍**

ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲାପାଳଙ୍କୁ ପ୍ରକୃତି ମିତ୍ର ଓଡ଼ଗାଁ ବ୍ଲକ କୁରାଳ ଗାଁର ସୁକାନ୍ତ ଚୌଧୁରୀ ପରିବେଶ ଦିବସରେ ସ୍ମାରକ ପତ୍ର ଦେଇଛନ୍ତି। ଅନ୍ୟପକ୍ଷେ ମାନସିକତାରେ ପରିବର୍ତ୍ତନ ପାଇଁ ଜିଲାବାସୀଙ୍କୁ ସେ ନିବେଦନ କରିଛନ୍ତି। ପରିବେଶବିତଙ୍କ ସୂଚନା ଅନୁସାରେ ପରିବେଶର ପ୍ରଦୂଷଣ ଯୋଗୁ ବିଶ୍ୱ ତାପନ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଘଟି ମାନବ ସମେତ ଜୀବଜନ୍ତୁ ଏବଂ ବୃକ୍ଷଲତା ବହୁଳ ଭାବେ ପ୍ରଭାବିତ ହେଉଛନ୍ତି। ସ୍ଥିତି ଏଭଳି ହେଲାଣି ବୈଜ୍ଞାନିକ, ପରିବେଶବିତ୍ ଚିନ୍ତା ପ୍ରକଟ କଲେଣି। ଏକକ ବ୍ୟବହୃତ ପ୍ଲାଷ୍ଟିକ ଯଥା ପଲିଥିନ, ଜରି,ପ୍ଲାଷ୍ଟିକ ଏବଂ ସୋଲ ନିର୍ମିତ ଥାଳି, ପ୍ଲେଟ,କପ୍,ବୋତଲ,ଚାମଚ ଇତ୍ୟାଦିର ଭୂମିକା ପରିବେଶ ପାଇଁ କ୍ଷତି କାରକ।

ଏକକ ବ୍ୟବହୃତ ପ୍ଲାଷ୍ଟିକର ଅନେକ ବିକଳ୍ପ ଉପଲବ୍ଧ ସତ୍ତ୍ୱେ ଆମେ ଅଣଦେଖା କରି ଚାଲିଛେ। ପ୍ଲାଷ୍ଟିକ ବଦଳରେ ପତ୍ର, କପଡା, ବାଉଁଶ, ମାଟି, କାଚ, ଧାତବ ଏବଂ ମାଟିରେ ସହଜରେ ମିଶି ପାରୁଥିବା ଉପକରଣ ବ୍ୟବହାର କରିବାରେ ଅସୁବିଧା ନାହିଁ। ବଜାର ଓ ହାଟକୁ ଗଲା ବେଳେ ହାତରେ କପଡା ମୁଣା ସହ ଆବଶ୍ୟକ ଅନ୍ୟାନ୍ୟ ଉପକରଣ ନେଇ କରି ଯାଇପାରିବା । ଭୋଜି ଭାତ ,ମେଳା ମହୋତ୍ସବରେ ପ୍ଲାଷ୍ଟିକ ଖଲି, କପ୍,ପ୍ଲେଟ ପରିବର୍ତ୍ତେ ଆମ ପାରମ୍ପରିକ ପତ୍ର ତିଆରି ଉପକରଣ ଏବଂ ପାନୀୟ ଜଳ ନିମନ୍ତେ ପାଉଚ ଓ ପ୍ଲାଷ୍ଟିକ ବୋତଲ ପରିବର୍ତ୍ତେ ଧାତବ ପାତ୍ରରେ ପାଣି ରଖି ବ୍ୟବହାର କରି ପାରିବା। ଏହି ପରି ଅନେକ ବିକଳ୍ପ ଆମ ପାଖରେ ଅଛି । ଆମ ନିଜ ପାଇଁ ଏବଂ ଭବିଷ୍ୟତ ବଂଶଧରଙ୍କ ପାଇଁ କେବଳ ଜୀବନ ଶୈଳୀ ବଦଳାଇବା ପାଇଁ ମାନସିକତାରେ ପରିବର୍ତ୍ତନର ଅଶ୍ୟକତା ରହିଛି। ଏ ଦିଗରେ ଜନ ସଚେତନତା ସହ ପ୍ରଶାସନ ପକ୍ଷରୁ କଟକଣା ଜରୁରୀ ହୋଇପଡିଛି। ପୁଣି ପ୍ଲାଷ୍ଟିକ ଉପରେ ନିରନ୍ତର ତଦାରଖ ସହ ଅମାନିଆମାନଙ୍କୁ ସାବାଡ କରିବାକୁ ପଡ଼ିବ। ଜିଲାରେ ଏବଂ ବାହାରେ ପରିବେଶ ସୁରକ୍ଷା ଦିଗରେ ସଚେତନତା ଆଣିବା ସହିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରି ନିଜର ପରିଚୟ ସୃଷ୍ଟି କରି ପାରିଛନ୍ତି ସୁକାନ୍ତ। ଏଥି ସହିତ ନୟାଗଡ଼ ଜିଲାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ମନ୍ଦିର, ପର୍ଯ୍ୟଟନ ସ୍ଥଳୀ, ମେଳା ମହୋତ୍ସବ, ସର୍ବସାଧାରଣ ସ୍ଥାନରେ ଆଲୋଚନା, ପ୍ରଦର୍ଶନୀ ,ପ୍ରୋତ୍ସାହନ ଇତ୍ୟାଦି କାର୍ଯ୍ୟ ମାଧ୍ୟମରେ ମଧ୍ୟ ସଚେତନତା ଜାରି ରଖିଛନ୍ତି। ପରିବେଶ ଦିବସର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ନୟାଗଡ଼ ଜିଲାକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତ ରଖିବା ପାଇଁ ବ୍ୟାପକ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେବା ସହିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉତ୍ପାଦନ,ବିକ୍ରି ଏବଂ ବ୍ୟବହାରକୁ ବନ୍ଦ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡି ଆଗେଇ ଆସିବାକୁ ନିବେଦନ କରିଛନ୍ତି।



ପରିବେଶବିତ୍ କନା ବ୍ୟାଗ ଦେଇ ସଚେତନତା ସୃଷ୍ଟି କରୁଛନ୍ତି ।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୬/୨୦୨୫ Bhubaneswar, Friday, June 6/ 2025


## ଭାରତ ବିପକ୍ଷ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ

**ଲଣ୍ଡନ, ୫।୬ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଚଳିତ ମାସ ୨୦ରୁ ଲିଡ୍ସଠାରେ ଆରମ୍ଭ ହେବ। ସିରିଜର ପ୍ରଥମ ଟେଷ୍ଟ ପାଇଁ ଗୁରୁବାର ୧୪ ଜଣିଆ ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଏଥିରେ ୩୬ ବର୍ଷୀୟ ଫାଷ୍ଟ ବୋଲର କ୍ରିସ୍ ଓକ୍ସଙ୍କୁ ସାମିଲ କରାଯାଇଛି। ଓ୍ୱକ୍ସ ଏ ପର୍ଯ୍ୟନ୍ତ ୫୭ଟି ଟେଷ୍ଟ ଖେଳି ୧୮୧ଟି ଉଇକେଟ ନେଇଛନ୍ତି ଏବଂ ୧୯୭୦ ରନ କରିଛନ୍ତି। ୨୦୧୮ ସିରିଜରେ ଲର୍ଡ୍ସଠାରେ ଭାରତ ବିପକ୍ଷରେ ଇଂଲଣ୍ଡ ବିଜୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି ମ୍ୟାଚରେ ସେ ୧୩୭ ରନରେ ଅପରାଜିତ ରହିବା ସହ ୪ଟି ଉଇକେଟ ନେଇଥିଲେ। ମ୍ୟାଚରେ ଇଂଲଣ୍ଡ ଏକ ଇନିଂସ ଓ ୧୫୯ ରନରେ ବିଜୟୀ ହୋଇଥିଲା। ୨୦୨୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ଜେମି ଓଭର୍ଟନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମେ' ୨୯ ତାରିଖରେ ବର୍ମିଂହାମଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ଅବସରରେ ତାଙ୍କ ଡାହାଣ ହାତ ଅଙ୍ଗୁଳି ଭାଙ୍ଗିଥିଲେ ମଧ୍ୟ ତାଙ୍କୁ ଦଳରେ ନିଆ ଯାଇଛି। ନିକଟରେ ଶେଷ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୩୧ ବର୍ଷୀୟ ଓଭର୍ଟନ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳିଥିଲେ। ଇଂଲଣ୍ଡ ମେଡିକାଲ ଟିମ୍ ଦୈନନ୍ଦିନ ଭିତ୍ତିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି। ବେନ୍ ଷ୍ଟୋକ୍ସ ଅଧିନାୟକ ମନୋନୀତ ହୋଇଥିବାବେଳେ ଏକମାତ୍ର ସ୍ପିନର ଭାବେ ସୋଏବ ବଶିର ଦଳରେ ରହିଛନ୍ତି। ଚଳିତ ଗ୍ରୀଷ୍ମଋତୁ ପ୍ରାରମ୍ଭରେ ଜିମ୍ବାୱେ ବିପକ୍ଷ ଏକମାତ୍ର ଟେଷ୍ଟରେ ବଶିର ୯ ଉଇକେଟ ନେଇଥିଲେ। ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳିଥିବା ଜ୍ୟାକବ ବେଥେଲ ଓ ପେସ୍ ବୋଲର ସାମ୍ କୁକ୍‌ଙ୍କୁ ଦଳରେ ନିଆଯାଇଛି। ସରେର ଗସ ଆଟକିନସନ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିରେ ପୀଡ଼ିତ ଥିବାରୁ ମନୋନୟନ ପାଇଁ ଉପଲବ୍ଧ ହୋଇ ନ ଥିଲେ। ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଜବାଷ୍ଟନଠାରେ ଦ୍ୱିତୀୟ ଟେଷ୍ଟ ଜୁଲାଇ ୨ରୁ ୬ ପର୍ଯ୍ୟନ୍ତ ଖେଳାଯିବ। ଲର୍ଡ୍ସରେ ତୃତୀୟ ଟେଷ୍ଟ ଜୁଲାଇ ୧୦ରୁ ୧୪, ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ୨୭ ଚତୁର୍ଥ ଟେଷ୍ଟ ଏବଂ ଓଭାଲରେ ଜୁଲାଇ ୩୧ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ୫ମ ତଥା ଅନ୍ତିମ ଟେଷ୍ଟ ଅନୁଷ୍ଠିତ ହେବ।

**ଇଂଲଣ୍ଡ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ସୋଏବ ବଶିର, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ୍, ବ୍ରେଣ୍ଡନ କାର୍ସ, ସାମ୍ କୁକ୍, ଜ୍ୟାକ କ୍ରାଉଲି, ବେନ୍ ଡକେଟ, ଜେମି ଓଭର୍ଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ, ଜୋଶ୍ ଟଙ୍ଗ, କ୍ରିସ୍ ୱୋକ୍ସ।

## ଆର୍‌ସିବି, କେଏସ୍‌ସିଏ ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର

**ବେଙ୍ଗାଲୁରୁ, ୫।୬ (ପି.ଟି.)**

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି), ଇଭେଣ୍ଟ ମ୍ୟାନେଜମେଣ୍ଟ ଫାର୍ମ ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ଆସୋସିଏଶନ (କେଏସ୍‌ସିଏ) ବିରୋଧରେ ଗୁରୁବାର ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଜଣେ ପୋଲିସ ଅଧିକାରୀ ଅଭିଯୋଗ କରିବା ପରେ କୁବନ ପାର୍କ ଥାନାରେ ମାମଲା ରୁଜୁ କରାଯାଇଛି। ଏଫ୍‌ଆଇଆର୍‌ରେ ଆର୍‌ସିବିକୁ ପ୍ରଥମ ଅଭିଯୁକ୍ତ, ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ଦ୍ୱିତୀୟ ଅଭିଯୁକ୍ତ ଓ କେଏସ୍‌ସିଏକୁ ତୃତୀୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଏହି ମାମଲାକୁ ତଦନ୍ତ ଲାଗି ଅପରାଧ ତଦନ୍ତକାରୀ ବିଭାଗକୁ ପଠାଇ ଦିଆଯାଇଛି।

ରାଜ୍ୟ ସରକାର ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି, ଯାହାର ବେଙ୍ଗାଲୁରୁ ଅର୍ବାନ ଡେପୁଟି କମିଶନର ଜି ଜଗଦିଶ ନେତୃତ୍ୱ ନେବେ।




## ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦେବ ଆର୍‌ସିବି

**ବେଙ୍ଗାଲୁରୁ, ୫।୬ (ପି.ଟି.)**

ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବିଜୟ ଉତ୍ସବ ପାଳନ ବେଳେ ଦଳଚକଟାରେ ମୃତ୍ୟୁବରଣ କରିଥିବା ୧୧ଜଣ ସମର୍ଥକଙ୍କ ପରିବାରକୁ ଫ୍ରାଞ୍ଚାଇଜ ତରଫରୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୁଧବାର ବିରାଟ କୋହଲି ଏବଂ ତାଙ୍କ ଦଳର ଖେଳାଳିମାନଙ୍କୁ ଦେଖିବାଲାଗି ଲକ୍ଷ ଲକ୍ଷ ଲୋକଙ୍କର ଭିଡ଼ ଜମିଥିଲା। ଫଳରେ ଦଳଚକଟା ହୋଇଥିଲା ଏବଂ ୧୧ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ଆର୍‌ସିବି ତରଫରୁ ଜାରି କରାଯାଇଥିବା ଏକ ବିବୃତିରେ ବୁଧବାରର ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ଘୋଷଣା କରାଯାଇଛି। ଏହା ଆରସିବି ପରିବାରକୁ ଖୁବ୍ ଦୁଃଖ ଦେବା ସହ ବ୍ୟଥିତ କରିଛି। ଘଟଣାରେ ଅନ୍ୟ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ ସହାୟତା ପାଇଁ ପାଣ୍ଠି ଯୋଗାଡ଼ କରାଯାଉଛି। ଏହି ଦୁଃଖଦ ଘଟଣାର ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ କରାଯାଉଛି। ୧୫ ଦିନ ମଧ୍ୟରେ ରିପୋର୍ଟ ମିଳିଯିବ ବୋଲି ଆଶା କରାଯାଉଛି। ଟ୍ରଫି ହାସଲ କରିବାର ପରଦିନ ବିଜୟ ଉତ୍ସବର ଆୟୋଜନ କରାଯାଇଥିବାରୁ ଆର୍‌ସିବିକୁ କଡ଼ା ସମାଲୋଚନା କରାଯାଉଛି।




## ଶ୍ରେୟାଂଶୀ, ଇଭାନ ଚାମ୍ପିୟନ

**ଭୁବନେଶ୍ୱର, ୫।୬ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ଗୁରୁବାର ଶେଷ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ବାଳିକା ବର୍ଗରେ ରାଜସ୍ଥାନର ଶ୍ରେୟାଂଶୀ ଜୈନ ଓ ବାଳକରେ ଗୋଆର ଇଭାନ ଆଣ୍ଟୋନିଓ ଟେଲେସ ଚାମ୍ପିୟନ ହୋଇଛନ୍ତି। ଶ୍ରେୟାଂଶୀ ସବୁଯାକ ମ୍ୟାଚ ଜିତି ଏକମାତ୍ର ୯ ପଏଣ୍ଟ ହାସଲ କରିଛନ୍ତି। ତାମିଲନାଡୁର କେ. ଆନିକା ୭.୫ ପଏଣ୍ଟ ସହିତ ରନରଅପ୍ ଓ ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଅନନ୍ୟା ଅନ୍ୱେଷା ମିଶ୍ର ୬.୫ ପଏଣ୍ଟ ସହିତ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇଭାନ ୮.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅକ୍ତିଆର କରିଛନ୍ତି। ପୁଡୁଚେରୀର ଦୁଭେଶ ମିଲନ ପି. ୭.୫ ପଏଣ୍ଟ ସହିତ ଦ୍ୱିତୀୟ ଓ ମହାରାଷ୍ଟ୍ରର ଅଂଶ ଦଧିଚ ୭.୫ ପଏଣ୍ଟ ପାଇ ତୃତୀୟରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ରିୟାଂଶ ଅଗ୍ରୱାଲ ୫ ପଏଣ୍ଟ ସହିତ ୬୬ତମ ସ୍ଥାନ ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ସର୍ବଭାରତୀୟ ଚେସ୍ ମହାସଂଘର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁଣ୍ଡୁ ଓ ମନିଷ କୁମାର, ଅଲ୍ ଆସାମ ଚେସ୍ ଆସୋସିଏଶନର ସମ୍ପାଦକ ରାଜୀବ ଧର , ସର୍ବଭାରତୀୟ ଚେସ୍ ମହାସଂଘର କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ମହାସଂଘର ହେଡ୍ ଅଫ୍ ଅପରେଶନ ଅଜିତ ବର୍ମା ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

**ଜାତୀୟ ୭ ବର୍ଷରୁ କମ୍ ଚେସ୍**





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ